# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ମାର୍ଚ୍ଚ ୧୦/୨୦୧୯ (୨୦ ପୃଷ୍ଠା + ଛୁଟିଦିନ) Sambalpur, Sunday, March 10 / 2019 ★★

୧୫ଶ ଭାଗ ୮୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




## ଚେନ୍ନାଇ ସିଟିକୁ ଜିତାଇଲେ ଗୌରବ

ଗୌରବ ବୋରାଙ୍କ ଡବଲ ଗୋଲ ସହାୟତାରେ ମିନର୍ଭା ପଞ୍ଜାବକୁ ୩-୧ରେ ପରାସ୍ତ କରି ଚେନ୍ନାଇ ସିଟି ଆଇ-ଲିଗ୍ ଟାଇଟଲ ହାସଲ କରିଛି।

୧୯

୦୨

## ଆକାଶ-ଶ୍ଳୋକାଙ୍କ ବାହାଘର

ମୁମ୍ବାଇରେ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଏବଂ ବିଶ୍ୱର ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଆକାଶ ଅମ୍ବାନୀ ଏବଂ ଶ୍ଳୋକା ମେହେଟାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେଉଛି।



# ୟୁପିରେ ବିକ୍ରି ନାବାଳିକା ଉଦ୍ଧାର

■ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ, ଅନ୍ୟ ଜଣେ ଫେରାର

■ ୫୨ ରୁ ୬୦ହଜାର ଟଙ୍କାରେ ବିବାହ ପାଇଁ ବିକ୍ରି ହୋଇଥିଲା

ସୁନ୍ଦରଗଡ଼, ୯।୩ (ଡି.ଏନ୍.ଏ.)

ଆଦିବାସୀ ବହୁଳ ସୁନ୍ଦରଗଡ ଜିଲାରୁ ନିଯୁକ୍ତି ପ୍ରଲୋଭନ ଦେଖାଇ ନାବାଳିକା, ଯୁବତୀ ଚାଲାଣ ଘଟଣା ବୃଦ୍ଧି ପାଉଛି। ଜିଲାର ଲେଫ୍ରିପଡା ଥାନା ଅଞ୍ଚଳରୁ ଗତ ଫେବୃୟାରୀରେ ଜନୈକା ନାବାଳିକାଙ୍କୁ ଉତ୍ତରପ୍ରଦେଶ (ୟୁପି)ର ମୁଜାଫରନଗର ଅଞ୍ଚଳରେ ବିକ୍ରି କରାଯାଇଥିବା ଘଟଣାରେ ସୁନ୍ଦରଗଡ ପୋଲିସ ଶନିବାର ୩ଜଣଙ୍କୁ ଗିରଫ କରିଛି। ବିକ୍ରି ହୋଇଥିବା ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଶନିବାର ସନ୍ଧ୍ୟାରେ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରା ଜିଲା ପୋଲିସ ମୁଖ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଏସମ୍ପର୍କରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ମୁତାବକ ନାବାଳିକାଙ୍କ ନିଖୋଜ ସମ୍ପର୍କରେ ତାଙ୍କର ମାତାପିତା ଲେଫ୍ରିପଡା ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଏହି ନାବାଳିକାଙ୍କୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହାୟତାରେ ହେମଗିର ଥାନା ଗୋପାଳପୁରରେ ରହୁଥିବା ଉତ୍ତରପ୍ରଦେଶ ମୁଜାଫରନଗର ଅଞ୍ଚଳର ଦମ୍ପତିଙ୍କ ନିକଟରେ କାମ କରିବା ପାଇଁ ରଖାଯାଇଥିଲା। ଏହା ପରେ ଏହି ଦମ୍ପତି ନାବାଳିକାଙ୍କୁ ଉତ୍ତରପ୍ରଦେଶର ମୁଜାଫରନଗର ଜିଲା ସାହାପୁର ଥାନା କଦକୀ ଗ୍ରାମରେ ବିକ୍ରି କରିଥିବା ଜଣାପଡିଥିଲା। ଏହା ପରେ ଏସଆଇ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ମୁଜାଫରନଗର ଯାଇ ଏହି ନାବାଳିକାଙ୍କୁ ଗତ ୨୭ ତାରିଖରେ ଉଦ୍ଧାର କରି ସୁନ୍ଦରଗଡ ଆଣିଥିଲେ। ତାଙ୍କୁ କାଉନ୍‌ସେଲିଂ ପରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହାୟତାରେ ଏହି ଦମ୍ପତି ମୁଜାଫରନଗରର ଜଣେ ବ୍ୟକ୍ତିଙ୍କୁ ବିବାହ ପାଇଁ ୫୨ ରୁ ୬୦ହଜାର ଟଙ୍କା ମଧ୍ୟରେ ବିକ୍ରି କରିଥିବା ଜଣାପଡିଥିଲା। ଏହା ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ କ୍ରାଇମ ଡିଏସ୍‌ପି ପ୍ରଭାତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ସୁନ୍ଦରଗଡ ପୋଲିସ ଏହି ଦମ୍ପତିଙ୍କୁ ଧରିବା ପାଇଁ ମୁଜାଫରନଗର ଜିଲା କଦକୀ ଗ୍ରାମରେ ଚଢାଉ କରିଥିଲା। ପରେ ଛତିଶଗଡ଼ ଜିଲା ଚକ୍ରଧରନଗର ☞ପୃଷ୍ଠା-୪

# ଖଣି ଖନନରେ କଳା କାରନାମା

ମାନସ ରଞ୍ଜନ ମହାନ୍ତି
ଯୋଡା, ୯।୩(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳରେ ସର୍ବାଧିକ ଲିଜ୍ ଅକ୍ତିଆର କରିଥିବା ଟାଟା ଷ୍ଟିଲ କମ୍ପାନୀର ଆଉ ଏକ କଳା କାରନାମା ଜଣାପଡ଼ିଛି। ବନ ସଂରକ୍ଷଣ ଆଇନ ଓ ପରିବେଶଗତ ମଞ୍ଜୁରୀ ଆଇନର ଖୋଲା ଉଲ୍ଲଂଘନ କରି ବ୍ୟାପକ ଲୁହାପଥର ଉତ୍ତୋଳନ କରାଯାଇଥିବା ଜଣାପଡ଼ିଛି। ଜଷ୍ଟିସ ଶାହା କମିଶନଙ୍କ ଅନୁଧ୍ୟାନ ବେଳେ ଟାଟା କମ୍ପାନୀର ଏହି ଖଣି ଦୁର୍ନୀତି ପଦାରେ ପଡିଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ସେଣ୍ଟ୍ରାଲ ଏମ୍ପାୱାର କମିଟି(ସିଇସି) ଟାଟା ଷ୍ଟିଲ ଅଧୀନରେ ଥିବା ବିଭିନ୍ନ ଖଣିର ଯାଞ୍ଚ କରି ସୁପ୍ରିମକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। ସିଇସିଙ୍କ ବୃତ୍ତାନ୍ତ ରିପୋର୍ଟର ପୃଷ୍ଠା ସଂଖ୍ୟା ୪୩ରେ ଉଲ୍ଲେଖ ଅଛି ଯେ, ଟାଟା ଆଇରନ୍ ଆଣ୍ଡ ଷ୍ଟିଲ କମ୍ପାନୀ ଟିସ୍କୋ ଲିମିଟେଡ ଥିବାବେଳେ ପରିବେଶଗତ ଅନୁମୋଦନ ନ ଥାଇ ବହୁ ପରିମାଣର ଲୁହାପଥର ଓ ମାଙ୍ଗାନିଜ ପଥର ବେଆଇନ ଭାବେ ଉତ୍ତୋଳନ କରିଥିଲା। ଯାହାକି ଅନୁମତି ଠାରୁ ପ୍ରାୟ ୯୪,୫୨,୬୦୦ମେଟ୍ରିକ ଟନ୍ ଲୁହାପଥର ଏବଂ ୧୨,୫୮,୪୦୦ ମେଟ୍ରିକ ଟନ୍ ମାଙ୍ଗାନିଜ ପଥର ଅଧିକ ଅଟେ। ଏହି ବେଆଇନ ଉତ୍ତୋଳନ କରାଯାଇଥିବା ଲୁହାପଥର ଓ ମାଙ୍ଗାନିଜ୍‌ପଥରର ଆନୁମାନିକ ମୂଲ୍ୟ ପ୍ରାୟ ୬୧୪ କୋଟି ୪୧ ଲକ୍ଷ ଟଙ୍କା ବୋଲି ସିଇସି ଆକଳନ କରିଥିବା ରିପୋର୍ଟରେ ଦର୍ଶାଇଥିଲା।



**ଟାଟା ଷ୍ଟିଲ**

■ ବନ ସଂରକ୍ଷଣ, ପରିବେଶ ମଞ୍ଜୁରୀ ଆଇନର ଖୋଲା ଉଲ୍ଲଂଘନ

ଟାଟା ଷ୍ଟିଲ କମ୍ପାନୀର ପଶ୍ଚିମ ଯୋଡ଼ା ଲୌହ ମାଙ୍ଗାନିଜ ଖଣି ସମ୍ପର୍କରେ ସିଇସି ଅନୁଧ୍ୟାନ କରି ତାଙ୍କ ରିପୋର୍ଟର ୫୯ନଂ ପୃଷ୍ଠାରେ ଦର୍ଶାଇଛନ୍ତି ଯେ, ୧୯୯୪-୯୫ ମସିହା ଏବଂ ୧୮।୧।୨୦୦୩ ରୁ ୩୧।୪।୨୦୦୩ ପର୍ଯ୍ୟନ୍ତ ଟାଟା କମ୍ପାନୀ ଜଙ୍ଗଲ ଜମିରେ ବେଆଇନ ଭାବେ ବନ ସଂରକ୍ଷଣ ଆଇନର ଉଲ୍ଲଘଂନ କରି ଖଣିଜ ଉତ୍ତୋଳନ କରିଥିଲା। ଜଙ୍ଗଲ ଜମିକୁ ବିଭିନ୍ନ କାରଣ ଦର୍ଶାଇ ଅଣ ଜଙ୍ଗଲ ଜମିରେ ରୂପାନ୍ତରିତ ନ କରି ବେଆଇନ ଭାବେ ଖଣି ଖନନ ବ୍ୟତୀତ ଅନ୍ୟଖଣି ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟବହାର କରିଥିଲା। ସେହିପରି ବାମେବାରି ଲୌହ ଓ ମାଙ୍ଗାନିଜ ଖଣିରେ ବନ ସଂରକ୍ଷଣ ଆଇନକୁ ଉଲ୍ଲଂଘନ କରି ୧୯୯୪-୯୫ ମସିହାଠାରୁ ୮।୫।୨୦୦୩ ପର୍ଯ୍ୟନ୍ତ ଓ ୯।୫।୨୦୦୪ ଠାରୁ ୨୫।୫।୨୦୦୫ ଏବଂ ୨୬।୫।୨୦୦୬ ଠାରୁ ୨୪।୫।୨୦୦୭ ପର୍ଯ୍ୟନ୍ତ ବେଆଇନ ଭାବେ ଖଣିଜ ଖନନ କରାଯାଇଥିଲା। ଏନେଇ ଟାଟା ଷ୍ଟିଲ କମ୍ପାନୀକୁ ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିଲା। କମ୍ପାନୀର ୬ଟି ଲିଜ୍‌କୁ ମିଶାଇ ସମୁଦାୟ ୫୪୧କୋଟି ଟଙ୍କା ଜରିମାନା ସୁପ୍ରିମକୋର୍ଟ ପକ୍ଷରୁ କରାଯାଇଥିଲା। ଏଭଳି ଜରିମାନା ଭରଣ କରି ଟାଟା କମ୍ପାନୀ ତା'ର ☞ପୃଷ୍ଠା-୪


ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


# ଲଣ୍ଡନରେ ନୀରବ

ଲଣ୍ଡନ, ୯।୩

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଠକେଇର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଭାରତରୁ ଫେରାର ହୋଇ ଏବେ ଲଣ୍ଡନରେ ଲୁଚିଥିବା ଜଣାପଡିଛି। ସେ ସେଠାରେ ଲକ୍‌ଜରୀ ଫ୍ଲାଟ୍‌ରେ ରହୁଥିବା ବେଳେ ସୋହୋଠାରେ ପୁଣି ହୀରା ବ୍ୟବସାୟ ଆରମ୍ଭ କରିଛନ୍ତି। ସ୍ଥାନୀୟ ଖବରକାଗଜ 'ଦି ଟେଲିଗ୍ରାଫ୍' ନୀରବଙ୍କୁ ଲଣ୍ଡନ ସଡ଼କରେ ବୁଲୁଥିବାବେଳେ ଠାବ କରିଥିଲା। ତାଙ୍କୁ ବିଭିନ୍ନ ପ୍ରଶ୍ନ କରାଯାଇଥିଲେ ହେଁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏ ସଂକ୍ରାନ୍ତରେ ଟେଲିଗ୍ରାଫ ପକ୍ଷରୁ ଏକ ରିପୋର୍ଟ ସହ ତାଙ୍କର ଭିଡିଓ ଜାରି କରିଛି। ସେ ନିଜର ବେଶଭୂଷା ବଦଳାଇ ଦେଇଥିବା ଭିଡିଓ ଓ ଫଟୋରୁ ଜଣାପଡୁଛି। ମାସକୁ ସାଢ଼େ ୧୫ ଲକ୍ଷ ଟଙ୍କା ଭଡ଼ାରେ ୩ ବେଡ ରୁମ ଫ୍ଲାଟ୍‌ରେ ରହୁଥିବା ନୀରବଙ୍କୁ ଇତିମଧ୍ୟରେ ବ୍ରିଟେନ ସରକାରଙ୍କ ପକ୍ଷରୁ ଇନସ୍ୟୁରାନ୍ସ ନମ୍ବର ମିଳିଛି। ଫଳରେ ସେ ସେଠାରେ ବୈଧ ଭାବେ ବ୍ୟବସାୟ ଏବଂ ଲଣ୍ଡନର ବ୍ୟାଙ୍କ ଆକାଉଣ୍ଟ ନିୟନ୍ତ୍ରଣ କରିପାରିବେ। ନୀରବଙ୍କ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇବା ପରେ ଭାରତରେ ଏହାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି।

(ସମ୍ପୂର୍ଣ୍ଣ ବିବରଣୀ ପୃଷ୍ଠା:୧୭)

**ଆଜିର ସମ୍ପାଦକୀୟ**

## ଆମ ପୂର୍ବପୁରୁଷ

**ଆଜିର ମନ୍ତବ୍ୟ**

" କେନ୍ଦ୍ର ସରକାରଙ୍କୁ ବୋଧହୁଏ ଚୋର ରାଫାଲ ଦସ୍ତାବିଜ ଫେରାଇ ଦେଇଛି।

-ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା

# ୨୭ ବର୍ଷରେ ଅଭିବୃଦ୍ଧି ଆକାଶଛୁଆଁ

**ଏସ୍‌ବିଆଇ ମାନବ ବିକାଶ ସୂଚକାଙ୍କ: ଦଶମରେ ଓଡ଼ିଶା**

ଭୁବନେଶ୍ୱର, ୯।୩(ବ୍ୟୁରୋ)

ଗତ ୨୭ ବର୍ଷ ମଧ୍ୟରେ ରାଜ୍ୟର ଅଭିବୃଦ୍ଧି ଆକାଶଛୁଆଁ ହୋଇଛି। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଦ୍ରୁତ ଗତିରେ ମାଡିଚାଲିଛି। ଏଥିପାଇଁ ରାଜ୍ୟରେ ମୁଣ୍ଡପିଛା ଆୟ ମଧ୍ୟ ବହୁତ ବଢିଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ମାନବ ବିକାଶ ସୂଚକାଙ୍କ(ଏଚଡିଆଇ) ରିପୋର୍ଟରେ ଏହି ତଥ୍ୟ ପ୍ରକାଶ କରାଯାଇଛି। ଦ୍ରୁତ ଆର୍ଥିକ ଅଭିବୃଦ୍ଧି କରୁଥିବା ପ୍ରଥମ ୧୦ଟି ରାଜ୍ୟ ତାଲିକାରେ ଓଡିଶାକୁ ମିଳିଛି ଦଶମ ସ୍ଥାନ। ୧୯୯୦ରୁ ୨୦୧୭ ମଧ୍ୟରେ ରାଜ୍ୟକୁ ଉକ୍ତ ସୂଚକାଙ୍କ ମିଳିଛି। ଇଣ୍ଡେକ୍ସ ରିପୋର୍ଟରେ କୁହାଯାଇଛି ଯେ, ଓଡ଼ିଶା ପୂର୍ବ ଭାରତ ରାଜ୍ୟ ବର୍ଗରେ ମଧ୍ୟ ସବୁଠୁ ଉତ୍ତମ ପ୍ରଦର୍ଶନ କରୁଥିବା ରାଜ୍ୟ ତାଲିକାରେ ରହିଛି। ଏଥିସହିତ ସାମାଜିକ ବ୍ୟୟ କ୍ଷେତ୍ରରେ ଓଡିଶାର ଯୌଗିକ ବାର୍ଷିକ ଅଭିବୃଦ୍ଧି(ସିଏଜିଆର) ହାର ୧୫.୧ ପ୍ରତିଶତ ରହିଛି। ମୁଣ୍ଡ ପିଛା ଆୟ କ୍ଷେତ୍ରରେ ମଧ୍ୟ ଓଡିଶା ଉପରେ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଏଚ୍‌ଡିଆଇ ରିପୋର୍ଟ ଅନୁଯାୟୀ ହରିୟାଣା ୧ ନମ୍ବର ସ୍ଥାନରେ ଥିବାବେଳେ ହିମାଚଳ ପ୍ରଦେଶ ଦ୍ୱିତୀୟ, ତାମିଲନାଡୁ ତୃତୀୟ, କର୍ନାଟକ ଚତୁର୍ଥ, ପଞ୍ଜାବ ପଞ୍ଚମ, ଅରୁଣାଚଳ ପ୍ରଦେଶ ଷଷ୍ଠ, ରାଜସ୍ଥାନ ସପ୍ତମ, କେରଳ ଅଷ୍ଟମ, ଆନ୍ଧ୍ର ପ୍ରଦେଶ ନବମ ଏବଂ ଓଡିଶା ଦଶମ ସ୍ଥାନରେ ରହିଛି। ହରିୟାଣା, ହିମାଚଳ ପ୍ରଦେଶ, ତାମିଲନାଡୁ ଏବଂ କର୍ନାଟକ ଏଚଡିଆଇର ଉଲ୍ଲେଖନୀୟ ର୍ୟାଙ୍କକୁ ଉଠିଥିବା ବେଳେ ନାଗାଲାଣ୍ଡ ଏବଂ ମଣିପୁର ଭଳି ପୂର୍ବ ଭାରତ ରାଜ୍ୟ ତଳକୁ ଖସି ଯାଇଛନ୍ତି। ତେବେ ୧୯୯୦ରେ ଯେଉଁ ରାଜ୍ୟଗୁଡିକର ପ୍ରଦର୍ଶନ ଭଲ ନ ଥିଲା ୨୦୧୪ ବେଳକୁ ସେମାନଙ୍କର ସାମାଜିକ ମାନଦଣ୍ଡ ଉତ୍ତମ ରହିଥିବା ରିପୋର୍ଟରେ କୁହାଯାଇଛି। ଦେଶର ୨୫ଟି ବୃହତ୍ ରାଜ୍ୟ ମଧ୍ୟରେ ରାଜସ୍ଥାନ, ☞ପୃଷ୍ଠା-୪





For Trade Enquiries : Wholesalers, Departmental Stores, Showrooms
Email: jkjsparky@gmail.com | www.sparkyjeans.com
Download Sparky Jeans App From: Google Play & App Store


■ ଛିଣ୍ଡୁନି ମହାନଦୀ ଜଳ ବିବାଦ

# ପୁଣି ଆଲୋଚନା ଲାଗି ଓଡ଼ିଶା, ଛତିଶଗଡ଼କୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ/ ଭୁବନେଶ୍ୱର (ବ୍ୟୁରୋ), ୯।୩

ଓଡିଶା ଓ ଛତିଶଗଡ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ଆପୋସ ଆଲୋଚନା ମାଧ୍ୟମରେ ହୋଇପାରୁ ନାହିଁ। ଗୋଟିଏ ପରେ ଗୋଟିଏ ଆଲୋଚନା ଫେଲ୍ ମାରୁଛି। ନୂଆଦିଲ୍ଲୀରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ, ସଚିବମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ତାହା ସଫଳ ହୋଇପାରି ନ ଥିଲା। ଏହି ମାମଲା ସୁପ୍ରିମକୋର୍ଟକୁ ଗଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଛି। ମାମଲାର ଶୁଣାଣି ଶେଷ ହୋଇଛି। ରାୟ ଶୁଣାଇବା ପୂର୍ବରୁ ଟ୍ରିବ୍ୟୁନାଲ ଏହି ବିବାଦର ସମାଧାନ ଆପୋସ କଥାବାର୍ତ୍ତା ମାଧ୍ୟମରେ ଉଭୟ ରାଜ୍ୟର ଅଧିକାରୀ ଓ ବିଶେଷଜ୍ଞଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେହି ଆଲୋଚନା ମଧ୍ୟ ଫେଲ୍ ମାରିଲା। ଶନିବାର ଟ୍ରିବ୍ୟୁନାଲ ଉଭୟ ରାଜ୍ୟର ଆଡଭୋକେଟ ଜେନେରାଲଙ୍କ ଜରିଆରେ ମହାନଦୀ ଜଳ ବିବାଦର ଆପୋସ ସମାଧାନ ପନ୍ଥା ବାହାର କରିବା ଲାଗି ଓଡ଼ିଶା ଓ ଛତିଶଗଡ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩୦ ତାରିଖ ପୂର୍ବରୁ ଦୁଇ ରାଜ୍ୟର ଆଡଭୋକେଟ୍ ଜେନେରାଲ ପରସ୍ପର ମଧ୍ୟରେ ଆଲୋଚନା କରି ଏହାର ନିର୍ଯାସ ଜଣାଇବାକୁ କୁହାଯାଇଛି। ଏହାପରେ ଟ୍ରିବ୍ୟୁନାଲ ମହାନଦୀ ଜଳ ବିବାଦ ଉପରେ ରାୟ ଶୁଣାଇବେ।

ମହାନଦୀ ଜଳ ବଣ୍ଟନକୁ ନେଇ ଓଡ଼ିଶା ☞ପୃଷ୍ଠା-୪


**AIMS COLLEGE SAMBALPUR**
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE STARTING FROM 1ST APRIL 2019
Hurry Up... Limited Seats
(Jharsuguga Highway) Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com



NECC NATIONAL EGG CO-ORDINATION COMMITTEE 09.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 81 | 133 | 143 |
| DKL | 81 | 133 | 143 |
| BDK | 82 | 135 | 145 |
| BLS | 83 | 136 | 146 |
| ANG | 82 | 135 | 145 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers


**କିଛି ତଥ୍ୟ**

୨୦୧୮ରେ ଭାରତକୁ ୩୮ ବିଲିୟନ ଡଲାର ଏଫ୍‌ଡିଆଇ ଆସିଛି। ଏହି ସମୟରେ ଚାଇନାର ଏଫ୍‌ଡିଆଇ ୩୨ ବିଲିୟନ ଡଲାର ରହିଛି।

-ବାଣିଜ୍ୟ ମନ୍ତ୍ରଣାଳୟ






“ପାକିସ୍ତାନ ନିଜ ମାଟିରେ ସକ୍ରିୟ ଥିବା ଆତଙ୍କବାଦୀଙ୍କୁ ଯଦି ଲଗାମ ନ ଦିଏ, ତେବେ ବିଶ୍ୱରେ ଏକଘରିକିଆର ସମ୍ମୁଖୀନ ହେବ।
-ଆମି ବେରା,
ଆମେରିକା କଂଗ୍ରେସ ସଦସ୍ୟ




## ସଂକ୍ଷେପରେ

### ଇମ୍ରାନଙ୍କୁ ଅଯୋଗ୍ୟ ଘୋଷଣା ଆବେଦନ ୧୧ରେ ଶୁଣାଣି



**ଲାହୋର,୯।୩(ପି.ଟି.):** ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ହୋଇଥିବା ଆବେଦନର ଶୁଣାଣି ଲାହୋର ହାଇକୋର୍ଟରେ ଆସନ୍ତା ସୋମବାର ଅନୁଷ୍ଠିତ ହେବ। ଇମ୍ରାନ ସଚ୍ଚୋଟ ଏବଂ ନ୍ୟାୟ ପରାୟଣ ନୁହନ୍ତି। ସେ ୨୦୧୮ ନିର୍ବାଚନ ବେଳେ ଦାଖଲ କରିଥିବା ନାମାଙ୍କନପତ୍ରରେ ତଥ୍ୟ ଲୁଚାଇଥିବା ଅଭିଯୋଗ ହୋଇଛି। ସମ୍ବିଧାନର ଧାରା ୬୨ ଓ ୬୩ର ଉଲ୍ଲଂଘନ କରିଥିବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ହୋଇଥିବା ଆବେଦନକୁ ହାଇକୋର୍ଟ ଶୁଣାଣି ପାଇଁ ଶନିବାର ଗ୍ରହଣ କରିଛନ୍ତି। ଇମ୍ରାନ ତାଙ୍କ ପୂର୍ବତନ ପ୍ରେମିକାଙ୍କ ଝିଅ ଟିରିଆନ ଜାଦେଖାନ୍ ହ୍ୱାଇଟଙ୍କ ପିତୃତ୍ୱ ସମ୍ପର୍କରେ ନାମାଙ୍କନପତ୍ରରେ ଉଲ୍ଲେଖ କରି ନାହାନ୍ତି। ଟିରିଆନ ଇମ୍ରାନଙ୍କ ଝିଅ ବୋଲି ଅଭିଯୋଗ ହୋଇଥାଏ।

### କାର୍-ଟ୍ରକ୍ ଦୁର୍ଘଟଣା ପରିବାରର ୧୦ ମୃତ

**ରାମଗଡ଼,୯।୩(ପି.ଟି.):** ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲା ୩୩ ନମ୍ବର ଜାତୀୟ ରାଜପଥ ପେଙ୍କି ଗ୍ରାମ ନିକଟରେ ଶନିବାର କାର୍ ଓ ଟ୍ରକ୍ ମଧ୍ୟରେ ଧକ୍କାରେ ୧୦ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ୩ ମହିଳା, ୨ ଶିଶୁ ରହିଛନ୍ତି। ଏକ ମୁଣ୍ଡନ କାର୍ଯ୍ୟକ୍ରମରେ ଯୋଗଦେଇ ପରିବାର ଲୋକେ କାର୍‌ରେ ବିହାରର ଔରଙ୍ଗାବାଦ୍‌ରୁ ରାଞ୍ଚି ଫେରୁଥିଲାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। କୁଜୁ ଆଉଟ୍‌ପୋଷ୍ଟ ଇନ୍-ଚାର୍ଜ ଭାରତ ପାଶୱାନ ଗଣମାଧ୍ୟମକୁ ଏହା ଜଣାଇଛନ୍ତି।

### ଜଗଦୀଶ ମୁଖୀ ମିଜୋରାମ ରାଜ୍ୟପାଳ

**ଆଇଜ୍ୱାଲ,୯।୩ (ପି.ଟି.):** ମିଜୋରାମର ୧୯ତମ ରାଜ୍ୟପାଳ ଭାବେ ଜଗଦୀଶ ମୁଖୀ ଶନିବାର ଶପଥ ନେଇଛନ୍ତି। ମୁଖୀ ବର୍ତ୍ତମାନ ଆସାମର ରାଜ୍ୟପାଳ ରହିଛନ୍ତି। କୁମ୍ମାନମ୍ ରାଜଶେଖରନ୍‌ଙ୍କ ଇସ୍ତଫା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ମିଜୋରାମର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ରାଜଭବନରେ ଗୁଆହାଟୀ ହାଇକୋର୍ଟର ବିଚାରପତି ନେଲସନ ସାଇଲୋ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଗୁରୁବାର ରାଜଶେଖରନ୍ ଗଭର୍ନର ପଦବୀରୁ ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫାପତ୍ର ରାଷ୍ଟ୍ରପତି ସ୍ୱୀକାର କରିବା ପରେ ରାଜ୍ୟପାଳ ନିଯୁକ୍ତି ଘୋଷଣା କରିଥିଲେ।

[ଇତିହାସର ଆଇନାରେ]

### ମାର୍ଚ୍ଚ ୧୦ର ପ୍ରମୁଖ ଘଟଣା

୧୯୭୭ ମାର୍ଚ୍ଚ ୧୦ରେ ଜ୍ୟୋତିର୍ବିଜ୍ଞାନୀମାନେ ୟୁରେନସ୍ ଗ୍ରହର ବଳୟ ଆବିଷ୍କାର କରିଥିଲେ। ସେମାନଙ୍କ ମଧ୍ୟରେ ଜେମ୍ସ ଏଲ୍. ଏଲିୟଟ୍, ଏଡୱାର୍ଡ ଡବ୍ଲ୍ୟୁ. ଡନହାମ୍ ଏବଂ ଜେସିକା ମିଙ୍କ ଅନ୍ୟତମ।

୨୦୦୬ ମାର୍ଚ୍ଚ ୧୦ରେ ମାର୍ସ ରିକନାଇସାନ୍ସ ଅର୍ବିଟର ମଙ୍ଗଳରେ ପହଞ୍ଚିଥିଲା। ଏହା ଏକ ବହୁମୁଖୀ ସ୍ପେସ୍‌କ୍ରାଫ୍ଟ। ଏହାର ଡିଜାଇନ୍ ଏପରି ପ୍ରସ୍ତୁତ କରାଯାଇଛି ଯାହା ମଙ୍ଗଳ ଗ୍ରହର ଅନୁସନ୍ଧାନ କରିବାକୁ ସମର୍ଥ ହୋଇପାରିବ। ୭୨୦ ନିୟୁତ ଆମେରିକୀୟ ଡଲାର ମୂଲ୍ୟର ଏହି ସ୍ପେସ୍‌କ୍ରାଫ୍ଟ ଜେଟ୍ ପ୍ରପଲସନ୍ ଲାବୋରେଟରିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିଲା।

# ଶେଷନିଃଶ୍ୱାସ ଗଣୁଛି ଆଇଏସ୍

**ବିରୁଟ,୯।୩**



ଇସ୍‌ଲାମୀୟ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସଂଗଠନ ୪ ବର୍ଷ ପୂର୍ବେ ସିରିଆ ଓ ଏହାର ପଡୋଶୀ ଦେଶ ଇରାକର ବିସ୍ତୃତ ଅଞ୍ଚଳକୁ ଅକ୍ତିଆର କରିନେଇଥିଲା। ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି। ଏହି ସଂଗଠନ ହାତରୁ ଗୋଟିଏ ପରେ ଗୋଟିଏ ଅଞ୍ଚଳ ଖସିଯିବା ପରେ ଏବେ ଇରାକ ସୀମା ନିକଟରେ ଏକ ଛୋଟ ଗାଁରେ ସୀମିତ ରହିଛି। ସୁରକ୍ଷା ବଳର ଆକ୍ରମଣରେ କ୍ରମାଗତ ଭାବେ ଆଇଏସ୍ ଆତଙ୍କବାଦୀ ନିହତ ହେଉଛନ୍ତି ଓ ଅନେକ ଉକ୍ତ ସଂଗଠନ ଛାଡ଼ିସାରିଲେଣି। ତେଣୁ ଖଲିଫତ୍ ଘୋଷଣା ଲକ୍ଷ୍ୟରେ ସୃଷ୍ଟି ହୋଇଥିବା ଏହି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଏବେ ଶେଷ ନିଃଶ୍ୱାସ ଗଣୁଥିବା କୁହାଯାଉଛି।

ବ୍ରିଟେନର ରୟାଲ ଏୟାରଫୋର୍ସ (ଆର୍‌ଏଏଫ୍) ଆକ୍ରମଣରେ ଇରାକ ଓ ସିରିଆରେ ୨୦୧୪ ସେପ୍ଟେମ୍ବରରୁ ଚଳିତବର୍ଷ ଜାନୁୟାରୀ ମଧ୍ୟରେ ୪୦୧୩ ଜଣ ଆଇଏସ୍ ଆତଙ୍କବାଦୀ ନିହତ ହୋଇଥିବାବେଳେ ୩୦୨ ଜଣ ଆହତ ହୋଇଥିବା ସେଠାର ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି। ଇରାକରେ ୨୯୯୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସିରିଆରେ ୧୦୧୯ ଆତଙ୍କବାଦୀ ନିହତ ହୋଇଛନ୍ତି। ରାକା ଏବଂ ମୋସୁଲ୍ ସହରରେ ଆର୍‌ଏଏଫ୍ ୧୦୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବୋମାମାଡ଼ କରିଛି। ଆମେରିକା ଓ ବ୍ରିଟେନର ମିଳିତ ସେନା ୨୦୧୪ ଅଗଷ୍ଟରୁ ଚଳିତବର୍ଷ ଜାନୁୟାରୀ ମଧ୍ୟରେ ମୋଟ ୩୩,୯୨୧ ଥର ବିମାନ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୧୨୫୭ ସାଧାରଣ ନାଗରିକଙ୍କ ପ୍ରାଣହାନି ଘଟିଛି। ଆମେରିକା ସେନା ସହ କୁର୍ଦ୍ଦିଶ୍ ନେତୃତ୍ୱାଧୀନ ମିଲିସିଆ ସିରିଆ ଡେମୋକ୍ରାଟିକ ଫୋର୍ସ (ଏସ୍‌ଡିଏଫ୍) ମିଳିତ ଭାବେ ଆଇଏସ୍‌କୁ ଏହାର ଶେଷ ଦୁର୍ଗ କୁହାଯାଉଥିବା ପୂର୍ବ ସିରିଆର ବାଗ୍‌ରୁଜ୍ ଗ୍ରାମରୁ ନିଶ୍ଚିହ୍ନ କରିବା ଲାଗି ଅପରେଶନ୍ ଜାରି ରଖିଛି। ନିଜକୁ ବଞ୍ଚାଇବା ପାଇଁ ଏବେ ଆଇଏସ୍ ଆତଙ୍କବାଦୀ ନିରୀହ ଲୋକଙ୍କୁ ଢ଼ାଲ କରିଛନ୍ତି। ନିଜର ସୁରକ୍ଷା ଲାଗି ସେମାନେ ସାଧାରଣ ନାଗରିକଙ୍କ ଘରେ ଆଶ୍ରୟ ନେଉଥିବା ସିରିଆ ମାନବାଧିକାର ପର୍ଯ୍ୟବେକ୍ଷଣ ସଂସ୍ଥା କହିଛି। ଏସ୍‌ଡିଏଫ୍ ଉକ୍ତ ଅଞ୍ଚଳରୁ ସାଧାରଣ ନାଗରିକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଛି। ଶୁକ୍ରବାର ୪୦ରୁ ଊର୍ଦ୍ଧ୍ୱ ଟ୍ରକରେ ପୁରୁଷ, ମହିଳା ଓ ପିଲାମାନେ ଉକ୍ତ ଅଞ୍ଚଳ ଛାଡିଛନ୍ତି। ଏହାପରେ ବାଗ୍‌ରୁଜ୍‌ର ଆଇଏସ୍ ଆତଙ୍କବାଦୀଙ୍କୁ ନିପାତ କରିବା ଲାଗି ଶେଷ ଆକ୍ରମଣ କରାଯିବ ବୋଲି ଏସ୍‌ଡିଏଫ ପକ୍ଷରୁ କୁହାଯାଇଛି।

- ଆର୍‌ଏଏଫ୍ ଆକ୍ରମଣରେ ୪୦୧୩ ଆତଙ୍କବାଦୀ ନିହତ
- ବାଗ୍‌ରୁଜ୍ ଗ୍ରାମରେ ସୀମିତ ରହିଛି ଆଇଏସ୍‌ର ଆଡ୍ଡା
- ଚୂଡ଼ାନ୍ତ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି ଏସ୍‌ଡିଏଫ୍

## ଆଇଏସ୍ ସଦସ୍ୟ ଶମିମାଙ୍କ ଶିଶୁପୁତ୍ରର ମୃତ୍ୟୁ



**ବିରୁଟ,୯।୩:** ବ୍ରିଟେନ ଜନ୍ମିତ ଆଇଏସ୍ ସଦସ୍ୟା ଶମିମା ବେଗମଙ୍କର ୩ ସପ୍ତାହର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ସେ ଗତ ମାସରେ ଉତ୍ତରପୂର୍ବ ସିରିଆସ୍ଥିତ ଏକ ଶରଣାର୍ଥୀ ଶିବିରରେ ଶିଶୁଟିକୁ ଜନ୍ମ ଦେଇଥିଲେ। ୪ ବର୍ଷ ତଳେ ମାତ୍ର ୧୫ ବର୍ଷ ବୟସରେ ଲଣ୍ଡନ ଛାଡ଼ି ଇସ୍‌ଲାମିକ ଷ୍ଟେଟ୍ ଗ୍ରୁପ୍ (ଆଇଏସ୍)ରେ ସାମିଲ ହୋଇଥିଲେ ଶମିମା। ସେ ନିଜ ଦେଶକୁ ଫେରିବାକୁ ଚାହିଁଥିଲେ ମଧ୍ୟ ବ୍ରିଟିଶ ସରକାର ତାଙ୍କ ନାଗରିକତ୍ୱକୁ ରଦ୍ଦ କରିଦେଇଥିଲେ। ଡାକ୍ତରୀ ରିପୋର୍ଟ ଅନୁଯାୟୀ ତାଙ୍କ ଶିଶୁପୁତ୍ରଙ୍କର ନିମୋନିଆରେ ମୃତ୍ୟୁ ହୋଇଛି। ଏହା ପୂର୍ବରୁ ଶମିମା ଅନ୍ୟ ଦୁଇଟି ସନ୍ତାନଙ୍କୁ ଜନ୍ମ ଦେଇଥିଲେ ମଧ୍ୟ ଅସୁସ୍ଥତା ଏବଂ ଅପପୁଷ୍ଟି ଯୋଗୁ ସେମାନଙ୍କର ମୃତ୍ୟୁ ଘଟିଥିଲା।

ଆମେରିକା ସମର୍ଥିତ ସୈନ୍ୟଙ୍କ ସହ ସଂଘର୍ଷ ବେଳେ ଆଇଏସ୍ କ୍ୟାମ୍ପ ଛାଡି ପଳାଇ ଆସିଥିବା ଶମିମା ବ୍ରିଟେନ ଫେରିବାକୁ ଚାହୁଁଛନ୍ତି। ତେବେ ଏହା ଅନେକ ୟୁରୋପୀୟ ରାଷ୍ଟ୍ରକୁ ଧର୍ମସଙ୍କଟରେ ପକାଇଛି। ଜଣେ ଜେହାଦୀ ଏବଂ ଆଇଏସ୍ ସମର୍ଥକଙ୍କୁ ସ୍ୱଦେଶ ଫେରାଇଆଣି ବିଚାରର ସମ୍ମୁଖୀନ ହେବାକୁ ଦିଆଯିବ ନା ଫେରିବାକୁ ଦିଆଯିବନି ତାକୁ ନେଇ ୟୁରୋପୀୟ ରାଷ୍ଟ୍ରଗୁଡିକ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି।

## ‘୫ ବର୍ଷରେ ୩ ଥର ସର୍ଜିକାଲ ଷ୍ଟ୍ରାଇକ୍’

**ମାଙ୍ଗାଲୁରୁ,୯।୩**



ଗତ ୫ ବର୍ଷରେ ଭାରତୀୟ ବାୟୁସେନା ତିନି ଥର ସଫଳତାର ସହ ସୀମା ଅତିକ୍ରମ କରି ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଶନିବାର କହିଛନ୍ତି। ଉରି ସେନା କ୍ୟାମ୍ପରେ ଆତଙ୍କବାଦୀ ଆକ୍ରମଣ ପରବର୍ତ୍ତୀ ସର୍ଜିକାଲ ଷ୍ଟ୍ରାଇକ ଏବଂ ଗତ ମାସରେ ହୋଇଥିବା ବାଲାକୋଟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସମସ୍ତେ ଜାଣିଥିଲେ ହେଁ ବାୟୁସେନାର ତୃତୀୟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କେହି ଜାଣି ନାହାନ୍ତି। ଆତଙ୍କବାଦୀଙ୍କୁ ଆଶ୍ରୟ ଓ ସୁରକ୍ଷା ଦେଉଥିବା ପାକିସ୍ତାନକୁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ସେ କହିଛନ୍ତି। ଗୁଇନ୍ଦା ସୂଚନା ଆଧାରରେ ବାୟୁସେନା ବାଲାକୋଟରେ ବୋମା ବର୍ଷଣ କରି ସଫଳତାର ସହ ଆତଙ୍କବାଦୀଙ୍କ ଶିବିର ଧ୍ୱଂସ କରିଥିବା ରାଜନାଥ କହିଛନ୍ତି।

## ‘ନୂଆ ପାକିସ୍ତାନ ନୂଆ କାର୍ଯ୍ୟାନୁଷ୍ଠାନ ନେଉ’

**ନୂଆଦିଲ୍ଲୀ,୯।୩**

**ଆତଙ୍କବାଦ ନିରୋଧୀ ଲଢ଼େଇ**

ଆତଙ୍କବାଦୀଙ୍କ ବିରୋଧରେ ନୂଆ ପାକିସ୍ତାନ ନୂଆ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ରବୀଶ କୁମାର ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ପାକିସ୍ତାନ ମାଟିରେ ଏକାଧିକ ଆତଙ୍କବାଦୀ ଶିବିର ଚାଲିଥିବାବେଳେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନୂଆ ସରକାର ତାଙ୍କ ଦାୟିତ୍ୱବୋଧତା ଓ ପ୍ରତିବଦ୍ଧତା ଜାହିର୍ କରୁ ବୋଲି କୁମାର ସୂଚାଇଛନ୍ତି। ଏଥିସହ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଙ୍ଗଠନର ମୁଖ୍ୟ ମାସୁଦ୍ ଆଜାରଙ୍କୁ ଅନ୍ତର୍ଜାତୀୟ ଆତଙ୍କବାଦୀ ଘୋଷଣା କରାଯିବାକୁ ଭାରତ ଜାତିସଂଘ ସୁରକ୍ଷା ପରିଷଦଠାରେ ପୁନର୍ବାର ଦାବି ଉପସ୍ଥାପନ କରିବ ବୋଲି ଜଣାଇଛନ୍ତି। ପାକିସ୍ତାନରେ ଜେଇଏମ୍‌ର ଏକାଧିକ ତାଲିମ ଶିବିର ଆଜାର ପରିଚାଳନା କରୁଛନ୍ତି। ୟୁଏନ୍‌ଏସ୍‌ସିର ସମସ୍ତ ସଦସ୍ୟ ଦେଶ ଏହା ଭଲ ଭାବେ ଜାଣିଛନ୍ତି।



ସାନ୍ ଜୋଶ୍‌ଠାରେ ଭାରତର ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ କୋଷ୍ଟାରିକା ରାଷ୍ଟ୍ରପତି କାର୍ଲୋସ୍ ଆଲଭାରାଡୋ କ୍ୱେସାଡାଙ୍କ ସହ ସୀମାପାର ଆତଙ୍କବାଦ ଦମନ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରୁଛନ୍ତି।

## ଫୁର୍‌ସତ

### ପଟିଆଲାରେ ବିବାହ କଲେ ପାକ୍ ଯୁବତୀ

**ପଟିଆଲା(ପଞ୍ଜାବ):** ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ଖାତିର କରିନାହାନ୍ତି ଜଣେ ପାକିସ୍ତାନୀ ଯୁବତୀ। ପାକିସ୍ତାନର ପଞ୍ଜାବ ପ୍ରଦେଶର ଏହି ଯୁବତୀ ସ୍ଥାନୀୟ ଅଞ୍ଚଳର ଜଣେ ଶିଖ୍ ଯୁବକଙ୍କୁ ଶନିବାର ବିବାହ କରିଛନ୍ତି। ପାକିସ୍ତାନୀ ଯୁବତୀ ସରଜିତ୍ ହରିୟାଣା ଅମ୍ବାଲା ଜିଲାର ପରୱିନ୍ଦର ସିଂଙ୍କୁ ବିବାହ କରିଛନ୍ତି। ଚଣ୍ଡିଗଡଠାରୁ ପାଖାପାଖି ୮୦ କିଲୋମିଟର ଦୂର ପଟିଆଲାସ୍ଥିତ ଗୁରୁଦ୍ୱାର ଖେଲ୍ ସାହିବଠାରେ ଶିଖ୍ ପରମ୍ପରା ଅନୁଯାୟୀ ଉକ୍ତ ବିବାହ ଅନୁଷ୍ଠିତ ହୋଇଛି। ଗୁରୁଦ୍ୱାର ମୁଖ୍ୟଙ୍କ ଦ୍ୱାରା ଉକ୍ତ ଦମ୍ପତିଙ୍କୁ ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ସରଜିତ୍ ଗଣମାଧ୍ୟମକୁ କହିଥିଲେ, ଏଠାରେ ବିବାହ କରି ସେ ବହୁତ ଖୁସି। ଉଭୟ ଦେଶର ଯୁବକଯୁବତୀ ବିବାହ କରିବା ଉଚିତ ହେବ ବୋଲି ସେ ପ୍ରକାଶ କରିଛନ୍ତି। ହିନ୍ଦୁ ସମ୍ପ୍ରଦାୟର ଏହି ଯୁବତୀ ପାକିସ୍ତାନର ସିଆଲ୍‌କୋଟ ଜିଲାରେ ବାସ କରନ୍ତି।






ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୭ | ୧୬.୮ |
| ଚାନ୍ଦବାଲି | ୩୩.୩ | ୧୯.୮ |
| କଟକ | ୩୩.୮ | ୨୦.୦ |
| ପାରାଦ୍ୱୀପ | ୨୯.୬ | ୨୧.୩ |
| ଭୁବନେଶ୍ୱର | ୩୫.୨ | ୨୦.୭ |
| ଗୋପାଳପୁର | ୩୦.୮ | ୨୨.୦ |
| ପୁରୀ | ୩୦.୬ | ୨୨.୫ |
| ଅନୁଗୋଳ | ୩୪.୭ | ୧୩.୬ |
| ବାରିପଦା | ୩୩.୦ | ୧୭.୦ |
| ଝାରସୁଗୁଡ଼ା | ୩୩.୫ | ୧୫.୫ |
| କେନ୍ଦୁଝର | ୩୧.୬ | ୧୪.୮ |
| ସମ୍ବଲପୁର | ୩୫.୦ | ୧୫.୮ |
| ସୁନ୍ଦରଗଡ଼ | ୩୨.୦ | ୧୪.୫ |
| ହୀରାକୁଦ | ୩୪.୧ | ୧୬.୬ |
| ତାଳଚେର | ୩୪.୨ | ୧୯.୫ |
| ଭବାନୀପାଟଣା | ୩୬.୮ | ୧୭.୫ |
| ବଲାଙ୍ଗୀର | ୩୫.୩ | ୧୬.୫ |
| କୋରାପୁଟ | ୩୨.୦ | ୧୭.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୬.୦ |
| ମାଲକାନଗିରି | ୩୯.୦ | ୧୬.୫ |
| ସୋନପୁର | --- | ୧୭.୦ |
| ଦାରିଙ୍ଗିବାଡ଼ି | ୩୨.୫ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ଆକାଶ-ଶ୍ଳୋକାଙ୍କ ବାହାଘର

**ମୁମ୍ବାଇ:** ଆକାଶ ଅମ୍ବାନୀ ଏବଂ ଶ୍ଳୋକା ମେହେଟାଙ୍କ ହାଇ ପ୍ରୋଫାଇଲ ବିବାହ ଉତ୍ସବ ମୁମ୍ବାଇରେ ଆୟୋଜିତ ହୋଇଛି। ସଂଗୀତର ତାଳେ ତାଳେ ରଙ୍ଗବେରଙ୍ଗର ଝରଣାର ଫୁଆର ଓ ନୃତ୍ୟ ପ୍ରଦର୍ଶନ ଜନମନ ହରଣ କରୁଛି। ଭଗବାନ କୃଷ୍ଣ, ରାଧା ଓ ଗୋପୀଙ୍କ ରାସଲୀଳାର କଥାବସ୍ତୁ ଉପରେ ଆଧାରିତ ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ହୋଇଛି। ରବିବାର ହେବାକୁ ଥିବା ନୃତ୍ୟ-ସଂଗୀତ କାର୍ଯ୍ୟକ୍ରମରେ ଦେଶବିଦେଶରୁ ୧୫୦ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିବାହ ଉତ୍ସବ ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସର ଜିଓ ୱାର୍ଲଡ ସେଣ୍ଟରରେ ଅନୁଷ୍ଠିତ ହେଉଛି।

ଜାତିସଂଘର ପୂର୍ବତନ ମହାସଚିବ ବାନ୍ କି-ମୁନ୍, ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ଓ ତାଙ୍କ ସ୍ତ୍ରୀ ଚେରି ବ୍ଲେୟାର, ଗୁଗଲ୍ ସିଇଓ ସୁନ୍ଦର ପିଚାଇ, ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ଏବଂ ବିଶିଷ୍ଟ ରାଜନେତା ଓ ବଲିଉଡ୍ କଳାକାର ଉକ୍ତ ହାଇ ପ୍ରୋଫାଇଲ୍ ବିଭାଘର ଉତ୍ସବରେ ଯୋଗ ଦେଇଛନ୍ତି। କ୍ରିକେଟର ସଚିନ୍ ତେନ୍ଦୁଲକର, ସ୍ତ୍ରୀ ଅଞ୍ଜଳି ଏବଂ ବଲିଉଡ୍ ଷ୍ଟାର ଆମିର ଖାନ୍ ଏବଂ ତାଙ୍କ ସ୍ତ୍ରୀ କିରନ୍ ରାଓ ଅତିଥିଙ୍କ ଗହଣରେ ଅଛନ୍ତି।



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଚେୟାରମ୍ୟାନ୍ ମୁକେଶ ଅମ୍ବାନୀଙ୍କ ପୁତ୍ର ଆକାଶ ତାଙ୍କ ବାଲ୍ୟବାନ୍ଧବୀ ତଥା ବିଶିଷ୍ଟ ହୀରା ବ୍ୟବସାୟୀ ରସେଲ ମେହେଟା ଓ ମୋନାଙ୍କ କନ୍ୟା ଶ୍ଳୋକା ମେହେଟାଙ୍କୁ ବିବାହ କରୁଛନ୍ତି। ଆକାଶଙ୍କ ଭଉଣୀ ଏବଂ ତାଙ୍କ ସ୍ୱାମୀ ଆନନ୍ଦ ପିରାମଲଙ୍କ ସମେତ ପିରାମଲ ଗ୍ରୁପ୍ ଚେୟାରମ୍ୟାନ ଅଜୟ ପିରାମଲ ଏବଂ ତାଙ୍କ ସ୍ତ୍ରୀ ସ୍ୱାତୀ ଅତିଥିଙ୍କ ଗହଣରେ ଅଛନ୍ତି।



? କେନ୍ଦ୍ର ସରକାର ଦିଅ ଉତ୍ତର, କୁମ୍ଭୀର କାନ୍ଦଣା ବନ୍ଦ କର

ଚାକିରୀ ଆଶାରେ ଚାହିଁ ବସିଅଛି ଓଡ଼ିଶାର ଯୁବଶକ୍ତି

କେବେ ଦେଉଅଛ ଓଡ଼ିଶା ଭାଗର ୪୦ଲକ୍ଷ ନିଯୁକ୍ତି

ହକ୍ ମାଗୁଛି ଓଡ଼ିଶା

#HaqMaguchhiOdisha

ବିଜୁ ଜନତା ଦଳ


**ସଂକ୍ଷେପରେ**

## ଜୟବ୍ରତ ବିଜେଡିରୁ ବହିଷ୍କୃତ

ଭୁବନେଶ୍ୱର,୯।୩(ବ୍ୟୁରୋ)- ସମ୍ବଲପୁର ଜିଲାର ଜୟବ୍ରତ ଦେଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବହିଷ୍କାର କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଜୟବ୍ରତଙ୍କ ବହିଷ୍କାର ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଛନ୍ତି।




## ଦିଲ୍ଲୀରୁ ଫେରିଲେ ଦାମ | 'ଭାଜପାରେ ମିଶିବା ପାଇଁ ପ୍ରସ୍ତାବ ଆସିଛି'

ଭୁବନେଶ୍ୱର,୯।୩(ବ୍ୟୁରୋ)

ଭାଜପାରେ ମିଶିବା ପାଇଁ ପ୍ରସ୍ତାବ ଆସିଛି। ହେଲେ ହଁ କରିନାହିଁ, କି ନାହିଁ କରିନାହିଁ। ନବୀନ ସରକାରଙ୍କୁ ଯିଏ ହରାଇ ପାରିବ, ତାଙ୍କୁ ନୈତିକ ସମର୍ଥନ ଦେବି। କଂଗ୍ରେସ ଦଳ ସହ ମଧ୍ୟ ଆଲୋଚନା କରିଛି। ହେଲେ କୌଣସି ନିଷ୍ପତ୍ତି ନେଇନାହିଁ ବୋଲି ବିଜେଡିରୁ ବହିଷ୍କୃତ ନେତା ଡାକ୍ତର ଦାମୋଦର ରାଉତ କହିଛନ୍ତି। ଶନିବାର ରାତିରେ ନୂଆଦିଲ୍ଲୀରୁ ଫେରିବା ପରେ ଦାମ କହିଛନ୍ତି, ଦିନେରୁ ଦୁଇ ଦିନ ମଧ୍ୟରେ ସମର୍ଥକମାନଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବେ ।

ବରିଷ୍ଠ ନେତା ଦାମୋଦର ରାଉତ ଭାଜପାରେ ମିଶିବା ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଶୁକ୍ରବାର ଦାମ ଚିକିତ୍ସା ପାଇଁ ଦିଲ୍ଲୀ ଗସ୍ତ କରିଥିଲେ। ଗସ୍ତ ସମୟରେ ସେ ଚିକିତ୍ସା ବ୍ୟତୀତ ଭାଜପାର କେତେଜଣ ତୁଙ୍ଗ ନେତାଙ୍କ ସହ ଆଲୋଚନା କରିଥିବା ସୂତ୍ରରୁ ପ୍ରକାଶ।

■ ଗଛରେ ପିଟି ହୋଇ ଜଳିଗଲା କାର

## ପୂର୍ବତନ ବିଧାୟକ ଗୁରୁତର

ଅନୁଗୋଳ ଅଫିସ/ବଅଁରପାଳ/ସୁନ୍ଦରଗଡ, ୯।୩

ଅନୁଗୋଳ ଉପକଣ୍ଠ ମହୀଧରପୁର ଅଞ୍ଚଳର ଖଦାନାଳୀଠାରେ ଶୁକ୍ରବାର ବିଳମ୍ବିତ ରାତିରେ ସୁନ୍ଦରଗଡ ବିଧାୟକ ଯୋଗେଶ ସିଂଙ୍କ କାର୍ ଏକ ଗଛରେ ପିଟିହୋଇ ଜଳିଯାଇଛି। ଏଥିରେ ବିଧାୟକଙ୍କ ସମେତ ମୋଟ ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପିଏସ୍‌ଓ ବିକ୍ରମ ରାଉତ, ଗାଡ଼ି ମାଲିକ ସୁନ୍ଦରଗଡ ଜିଲା ବଡବଙ୍ଗା ଗ୍ରାମର ପ୍ରଦୀପ ସାହୁ ଓ ଡ୍ରାଇଭର ସରଗିପାଲି ଫାଣ୍ଡି ଲଖନପୁରର ଟଙ୍କଧର ବାଗ। ସମସ୍ତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଘଟଣାରୁ ପ୍ରକାଶ, ବିଧାୟକ ସିଂ ବ୍ୟକ୍ତିଗତ କାମରେ ପୁରୁଣା ସମ୍ବଲପୁର-କଟକ ରାଜପଥରେ କାର୍ (ଓଡ଼ି-୧୬-ଇ-୭୬୧୦) ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ରାତି ପ୍ରାୟ ୩ଟା ବେଳେ ମହୀଧରପୁର ନିକଟରେ ସାମ୍ନାରୁ ଏକ ଟ୍ରକ ତାଙ୍କ ଗାଡି ଆଡ଼କୁ ମାଡି ଆସିବାରୁ କାର୍ ଡ୍ରାଇଭର ଦୁର୍ଘଟଣାରୁ ବଞ୍ଚିବାକୁ ଚେଷ୍ଟା କରିଥିଲେ। ହେଲେ ଭାରସାମ୍ୟ ହରାଇ କାର୍‌ଟି ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। କାର୍‌ଟିରୁ ପ୍ରବଳ ଧୂଆଁ ବାହାରିବାରେ ଲାଗିଥିଲା। ସେହି ବାଟ ଦେଇ ବିବାହ ଭୋଜିରୁ କୁଲାଡ଼ ଫେରୁଥିବା ଏକ ବରଯାତ୍ରୀ ଦଳ ସମସ୍ତଙ୍କୁ ଗାଡ଼ିରୁ ବାହାର କରିଥିଲେ। ପରେ କାର୍‌ଟି ହୁତୁହୁତୁ ହୋଇ ଜଳିବାରେ ଲାଗିଥିଲା। ମହୀଧରପୁର ଫାଣ୍ଡି ପୋଲିସ ସହାୟତରେ ବିଧାୟକ ସିଂ ଓ ବିକ୍ରମଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ଏକ ଗାଡ଼ିରେ ପ୍ରଦୀପ ଓ ଟଙ୍କଧର ଡାକ୍ତରଖାନା ଆସିଥିଲେ। ଘଟଣାସ୍ଥଳରୁ ପୋଡ଼ି ହୋଇଯାଇଥିବା ଏକ ବନ୍ଧୁକ ପୋଲିସ ଉଦ୍ଧାର କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବଅଁରପାଳ ଥାନାରେ ନଂ. ୭୩/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ କନକ ମାଝି ସୂଚନା ଦେଇଛନ୍ତି।


ଦୁର୍ଘଟଣାରେ କାର୍‌ଟି ଜଳିଯାଉଛି।






ପ୍ରିୟ ମତଦାତାଗଣ

ଆଗାମୀ ନିର୍ବାଚନରେ ମତଦାନ କେନ୍ଦ୍ରରେ ନିମ୍ନଲିଖିତ ଯେକୌଣସି ଦଲିଲକୁ ଆପଣଙ୍କ ପରିଚୟର ପ୍ରମାଣ ଭାବେ ବ୍ୟବହାର କରାଯାଇପାରିବ:

ଫଟୋ ପରିଚୟ ଦଲିଲ

- ଭୋଟର ପରିଚୟ ପତ୍ର (ଇପିଆଇସି)
- ଆଧାର କାର୍ଡ
- ଏମ୍‌ନରେଗା କାର୍ଯ୍ୟ ପତ୍ର
- ବ୍ୟାଙ୍କ/ଡାକଘର ଦ୍ୱାରା ଫଟୋ ସହିତ ଜାରି ପାସ୍‌ବହି
- ଡ୍ରାଇଭିଂ ଲାଇସେନ୍ସ
- ସେବା ପରିଚୟ ପତ୍ର କେନ୍ଦ୍ର/ରାଜ୍ୟ ସରକାର/ପିଏସ୍‌ୟୁ/ପବ୍ଲିକ୍ ଲିମିଟେଡ୍ କମ୍ପାନୀଗୁଡ଼ିକ ଦ୍ୱାରା କର୍ମଚାରୀଙ୍କୁ ଜାରି କରାଯାଇଥିବା
- ପ୍ୟାନ୍ କାର୍ଡ
- ପାସ୍‌ପୋର୍ଟ
- ପେନ୍‌ସନ ଦଲିଲ ଫଟୋ ସହିତ
- ସ୍ମାର୍ଟ କାର୍ଡ ଏନ୍‌ପିଆର୍ ଅଧୀନରେ ଆର୍‌ଜିଆଇ ଦ୍ୱାରା ଜାରି
- ସ୍ୱାସ୍ଥ୍ୟ ବୀମା ସ୍ମାର୍ଟ କାର୍ଡ ଶ୍ରମ ମନ୍ତ୍ରଣାଳୟର ଯୋଜନା ଅଧୀନରେ ଜାରି
- ଆନୁଷ୍ଠାନିକ ପରିଚୟ ପତ୍ର ସାଂସଦ/ବିଧାୟକ/ବିଧାନ ପରିଷଦ ସଭ୍ୟଙ୍କୁ ଜାରି କରାଯାଇଥିବା

#ଦରିଆପାରି ନିର୍ବାଚକମାନଙ୍କୁ ମତଦାନ କେନ୍ଦ୍ରରେ ପରିଚୟ ପାଇଁ କେବଳ ସେମାନଙ୍କର ମୂଳ ପାସ୍‌ପୋର୍ଟ ଦେଖାଇବାକୁ ହେବ

ଫଟୋ ଭୋଟର ଚିଠାକୁ ମାର୍ଗଦର୍ଶନ ପାଇଁ ବ୍ୟବହାର କରାଯିବ କିନ୍ତୁ ତାହାକୁ ମତଦାନ କେନ୍ଦ୍ରରେ ପରିଚୟର ପ୍ରମାଣ ଭାବେ ବ୍ୟବହାର କରାଯାଇପାରିବ ନାହିଁ । ନିଜର ଭୋଟର ପରିଚୟ ପତ୍ର କିମ୍ବା ଦର୍ଶାଯାଇଥିବା ଏଗାରଟି ବିକଳ୍ପ ଦଲିଲ ମଧ୍ୟରୁ ଯେକୌଣସି ଗୋଟିଏ ସାଙ୍ଗରେ ନେଇ ଆସିବା ଆବଶ୍ୟକ।




DESH KA MAHA TYOHAR

ଭାରତୀୟ ନିର୍ବାଚନ ଆୟୋଗ

https://eci.gov.in www.facebook.com/ECI/ www.youtube.com/eci/

#GoVerify CALL 1950

"Copyright@in " The Common Man"; Bennett, Coleman & Co. Ltd.

davp 52101/13/0046/1819

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ବିରାଜ୍ ପରିବାରବର୍ଗ


ଆଦିତ୍ୟ ପରିବାରବର୍ଗ


ତନ୍ମୟ ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚାଷୀଙ୍କୁ ଦଳିଦେଲା ନରହନ୍ତା ଦନ୍ତା

**ପରଜଙ୍ଗ, ୯।୩(ଡି.ଏନ୍.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ନରହନ୍ତା ଦନ୍ତାହାତୀ ଉତ୍ପାତ ଚରମସୀମାରେ ପହଞ୍ଚିଛି। ଶନିବାର ଭୋର ସମୟରେ ରୋଡ୍ ପଞ୍ଚାୟତ ଗଇଲୋ ଗ୍ରାମର ଚାଷୀ କୁମୁଦ ସାହୁ (୫୫)ଙ୍କୁ ଦନ୍ତା ଦଳି ମାରିଦେଇଛି। ଦନ୍ତାକୁ କାବୁ କରିବାରେ ବନ ବିଭାଗ ଫେଲ୍ ମାରିଛି। ଏହାକୁ ନେଇ କ୍ଷୋଭବ୍ୟକ୍ତ କରିଛନ୍ତି ଅଞ୍ଚଳବାସୀ। ଦନ୍ତାକୁ ଅନ୍ୟତ୍ର ଘଉଡ଼ାଇବା ବ୍ୟବସ୍ଥା ନ କଲେ ଆନ୍ଦୋଳନ ତୀବ୍ର କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

କୁମୁଦ ଭୋର୍ ସମୟରେ ଗାଁ ନିକଟ ବିଲକୁ କଣ୍ଟାଗଛ ସଫା କରିବାକୁ ଯାଇଥିଲେ। ଘନ କୁହୁଡ଼ି ଭିତରୁ ବାହାରି ହଠାତ୍ ଉକ୍ତ ଦନ୍ତା ତାଙ୍କୁ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ପ୍ରାଣବାୟୁ ଉଡ଼ିଯାଇଥିଲା। କୁମୁଦ ଘରକୁ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ସାନ ଭାଇ ପବିତ୍ର ସାହୁ ମୋବାଇଲ୍‌କୁ ଫୋନ୍ କରିଥିଲେ। ଫୋନ୍ ନ ଉଠାଇବାରୁ ବିଲକୁ ଆସିଥିଲେ। ସେତେବେଳକୁ କୁମୁଦଙ୍କ ମୃତଦେହ ପଡ଼ିଥିଲା। ଏନେଇ ସାଆନ୍ଦା ଫାଣ୍ଡି ଏବଂ ଫରେଷ୍ଟରଙ୍କୁ ଅବଗତ କରାଯାଇଥିଲା। ତେବେ ଅଧିକାରୀମାନେ ବହୁ ବିଳମ୍ବରେ ପହଞ୍ଚିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ରେଞ୍ଜର ହରମୋହନ ନାୟକ, ଏସ୍‌ଆଇ ସମରଜିତ୍ ନାୟକ, ସାଆନ୍ଦା ଫାଣ୍ଡି ଅଧିକାରୀ ସୁରେଶ ମହାପାତ୍ର, ଡିହଡୋଳ ଫରେଷ୍ଟର ରାମଚନ୍ଦ୍ର ରାଉତ ସଦଳବଳ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ନଂ. ୬/୧୯ ରୁଜୁ କରାଯାଇଛି। ମୃତଚାଷୀଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯାଇଛି। ଅବଶିଷ୍ଟ ୩ଲକ୍ଷ ୬୦ ହଜାର ଟଙ୍କା କାଗଜପତ୍ର ଦାଖଲ ପରେ ଦିଆଯିବ ବୋଲି ରେଞ୍ଜର କହିଛନ୍ତି।

# ପକ୍କାଘର ବିବାଦକୁ ନେଇ ମୁହାଁମୁହିଁ

**ଭୁବନେଶ୍ୱର,୯।୩(ବ୍ୟୁରୋ)**


ଗୋଲକ ମହାପାତ୍ର


ସସ୍ମିତ ପାତ୍ର

ଓଡ଼ିଶାର ୨୦ ଲକ୍ଷ ପରିବାରକୁ ପକ୍କାଘର ପ୍ରଦାନ କରାଯାଇଥିବା ରାଜ୍ୟ ସରକାର ଦାବି କରିଛନ୍ତି। ହେଲେ ଏହାକୁ ବିରୋଧୀ ଭାଜପା ପକ୍ଷରୁ ମିଥ୍ୟା ବୋଲି ଅଭିଯୋଗ କରାଯାଇଛି। ଏଥସହିତ ପକ୍କାଘର ସମ୍ପର୍କିତ କେତେକ ମୌଳିକ ପ୍ରଶ୍ନ ଉପସ୍ଥାପନ କରିଛି। ଭାଜପା ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଗତ ୫ ବର୍ଷ ମଧ୍ୟରେ ୨୦ ଲକ୍ଷ କଚ୍ଚା ଘରକୁ ପକ୍କା ଘରରେ ପରିଣତ କରିଥିବା ସରକାର, କେତୋଟି ନିଜସ୍ୱ ଯୋଜନାରୁ କରିଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ଇସ୍ତାହାରରେ ବିଜେଡି ସମସ୍ତଙ୍କୁ ପକ୍କାଘର ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏଥିସହିତ ଯାହାର ଘରଡିହ ନାହିଁ ତାକୁ ସରକାରୀ ଜମି, ଏପରି କି ସରକାରୀ ଜମି ନ ଥିଲେ ବେସରକାରୀ ଜାଗା କିଣି ଆବାସ ସୁରକ୍ଷା ଯୋଗାଇଦେବା ପାଇଁ କହିଥିଲା। ହେଲେ ତାହା ଅଦ୍ୟାବଧି ପୂରଣ ହୋଇନାହିଁ।

- ୧୭ ଲକ୍ଷ ପକ୍କାଘର କେନ୍ଦ୍ର ଯୋଜନାରେ : ଗୋଲକ
- ହିସାବ ପାଇଁ ରାଜନୀତି କରୁଛି ଭାଜପା : ସସ୍ମିତ

ଏବେ ବି ରାଜ୍ୟର ସେହିପରି ୧୭ ଲକ୍ଷ ପକ୍କାଘର କେନ୍ଦ୍ରୀୟ ଯୋଜନା ଆଧାରରେ ନିର୍ମାଣ ହୋଇଛି। ଗତ ସେପ୍ଟେମ୍ବର ୧୧, ୨୦୧୮ରେ ସରକାରଙ୍କ ପକ୍ଷରୁ ବିଧାନସଭାରେ ଦିଆଯାଇଥିବା ଉତ୍ତର ଅନୁଯାୟୀ, ବିଜୁ ପକ୍କା ଘର ସଂଖ୍ୟା ମାତ୍ର ୩ ଲକ୍ଷ ୭୭ ହଜାର । ୨୦ ଲକ୍ଷ ପକ୍କାଘରରୁ ମାତ୍ର ୩ ଲକ୍ଷ ୭୭ ହଜାର ପକ୍କାଘର ନିର୍ମାଣ ହୋଇଛି । ଅବଶିଷ୍ଟ ସମସ୍ତ ୧୬ ଲକ୍ଷ ୨୩ ହଜାର କେନ୍ଦ୍ରୀୟ ଯୋଜନାରେ ନିର୍ମାଣ ହୋଇଥିବା ଗୋଲକ କହିଛନ୍ତି।।

ଅପରପକ୍ଷରେ ଭାଜପା ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର। ସେ କହିଛନ୍ତି ଯେ, ୨୦ ଲକ୍ଷ ପକ୍କା ଘରର ହିସାବ ପାଇବା ପରେ ଭାଜପା ନାଟକବାଜି କରୁଛି। ରାଜ୍ୟ ସରକାରଙ୍କ ୱେବସାଇଟ୍‌ରେ ଏନେଇ ତଥ୍ୟ ଉପଲବ୍ଧ କରାଯାଇଛି। ଭାଜପା ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଅପାରଗତାକୁ ଲୁଚାଇବା ପାଇଁ ଏହା କହୁଛନ୍ତି। ଓଡ଼ିଶାରୁ ଆଦାୟ ହେଉଥିବା ରାଜସ୍ୱକୁ ଫେରସ୍ତ ନ କରି, ସିଏସ୍‌ଆର ବାବଦ ଅର୍ଥ ବିହାର ଏବଂ ମଧ୍ୟପ୍ରଦେଶରେ ଖର୍ଚ୍ଚ କରୁଛନ୍ତି।

# ମିର୍‌ୱେଜ, ଗିଲାନିଙ୍କ ପୁଅଙ୍କୁ ଏନ୍‌ଆଇଏ ସମନ

**ଶ୍ରୀନଗର,୯।୩(ପି.ଟି):** ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ହୁରିୟାତ କନ୍‌ଫରେନ୍ସ ଅଧକ୍ଷ ମିର୍‌ୱେଜ ଉମାର ଫାରୁକ ଏବଂ ପାକିସ୍ତାନୀ ସପକ୍ଷବାଦୀ ବିଚ୍ଛିନ୍ନତାବାଦୀ ନେତା ସୟେଦ ଅଲି ଶାହ ଗିଲାନିଙ୍କ ପୁଅ ନସିମ୍‌ଙ୍କୁ ଜେରା ପାଇଁ ସମନ କରିଛି। ନୂଆଦିଲ୍ଲୀସ୍ଥିତ ଏନଆଇଏ ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ସେମାନଙ୍କୁ ହାଜର ହେବାକୁ କୁହାଯାଇଛି।

# ପ୍ରେମିକାଙ୍କ ଘରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଉମରକୋଟ,୯।୩(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଉମରକୋଟ ଥାନା ନୂଆଗୁଡା ଗ୍ରାମରେ ପ୍ରେମିକାଙ୍କ ବନ୍ଦ ଘରୁ ଝୁଲନ୍ତା ଅବସ୍ଥାରେ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଦ୍ୱୟ ହେଲେ ଭଗବତୀ କଲାର (୧୯) ଓ ତାଙ୍କ ପ୍ରେମିକ ସନପତ ଭତରା (୨୧)। ପୋଲିସ ମୃତଦେହ ଜବତ କରଛି। ସୂଚନା ଅନୁଯାୟୀ, ଦୀର୍ଘଦିନ ହେଲା ଏହି ଯୁବତୀ ଯୁବକଦ୍ୱୟ ପରସ୍ପରକୁ ଭଲ ପାଉଥିଲେ। ଶୁକ୍ରବାର ଭଗବତୀଙ୍କ ବାପା ତୁଲାରାମ ନିକଟସ୍ଥ ଗ୍ରାମକୁ ଯାତ୍ରା ଦେଖିବାକୁ ଯାଇଥିଲେ। ଶନିବାର ସକାଳ ଘରକୁ ଫେରି ଘରର କବାଟ ଭିତରୁ ପଟୁ ବନ୍ଦ ଥିବା ଦେଖି ପଡୋଶୀଙ୍କୁ ଡାକିଥିଲେ। କବାଟ ଭାଙ୍ଗିବା ପରେ ଘର ଭିତରେ ଭଗବତୀ ଓ ସନପତଙ୍କୁ ଝୁଲୁଥିବା ଦେଖିବାକୁ ମିଳିଥିଲା। ସନପତଙ୍କ ବଡବାପା ବୈଦ୍ୟନାଥ ଭତରା ପୋଲିସକୁ ଖବର ଦେଇଥିଲେ। ଉମରକୋଟ ଥାନା ଆଇଆଇସି ଉମେଶ ସାହୁ ଏବଂ ମାଜିଷ୍ଟ୍ରେଟ୍ ଧରମରାଜ ମାଝି ଘଟଣାସ୍ଥଳରେ ପହଞ୍ଚ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

# ବନ୍ଧୁକ ସହ ଧରାହେଲେ ନବମ ଶ୍ରେଣୀ ଛାତ୍ର

**ବିରଜାକ୍ଷେତ୍ର,୯।୩(ଡି.ଏନ୍.ଏ)**



ଯାଜପୁର ଥାନା ପୋଲିସ ଜଣେ ନାବାଳକଙ୍କୁ ମୋବାଇଲ ଚୋରି ଉଦ୍ୟମ ଅଭିଯୋଗରେ ଶନିବାର ଯାଜପୁରସ୍ଥିତ ପ୍ରିନ୍‌ସିପାଲ୍ ମାଜିଷ୍ଟ୍ରେଟ୍ ଜୁଭେନାଇଲ ବୋର୍ଡ ନିକଟରେ ହାଜର କରିଥିଲା। ପରେ ତାଙ୍କୁ ଅନୁଗୁଳସ୍ଥିତ ବାଳ ସ୍ୱଧାର ଗୃହକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ପୋଲିସ ଉକ୍ତ ନାବାଳକଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଛି। ନାବାଳକ ଜଣକ ଯାଜପୁରସ୍ଥିତ ଏକ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିବାବେଳେ ତାଙ୍କ ମା’ ଓ ବାପା ଭୁବନେଶ୍ୱରରେ ବ୍ୟବସାୟ କରୁଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗତ ୭ତାରିଖ ସନ୍ଧ୍ୟାରେ ନାବାଳକ ଓ ଅନ୍ୟ ଜଣେ ଯୁବକ ବାଇକ୍‌ରେ ବିରଜା ରିଙ୍ଗ୍ ବନ୍ଧରେ ବଲ୍ଲଭିଘାଟ ଆଡୁ ଟାଉନ ଅଭିମୁଖେ ଆସୁଥିଲେ। ରାସ୍ତାରେ ଭଣ୍ଡାରିପୋଖରୀ ଥାନା ବଡ଼ନପଙ୍ଗ ଗ୍ରାମର ମଣିଭଦ୍ର ନାୟକ ସେହି ରାସ୍ତାରେ ମୋବାଇଲରେ କଥାହୋଇ ଯାଉଥିବାବେଳେ ପଛରେ ବସିଥିବା ଯୁବକ ମଣିଭଦ୍ରଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ଏହି ସମୟରେ ଜଣେ ଯୁବକ ପିନ୍ଧିଥିବା ଜ୍ୟାକେଟ୍‌କୁ ଟାଣି ଧରିବାରୁ ଉଭୟ ପଡ଼ିଯାଇଥିଲେ। ଭିଡ଼ ହେବା ପୂର୍ବରୁ ଅନ୍ୟ ସାଥୀ ବାଇକ ନେଇ ଫେରାର ହୋଇଯାଇଥିଲେ। ମଣିଭଦ୍ର ଯାଜପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୫୧/୧୯) ରୁଜୁ କରିଥିଲା। ଥାନାଧିକାରୀ ଆଶିଷ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ପି.ଏନ୍. ସେଠୀ, ହାବିଲଦାର କଳ୍ପତରୁ ସାହୁ, ପ୍ଲାଟୁନ କମାଣ୍ଡର ଉମାକାନ୍ତ ରାଉତ ପ୍ରମୁଖ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ବଡ଼ସୁଆର ପଞ୍ଚାୟତ ବନ୍ଧମୁଣ୍ଡା ଗ୍ରାମସ୍ଥିତ ନାବାଳକଙ୍କ ଘରେ ଚଢ଼ାଉ କରି ତାଙ୍କୁ ଥାନାକୁ ଆଣିବା ସହ ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଥିଲେ। ସମ୍ପୃକ୍ତ ନାବାଳକ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରେ ବହୁ ଅପରାଧରେ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ନବନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କର

ଭୁବନେଶ୍ୱର,୯।୩(ବ୍ୟୁରୋ)-ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କର। ରାଜ୍ୟରେ ଜଣେ କେହି ଯେପରି ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ନ ହେବେ ସେଥିପ୍ରତି ଯତ୍ନବାନ ହୁଅ। ନବନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ପରାମର୍ଶ ଦେଇଛନ୍ତି। ଶନିବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ୧୫୬୦ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରିବା ସହ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଗତ ଦୁଇ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଡାକ୍ତରଖାନା ପାଇଁ ମୁଖ୍ୟମନ୍ତ୍ରୀ ଉକ୍ତ ଡାକ୍ତରମାନଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏତେ ସଂଖ୍ୟକ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିବାରୁ ଆତ୍ମସନ୍ତୋଷ ମିଳିଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ। ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲାଗି କଠିନ ପରିଶ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦା କହିଛନ୍ତି ଯେ ଏହି ନିଯୁକ୍ତି ଦ୍ୱାରା ରାଜ୍ୟରେ ଡାକ୍ତରମାନଙ୍କ ସଂଖ୍ୟା ୬୩୨୯ରେ ପହଞ୍ଚିଛି। ରାଜ୍ୟରେ ଆବଶ୍ୟକ ହେଉଥିବା ଡାକ୍ତରଙ୍କର ଏହା ହେଉଛି ୯୪ ପ୍ରତିଶତ। ନିକଟରେ ଡାକ୍ତରମାନଙ୍କ ବହୁଦିନର ଦାବି ମେଡିକାଲ ସର୍ଭିସ କ୍ୟାଡର ପୁନର୍ଗଠନ କରିବା ସହ ରାଜ୍ୟ ସରକାର ଦାବି ପୂରଣ କରିଥିବାରୁ ଡାକ୍ତରମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ଉନ୍ନୟନ କମିଶନର ଅସିତ ତ୍ରିପାଠୀ, ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କାର୍ ଦୁର୍ଘଟଣାଗ୍ରସ୍ତ:ନାଲ୍‌କୋ ଇଞ୍ଜିନିୟର, ସ୍ତ୍ରୀ ମୃତ

**ଅନୁଗୋଳ ଅଫିସ, ୯।୩**

ଅନୁଗୋଳ ସହର ଉପକଣ୍ଠ ଛେଳିଆପଡା ଛକ ନିକଟରେ ଶନିବାର ପୂର୍ବାହ୍ନରେ ଏକ କାର୍ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ନାଲ୍‌କୋ କର୍ମଚାରୀ ସମ୍ବଲପୁର ଜିଲା ବୁର୍ଲା ଅଞ୍ଚଳର ଶିବ ପଣ୍ଡା(୫୭) ଓ ସ୍ତ୍ରୀ ପ୍ରମିଳା ପଣ୍ଡାଙ୍କ ମୃତ୍ୟୁ ଘଟିଛି। ଶିବ ଓ ପ୍ରମିଳା ଶୁକ୍ରବାର ଏକ ବିବାହ ଭୋଜିରେ ଯୋଗଦେବାକୁ ଭୁବନେଶ୍ୱର ଯାଇଥିଲେ। ଶନିବାର ଉଭୟେ କାର୍ (ଓଡ଼ି-୧୯-ବି-୩୫୫୧) ଯୋଗେ ଅନୁଗୋଳ ନାଲ୍‌କୋ ଫେରୁଥିବାବେଳେ ଛେଳିଆପଡାଠାରେ ଗାଡ଼ି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ପ୍ରମିଳାଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତର ଥିବା ଶିବଙ୍କୁ କଟକ ସ୍ଥାନାନ୍ତର କରିଥିଲେ। କଟକ ଯାଉଥିବା ସମୟରେ ଶିବଙ୍କ ମୃତ୍ୟୁ ହୋଇଥିଲା। ଅନୁଗୋଳ ପୋଲିସ ନଂ. ୧୭୨/୧୯ରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# ଘାଟିରୁ ଓଲଟିଲା ବସ୍, ଚାଳକ ମୃତ



**କ.ନୂଆଗାଁ,୯।୩(ଡି.ଏନ୍.ଏ.)**

କନ୍ଧମାଳ ଜିଲା କ.ନୂଆଗାଁ ୫୯ ନଂ. ଜାତୀୟ ରାଜପଥ କନ୍ଦିବାନ୍ଦାରେ ଶୁକ୍ରବାର ରାତି ପ୍ରାୟ ୨ଟାରେ ସିଟି ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ଗ୍ରାମର ଚିତ୍ତ ରଞ୍ଜନ ନାୟକ। ଏ ନେଇ ନଂ.୧୩/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଚାନ୍ଦମଣି ସିଂ କହିଛନ୍ତି। ବସ୍‌ଟି ବ୍ରହ୍ମପୁରରୁ ବାଲିଗୁଡ଼ାକୁ ମୁଖ୍ୟମନ୍ତ୍ରୀଙ୍କ କୃଷକ ସମାବେଶ ପାଇଁ ଆସୁଥିଲା। କନ୍ଦିବାନ୍ଦା ଘାଟିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## ପୁଣି ଆଲୋଚନା...

ସରକାର ଛତିଶଗଡ଼ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜଷ୍ଟିସ ଏ.ଏମ୍. ଖାନ୍‌ୱିଲକର, ଜଷ୍ଟିସ ରବି ରଞ୍ଜନ ଏବଂ ଜଷ୍ଟିସ ଇନ୍ଦରମିତ୍ କୌରଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଅନ୍ତରୀଣ ଆବେଦନର ଶୁଣାଣି କରିଥିଲେ। ଉଭୟ ପକ୍ଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଆଗ୍ରହ ପ୍ରକାଶ କରିବାରୁ ରାୟ ଘୋଷଣାକୁ ଟ୍ରିବ୍ୟୁନାଲ ଅନ୍ତରୀଣ ରାୟ ଶୁଣାଇବାକୁ ମାର୍ଚ୍ଚ ୩୦କୁ ଧାର୍ଯ୍ୟ କରିଛନ୍ତି।

ଶୁଣାଣି ବେଳେ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ କହିଥିଲେ, ୨୦୧୯ ଫେବୃୟାରୀ ୨୫ ଓ ମାର୍ଚ୍ଚ ୫ରେ ବୈଷୟିକ ବିଶେଷଜ୍ଞ ଏବଂ ଅଫିସର ସ୍ତରୀୟ ବୈଠକ ହୋଇଥିଲେ ମଧ୍ୟ ଅନ୍ତରୀଣ ବ୍ୟବସ୍ଥା ଲାଗି ସହମତିରେ ପହଞ୍ଚିପାରି ନ ଥିଲେ। ଫଳରେ ଅଧିକ ଆଲୋଚନା ଆବଶ୍ୟକ ଅନୁଭବ କରି ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ଆଉ ଥରେ ଆଲୋଚନାରେ ସଫଳତା ମିଳିପାରିବ ବୋଲି ଖଣ୍ଡପୀଠ ଆଶାବ୍ୟକ୍ତ କରିଛନ୍ତି। ଆଲୋଚନା ସଫଳ ନ ହେଲେ ଟ୍ରିବ୍ୟୁନାଲ ଅନ୍ତରୀଣ ଆବେଦନର ଗୁରୁତ୍ୱକୁ ବିଚାରକୁ ନେଇ ରାୟ ପ୍ରକାଶ କରିବେ ବୋଲି ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ମୋହନ କାଟାର୍କି କହିଛନ୍ତି। ଆସନ୍ତା ୧୬ ତାରିଖରେ ଆପାତତଃ ଆଲୋଚନା ଲାଗି ସମୟ ଧାର୍ଯ୍ୟ ହୋଇଥିବା ଓଡ଼ିଶା ଆଡଭୋକେଟ ଜେନେରାଲ ସୂର୍ଯ୍ୟପ୍ରସାଦ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ ଯେ ଟ୍ରିବ୍ୟୁନାଲ ଓଡିଶା ସରକାରଙ୍କ ଦ୍ୱାରା ଦାଏର କରାଯାଇଥିବା ଅନ୍ତରୀଣ ଆବେଦନର ଶୁଣାଣି ଫେବୃୟାରୀ ୯ରେ ଶେଷ କରିଥିଲେ। ନିଷ୍ପତ୍ତି ଶୁଣାଇବା ପୂର୍ବରୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ବିବାଦର ସୌହାଦ୍ୟପୂର୍ଣ୍ଣ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଯଦି ଏହା ନ ହୁଏ ତେବେ ମାର୍ଚ୍ଚ ୯ ତାରିଖରେ ନିଷ୍ପତ୍ତି ଶୁଣାଇ ଦିଆଯିବ ବୋଲି ଟ୍ରିବ୍ୟୁନାଲ କହିଥିଲେ। ମହାନଦୀ ଉପରେ ଛତିଶଗଡ ବ୍ୟାରେଜ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ସହ ଅଣ ମୌସୁମୀ ସମୟରେ ଅର୍ଥାତ ନଭେମ୍ବରରୁ ମେ ମାସ ମଧ୍ୟରେ ଦୈନିକ ୧.୭୪ ନିୟୁତ ଏକର ଫିଟ (ଏମ୍‌ଏଏଫ) ପାଣି ଛାଡିବାକୁ ନିର୍ଦ୍ଦେଶ ଦେବା ସକାଶେ ଆବେଦନରେ ରାଜ୍ୟ ସରକାର ଅନୁରୋଧ କରିଥିଲେ।

## ଯୁପିରେ ବିକ୍ରି...


ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ର।

କଟୁଆଲି ଅଞ୍ଚଳରୁ ଦମ୍ପତି ଚୌଧୁରୀ ପୁଷ୍ପେନ୍ଦ୍ର ସିଂ (୩୬) ଓ ତାଙ୍କ ସ୍ତ୍ରୀ ବିମଳା ଚୌଧୁରୀ (୨୮)ଙ୍କୁ ଗିରଫ କରିଥିଲା। ପରେ ସୁନ୍ଦରଗଡ ଟାଉନଥାନା ଅଞ୍ଚଳରେ ରହୁଥିବା ନାବାଳିକାଙ୍କ ସମ୍ପର୍କୀୟା ପଞ୍ଚମୀ କମାର (୪୮)ଙ୍କୁ ଗିରଫ କରାଯାଇଥିଲା। ଗିରଫ ଏହି ୩ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିବା ବେଳେ ମୁଜାଫରନଗରରେ ନାବାଳିକାକୁ ବିବାହ ପାଇଁ କିଣିଥିବା ଅଭିଯୁକ୍ତଙ୍କୁ ଗିରଫ ପାଇଁ ସୁନ୍ଦରଗଡ ପୋଲିସର ସ୍ୱତନ୍ତ୍ର ଟିମ୍ ଉଦ୍ୟମ ଜାରି ରଖିଥିବା ଏସ୍‌ପି ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଡିଏସ୍‌ପି କ୍ରାଇମ୍ ପ୍ରଭାତ କୁମାର ବିଶ୍ୱାଳ, ଲେଫ୍ରିପଡା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଡିଏସପି ମଧୁସ୍ମିତା ମିଶ୍ର, ଟାଉନଥାନା ସବଇନ୍ସପେକ୍ଟର ଲକ୍ଷ୍ମୀକାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

## ଖଣି ଖନନରେ...

ସଚେତନ ଚୋରିକୁ ସ୍ୱୀକାର କରିଥିଲା। ଏବେକାର ପରିସ୍ଥିତିରେ ଲୁହାପଥର ଠାରୁ ୪ଗୁଣ ଅଧିକ ମୂଲ୍ୟବାନ ମାଙ୍ଗାନିଜ୍ ପଥରର ବେଆଇନ ଖନନ ଓ ଚୋରି ଲାଗି ରହିଛି ବୋଲି ସ୍ଥାନୀୟ ବାସିନ୍ଦା ଧରିତ୍ରୀକୁ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଟାଟା କମ୍ପାନୀ ଏବେ ମଧ୍ୟ ଲୁହାପଥର ଖନନ କରିବା ପାଇଁ ବିଭିନ୍ନ ଠିକାଦାରଙ୍କୁ ବ୍ୟବହାର କରୁଛି। ଏଥିରେ ଅଟୱାଲ୍ କମ୍ପାନୀ, ବ୍ରଜ ମାଇନିଂସ, ଟିପିଏଲ୍ ଏବଂ ଏନ୍.ଏନ୍.ସିଂ ଭଳି ବ୍ୟବସାୟିକ ଠିକା ସଂସ୍ଥା ନିଯୁକ୍ତ ହୋଇଥିବା ପ୍ରମାଣ ଧରିତ୍ରୀ ନିକଟରେ ପହଞ୍ଚିଛି। ଖଣି ଆଇନ ଅନୁଯାୟୀ ଲିଜ୍‌ଧାରୀ ନିଜେ ଖନନ କରିବା ବାଧ। ଅର୍ଥାତ୍ ଠିକାଦାର ବ୍ୟବହାର କରିବା ବେଆଇନ ଅଟେ। ଏହିଭଳି ଟାଟା କମ୍ପାନୀ ଅନେକ ବେଆଇନ କାର୍ଯ୍ୟ କରୁଥିବାର ପ୍ରମାଣ ସ୍ଥାନୀୟ ବାସିନ୍ଦାଙ୍କ ପାଖରେ ଅଛି। କିନ୍ତୁ ରାଜ୍ୟ ସରକାରଙ୍କ ଉପରଠାରୁ ତଳ ପର୍ଯ୍ୟନ୍ତ ଅଧିକାରୀଙ୍କ ମନକୁ ଜିଣି ନେଇପାରିଥିବା ଏହି କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

## ୨୭ ବର୍ଷରେ...

ଉତ୍ତର ପ୍ରଦେଶ, ଓଡ଼ିଶା ଏବଂ ମଧ୍ୟପ୍ରଦେଶ ଏଚଡିଆଇ ର୍ୟାଙ୍କରେ ଦ୍ରୁତ ଅଗ୍ରଗତି କରିଛନ୍ତି। ୧୯୯୦ରୁ ୨୦୧୭ ମଧ୍ୟରେ ଦେଶର ମାନବ ବିକାଶ ସୂଚକାଙ୍କରେ ଦ୍ରୁତ ଅଭିବୃଦ୍ଧି ହୋଇଛି। ଦେଶର ଏଚଡିଆଇ ମୂଲ୍ୟାୟନ ୦.୪୨୭ରୁ ୦.୬୪୦ ରହିଛି ଅର୍ଥାତ ପାଖାପାଖି ୫୦ ପ୍ରତିଶତ ବୃଦ୍ଧି ଘଟିଛି। ଦକ୍ଷିଣ ଓ ପୂର୍ବ ଭାରତ ରାଜ୍ୟଗୁଡିକ ଏ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ବିଶେଷକରି ଓଡ଼ିଶା ଓ ବିହାରର ଆର୍ଥିକ ଅଭିବୃଦ୍ଧି ବହୁମାତ୍ରାରେ ବୃଦ୍ଧି ପାଇଛି। ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ ଏଚଡିଆଇ ର୍ୟାଙ୍କରେ ସୁଧାର ଆଣିବାରେ ସହାୟକ ହୋଇଥାଏ। ପ୍ରଶାସନିକ ଉଦାସୀନତା, ସଚେତନତା ଅଭାବ ଏବଂ ଯୋଜନା କାର୍ଯ୍ୟକାରିତାରେ ଶିଥିଳତା ଯୋଗୁ ଏଚ୍‌ଡିଆଇ ର୍ୟାଙ୍କରେ ଆଖିଦୃଶିଆ ଉନ୍ନତି ହେଉନାହିଁ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ବିଶ୍ୱର ଏକ ବୃହତ୍ ସରକାରୀ ସ୍ୱାସ୍ଥ୍ୟ ଯୋଜନା । ଏହାକୁ ଜାତୀୟ ଓ ରାଜ୍ୟସ୍ତରରେ ଲାଗୁ କରାଗଲେ ଏଚଡିଆଇ ବିକାଶରେ ସହାୟକ ହେବ ବୋଲି ରିପୋର୍ଟରେ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ମଙ୍ଗଳ ଯୋଗ ଆପଣଙ୍କ ଆଶା ଓ ଅଭିଳାଷକୁ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିବ। ସ୍ୱାସ୍ଥ୍ୟ, ପରିବାର, ବାଣିଜ୍ୟ, ବ୍ୟବସାୟ, ଯାତ୍ରା ଓ ନୂତନ କର୍ମାରମ୍ଭ ସକାଶେ ଦିନଟି ଖୁବ୍ ଭଲ। ନୂତନ ଯୋଜନା, ଅର୍ଥନୈତିକ ଆଲୋଚନା, ମନୋରଞ୍ଜନ କାର୍ଯ୍ୟକ୍ରମାଦି କ୍ଷେତ୍ରରେ ସାମାନ୍ୟ ଗଡ୍‌ବଡ୍ ହୋଇପାରେ।

**ବୃଷ** ଚନ୍ଦ୍ର ଓ ବୃହସ୍ପତିଙ୍କ ଷଡାଷ୍ଟକ ସ୍ଥିତି କାରଣରୁ ନିଜର ଅତି ବିଶ୍ୱସ୍ତ ଲୋକଟି ଆପଣଙ୍କ ବିପକ୍ଷରେ ଯାଇପାରେ। କୌଣସି କାର୍ଯ୍ୟ ସହଜ କିମ୍ବା ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରି କିଛି ମାତ୍ରାରେ ସଫଳ ହୋଇପାରନ୍ତି।

**ମିଥୁନ** ଚତୁର୍ଥକେନ୍ଦ୍ରାଧିପ ସ୍ୱଗୃହକୁ ଅବଲୋକନ କରୁଥିବାରୁ ସଭାସମିତି, ବନ୍ଧୁ ସମ୍ପର୍କ, ପାରିବାରିକ ସୌହାର୍ଦ୍ଦ୍ୟ ଅକ୍ଷୁଣ୍ଣ ରହିବ। କିନ୍ତୁ ଆରଦ୍ରା ନକ୍ଷତ୍ର ସକାଶେ କେତେକ ପ୍ରତିବନ୍ଧକଜନିତ ଅଟକି ରହିଥିବା କାମ ସକାଶେ ଅନୁତାପ କରିପାରନ୍ତି। ଆଗାମୀ ମାଙ୍ଗଳିକ କର୍ମ ସକାଶେ ଘର ସାଜସଜ୍ଜା ସାଙ୍ଗକୁ ବକେୟା କର୍ମ ସମାପନ ସକାଶେ ବ୍ୟସ୍ତତା ପ୍ରକାଶ କରିବେ।

**କର୍କଟ** କର୍ମସ୍ଥାନରେ ଶୁଭ ସମ୍ପର୍କ ଆପଣଙ୍କ କାମରେ, ଚିନ୍ତାଧାରା, ଅନୁକୂଳ ବାତାବରଣ ସୃଷ୍ଟି କରିବ। ଆପଣ ଯାହା ଓ ଯେପରି ଭାବୁଛନ୍ତି ତାହା ହିଁ ହେବ ଓ ପାଇବେ ମଧ୍ୟ, କିନ୍ତୁ ପରିଣତ ସମୟକୁ ଅପେକ୍ଷା କରିବାକୁ ପଡିପାରେ। ଅଶ୍ଳେଷା ନକ୍ଷତ୍ର ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ସିଂହ** ସ୍ୱଗୃହରେ ଭାଗ୍ୟାଧିପ ବନ୍ଧୁ ପରିଜନଙ୍କ ସହାୟତାରେ କାମ ହାସଲ କରାଇବ। ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ଆପଣଙ୍କ ଚେଷ୍ଟା ବ୍ୟର୍ଥ ହେବନାହିଁ। ଜମିଜମା କିଣାବିକା ବାବଦରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ସହ ରାଜନୀତିରେ ଗଠନ ମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ।

**କନ୍ୟା** ଅଷ୍ଟମାଧିପତି ସ୍ୱଗୃହରେ ଲାଭାଧିପତିଙ୍କ ସାଙ୍ଗରେ ରହିଥିବାରୁ ଯାହା ପାଇବା ସକାଶେ ଆଶା ବାନ୍ଧି ବସିଛନ୍ତି ତାହା ହରାଇପାରନ୍ତି। ବିବାଦୀୟ ପରିସ୍ଥିତି କ୍ରମଶଃ ଜଟିଳାକାର ଗ୍ରହଣ କରିବାର ଆଶଙ୍କା ରହିଛି। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ଅଥବା ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**ତୁଳା** ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ କାର୍ଯ୍ୟସିଦ୍ଧି, ଆଶା କରୁଥିବା ଦିଗରୁ ଅର୍ଥ ଓ ବିବାଦର ସମାଧାନ ହୋଇପାରିବ। ନୂତନ ଭାବରେ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇଯିବାର ଆଶା ରହିଛି। ବୁଧଙ୍କ ପ୍ରଭାବ ବନ୍ଧୁ ପରିଜନଙ୍କ ସହ ମିତ୍ରତା ଓ ଜନକଲ୍ୟାଣକାରକ କର୍ମରେ ଆପଣଙ୍କୁ ନିଯୁକ୍ତ କରାଇପାରେ।

**ବିଛା** ଆଜି ଷଷ୍ଠସ୍ଥାନରେ ଚନ୍ଦ୍ର ନୂତନ କର୍ମାରମ୍ଭ, ଦୂରଯାତ୍ରା ପାଇଁ ବହୁତ ଭଲ ରହିବ। କିନ୍ତୁ ଆଜି ଆପଣଙ୍କ ମନକୁ ପାଇଲା ଭଳି କୌଣସି ଆଲୋଚନା କାହା ସହ ମଧ୍ୟ ହୋଇପାରିବ ନାହିଁ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ, କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ପ୍ରଭୃତିରୁ ସୁଫଳ ପାଇବାର ଆଶା ରହିଛି।

**ଧନୁ** ଚତୁର୍ଥକେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ଜହ୍ନମାମୁ ଭଳି ନିଜ ପରିବେଶରେ ଲୋକପ୍ରିୟତା ସୃଷ୍ଟି କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଗବେଷଣାଦି କାର୍ଯ୍ୟରେ ଆଶାନୁଯାୟୀ ଫଳ ପାଇବେ। ଭାଗ୍ୟାଧିପ ରବି ନିଜର ଭାବକୁ ଦେଖୁଥିବାରୁ ନିଜର ପାରିପାର୍ଶ୍ୱିକ ପରିସ୍ଥିତି ବହୁତ ଭଲ ରହିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ମଜାଇ ଦେଇପାରନ୍ତି।

**ମକର** ଶୁକ୍ରଙ୍କ ପ୍ରଭାବରୁ ମନରେ ପ୍ରଫୁଲ୍ଲତା, ଚନ୍ଦ୍ର ଓ ମଙ୍ଗଳ ନୂତନ ବନ୍ଧୁତ୍ୱ ସାଙ୍ଗକୁ କାର୍ଯ୍ୟସାଧନର ହେତୁ ସ୍ୱରୂପ ହୋଇପାରନ୍ତି। ସବୁ ସମୟରେ ନିଜ ପାଖରେ ରହୁଥିବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବାର ସୁଯୋଗ ପ୍ରାପ୍ତ ହୋଇପାରେ। ଶିଳ୍ପ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ବନ୍ଧୁଗହଣରେ ଅପ୍ରିୟସତ୍ୟ ଭାଷଣ ଅଯଥା ସୁସମ୍ପର୍କ ନଷ୍ଟ ହେବାର କାରଣ ହୋଇପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବା କାରଣରୁ ଚିନ୍ତା ପ୍ରକଟ କରିବେ। ବିଭିନ୍ନ ପ୍ରକାର ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ମୀନ** ଶନିଙ୍କ ସ୍ଥିତିଫଳ ମନ୍ଦ ନ ହୋଇଥିବାରୁ କର୍ମକ୍ଷେତ୍ରରେ ଆପଣଙ୍କର କୌଣସି ବାଧା ବିଘ୍ନ, ପ୍ରତିବନ୍ଧକାଦି ରହିବ ନାହିଁ। କିନ୍ତୁ ଶନିଙ୍କ ଦୃଷ୍ଟିଫଳ ଖରାପ ହେତୁ ପରିବାର, ଲୋକସମ୍ପର୍କ, ଯାନବାହନ ପ୍ରଭୃତିରେ ସତର୍କତା ରକ୍ଷା କରିବା ଭଲ। ବ୍ୟବସାୟ, ପରିବହନ ଓ ଆନୁଷ୍ଠାନିକ କାମରେ ସଫଳତା ପାଇପାରିବେ।

ଆଜି ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ରବିବାର, ମାର୍ଚ୍ଚ ୧୦ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୭।୨୭ମି. ଗତେ, ଘ.୮।୫୭ମି. ମଧ୍ୟେ ଅମୃତବେଳା । ଦିବା ଘ.୮।୫୭ମି. ଗତେ ଘ.୧୦।୨୦ମି. ମଧ୍ୟେ, ଘ.୧।୨୪ମି. ଗତେ ଘ.୨।୫୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୯।୦୦ମି. ଗତେ ଘ.୧୦।୨୯ମି. ମଧ୍ୟେ ରାହୁକାଳ।





## ସଂକ୍ଷେପରେ

### ଆଜୀବନ କଏଦୀଙ୍କ ମୃତ୍ୟୁ

କଟକ ଅଫିସ/ଚୌଦ୍ୱାର, ୯।୩ (ଡି.ଏନ୍.ଏ)- ଚୌଦ୍ୱାର ମଣ୍ଡଳ କାରାଗାରରେ ଆଜୀବନ ସଜା ଭୋଗୁଥିବା ଜଣେ କଏଦୀଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ କଟକ ପୁରୀଘାଟ ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳର ଶୁଭ୍ରାଂଶୁ ଦାସ(୩୫)। ଚୌଦ୍ୱାର ମଣ୍ଡଳ କାରାଗାର ଅଧୀକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ୨୦୧୩ ମସିହାରେ କଟକ ଦରଘାବଜାର ଅଞ୍ଚଳର କେଶବ ଚନ୍ଦ୍ର ବେହେରାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଶୁଭ୍ରାଂଶୁ ଗିରଫ ହୋଇ ଚୌଦ୍ୱାର ମଣ୍ଡଳ କାରାଗାରରେ ଆଜୀବନ ସଜା ଭୋଗୁଥିଲେ । ଶନିବାର ମଧ୍ୟାହ୍ନରେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଜେଲ୍ ପରିସରରେ ଥିବା ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ସ୍ୱାଇଁ କହିଛନ୍ତି। ଏ ନେଇ ଚୌଦ୍ୱାର ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୬/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି।

# ବିଜେଡିରେ ମିଶିଲେ ହେମାନନ୍ଦଙ୍କ ଝିଅ ସୁନୀତା

ଭୁବନେଶ୍ୱର,୯।୩(ବ୍ୟୁରୋ)

- ନବଙ୍କ ନେତୃତ୍ୱରେ ବହୁ ନେତା ସାମିଲ
- ହେମାନନ୍ଦ କହିଲେ, ଝିଅ ଛୋଟ ପିଲା ନୁହେଁ

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିସିସି ଶୃଙ୍ଖଳା କମିଟି ଅଧକ୍ଷ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ଶନିବାର କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ହେମାନନ୍ଦଙ୍କ କନ୍ୟାଙ୍କୁ ବିଜେଡିକୁ ଆଣିବାରେ ଝାରସୁଗୁଡ଼ାର ପୂର୍ବତନ ବିଧାୟକ ନବ ଦାସଙ୍କ ପ୍ରମୁଖ ଭୂମିକା ରହିଥିବା କୁହାଯାଇଛି। ଏହି ମିଶ୍ରଣ ପାଇଁ ନବ ନିଜର ଶତାଧିକ ସମର୍ଥକଙ୍କ ସହ ନବୀନ ନିବାସରେ ଉପସ୍ଥିତ ରହିଥିଲେ।

ସୁନୀତାଙ୍କ ସହ କଳାହାଣ୍ଡିର କଂଗ୍ରେସ ନେତା ସଚ୍ଚିଦାନନ୍ଦ ମହାକୁଡ଼, ସୁଜିତ କୁମାର ନାୟକ, ରାଜକିଶୋର ଦାସ, ଦେବେନ୍ଦ୍ର କିଶୋର ପତି, ମୋତିଲାଲ ତନ୍ତି, ରୀନା ତନ୍ତି, ଫନିନ୍ଦ୍ର ପଟ୍ଟନାୟକ, ଶକ୍ତିପ୍ରସାଦ ପଣ୍ଡା ମଧ୍ୟ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି କୁଚିଣ୍ଡା ବ୍ଲକର ପୂର୍ବତନ ଅଧକ୍ଷ ତଥା ଭାଜପା ନେତା କିଶୋର ନାଏକ, କଟକର ରୀତା ଶତପଥୀ ମଧ୍ୟ ବିଜେଡିରେ ମିଶିଛନ୍ତି।

ବିଜେଡିରେ ସାମିଲ ହୋଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଦଳର ସଭାପତି ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ବିଶେଷକରି ସୁନୀତାଙ୍କ ଯୋଗଦାନ ସୁନ୍ଦରଗଡ଼ ଜିଲାରେ ଦଳର ଶକ୍ତି ବୃଦ୍ଧି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମିଶ୍ରଣ ପରେ ସୁନୀତା କହିଛନ୍ତି ଯେ, ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚେଷ୍ଟା କରୁଛନ୍ତି। ତାଙ୍କ ଇଚ୍ଛାଶକ୍ତି ଓ ରାଜନୈତିକ ପ୍ରତିବଦ୍ଧତା ଅନ୍ୟମାନଙ୍କ ପାଇଁ ଉଦାହରଣ। ରାଜନୀତିରେ ମହିଳାମାନଙ୍କ ନିମନ୍ତେ ୩୩ ପ୍ରତିଶତ ସଂରକ୍ଷଣ ଏବଂ ମିଶନ ଶକ୍ତି କାର୍ଯ୍ୟକ୍ରମ ତାଙ୍କୁ ପ୍ରଭାବିତ କରିଛି। ବାପା ହେମାନନ୍ଦ କଂଗ୍ରେସ ଶୃଙ୍ଖଳା କମିଟିରେ ଅଛନ୍ତି, ଏହି ସମୟରେ ଝିଅ ସୁନୀତା ଦଳ ଛାଡିବା ଏକ ନକାରାତ୍ମକ ବାର୍ତ୍ତା ଦେବ କି ବୋଲି ଖବରଦାତାମାନେ ତାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସେ କହିଛନ୍ତି ଯେ, ନିରଞ୍ଜନ ପଟ୍ଟନାୟକ କଂଗ୍ରେସର ପିସିସି ସଭାପତି ଅଛନ୍ତି। ତାଙ୍କ ଭାଇ(ସୌମ୍ୟରଞ୍ଜନ) ବିଜେଡିରେ ଅଛନ୍ତି। ଏପରି ବହୁତ ଉଦାହରଣ ରହିଛି। ତେଣୁ ଏଥିରେ ନୂଆ କିଛି ନାହିଁ ବୋଲି ସୁନୀତା କହିଛନ୍ତି। ଝିଅ କଂଗ୍ରେସ ଛାଡ଼ିବା ପରେ ହେମାନନ୍ଦ କହିଛନ୍ତି ଯେ, ସୁନୀତା ଛୋଟପିଲା ନୁହଁନ୍ତି। ନିଜ ନିଷ୍ପତ୍ତି ନିଜେ ନେବାର ଅଧିକାର ତାଙ୍କର ରହିଛି। ସେ ବିଜେଡିରେ ଯୋଗଦେଇଥିବାରୁ ସେହି ଦଳର ପ୍ରଚାର କରିବେ। ନିଜେ ଆଜୀବନ କଂଗ୍ରେସ ସଦସ୍ୟ ହୋଇଥିବାରୁ କଂଗ୍ରେସର ପ୍ରଚାର କରିବେ ବୋଲି ହେମାନନ୍ଦ କହିଛନ୍ତି। ସୁନୀତାଙ୍କୁ ସୁନ୍ଦରଗଡ଼ ଲୋକ ସଭା କିମ୍ବା ବିଧାନସଭାରୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର୍ ଧରିଛି। କିଛିଦିନ ତଳେ ସୁନ୍ଦରଗଡ଼ କଂଗ୍ରେସ ବିଧାୟକ ଯୋଗେଶ ସିଂ ବିଜେଡିରେ ସାମିଲ ହୋଇଛନ୍ତି। ସେଠାରେ କୁସୁମ ଟେଟେ ମଧ୍ୟ ଆଶାୟୀ ଅଛନ୍ତି। ତେଣୁ ସୁନୀତାଙ୍କୁ ସୁନ୍ଦରଗଡ଼ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯିବାର ସମ୍ଭାବନା ବେଶି ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସୁନୀତା ବିଶ୍ୱାଳ।

# କଂଗ୍ରେସ ରାଜନୀତି: ପରିବାର ପିଛା ମିଳିବ ଏକାଧିକ ଟିକେଟ

ଭୁବନେଶ୍ୱର,୯।୩(ବ୍ୟୁରୋ)

କଂଗ୍ରେସର ବରିଷ୍ଠ ନେତାଙ୍କ ପୁତ୍ରମାନଙ୍କୁ ଆଗାମୀ ସାଧାରଣ ନିର୍ବାଚନରେ ଟିକେଟ ମିଳିବ। କେତେଜଣ ବରିଷ୍ଠ ନେତାମାନଙ୍କ କ୍ଷେତ୍ରରେ 'ଗୋଟିଏ ପରିବାର ଗୋଟିଏ ଟିକେଟ' ଫର୍ମୁଲା କାମ କରିବ ନାହିଁ । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏ ସମ୍ପର୍କରେ ଶନିବାର ଦେଇଥିବା ମନ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି। ଦୁଇଦିନ ତଳେ ପ୍ରଭାରୀ ଜିତେନ୍ଦ୍ର ସିଂ ପରିବାର ପିଛା ଗୋଟିଏ ଟିକେଟ ଦିଆଯିବ ବୋଲି କହିଥିଲେ। ଏହା କଂଗ୍ରେସ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ହେଲେ ପିସିସି ସଭାପତିଙ୍କ ମନ୍ତବ୍ୟ ସେଥିରେ ପୂର୍ଣ୍ଣଚ୍ଛେଦ ଟାଣିଛି। ପିସିସି ସଭାପତି ନିରଞ୍ଜନ କହିଛନ୍ତି ଯେ, ଜିତେନ୍ଦ୍ର ସିଂଙ୍କ କଥା ଠିକ୍। ହେଲେ ପୂର୍ବରୁ ରାଜନୀତିରେ ଥିବା ପରିବାରଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ ହେବନାହିଁ ।

ଏହାର ଅର୍ଥ ପିସିସି ସଭାପତି ନିରଞ୍ଜନ ତାଙ୍କ ପୁଅ ନବଜ୍ୟୋତି, ବିରୋଧୀ ଦଳନେତା ନରସିଂହ ମିଶ୍ର ଏବଂ ତାଙ୍କ ପୁତ୍ର ସମରେନ୍ଦ୍ର ମିଶ୍ର, ପ୍ରଚାର କମିଟି ଅଧକ୍ଷ ଭକ୍ତଚରଣ ଦାସ ଏବଂ ତାଙ୍କ ପୁତ୍ର ସାଗର ଦାସଙ୍କୁ ଟିକେଟ ମିଳିବାରେ କୌଣସି ବାଧା ଉପୁଜିବ ନାହିଁ। ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ପୁଅ ସଂଗ୍ରାମ ଜେନା ପୂର୍ବରୁ ନିର୍ବାଚନ ଲଢ଼ିସାରିଥିବାରୁ ତାଙ୍କୁ ମଧ୍ୟ ଅଲଗା ଭାବେ ଟିକେଟ ଦିଆଯାଇପାରିବ। ସେହିପରି ଉପସଭାପତି ଅନନ୍ତ ସେଠୀଙ୍କ ପୁତ୍ର ତଥା ଭଣ୍ଡାରିପୋଖରୀର ପୂର୍ବତନ ବିଧାୟକ କୁମାର ଚିରଞ୍ଜୀବ ମଧ୍ୟ ଟିକେଟ ପାଇପାରିବେ। ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଏବଂ ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳଙ୍କ କ୍ଷେତ୍ରରେ ମଧ୍ୟ 'ପରିବାର ପିଛା ଗୋଟିଏ ଟିକେଟ' ଲାଗୁ ହେବନାହିଁ। ତେଣୁ ପରିବାର ପିଛା କଂଗ୍ରେସ ପକ୍ଷରୁ ଏକାଧିକ ଟିକେଟ ମିଳିବା ଏକପ୍ରକାର ନିଶ୍ଚିତ ହୋଇଯାଇଥିବା ରାଜନୈତିକସମୀକ୍ଷକମାନେ ମତ ରଖିଛନ୍ତି।

**ପରୋକ୍ଷ ମନ୍ତବ୍ୟ ରଖିଲେ ନିରଞ୍ଜନ**



# ମେଡିକାଲରୁ ଚୋରି ନବଜାତ ଶିଶୁପୁତ୍ର ଉଦ୍ଧାର

ବଲାଙ୍ଗୀର ଅଫିସ,୯।୩

- ଘଟଣାରେ ୨ ଗିରଫ
- ସିସି ଟିଭି ଫୁଟେଜରୁ ବାଇକ୍ ନମ୍ବର ମିଳିଲା
- ନମ୍ବର ଆଧାରରେ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିଲା ପୋଲିସ
- ମା' କୋଳକୁ ଫେରିଲା ଶିଶୁ



ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରୁ ମା' କୋଳରୁ ଚୋରି ହୋଇଥିବା ନବଜାତ ଶିଶୁପୁତ୍ରକୁ ଘଟଣାର ୩ ଦିନ ପରେ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଛି ପୋଲିସ । ଉଦ୍ଧାର ଶିଶୁକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଚୋରି ଅଭିଯୋଗରେ ଦମ୍ପତିଙ୍କୁ ଗିରଫ କରି ଘଟଣାର ତଦନ୍ତ ଆରମ୍ଭ କରିଛି ବଲାଙ୍ଗୀର ପୋଲିସ । ଉଦ୍ଧାର ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଠିକ ନ ଥିବାରୁ ତାକୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଦମ୍ପତି ହେଲେ କଳାହାଣ୍ଡି ଜିଲା କେଗାଁ ଅଞ୍ଚଳର ସବିତା ସାହୁ ଓ ତାଙ୍କ ସ୍ୱାମୀ ଶୁକଦେବ ସାହୁ । ଅଭିଯୁକ୍ତ ଦମ୍ପତିଙ୍କୁ ପୋଲିସ ଅଧିକ ତଦନ୍ତ ପାଇଁ ରଖିଥିବା ଯୋଗୁ କ୍ୟାମେରା ସାମ୍ନାକୁ ଆଣିବାକୁ ମନା କରିଛି। ଶନିବାର ଅପରାହ୍ନରେ ବଲାଙ୍ଗୀରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି କେ.ଶିବା ସୁବ୍ରମଣୀ।

ଏସ୍‌ପି ସୁବ୍ରମଣୀଙ୍କ କହିବା ଅନୁସାରେ, ପାଟଣାଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରୁ ଗତ ୬ ତାରିଖ ଜୟନ୍ତୀ ତାଣ୍ଡି ନାମକ ଜଣେ ପ୍ରସୂତିଙ୍କ ୩ଦିନର ଶିଶୁ ପୁତ୍ରକୁ କେହି ଚୋରାଇ ନେଇଥିବା ଅଭିଯୋଗ ହୋଇଥିଲା। ଚୋରି ପିଲାକୁ ଉଦ୍ଧାର କରିବା ପୋଲିସ ପାଇଁ ଏକ ବଡ ଚ୍ୟାଲେଞ୍ଜ ଥିଲା। ଏ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ତଦନ୍ତ ସମୟରେ ପୋଲିସକୁ ମିଳିଥିବା ସିସି ଟିଭି ଫୁଟେଜରୁ ଏକ ବାଇକ ନମ୍ବରକୁ ଆଧାର କରି ଅଭିଯୁକ୍ତଙ୍କ ପାଖରେ ପୋଲିସ ପହଞ୍ଚିଥିଲା। ଅଭିଯୁକ୍ତଙ୍କ ସମ୍ପର୍କରେ ଠୋସ୍ ଖବର ମିଳିବା ପରେ ଶନିବାର ପୋଲିସର ସ୍ୱତନ୍ତ୍ର ଟିମ୍ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଗରସରା ଗାଁରେ ଚଢାଉ କରି ସବିତା ସାହୁ ଓ ତାଙ୍କ ସ୍ୱାମୀ ଶୁକଦେବ ସାହୁଙ୍କୁ ଠାବ କରିଥିଲା। ସେମାନଙ୍କ ପାଖରୁ ଚୋରି ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ଦମ୍ପତିଙ୍କର ଗୋଟିଏ ଅଢେଇ ବର୍ଷର ଝିଅ ଥିବା ଜଣାପଡିଥିଲା। ଉଭୟେ ଏକ ପୁତ୍ର ସନ୍ତାନ ପାଇବାକୁ ଇଚ୍ଛା କରିଥିଲେ। ତେବେ ସବିତାଙ୍କର ଅନେକ ଥର ଗର୍ଭପାତ ହୋଇଥିବାରୁ ପୁତ୍ର ସନ୍ତାନ ଇଚ୍ଛା ପୂରଣ ହୋଇପାରି ନ ଥିଲା । ଫଳରେ ସେମାନେ କୌଣସିମତେ ଏକ ଶିଶୁପୁତ୍ର ହାସଲ କରିବାକୁ ସ୍ଥିର କରିଥିଲେ। ପାଟଣାଗଡ ଡାକ୍ତରଖାନାକୁ ଆସି ଜୟନ୍ତୀଙ୍କ ନବଜାତ ଶିଶୁପୁତ୍ରକୁ କୌଶଳ କରି ଚୋରି କରିନେଇଥିବା ଏସ୍‌ପି ସୁବ୍ରମଣି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତମାନଙ୍କୁ ପୋଲିସର ଜେରା ଜାରି ରହିଥିବା ବେଳେ ତଦନ୍ତ ପରେ ପିଲା ଚୋରି ସମ୍ପର୍କରେ ଅଧିକ ସ୍ପଷ୍ଟ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ପାଟଣାଗଡ ଉପଖଣ୍ଡସ୍ତରୀୟ ସରକାରୀ ଡାକ୍ତରଖାନାରୁ ଗତ ୬ ତାରିଖ ନବଜାତ ଶିଶୁ ପୁତ୍ର ଚୋରି ପରେ ପାଟଣାଗଡରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଉତ୍ତ୍ୟକ୍ତ ଲୋକେ ବଲାଙ୍ଗୀର-ପାଟଣାଗଡ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ପୋଲିସ ଘଟଣାର ସମାଧାନ କରିବା ପରିବର୍ତ୍ତେ ନିଖୋଜ ଶିଶୁର ବାପା ଓ କାକାଙ୍କୁ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏଥିରେ ଶିଶୁର ବାପା ଲହୁଲୁହାଣ ହୋଇ ପାଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହି ଘଟଣାରେ ଜଣେ ଏଏସ୍‌ଆଇଙ୍କୁ ନିଲମ୍ବନ କରାଯାଇଥିଲା।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଭଟଲି,୯।୩(ଡି.ଏନ୍.ଏ.)

ବରଗଡ଼ ଜିଲା ଭଟଲି ଥାନା ଅଞ୍ଚଳର ଜଣେ ନାବାଳିକା (୧୨)ଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ପିତାଙ୍କ ଅଭିଯୋଗ ଅନୁଯାୟୀ ଭଟଲି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହାସହିତ ବରଗଡ଼ରେ ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଛି। ଏ ନେଇ ଭଟଲି ଥାନାରେ ଦଫା ୩୭୬ ଏବଂ ପୋକ୍ସୋ ଆକ୍ଟ ୬ ଓ ୮ ଅନୁଯାୟୀ ଏକ ମାମଲା (ନଂ.୪୧/୧୯) ରୁଜୁ ହୋଇଛି। ଅଭିଯୁକ୍ତ ନିଶାମଣି ଗୁରୁ ଘଟଣା ପରେ ଫେରାର ଅଛନ୍ତି । ଏ ନେଇ ବରଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କ୍ଷୀରସାଗର ନାୟକଙ୍କୁ ପଚରାଯିବାରୁ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।






# ଜୟପୁରରେ ଡବଲ ମର୍ଡର

ଜୟପୁର,୯।୩(ନି.ପ୍ର./ଡି.ଏନ୍.ଏ.)

**ଅବସରପ୍ରାପ୍ତ ପୋଲିସ ଅଫିସର, ସ୍ତ୍ରୀଙ୍କୁ ହତ୍ୟା**

- ବନ୍ଦ ଘରୁ ମିଳିଲା ୨ ମୃତଦେହ
- ପୁଅ-ବୋହୂ ଅଟକ
- ସମ୍ପତ୍ତି ପାଇଁ ହତ୍ୟା ସନ୍ଦେହ

ଜୟପୁର ଜୟନଗରରେ ଡବଲ ମର୍ଡର ଘଟିଛି। ଅବସରପ୍ରାପ୍ତ ପୋଲିସ ଆଇଆଇସି ଏମ୍.କେ. ରହମନ (୮୨) ଓ ତାଙ୍କ ସ୍ତ୍ରୀ ହାଫିଜା ବିବି (୭୦)ଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ମୃତ ରହମନଙ୍କ ପୁଅ ଲତିଫ୍ ଓ ବୋହୂଙ୍କୁ ପୋଲିସ ତଦନ୍ତ ପରିସରକୁ ଆଣି ଅଟକ ରଖିଛି। ଏସ୍‌ପି କନ୍ୱର ବିଶାଳ ସିଂଙ୍କ ନିର୍ଦ୍ଦେଶରେ ଅପରାଧୀଙ୍କୁ ଧରିବା ପାଇଁ ୨ଟି ଟିମ୍ ଗଠନ କରାଯାଇଛି।

ସୂଚନା ଅନୁଯାୟୀ, ଜୟପୁର ସହରର ଜୟନଗର ବରଗଛ ଛକରେ ମହମ୍ମଦ କରିମ୍‌ଉଦ୍ଦିନ ରହମନ ଓ ତାଙ୍କ ସ୍ତ୍ରୀ ରହୁଥିଲେ। ପୁଅ ଲତିଫ (୪୦) ଓ ବୋହୂ ସେମାନଙ୍କଠାରୁ ଅଲଗା ରହୁଥିଲେ। ଲତିଫ୍‌ଙ୍କ କହିବା ଅନୁଯାୟୀ, ଶନିବାର ସକାଳ ୮ଟାରେ ସେ ମା'ବାପାଙ୍କ ପାଖକୁ ଆସିଥିବାବେଳେ ଘର ଭିତର ପଟୁ ବନ୍ଦ ଥିଲା। ବାଡ଼ିପଟ କବାଟର ବାହାରୁ ତାଲା ପଡ଼ିଥିଲା। ସେ ତାଲା ଭାଙ୍ଗି ଘରେ ପଶିବା ପରେ ଗୋଟିଏ କୋଠରିର ଖଟ ଉପରେ ପିତା ରହମନଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଓ ଅନ୍ୟ ଏକ କୋଠରି ଚଟାଣରେ ମା' ହାଫିଜାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ଓ ଜିଲା ପୋଲିସର ସାଇବର ସେଲ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। କେସ୍ ନଂ ୪୯/୧୯ରେ ହତ୍ୟା ମାମଲା ରୁଜୁ କରାଯାଇଛି। ଏଏସ୍‌ପି ଉତ୍କଳ ରଞ୍ଜନ ଦାସ, ଜୟପୁର ଏସ୍‌ଡିପିଓ ସାଗରିକା ନାଥ, ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି ଓ ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ତଦନ୍ତ ଚଳାଇଛନ୍ତି। ଲତିଫ୍‌ଙ୍କ ବୟାନ ଆଧାରରେ ତଦନ୍ତ ଚାଲିଥିବା ବେଳେ ଡକାୟତି ପାଇଁ ଏଭଳି ଜଘନ୍ୟ କାଣ୍ଡ ଘଟି ନ ଥିବା ପୋଲିସ ଅନୁମାନ କରୁଛି। ରହମନ ଓ ହାଫିଜାଙ୍କ ମୃତଦେହ ପୃଥକ୍ କୋଠରିରୁ ମିଳିଥିବା ବେଳେ ସେମାନଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ଭାଗରେ କ୍ଷତଚିହ୍ନ ରହିଛି। ଘରୁ ଗୋଟିଏ ଟାଙ୍ଗିଆ ଜବତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ରହମନଙ୍କ ଏକମାତ୍ର ପୁଅ ଲତିଫ୍ କିଛି କାମଦାମ କରୁ ନଥିଲେ। ପୂର୍ବରୁ କେତୋଟି ଅପରାଧରେ ଟାଉନଥାନାରେ ତାଙ୍କ ନାଁରେ ମାମଲା ରହିଥିଲା। ଏନେଇ ବାପା-ପୁଅଙ୍କ ଭିତରେ ବିବାଦ ରହିଥିଲା। ଅନ୍ୟପକ୍ଷରେ ବାପାଙ୍କ ସମ୍ପତ୍ତିରୁ ଭାଗ ନେବା ପାଇଁ ଲତିଫ୍ ସବୁବେଳେ ପାଟିତୁଣ୍ଡ କରୁଥିବା ପଡ଼ୋଶୀ କହିଛନ୍ତି। ପୋଲିସର ସନ୍ଦେହ ହେବାରୁ ଲତିଫ ଏବଂ ତାଙ୍କ ସ୍ତ୍ରୀଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। କୋରାପୁଟ ସାଇଣ୍ଟିଫିକ ଟିମ୍‌ର କର୍ମଚାରୀ ଛୁଟିରେ ଥିବା ଯୋଗୁ ବ୍ରହ୍ମପୁର ସାଇଣ୍ଟିଫିକ ଏବଂ ଫୋରେନ୍ସିକ ଟିମ୍ ରବିବାର ଏଠାରେ ପହଞ୍ଚି ତଦନ୍ତ କରିବ। ଅନ୍ୟପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଯାଇଛି।


ମୃତ ରହମନଙ୍କ ପୁଅ ଲତିଫ।

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। —ଶ୍ରୀମା

# ଆମ ପୂର୍ବପୁରୁଷ



ଆକାର ପଟେଲ

ଏ ସପ୍ତାହରେ ମୁଁ ଏକ କୌତୂହଳୋଦ୍ଦୀପକ ବହି ପଢ଼ିବାର ସୁଯୋଗ ପାଇଲି– 'Which of us are Aryans' (ଆମ୍ଭମାନଙ୍କ ମଧ୍ୟରୁ ଆର୍ଯ୍ୟ କେଉଁମାନେ)। ଏହି ପୁସ୍ତକରେ ବଡ଼ ବଡ଼ ପଣ୍ଡିତ ଓ ଗବେଷକମାନଙ୍କର ପ୍ରବନ୍ଧ ପ୍ରକାଶ ପାଇଛି, ଯେଉଁମାନେ ଜେନିଟିକ୍ସ, ଭାଷାତତ୍ତ୍ୱ, ପୁରାତତ୍ତ୍ୱ ଆଦି ବିଶ୍ଳେଷଣ କରି ଆମର ମୂଳ ଉତ୍ସ ନିର୍ଣ୍ଣୟ କରିଛନ୍ତି। ୧୯୨୦ ଦଶକ ପର୍ଯ୍ୟନ୍ତ ଆମେ ସିନ୍ଧୁ ସଭ୍ୟତା ବିଷୟରେ ଜାଣି ନ ଥିଲେ, ଯାହା ପାକିସ୍ତାନୀ ପଞ୍ଜାବ ଅନ୍ତର୍ଗତ ହରପ୍ପା ଓ ସିନ୍ଧୁ ଅନ୍ତର୍ଗତ ମହେଞ୍ଜୋଦାରୋଠାରେ ଓ ତା'ପରେ ଭାରତର ଅନ୍ୟ ସ୍ଥାନରେ ଭୂମି ଖନନ ପରେ ଆବିଷ୍କୃତ ହୋଇଥିଲା। ବାସ୍ତବରେ ଯେଉଁ ବ୍ରିଟିଶ୍ ଅଫିସରମାନେ ପ୍ରଥମେ ହରପ୍ପାର ଅବଶେଷ ପରୀକ୍ଷା କରିଥିଲେ ସେମାନେ ମଧ୍ୟ ଭଲଭାବେ ବୁଝିପାରି ନ ଥିଲେ ଏସବୁ କ'ଣ ବୋଲି। ତେଣୁ ସେଠାରୁ ମିଳିଥିବା ଅଧିକାଂଶ ଉଚ୍ଚମାନର ଇଟାକୁ ରେଳପଥ ନିର୍ମାଣରେ ବ୍ୟବହାର କରାଯାଇଥିଲା।

ଆଜି ମଧ୍ୟ ସେହିପରି ଅନାଗ୍ରହ ଦେଖିବାକୁ ମିଳୁଛି। ପ୍ରଥମେ ମୁଁ ଯେତେବେଳେ ହରପ୍ପା ଗଲି ମୋତେ କାଉଣ୍ଟରରେ ଟିକେଟ କଲାବେଳେ ବିଦେଶୀଙ୍କ ପାଇଁ ଉଦ୍ଦିଷ୍ଟ ମୂଲ୍ୟ ଦେବାକୁ ପଡ଼ିଲା, ଯେଉଁ ଟିକେଟର ମୂଲ୍ୟ ସ୍ଥାନୀୟ ଲୋକଙ୍କ ପାଇଁ ଅପେକ୍ଷାକୃତ କମ୍। ମୁଁ କାଉଣ୍ଟରରେ ବସିଥିବା ଲୋକକୁ ପଚାରିଲି– ମୁଁ ବିଦେଶୀ ବୋଲି ଆପଣ କେମିତି ଜାଣିଲେ ? ସେ ଉତ୍ତର ଦେଲେ– ଏଠାକୁ କୌଣସି ପାକିସ୍ତାନୀ ଆସନ୍ତି ନାହିଁ। ମୁଁ ସେଠାକୁ ଦୁଇଥର ଯାଇଛି ଓ ଦୁଇଥର ଯାକ ସେହି ଏକା ଘଟଣା ଘଟିଥିଲା। ସ୍ଥାନଟି ଖୁବ୍ ସୁନ୍ଦର, ମାତ୍ର ପ୍ରାୟ ଜନଶୂନ୍ୟ। ପାଖରେ ଗୋଟିଏ ଗାଁ ଅଛି, ଯେଉଁଠି ପଞ୍ଜାବୀମାନେ ପୁରୁଷ ପୁରୁଷ ଧରି ବାସ କରି ଆସୁଛନ୍ତି। କିନ୍ତୁ ସେମାନଙ୍କର ଏ ପ୍ରାଚୀନ ଭଗ୍ନ କୀର୍ତ୍ତିରାଜି ପ୍ରତି କୌଣସି ଆଗ୍ରହ ନାହିଁ। ସେହିପରି ଅଜନ୍ତା ଓ ଏଲୋରା ଗୁମ୍ଫା ମଧ୍ୟ ୧୮୧୯ ମସିହାରେ ଜଣେ ବ୍ରିଟିଶ ଅଫିସରଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା। କିନ୍ତୁ ଏହାର ନିକଟବର୍ତ୍ତୀ ଗ୍ରାମବାସୀମାନେ ଏଠାରେ ଦୁଇହଜାର ବର୍ଷ ଧରି ବାସକରି ଆସୁଥିଲେ ମଧ୍ୟ ସେମାନଙ୍କର ଏହା ପ୍ରତି କୌଣସି ଆଗ୍ରହ ନ ଥିଲା। ସିନ୍ଧୁ ସଭ୍ୟତା କେତେ ପୁରୁଣା ଥିଲା ତାହା ଆବିଷ୍କାର ପରେ ପ୍ରଥମ ଭାରତୀୟମାନଙ୍କ ବିଷୟରେ ଯେଉଁ ଧାରଣା ରହିଥିଲା, ସେଥିରେ ପରିବର୍ତ୍ତନ ଘଟିଲା। ଆଗରୁ ମନେକରାଯାଉଥିଲା ଋଗ୍‌ବେଦ ସହିତ ଆମ ସଭ୍ୟତାର ଆରମ୍ଭ ହୋଇଛି, ଯାହା ୩୫୦୦ ବର୍ଷ ତଳେ ଲେଖାଯାଇଥିଲା। କିନ୍ତୁ ଏବେ ପ୍ରମାଣ ହୋଇଯାଇଛି ଯେ, ଋଗ୍‌ବେଦର ବହୁ ପୂର୍ବରୁ ସିନ୍ଧୁ ସଭ୍ୟତା ଥିଲା। ୨୦୧୫ ମସିହାରେ ହରିୟାଣାର ରାଖିଗଡ଼ି ନାମକ ଏକ ଗାଁରୁ ଜଣେ ପୁରୁଷର ଏକ ନମୁନା ଆବିଷ୍କୃତ ହୋଇଥିଲା, ଯିଏ କି ୪୫୦୦ ବର୍ଷ ତଳେ ଏ ପୃଥିବୀରେ ବଞ୍ଚିଥିଲେ। ସେଥିରୁ ଜଣାପଡ଼ିଲା ଯେ, ତାଙ୍କର ଜିନ୍ ଆର୍ଯ୍ୟମାନଙ୍କର ଜିନ୍ ପରି ନୁହେଁ, ଯାହା ଆର୍‌ଆଇଏ ଭାବେ ପରିଚିତ ଏବଂ ଯାହା ଉତ୍ତର ଓ ପୂର୍ବ ୟୁରୋପ ଏବଂ କେନ୍ଦ୍ରୀୟ ଓ ଦକ୍ଷିଣ ଏସିଆରେ ବହୁଳଭାବେ ଦେଖିବାକୁ ମିଳେ।

ରାଖିଗଡ଼ିରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଲା ଯେ, ହରପ୍ପା ସଂସ୍କୃତି ଏବଂ ସିନ୍ଧୁ ସଭ୍ୟତା ସଂସ୍କୃତ ଭାଷାର ମୂଳ ଉତ୍ସ ନୁହେଁ। ବୈଦିକ ଯୁଗର ଲୋକମାନେ ପଶୁପାଳକ ଓ ଯାଯାବର ଥିଲେ। ଆର୍ଯ୍ୟାବର୍ତ୍ତ ଶବ୍ଦର ଅର୍ଥ ହେଉଛି ଆର୍ଯ୍ୟମାନଙ୍କର ଆବର୍ତ୍ତ ବା ଗୋରୁପଲକୁ ନେଇ ଏଣେତେଣେ ବିଚରଣ। ଅପରପକ୍ଷେ ଲୋଥାଲ ଓ ଗୁଜରାଟର ବାବରକୋଟ, ରାଖିଗଡ଼ି ଓ ପାକିସ୍ତାନରେ ଥିବା ସ୍ଥାନ ସମେତ ସିନ୍ଧୁ ସଭ୍ୟତା ଥିଲା ସୁପରିକଳ୍ପିତ ନଗର ସଭ୍ୟତା।

ଆର୍ଯ୍ୟମାନେ ବାହାରୁ ଭାରତକୁ ଆସିଥିବା ତତ୍ତ୍ୱ ମଧ୍ୟ ପ୍ରତିଷ୍ଠିତ ହୋଇପାରି ନାହିଁ। ବୈଦିକ ଗୋପାଳକ ଓ ଯାଯାବରମାନେ, ଯେଉଁମାନଙ୍କୁ ଆର୍ଯ୍ୟ କୁହାଯାଉଛି, ସେମାନେ ସିରିଆ ପରି ଦୂର ପାଶ୍ଚାତ୍ୟରେ ମଧ୍ୟ ଥିଲେ। ଆମେ ଆଜି ଯେଉଁ ସୀମାରେଖା ଚିହ୍ନିତ କରୁଛୁ, ସେମାନେ ତାହାକୁ ଗ୍ରହଣ କରନ୍ତି ନାହିଁ। ସେମାନେ ହରପ୍ପା ଓ ସିନ୍ଧୁ ସଭ୍ୟତାର ଲୋକଙ୍କ ସହ ବୈବାହିକ ସମ୍ବନ୍ଧ ବାନ୍ଧୁଥିଲେ। ସିନ୍ଧୁନଦୀ କୂଳରେ ସିନ୍ଧୁ ସଭ୍ୟତା ଗଢ଼ିଉଠିଥିଲା। ବୈଦିକ ଗୋପାଳକମାନେ ପଶ୍ଚିମରୁ ଆସି ଗାଙ୍ଗେୟ ସମତଳ ଭୂମି ଅଞ୍ଚଳରେ ବସତି ସ୍ଥାପନ କରିଥିଲେ। ସିନ୍ଧୁ ସଭ୍ୟତା ଏବେ ବି ଆମ ପାଇଁ ରହସ୍ୟ ହୋଇ ରହିଛି। କାରଣ ସେମାନଙ୍କ ଭାଷାକୁ ଆମେ ଏ ପର୍ଯ୍ୟନ୍ତ ବୁଝିପାରି ନାହୁଁ, କେବଳ ସେମାନେ ବ୍ୟବହାର କରୁଥିବା ସାମଗ୍ରୀରୁ ସେମାନଙ୍କ ବିଷୟରେ ଜାଣୁଛୁ। ନଦୀ କୂଳ ଲଂଘିବାରୁ ବା ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ସେମାନଙ୍କ ସଭ୍ୟତାର ଅବସାନ ଘଟିଲା ବୋଲି ବିଶ୍ୱାସ କରାଯାଉଛି।

ଆଜି ଆମେ ଯେଉଁ ଜାତି ପ୍ରଥା ଦେଖୁଛୁ, ତାହା ଆର୍ଯ୍ୟମାନଙ୍କ ଭିତରେ ଥିଲା, କିନ୍ତୁ ସିନ୍ଧୁ ସଭ୍ୟତାରେ ନ ଥିଲା। ରାଖିଗଡ଼ି ଗାଁରୁ ଓ ଅନ୍ୟତ୍ର ମିଳିଥିବା ଜିନ୍‌ରୁ ଜଣାପଡ଼ିଛି ଯେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଶିଖ୍, ଭାରତୀୟ, ପାକିସ୍ତାନୀ ଓ ବାଂଲାଦେଶୀ ପ୍ରଭୃତି ସମସ୍ତ ଦକ୍ଷିଣ ଏସୀୟଙ୍କର ପୂର୍ବପୁରୁଷ ସମାନ ଥିଲେ। ସିନ୍ଧୁନଦୀ କୂଳରେ ବାସ କରୁଥିବା ଆମ ପୂର୍ବପୁରୁଷମାନଙ୍କ ଦେବତା ଓ ବାହାରୁ ଆସି ସେମାନଙ୍କ ସହ ମିଶିଥିବା ଲୋକମାନଙ୍କର ଦେବତା ସମାନ ନୁହନ୍ତି। ଏପରି କି ବୈଦିକ ଆର୍ଯ୍ୟମାନେ ଭିନ୍ନ ଭିନ୍ନ ଦେବତାଙ୍କୁ ପୂଜା କରୁଥିଲେ, ଯାହା ଆଜି ଆମେ ଯେଉଁ ଦେବତାମାନଙ୍କୁ ପୂଜା କରୁଛୁ, ସେମାନଙ୍କଠାରୁ ଭିନ୍ନ। ଆଜି ଇନ୍ଦ୍ର ଓ ବରୁଣଙ୍କୁ ପୂଜା କରୁଥିବା ଲୋକ ପ୍ରାୟ ଦେଖିବାକୁ ମିଳନ୍ତି ନାହିଁ। ଆଜି ଆମେ ରାମ, କୃଷ୍ଣ, ଗଣେଶ ଓ ଲକ୍ଷ୍ମୀ ପ୍ରଭୃତି ଯେଉଁ ଦେବତାଙ୍କୁ ପୂଜା କରୁଛୁ, ସେମାନେ ବୈଦିକ ଓ ପୌରାଣିକ ଦେବତାଙ୍କଠାରୁ ଭିନ୍ନ। ଗ୍ରୀସ୍, ରୋମ ଓ ଇଜିପ୍ଟରେ ମଧ୍ୟ ପୌରାଣିକ ଦେବତାମାନଙ୍କୁ ଆଉ ପୂଜା କରାଯାଉ ନାହିଁ। ଭାରତ ଏକ ଅଦ୍ଭୁତ ଦେଶ। ଗୋଟିଏ ପଟେ ଆମେ ଆମର ଉତ୍ସ ଓ ପୂର୍ବପୁରୁଷଙ୍କ ବିଷୟରେ ଗବେଷଣା କରୁଛୁ। ଅନ୍ୟପକ୍ଷରେ ଆମେ ଏକ ମନ୍ଦିର ଓ ଦେବତାଙ୍କ ପାଇଁ ଲଢ଼େଇ କରୁଛୁ, ଯାହାଙ୍କୁ ଆମର ପ୍ରଥମ ପୂର୍ବପୁରୁଷମାନେ ଜାଣି ନ ଥିଲେ।

Email: aakar.patel@gmail.com

# ଅଭିନନ୍ଦନଙ୍କ ନିଶ



ପ୍ରକାଶ ତ୍ରିପାଠୀ

ବନ୍ଧୁ ଅମିତ ପାତ୍ରଙ୍କ ମୁହଁରେ ଅଯତ୍ନ ନିଶଦାଢ଼ିର ବୃଦ୍ଧି ସମ୍ପର୍କରେ ପ୍ରଶ୍ନ କରି ଯାହା ଉତ୍ତର ପାଇଲି ତାହା ହିଁ ଆଜିର ଆଲେଖ୍ୟ ପାଇଁ ଖୋରାକ ଥିଲା। ସର୍ବଦା ମୁହଁ ଚିକ୍କଣ ରଖୁଥିବା ଅମିତଙ୍କ ମୁହଁରେ ନିଶଦାଢ଼ି ବୃଦ୍ଧି ପାଇବାର କାରଣ ଥିଲା ଏଇଆ ଯେ, ସେ ଅଭିନନ୍ଦନଙ୍କ ଶୈଳୀରେ ନିଶ ରଖିବାକୁ ପ୍ରସ୍ତୁତ ହେଉଛନ୍ତି। ଏଭଳି ଉତ୍ତର ଶୁଣିବା ପରେ ବୁଝିବାକୁ ବାକି ରହିଲା ନାହିଁ ଯେ, କେବଳ ସେ ଏକା ନୁହନ୍ତି ସାରା ଭାରତର ଯୁବ ସମ୍ପ୍ରଦାୟଙ୍କୁ ଅଭିନନ୍ଦନ ଶୈଳୀ ନିଶ ଏବେ ପାଗଳ କରିଛି। ସେଲୁନ ଓ ପାର୍ଲରଗୁଡ଼ିକରେ ଏଥିପାଇଁ ଲମ୍ବାଲାଇନ। ନାକ ତଳୁ ଗାଲର ଅଧିକାଂଶ ଅଂଶକୁ ବକ୍ରାକାରରେ ଆବୃତ୍ତ କରୁଥିବା ଦୀର୍ଘ ନିଶ ଏବେ ଅଭିନନ୍ଦନ ନିଶ ଭାବେ ନୂଆ କ୍ରେଜ୍ ସୃଷ୍ଟି କରିଛି।

ଭାରତର ପୁଲଓ୍ୱାମାରେ ଆତଙ୍କବାଦୀ ଆକ୍ରମଣ ଓ ତତ୍‌ପରବର୍ତ୍ତୀ ପାକିସ୍ତାନର ବାଲାକୋଟ ଉପରେ ଭାରତୀୟ ବାୟୁସେନାର ବୋମାମାଡ ଘଟଣା ଉଭୟ ଭାରତ ଓ ପାକିସ୍ତାନକୁ ଏକ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଟାଣିନେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ଏଭଳି ଏକ ସମ୍ବେଦନଶୀଳ ପରିସ୍ଥିତିରେ ସମଗ୍ର ଭାରତରେ ଜାତି, ଧର୍ମ, ଲିଙ୍ଗ ଓ ବୟସ ନିର୍ବିଶେଷରେ ସମସ୍ତେ ଯେପରି ଏକ ସ୍ୱରରେ ଆତଙ୍କବାଦ ଓ ଏହାକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ବିରୋଧରେ ଏକଜୁଟ ହୋଇପାରିଲେ ତାହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ। ପ୍ରତିକୂଳ ପରିସ୍ଥିତିରେ 'ପ୍ରଥମେ ଦେଶ' ଏପରି ଭାବନା ସୃଷ୍ଟି ହୋଇପାରିଥିବା ନିଶ୍ଚିତ ଅଭିନନ୍ଦନୀୟ। ୧୯୬୫ ଓ ୧୯୭୧ ଯୁଦ୍ଧ ସମୟରେ ଯେପରି ତତ୍କାଳୀନ ସରକାରଙ୍କୁ ବିପକ୍ଷ ଦଳମାନେ ସମର୍ଥନର ହାତ ବଢ଼ାଇଥିଲେ ବର୍ତ୍ତମାନର ସରକାରଙ୍କୁ ମଧ୍ୟ ବିପକ୍ଷମାନେ ଅନୁରୂପ ସହଯୋଗ ଓ ସମର୍ଥନର ହାତ ବଢ଼ାଇବା ନିଶ୍ଚିତ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ପାଇଁ ଏକ ଶୁଭ ସୂଚନା। ତେବେ କିଛି ଟିଭି ଚ୍ୟାନେଲ ଓ ବିଶେଷକରି ସୋସିଆଲ ମିଡିଆରେ ଯେପରି ଭାବେ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଉପସ୍ଥାପନ କରାଯିବା ସହ ଯୁଦ୍ଧ ପାଇଁ ବିବଶତା ସୃଷ୍ଟି କରାଗଲା, ଏହାକୁ ସମ୍ପୂର୍ଣ୍ଣ ଶୁଭ ସଙ୍କେତ କୁହାଯାଇପାରିବ ନାହିଁ।

ଦେଶର ସୁରକ୍ଷାରେ ଅହୋରାତ୍ର ନିୟୋଜିତ ବୀର ଯବାନଙ୍କ ବୀରତ୍ୱ, ପରାକ୍ରମ ଓ ସାହସ ତ ନିଶ୍ଚିତ ଅଭିନନ୍ଦନୀୟ, ତେବେ ନିଜକୁ ସଚ୍ଚା ଦେଶପ୍ରେମୀ ଭାବେ ପ୍ରମାଣ ଦେବାକୁ ଚିତ୍କାର କରୁଥିବା କିଛି ଲୋକଙ୍କୁ କ'ଣ କୁହାଯିବ। ନୂଆ ପିଢ଼ିର ଯୁବ ସମ୍ପ୍ରଦାୟଙ୍କ ଉତ୍ସାହକୁ ନିଜପଟକୁ ଆକର୍ଷିତ କରିବା ଲକ୍ଷ୍ୟରେ ରାଜନୈତିକ ଦଳ ହେଉ ବା ଟିଆର୍‌ପି ବୃଦ୍ଧି ପାଇଁ ଟିଭି ଚ୍ୟାନେଲ ହେଉ, ସେମାନଙ୍କ କ୍ଷଣିକ ଆବେଗକୁ କ'ଣ କୁହାଯିବ। ଏପରି କି ଯୁଦ୍ଧ ପାଇଁ ଚିତ୍କାର କରୁଥିବା ଲୋକଙ୍କୁ ଦେଶପ୍ରେମୀ ଓ ଯୁଦ୍ଧ ଏଡାଇ ଶାନ୍ତିର କଥା କହୁଥିବା ଲୋକଙ୍କୁ ଦେଶ ବିରୋଧୀର ଆଖ୍ୟା ବି ଶୁଣିବାକୁ ମିଳିଲା। ଭାରତର ପରାକ୍ରମର ଡିଣ୍ଡିମ ତ ବିଶ୍ୱସାରା ବଜାଇ ଦେଇଛନ୍ତି ଉଇଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନ। ଏକ ପୁରୁଣା ମିଗ୍–୨୧ ବିମାନ ଉଡାଇ ପାକିସ୍ତାନର ଅତ୍ୟାଧୁନିକ ଏଫ୍–୧୬ ବିମାନକୁ ପାକିସ୍ତାନ ମାଟିରେ ଧ୍ୱଂସ କରିପାରିଲେ ଓ ପାକିସ୍ତାନ ସୈନ୍ୟବାହିନୀ କବ୍‌ଜାରେ ରହି ମଧ୍ୟ ନିଜର ସୈନିକ ଧର୍ମକୁ ଶତପ୍ରତିଶତ ପାଳନ ପୂର୍ବକ ବୀରତ୍ୱର ସହ ଫେରିଆସିପାରିଲେ। ପ୍ରକୃତ ଦେଶପ୍ରେମ କ'ଣ ତାହା ମାତ୍ର ୪୮ ଘଣ୍ଟାରେ ଶତ୍ରୁପକ୍ଷ ଘେରରେ ଥାଇ ମଧ୍ୟ ସେ ବିଶ୍ୱକୁ ନିଜ ଆଚରଣରେ ଜଣାଇଦେଲେ।

ଏବେ ଆସିବା ମୂଳ ପ୍ରସଙ୍ଗକୁ। ଏହା ସ୍ୱୀକାର୍ଯ୍ୟ ଯେ, ଉଇଙ୍ଗ କମାଣ୍ଡର ଅଭିନନ୍ଦନ ଏବେ ଭାରତୀୟଙ୍କ ପାଇଁ ଏକ ଆଦର୍ଶ ବନିଯାଇଛନ୍ତି। ପ୍ରଥମଥର ପାଇଁ ଜଣେ ବୀର ଯବାନ ସମସ୍ତ ଲୋକପ୍ରିୟ ଚଳଚ୍ଚିତ୍ର ତାରକା ଓ କ୍ରୀଡା ତାରକାଙ୍କୁ ପଛରେ ପକାଇ ଆବାଳବୃଦ୍ଧବନିତାଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି। କେବଳ ତାଙ୍କ ଦୀର୍ଘ ବକ୍ର ନିଶ ନୁହେଁ, ତାଙ୍କ ନାମ ମଧ୍ୟ ଦେଶରେ ଏକ ଅବିଶ୍ୱସନୀୟ ପାଗଳାମି ସୃଷ୍ଟି କରିଛି। ଅନେକ ନବଜନ୍ମିତ ପୁତ୍ର ଓ କନ୍ୟାଙ୍କ ନାମ ଅଭିନନ୍ଦନ ଓ ଅଭିନନ୍ଦିନୀ ରଖିବାକୁ ପରିବାର ଲୋକେ ଆଗ୍ରହ ଦେଖାଉଛନ୍ତି, ଏପରି କି ପ୍ରସିଦ୍ଧ ଅମୁଲ ତା'ର ସଦ୍ୟ ପ୍ରସାରିତ ବିଜ୍ଞାପନରେ ଅଭିନନ୍ଦନଙ୍କ ନିଶକୁ ତାରିଫ କରି 'ମୁଛ ନେହିଁ ତୋ କୁଛ ନେହିଁ' ଅର୍ଥାତ୍ ନିଶ ନାହିଁ ତ କିଛି ନାହିଁ ସ୍ଲୋଗାନ ବଜାରକୁ ଛାଡ଼ିଛି। ପ୍ରଧାନମନ୍ତ୍ରୀ ଅଭିନନ୍ଦନଙ୍କ ସାହସିକତା ତଥା ବୀରତ୍ୱରେ ଆତ୍ମବିଭୋର ହୋଇ କହିଛନ୍ତି ଯେ ଡିକ୍ସନାରିରେ ଅଭିନନ୍ଦନର ଅର୍ଥ ବଦଳିଗଲା। ଅଭିନନ୍ଦନଙ୍କ ବୀରତ୍ୱ ସହ ଏବେ ଯୋଡ଼ି ହୋଇଯାଇଛି ତାଙ୍କ ବ୍ୟକ୍ତିତ୍ୱ, ଯାହାର ଶ୍ରେୟ ନେଇଛି ତାଙ୍କର ସୁଦୀର୍ଘ ଓ ବକ୍ରାକାର ନିଶ। ଏକଦା ନିଶ ଥିଲା ବଳିଷ୍ଠ, ବୀରତ୍ୱ, ସମ୍ଭ୍ରାନ୍ତ ତଥା ଯୋଦ୍ଧାର ପ୍ରତୀକ ଯାହାକୁ କି ପୁନଃ ପ୍ରତିପାଦିତ ଓ ପ୍ରମାଣିତ କରିଛନ୍ତି ଉଇଙ୍ଗ କମାଣ୍ଡର ଅଭିନନ୍ଦନ। ନିଶ ମାଧ୍ୟମରେ ଶତ୍ରୁପକ୍ଷଙ୍କ ମନରେ ଭୟ ସଂଚାର କରାଯିବାର କାହାଣୀକୁ ପ୍ରମାଣିତ କରିଛନ୍ତି ଅଭିନନ୍ଦନ। ନିଶକୁ ନେଇ କିଛି ଐତିହାସିକ ତଥ୍ୟ ଏଠାରେ ଉପସ୍ଥାପିତ କରିବା ଉଚିତ ହେବ।

ନୂତନ ପ୍ରସ୍ତର ଯୁଗ ଆରମ୍ଭ ହେବା ପରେ ପୁରୁଷମାନେ ନିଜ ମୁହଁକୁ କ୍ଷୌର ପୂର୍ବରୁ ଦାଢ଼ିମୁକ୍ତ କରିବା ଆରମ୍ଭ କରିଥିଲେ। କିନ୍ତୁ ଦେଶ ସୁରକ୍ଷାରେ ନିୟୋଜିତ ବୀର ଯୋଦ୍ଧାମାନେ ନିଶ ରଖୁଥିଲେ ଏଇଥିପାଇଁ ଯେ ନିଶ ଥିଲା ବୀରତ୍ୱ ଓ ବିଜୟର ପ୍ରତୀକ। ଊନବିଂଶ ଶତାବ୍ଦୀରେ ନିଶ ହିଁ ଦର୍ଶାଉଥିଲା ସୈନିକ ଓ ସାଧାରଣ ଜନତାଙ୍କ ମଧ୍ୟରେ ପାର୍ଥକ୍ୟ। ଅବଶ୍ୟ କିଛି ସଂଭ୍ରାନ୍ତ ଲୋକ ନିଶକୁ ଏକ ସଉକ ଭାବେ ଗ୍ରହଣ କରୁଥିଲେ। ଭାରତୀୟ ପରମ୍ପରା ଅନୁଯାୟୀ ପୁରୁଷ ମୁହଁରେ ନିଶ ହେଉଛି ପୁରୁଷତ୍ୱ। ବୀର୍ଯ୍ୟବତ୍ତା ଓ ବଳବତ୍ତାର ପ୍ରତୀକ। ତେଣୁ ବ୍ରିଟିଶ ଶାସନ ସମୟରେ ଭାରତୀୟମାନଙ୍କ ନିଶ ଶାସନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥିଲା। ଭାରତୀୟମାନଙ୍କ ନିଶକୁ ନେଇ ଅଭିଯୋଗ ଉଠିଥିଲା ବ୍ରିଟିଶ୍ ସୈନ୍ୟବାହିନୀରେ। କାରଣ ସେତେବେଳେ ବ୍ରିଟିଶ ସୈନ୍ୟବାହିନୀରେ ଥିବା ସେମାନଙ୍କ ଦେଶର ଯବାନମାନଙ୍କ ମୁହଁ ଥିଲା ନିଶ–ଦାଢ଼ିମୁକ୍ତ। ସେମାନଙ୍କର ନିଶ ପସନ୍ଦ ନ ଥିଲା। ମହୀଶୂର ସମ୍ରାଟ ଟିପୁ ସୁଲତାନ ଇଷ୍ଟ ଇଣ୍ଡିଆ କମ୍ପାନୀ ବିପକ୍ଷରେ ଯୁଦ୍ଧ ଜୟ କରି ରାଜପ୍ରାସାଦ ସମ୍ମୁଖରେ ଏକ ବିଶାଳ ତୈଳଚିତ୍ର ଟାଙ୍ଗିଥିଲେ, ଯେଉଁଥିରେ କି ବ୍ରିଟିଶ ସୈନ୍ୟଙ୍କ ନିଶମୁକ୍ତ ଚେହେରାକୁ ଅର୍ଦ୍ଧପୁରୁଷ ଭାବେ ବର୍ଣ୍ଣନା କରାଯାଇଥିଲା। ବ୍ରିଟିଶ୍ ସୈନ୍ୟବାହିନୀରେ ଭାରତୀୟ ଯୁବକଙ୍କୁ ନିଯୁକ୍ତି ମିଳିବା ପରେ ଭାରତୀୟ ସୈନ୍ୟଙ୍କ ନିଶ ଆଗରେ ବ୍ରିଟିଶ ସୈନ୍ୟମାନେ ନିଷ୍ପ୍ରଭ ହେବାକୁ ଲାଗିଲେ, ଏହାପରେ ବ୍ରିଟିଶ୍ ସୈନ୍ୟମାନଙ୍କୁ ନିଶ ରଖିବାକୁ ଅନୁମତି ମିଳିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଲର୍ଡ ଡେଲହାଉସି ବ୍ରିଟିଶ୍ ସୈନ୍ୟଙ୍କ ନିଶ ପ୍ରୀତିକୁ ନାପସନ୍ଦ କରିଥିଲେ। ୧୮୫୦ରେ ତତ୍କାଳୀନ ପ୍ରମୁଖ ମାଗାଜିନ 'ଦି ଓ୍ୱେଷ୍ଟ ମିନଷ୍ଟର ରିଭ୍ୟୁ', 'ଇଲୁଷ୍ଟ୍ରେଟେଡ ଲଣ୍ଡନ ନିୟୁଜ', 'ନାଭାଲ ଏଣ୍ଡ ମିଲିଟାରୀ ଗେଜେଟ୍' ପକ୍ଷରୁ ଏହାକୁ ନିଶ ଆନ୍ଦୋଳନ ଭାବେ ଅଭିହିତ କରାଯାଇଥିଲା। 'କାହିଁକି କ୍ଷୌର' ବୋଲି ଅଗ୍ରଲେଖ ଲେଖାଯାଇଥିଲା ଚାର୍ଲସ ଡିକେନ୍‌ସଙ୍କ ବହୁଳ ପ୍ରସାରିତ ପତ୍ରିକା 'ହାଉସ ହୋଲ୍ଡ ଓ୍ୱାର୍ଡସ'ରେ । ଏହାପରେ ୧୮୫୪ରେ ଭାରତରେ ଅବସ୍ଥାପିତ ଚିଫ୍ କମାଣ୍ଡର ଲର୍ଡ ଫ୍ରେଡରିକ ଫିଜକ୍ଲିୟରାନ୍ସ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ, ଯେଉଁଥିରେ କି ପ୍ରତ୍ୟେକ ବ୍ରିଟିଶ ସୈନ୍ୟଙ୍କୁ ନିଶ ରଖିବାକୁ ବାଧ୍ୟତାମୂଳକ କରାଯାଇଥିଲା। ପରବର୍ତ୍ତୀ ସମୟରେ ନିଶ କାଟି ଦେଇଥିବା କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଏପରି କି ଚାକିରିରୁ ସସ୍‌ପେଣ୍ଡ କରାଯିବାର ନଜିର ବି ଥିଲା।

କ୍ଷୁଦ୍ର ନିଶ ନୁହେଁ, ଦୀର୍ଘ ନିଶ ହିଁ ଦୃଢ଼ତା ଓ ଠିକ୍ ନିଷ୍ପତ୍ତି ନେଇପାରୁଥିବା ମଣିଷର ସଙ୍କେତ ବହନ କରିଥାଏ ବୋଲି ଅନେକ ମନସ୍ତତ୍ତ୍ୱବିତ୍‌ଙ୍କ ମତ। ସେଥିପାଇଁ ହିଟଲରଙ୍କ ଟୁଥ୍‌ବ୍ରଶ୍ ନିଶ (କ୍ଷୁଦ୍ର)କୁ ଅନେକେ ସମାଲୋଚନା କରୁଥିଲେ ଓ ତାଙ୍କୁ ଜଣେ ବିଚଳିତ ତଥା ହଠାତ୍ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରୁ ନ ଥିବା ବ୍ୟକ୍ତି ଭାବେ ସମାଲୋଚନା କରୁଥିଲେ। ଦୀର୍ଘ ନିଶ ଯେ ଏହାର ସମ୍ପୂର୍ଣ୍ଣ ବିପରୀତ ତାହା ପ୍ରମାଣ କରିଛନ୍ତି ଆମ ବୀର ଉଇଙ୍ଗ କମାଣ୍ଡର ଅଭିନନ୍ଦନ। ସଂପ୍ରତି ଅଭିନନ୍ଦନଙ୍କ ନିଶକୁ ଅନୁସରଣ କରୁଥିବା ପ୍ରତ୍ୟେକ ଯୁବକଙ୍କୁ ଆମର ପ୍ରଶ୍ନ ଯେ, ଅଭିନନ୍ଦନ ଶୈଳୀରେ ନିଶ ବଢ଼ାଇବା ସହ ତାଙ୍କ ଭଳି ଦେଶପ୍ରେମ ନିଜ ଭିତରେ ଉଦ୍ରେକ କରିବାକୁ ସେମାନେ ପ୍ରୟାସ କରୁଛନ୍ତି ତ। ବାହ୍ୟ ଶତ୍ରୁ କବଳରୁ ଦେଶର ସୁରକ୍ଷାରେ ନିୟୋଜିତ ଭାରତୀୟ ସେନା ତ ସେମାନଙ୍କର ଦେଶପ୍ରେମ ଅହରହ ପ୍ରମାଣ କରିଚାଲିଛନ୍ତି। ହେଲେ ଦେଶ ଭିତରେ ଅନ୍ୟାୟ, ଦୁର୍ନୀତି, ଅସମାନତା, ପକ୍ଷପାତିତା ଓ ଅସହିଷ୍ଣୁତା ଆଦି ଶତ୍ରୁର ବିଲୋପ କରି ଭାରତର ବିକାଶର ଗତିକୁ ତୀବ୍ର କରିବାର ଯେଉଁ ଗୁରୁଦାୟିତ୍ୱ ସାଧାରଣ ଜନତାଙ୍କ ହାତରେ ରହିଛି, ତା'ର ସଫଳ ନିର୍ବାହ ହେଉଛି ତ!

ମୋ–୯୪୩୭୨୩୨୪୬୩

# ବିଏଆର୍‌ସିରେ ଓଡ଼ିଆ ମୁଖ୍ୟ

## ବ୍ୟକ୍ତିତ୍ୱ



ଅଜିତ କୁମାର ମହାନ୍ତି

ଭାବା ଆଣବିକ ଗବେଷଣା କେନ୍ଦ୍ର (ବିଏଆର୍‌ସି) ଭାରତର ପ୍ରମୁଖ ନ୍ୟୁକ୍ଲିୟର ଗବେଷଣା ସଂସ୍ଥା ଭାବେ ପରିଚିତ। ମହାରାଷ୍ଟ୍ର ମୁମ୍ବାଇର ଟ୍ରୋମ୍ବେଠାରେ ଏହାର ମୁଖ୍ୟାଳୟ ରହିଛି। ନ୍ୟୁକ୍ଲିୟ ବିଜ୍ଞାନ, ଇଞ୍ଜିନିୟରିଂ ଭଳି ସମ୍ବନ୍ଧୀୟ କ୍ଷେତ୍ରରେ ଉଚ୍ଚତର ଗବେଷଣା ଦିଗରେ ଦେଶର ବିଭିନ୍ନ ସ୍ଥାନରେ ବିଏଆର୍‌ସି ମାଧ୍ୟମରେ ଅନୁସନ୍ଧାନମୂଳକ କାର୍ଯ୍ୟକ୍ରମ ଜାରି ରଖିଛି। ପ୍ରଖ୍ୟାତ ବୈଜ୍ଞାନିକ ହୋମି ଜାହାଙ୍ଗିର ଭାବାଙ୍କ ନାମରେ ନାମିତ ବିଏଆର୍‌ସିର ମୁଖ୍ୟଙ୍କ କାର୍ଯ୍ୟଧାରା ଆଣବିକ ଗବେଷଣା ଓ କ୍ରିୟାନ୍ୱୟନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବୈଜ୍ଞାନିକ ଅଜିତ କୁମାର ମହାନ୍ତିଙ୍କୁ ଏବେ ଏହାର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ୬ ମାସ ଧରି ଏହି ପଦବୀ ଖାଲିପଡ଼ିଥିଲା। ଦାୟିତ୍ୱ ନେବା ପରେ ଅଜିତ ୩ ବର୍ଷ ପାଇଁ ବିଏଆର୍‌ସିର ମୁଖ୍ୟ ଭାବେ କାର୍ଯ୍ୟ କରିବେ। ଜଣେ ଓଡ଼ିଆ ବୈଜ୍ଞାନିକ ଦେଶର ଏକ ପ୍ରମୁଖ ଗବେଷଣା ସଂସ୍ଥାର ମୁଖ୍ୟ ହୋଇଥିବାରୁ ତାଙ୍କ ବିଷୟରେ ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ଜନ୍ମିବା ସ୍ୱାଭାବିକ।

ଅଜିତ ମୟୂରଭଞ୍ଜ ଜିଲାର ଖିଚିଂ ଓ ବାରିପଦାଠାରେ ୧୯୫୯ରେ ଜନ୍ମଗ୍ରହଣ କରିଥିଲେ। ପିତା ଭଗବାନ ମହାନ୍ତି ଥିଲେ ପ୍ରାଥମିକ ସ୍କୁଲ ଶିକ୍ଷକ ଓ ମାତା ରତ୍ନମଣି ମହାନ୍ତି। ଗାଁ ସ୍କୁଲରୁ ପାଠ ଶେଷ କରିବା ପରେ ବାରିପଦାସ୍ଥିତ ଏମ୍‌ପିସି କଲେଜକୁ ଯାଇଥିଲେ। ୧୯୭୯ରେ ସେଠାରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରେଭେନ୍‌ଶା କଲେଜରୁ ୧୯୮୧ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ। ଛାତ୍ରାବସ୍ଥାରେ ଗବେଷଣାମନସ୍କ ଅଜିତ ଆଡଭାନ୍ସଡ୍ ଓରିଏଣ୍ଟେଶନ କୋର୍ସ ଲାଗି ୧୯୮୨ରେ ବିଏଆର୍‌ସିର ଟ୍ରେନିଂ ସ୍କୁଲରେ ଯୋଗ ଦେଇଥିଲେ। ପରେ ବମ୍ବେ ବିଶ୍ୱବିଦ୍ୟାଳୟରୁ ନ୍ୟୁକ୍ଲିୟର ଫିଜିକ୍ସରେ ପିଏଚ୍.ଡି. କରିଥିଲେ। ୧୯୯୫ରେ ଭାଣ୍ଡରବିଲ୍ଟ ବିଶ୍ୱବିଦ୍ୟାଳୟ ଓ ଆମେରିକାର ଏଲ୍‌ଏଏନ୍‌ଏଲ୍‌କୁ ସେ ଅତିଥି ବୈଜ୍ଞାନିକ ଭାବେ ଯାଇ ଅନ୍ତର୍ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେହିପରି ସେ ୨୦୦୨ରୁ ୨୦୦୪ ଏବଂ ୨୦୧୦ରୁ ୨୦୧୧ ଦୁଇ ଥର ସୁଇଜରଲାଣ୍ଡର ଜେନେଭାସ୍ଥିତ ସର୍ନରେ ଏଲିସ୍ ଏକ୍ସପେରିମେଣ୍ଟ ବିଷୟରେ ଗବେଷକମାନଙ୍କ ନେତୃତ୍ୱ ନେଇ କାର୍ଯ୍ୟ କରିବାରେ ବିଶ୍ୱର ଅନ୍ୟତମ ବୈଜ୍ଞାନିକ ହୋଇପାରିଛନ୍ତି। କୋଲକାତାସ୍ଥିତ ଶାହା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁକ୍ଲିୟର ଫିଜିକ୍ସ ଏବଂ ଫିଜିକ୍ସ ଗ୍ରୁପ୍ ବିଏଆର୍‌ସିର ନିର୍ଦ୍ଦେଶକ ରହିଥିବା ଅଜିତଙ୍କୁ ବିଏଆର୍‌ସି ମୁଖ୍ୟ ଭାବେ ନିଯୁକ୍ତି ଦିଆଯିବା ପରେ ନ୍ୟୁକ୍ଲିୟ ଗବେଷଣାକୁ ଆଗକୁ ନେବାରେ ପ୍ରୟାସ କରିବେ ବୋଲି କହିଛନ୍ତି।

ନ୍ୟୁକ୍ଲିୟ ଓ କଣିକା ପଦାର୍ଥ ବିଜ୍ଞାନ ଉପରେ ଅନ୍ତର୍ଜାତୀୟ ସ୍ତରର ଗବେଷକଙ୍କ ସହ ମିଶି କାର୍ଯ୍ୟ କରି ସେ ବହୁ ଅଭିଜ୍ଞତା ଅର୍ଜନ କରିଛନ୍ତି। ଆମେରିକାର ବ୍ରୁକ୍‌ହାଭେନ୍ ନ୍ୟାଶନାଲ ଲାବରେଟୋରୀରେ ପାୟୋନିୟରିଂ ହାଇ ଏନର୍ଜି ନ୍ୟୁକ୍ଲିୟର ଇଣ୍ଟରାକ୍‌ଶନ ଏକ୍ସପେରିମେଣ୍ଟ କଲା ବେଳେ ସେ ବହୁ ଉପାଦେୟ ତଥ୍ୟ ବାହାର କରିବାରେ ସକ୍ଷମ ହୋଇଛନ୍ତି। ତେବେ ଗବେଷଣା ସହ ପ୍ରଫେସର ମହାନ୍ତି ବହୁ ଅବୈତନିକ ପଦବୀରେ ରହି ଆସିଛନ୍ତି। ୨୦୦୪ରୁ ୨୦୧୦ ଯାଏ ବୋର୍ଡ ଅଫ୍ ରିସର୍ଚ୍ଚ ଇନ୍ ନ୍ୟୁକ୍ଲିୟର ସାଇନ୍ସ (ବିଆର୍‌ଏନ୍‌ଏସ୍) ବେସିକ୍ ସାଇନ୍ସ କମିଟିର ସଦସ୍ୟ ସଚିବ, ୨୦୧୨ରୁ ୨୦୧୬ ପର୍ଯ୍ୟନ୍ତ ଇଣ୍ଡିଆନ୍ ଫିଜିକ୍ସ ଆସୋସିଏଶନ ସାଧାରଣ ସମ୍ପାଦକ ଓ ପରେ ଏହାର ସଭାପତି ହୋଇଛନ୍ତି।

ଗବେଷଣା ଦିଗରେ ଅନନ୍ୟ ଅବଦାନ ଲାଗି ସେ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ୧୯୮୮ରେ ଇଣ୍ଡିଆନ୍ ଫିଜିକାଲ ସୋସାଇଟି ପକ୍ଷରୁ ୟଙ୍ଗ୍ ଫିଜିସିଷ୍ଟ ଆଓ୍ୱାର୍ଡ, ଇଣ୍ଡିଆନ୍ ସାଇନ୍ସ ନ୍ୟାଶନାଲ ଏକାଡେମୀର ୟଙ୍ଗ୍ ସାଇଣ୍ଟିଷ୍ଟ ଆଓ୍ୱାର୍ଡ, ଡିପାର୍ଟମେଣ୍ଟ ଅଫ୍ ଆଟମିକ୍ ଏନର୍ଜି (ଡିଏଇ) ମୁମ୍ବାଇ ତରଫରୁ ହୋମି ଭାବା ଆଓ୍ୱାର୍ଡ ଫର୍ ସାଇନ୍ସ ଆଣ୍ଡ୍ ଟେକ୍‌ନୋଲଜି–୨୦୦୧, ଡିଏଇ ଗ୍ରୁପ୍ ଆଚିଭ୍‌ମେଣ୍ଟ ଆଓ୍ୱାର୍ଡ–୨୦୧୭ ଏବଂ ସର୍ନ ସାଇଣ୍ଟିଫିକ୍ ଆସୋସିଏଟ୍।

ବ୍ୟକ୍ତିଗତ ଜୀବନ କହିଲେ ବିଜ୍ଞାନରେ ଉଚ୍ଚଶିକ୍ଷିତା ସ୍ତ୍ରୀ ସ୍ୱର୍ଣ୍ଣମୟୀ ମହାନ୍ତି ଓ ପୁତ୍ର ସିଦ୍ଧାନ୍ତଙ୍କୁ ନେଇ ଅଜିତଙ୍କ ସଂସାର। ସିଦ୍ଧାନ୍ତ କମ୍ପୁଟେଶନାଲ ମ୍ୟାଥ୍‌ମେଟିକ୍ସରେ ପଢ଼ା ଶେଷ କରିବା ପରେ ଆମେରିକାର ଫାଇନାନ୍ସିଆଲ ସେକ୍ଟରରେ ଏବେ କାର୍ଯ୍ୟରତ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପିଲାଙ୍କ ମନରେ ଦେଶଭକ୍ତିର ଭାବନା ଜାଗ୍ରତ କରିବା ପାଇଁ ସେମାନଙ୍କୁ ସେନା ପୋଷାକରେ ସଜାଇ ଦିଆଯାଉଛି। ଗୁଜରାଟରେ ଏପରି ଏକ ଅଭିଯାନ ଆରମ୍ଭ ହୋଇଛି। ଏହି ରାଜ୍ୟର ଏକ ସ୍କୁଲରେ ପିଟି କ୍ଲାସରେ ସେନା ପୋଷାକ ଉପରେ ଗୁରୁତ୍ୱ ଦିଆଯାଇଛି। କୈଳାସ ମାନସ ବିଦ୍ୟାମନ୍ଦିରରେ କିଛିଦିନ ହେଲା ଜାରି ରହିଛି ଏଭଳି ନିଆରା ପରମ୍ପରା। ଛୋଟ ପିଲାମାନେ ସେନା ପୋଷାକ ପିନ୍ଧି ନିଜକୁ କୁନି ଯବାନ ଭଳି ଅନୁଭବ କରୁଛନ୍ତି। ଦେଶମାତୃକାର ସେବା ପାଇଁ ସେମାନଙ୍କ ମଧ୍ୟରେ ଜାଗି ଉଠୁଛି ଅନନ୍ୟ ଭାବନା। ପିଲାଙ୍କୁ ଏଭଳି ପୋଷାକ ସପ୍ତାହରେ ୨ ଥର ପିନ୍ଧି ସ୍କୁଲକୁ ଆସିବାକୁ କୁହାଯାଇଥାଏ। ସ୍କୁଲର ଖେଳପଡିଆରେ ଡ୍ରିଲ ଅଭ୍ୟାସ କରାଯାଏ ଏବଂ ଦେଶଭକ୍ତିର ଭାବନା ଜାଗ୍ରତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମୀ ଏବଂ ମହାପୁରୁଷଙ୍କ ଜୀବନୀକୁ ନେଇ କାହାଣୀ କୁହାଯାଏ। ଏହା ଶୁଣି ପିଲାମାନେ ଖୁସି ଅନୁଭବ କରନ୍ତି ଏବଂ ସେମାନଙ୍କ ମନରେ ଦେଶପ୍ରେମ ଜାଗ୍ରତ ହୁଏ। ଏହାଦ୍ୱାରା ସେମାନେ ଭବିଷ୍ୟତରେ ସୈନ୍ୟବାହିନୀରେ ଯୋଗଦେବା ପାଇଁ ଉତ୍ସାହିତ ହୋଇପାରିବେ ବୋଲି ସ୍କୁଲର ପ୍ରିନ୍ସିପାଲ୍ ସୂଚନା ଦେଇଛନ୍ତି।

### ଚିରନ୍ତନୀ

ମାନବ ଅନ୍ତର ତଳେ ଆଦିକାଳୁଁ ରହିଛି ଯେ ଦାଗ
କେତେ ଯତ୍ନେ କେତେ ପ୍ରାଣେ ବୋଳି ତହିଁ ନବ ଅନୁରାଗ,
କରଇ ଜୀବନ ଢାଳି ସେନେହେ ଲାଳିତ
କେତେ ଶଙ୍କା ଆବେଗରେ ଚିତ୍ତ।

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୦ ମାର୍ଚ୍ଚ ୧୯୯୪

- ବୁରୁଣ୍ଡିର ରାଜଧାନୀ ବୁଜୁମ୍ବୁରା ସହରତଳି ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଘଟି ୨୦୦ ଲୋକଙ୍କ ପ୍ରାଣହାନି।
- ଉତ୍ତରକୋରିଆର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଦକ୍ଷିଣ ଓ ଉତ୍ତରକୋରିଆ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନା ବିଫଳ ହୋଇଯାଇଛି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | | | | 1 | 6 | | | | 8 | E | |
| 6 | 1 | | | 7 | | | | 0 | 4 | | | | | 2 |
| B | 3 | C | | 8 | | | | | | 0 | 1 | | | |
| | | | | | 2 | | D | | | | A | | | 6 |
| | | D | | | A | | 7 | | B | | 9 | | | 3 |
| | | | | | | E | 9 | | | | B | | | |
| | 4 | 3 | | | | | | | | C | | | 5 | |
| | B | | 7 | | | 6 | | 2 | | 1 | | E | D | |
| | 2 | 8 | | | B | | 4 | | E | | | 0 | 9 | |
| D | 9 | | | 1 | | | | A | | | 0 | C | 8 | |
| | | | | | | | | | | D | | | B | C |
| 7 | | | | | 3 | 1 | E | | | 6 | | 4 | A | |
| | | 1 | E | | | 0 | 6 | 4 | | | | | | 8 |
| | | | | | C | | | 8 | 5 | | | 6 | 1 | |
| 5 | D | | | | | B | A | | | | | 9 | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 5 | 9 | 3 | 6 | B | 8 | A | 0 | 1 | C | 2 | 7 | E | D |
| 3 | A | B | 7 | D | E | 6 | 9 | C | 4 | 8 | 5 | 0 | 1 | 2 |
| E | D | 8 | 0 | 9 | 1 | 2 | 7 | 3 | A | 6 | B | 4 | 5 | C |
| 7 | 0 | 2 | C | 5 | A | 1 | 4 | D | E | 3 | 9 | 8 | B | 6 |
| C | 6 | 1 | 4 | 2 | 8 | B | E | 5 | 7 | 0 | D | A | 9 | 3 |
| 8 | C | D | 6 | 7 | 0 | 4 | 2 | B | 3 | 5 | E | 1 | A | 9 |
| 1 | 7 | 6 | A | E | 3 | 5 | 8 | 9 | C | D | 4 | 2 | 0 | B |
| 0 | 9 | 3 | 1 | B | 5 | C | 6 | A | 2 | 7 | 8 | D | 4 | E |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧରିତ୍ରୀ/ଓଡ଼ିଶାପୋଷ୍ଟ ନିରପେକ୍ଷ ଥିଲା ଓ ରହିବ

ମହାଶୟ,

ମାର୍ଚ୍ଚ ୫ ତାରିଖରେ ଧରିତ୍ରୀ/ଓଡ଼ିଶାପୋଷ୍ଟ ସମ୍ପାଦକ ତଥା ଢେଙ୍କାନାଳ ସାଂସଦ ତଥାଗତ ସତପଥୀ ଆଉ ରାଜନୀତିରେ ନ ରହି ସାମ୍ବାଦିକତା ପ୍ରତି ଦୃଷ୍ଟିଦେବେ ବୋଲି ଘୋଷଣା କରିଛନ୍ତି। ଦେଖାଯାଏ ହାତଗଣତି ଖବରକାଗଜକୁ ବାଦ୍ ଦେଲେ ଅଧିକାଂଶ ଖବରକାଗଜ କୌଣସି ନା କୌଣସି ରାଜନୈତିକ ନେତାଙ୍କର ଏବଂ ଏଥିରେ ନିରପେକ୍ଷ ଅନୁସନ୍ଧାନମୂଳକ ଖବର ଆଶା କରିବା ନିରର୍ଥକ। ତଥାଗତ ବାବୁଙ୍କର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏଣିକି ଦୈନିକ ଧରିତ୍ରୀରେ ସେ ନିୟମିତ ଏକ ସ୍ତମ୍ଭ ଲେଖିଲେ ଭଲହୁଅନ୍ତା। ଖବରକାଗଜର ସମ୍ପାଦକ ସ୍ୱାଧୀନ ତଥା ଚାପମୁକ୍ତ ରହିବା ଦରକାର। ତେବେ ତଥାଗତବାବୁ ଦଳୀୟ ରାଜନୀତି ଛାଡ଼ିବା ପରେ ଏଣିକି ତାଙ୍କ ସମ୍ପାଦିତ କାଗଜ ନିରପେକ୍ଷ ହେବ ବୋଲି ଅନେକେ ଯାହା ମତ ଦେଉଛନ୍ତି, ତାହା ଭୁଲ୍ କାରଣ ଧରିତ୍ରୀ ଓ ଓଡ଼ିଶାପୋଷ୍ଟ ଆଗରୁ ନିରପେକ୍ଷ ଥିଲା, ଏବେ ଅଛି ଓ ଆଗକୁ ବି ରହିବ– ଏ ବିଶ୍ୱାସ ଓଡ଼ିଶାବାସୀଙ୍କର ଅଛି।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡା, ଗବକୁଣ୍ଡ, ପୁରୀ

### ଧନ୍ୟ ଅଭିନନ୍ଦନ

ଧନ୍ୟ ଅଭିନନ୍ଦନ! ତୁମକୁ କୋଟି କୋଟି ସଲାମ୍। ପ୍ରକୃତରେ ତୁମେ ଭାରତମାତାର ଯୋଗ୍ୟ ପୁତ୍ର, ଯିଏ କି ଆମର ଆଜନ୍ମ ଶତ୍ରୁ ଦେଶରୁ ସସମ୍ମାନେ ଫେରିଆସିପାରିଛ। ତୁମକୁ ଶତ୍ରୁମାନେ ଅନେକ ଯାତନା ଦେବା ସତ୍ତ୍ୱେ ତୁମେ ଭାରତମାତାର ଜୟଗାନ କରି ଅସୀମ ଧୈର୍ଯ୍ୟ ଓ ସାହସ ଦେଖାଇଛ। ଏହି ଦୃଶ୍ୟକୁ ତ ମୁଁ ଯେଉଁଦିନ ଟିଭିରେ ଦେଖୁଥିଲି, ଗର୍ବରେ ମୋ ଛାତି ଫାଟି ପଡୁଥିଲା। ସତେଯେମିତି ଗୋଟିଏ ସିଂହ ଶତ୍ରୁପକ୍ଷକୁ ଘାଇଲା କରି ବୀରଦର୍ପରେ ନିଜ ସ୍ଥାନକୁ ଫେରୁଛି। ତୁମକୁ ଯେତେ ପ୍ରଶଂସା କଲେ ବି କମ୍ ହେବ।

ଅଜିତ୍ ଚୌଧୁରୀ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ

## ସେଲ୍‌ଫି କର୍ଣ୍ଣର



@ ରାଧାମୋହନ



@ ଶିବ



@ ଆଲୋକ



@ ଉମାଶଙ୍କର



@ ତିର୍ଥ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

■ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ଉନ୍ମତକାଣ୍ଡ

# ଛାତ୍ରୀଛାତ୍ରଙ୍କ ସହ ସିଆର୍‌ସିସିଙ୍କୁ ପିଟିଲେ

ନୂଆପଡା ଅଫିସ/ ତରବୋଡ,୯।୩(ଡି.ଏନ.ଏ.)

ଜଣେ ପ୍ରାଥମିକ ଶିକ୍ଷକ ମଦପିଇ ଛାତ୍ରୀଛାତ୍ର ଏବଂ ସିଆରସିସିଙ୍କୁ ମାରପିଟ କରିବା ଭଳି ଏକ ଅଭାବନୀୟ ଘଟଣା ନୂଆପଡା ଜିଲା କୋମନା ବ୍ଲକରେ ଘଟିଛି। ସେଠିକାର ତରବୋଡ ଫାଣ୍ଡି ଅନ୍ତର୍ଗତ ହାତୀସରା ସରକାରୀ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସରୋଜ ଦାସ ନାମକ ଜଣେ ସହକାରୀ ଶିକ୍ଷକ ଦୁଇଛାତ୍ର ଏବଂ ଜଣେ ଛାତ୍ରୀଙ୍କୁ ନିସ୍ତୁକ ପିଟିଥିଲେ। ଏହି ଖବର ପାଇ ତଦନ୍ତରେ ଆସିଥିବା ସିଆରସିସିଙ୍କୁ ମାଡ ମାରିବା ଭଳି ଅଭିଯୋଗ ଆସିଛି। ଏହି ଅଭିଯୋଗରେ ତରବୋଡ ଫାଣ୍ଡି ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଅଟକ ରଖିଛି। ତାଙ୍କ ବିରୋଧରେ ଦଫା ୨୯୪, ୫୦୬, ୩୨୩, ୩୪୧ରେ ଏକ ମାମଲା (ନଂ.୫୨/୧୯) ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ବିବରଣୀ ମତେ ଶୁକ୍ରବାର ବିଦ୍ୟାଳୟକୁ ଶିକ୍ଷକ ଦାସ ନିଶାସକ୍ତ ହୋଇ ଆସିଥିଲେ। ବିଦ୍ୟାଳୟରେ ପ୍ରବେଶ କରିବା ମାତ୍ରେ ଅଫିସର କାଗଜପତ୍ର ଫିଙ୍ଗା ଫୋପଡା କରିଥିଲେ। ଏହାପରେ ଶ୍ରେଣୀ କୋଠରିଗୁଡିକୁ ଯାଇଥିଲେ। ତୃତୀୟ ଶ୍ରେଣୀରେ ପ୍ରବେଶ କରି ଦୁଇ ଜଣ ଛାତ୍ରଙ୍କୁ ପିଟିଥିବାବେଳେ ଦ୍ୱିତୀୟ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ମାଡ ମାରିଥିଲେ । ଏହି ଖବର ଗାଁରେ ପ୍ରଚାରିତ ହେବା ପରେ ଗ୍ରାମବାସୀ ବୈଠକ କରି ତାଙ୍କୁ ତାଗିଦ କରିଥିଲେ। ହେଲେ ସେ ଗ୍ରାମବାସୀଙ୍କୁ ଓଲଟା ଗାଳିଗୁଲଜ କରିଥିବା ଲୋକେ କହିଛନ୍ତି। ଖବର ପାଇ ଶନିବାର ସକାଳେ ସିଆର୍‌ସିସି ବଂଶୀଲାଲ ଶବର ବିଦ୍ୟାଳୟକୁ ଆସିଥିଲେ। ତାଙ୍କୁ ମଧ ସମ୍ପୃକ୍ତ ଶିକ୍ଷକ ଅତର୍କିତ ଆକ୍ରମଣ କରିଥିଲେ। ପରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ନାଏକ, ଜ୍ୟୋତିରଞ୍ଜନ ପଣ୍ଡା ଦୁହେଁ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟ ପରିସରରେ ଉତ୍ତ୍ୟକ୍ତ ଗ୍ରାମବାସୀ ଏକତ୍ର ହୋଇ ତାଙ୍କର ଗିରଫଦାରି ଦାବି କରିଥିଲେ। ସମସ୍ତଙ୍କ ବୟାନ ସଂଗ୍ରହ ପରେ ସ୍ଥାନୀୟ ପୋଲିସକୁ ଅବଗତ କରାଯାଇଥିଲା। ଫାଣ୍ଡି ଅଧିକାରୀ ଲଛିନ୍ଦ୍ର ଚଲାନ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକଙ୍କୁ ଅଟକ କରି ପଚରାଉଚରା ଚଳାଇଛନ୍ତି। ପ୍ରଧାନଶିକ୍ଷକ ଛବିରାମ ନାଗ ଏବଂ ଗ୍ରାମ ଶିକ୍ଷା କମିଟି ସଭାପତି ପଙ୍କଜିନୀ ମାଝିଙ୍କ ଏତଲାକ୍ରମେ ମାମଲା ରୁଜୁ ହୋଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।



ପୋଲିସ ଟିମ ହାତୀସରା ସ୍କୁଲରେ ପହଞ୍ଚି ତଦନ୍ତ କରୁଛନ୍ତି ।

ଶହୀଦନଗର ଥାନା ଭଙ୍ଗାରୁଜା, ପୋଲିସକୁ ମାଡ଼ ମାମଲା

# ପ୍ରକାଶ ଗିରଫ, ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୯।୩ (ବ୍ୟୁରୋ)

ଶହୀଦନଗର ଥାନା ଭଙ୍ଗାରୁଜା ଓ ପୋଲିସକୁ ମାଡ଼ ଘଟଣାର ମାଷ୍ଟରମାଇଣ୍ଡ ପ୍ରକାଶ ତ୍ରିପାଠୀଙ୍କୁ ଶନିବାର ସକାଳେ ଗିରଫ କରାଯାଇଛି। ତାଙ୍କୁ ଭିଏସ୍‌ଏସ୍ ନଗର ଅଞ୍ଚଳରୁ ଗିରଫ କରାଯାଇଥିବା ପୋଲିସ କହିଛି। ଆଇପିସି ଦଫା ୪୫୧, ୧୪୭, ୨୯୪, ୩୩୬, ୩୩୨, ୩୩୩, ୩୦୭, ୪୨୭, ୧୪୯ ଓ ସେକ୍ସନ ୩ ବିଡିପି ଏବଂ ୮ ସିଆର୍‌ଏଲ୍ ଅନୁଯାୟୀ ମାମଲା ନଂ.୧୧୨/୧୯ରେ ପ୍ରକାଶଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରକାଶ ଗିରଫ ହେବା ପରେ ତାଙ୍କୁ ବିଜେଡି ଓ ବିଜୁ ଯୁବ ଜନତା ଦଳର ଉପସଭାପତି ପଦରୁ ନିଲମ୍ବିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପ୍ରକାଶଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଅମରେଶ ପତ୍ରୀ ପ୍ରେସ୍ ଇସ୍ତାହାରରେ କହିଛନ୍ତି। ପୂର୍ବରୁ ଏହି ମାମଲାରେ ବିଜୁ ଛାତ୍ର ଜନତା ଦଳ(ବିସିଜେଡି)ର ରାଜ୍ୟ ସାଧାରଣ ସମ୍ପାଦକ ଅମିତ ଜେନାଙ୍କ ସମେତ ୮ଜଣ ଗିରଫ ହୋଇଛନ୍ତି।



ଗିରଫ ପ୍ରକାଶ ତ୍ରିପାଠୀ

# ୩୭୭ ଚିଟ୍‌ଫଣ୍ଡ ସଂସ୍ଥାର ଠିକଣା ମିଳୁନି

କଟକ ଅଫିସ,୯।୩

୩୭୭ଟି ଚିଟଫଣ୍ଡ ସଂସ୍ଥାର ଠିକଣା ମିଳୁନାହିଁ। ଫଳରେ ଏହି ସଂସ୍ଥାଗୁଡିକୁ ନେଇ ସମସ୍ୟା ଉପୁଜିଛି। କାରଣ ଠିକଣା ନ ଥିବାରୁ କମିଶନଙ୍କ ପକ୍ଷରୁ ଏମାନଙ୍କ ପାଖକୁ ନୋଟିସ ଯାଇପାରୁନାହିଁ। ତେଣୁ ଏଭଳି ସ୍ଥିତିରେ ଗଣମାଧ୍ୟମ ଜରିଆରେ ଠିକଣା ନଥିବା ଏବଂ ପୂର୍ବରୁ ଜାରି କରାଯାଇଥିବା ନୋଟିସର ଉତ୍ତର ରଖି ନ ଥିବା ମୋଟ ୫୭୭ଟି ଚିଟଫଣ୍ଡ ସଂସ୍ଥା ନିକଟକୁ ସାନି ନୋଟିସ ଜାରି କରାଯାଇଛି। ସେପ୍ଟେମ୍ବର ୨୯ ମଧ୍ୟରେ ଏହାର ଉତ୍ତର ରଖିବାକୁ କୁହାଯାଇଛି। ବହୁ କୋଟି ଟଙ୍କାର ଚିଟଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ମଦନ ମୋହନ ଦାସଙ୍କ କମିଶନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଉପରୋକ୍ତ ସମୟସୀମା ମଧ୍ୟରେ ସଂସ୍ଥାଗୁଡିକ ନୋଟିସର ଜବାବ ନ ରଖିଲେ କମିଶନ ଏକପାଖିଆ ଭାବେ ଶୁଣାଣି କରି ରାୟ ଶୁଣାଇବେ ବୋଲି ଜଣାପଡିଛି।

REGIONAL PLANT RESOURCE CENTRE
Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel no. 0674-2557925, 2552002, Email : rprcbbsr@gmail.com, Website : www.rprcbbsr.in
Advertisement No. 800/RPRC Dated : 08.03.2019
WALK-IN-INTERVIEW
Eligible candidates may attend Walk-in-Interview in P.K. Parija Hall in the premises of RPRC, Bhubaneswar on 16.3.2019 at 11.00 A.M. for selection of Senior Research Fellows, Junior Research Fellows and Field Assistants/ Lab. Asst. under different research projects to be implemented in the Centre. Details about the research projects, eligible criteria, emoluments, tenure of the projects etc. can be obtained from RPRC website (www.rprcbbsr.in) or from the notice board of RPRC, Bhubaneswar.
Sd/-
Chief Executive

# ବିଜେଡି ଛାଡ଼ିଲେ ବାବୁ ସିଂ

ଭୁବନେଶ୍ୱର,୯।୩(ବ୍ୟୁରୋ)

ଯୁବ ବିଜେଡି ନେତା ତଥା ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ବାବୁ ସିଂ ନିଜ ପଦ ଏବଂ ଦଳରୁ ଶନିବାର ଇସ୍ତଫା ଦେଇଛନ୍ତି। ବିଜେଡି ସଭାପତି ତଥା ନବୀନ ପଟ୍ଟନାୟକଙ୍କୁ ଚିଠି ମାଧ୍ୟମରେ ସେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଜନତା ଦଳ ସମୟରୁ ବାବୁ ଦଳରେ ରହିଆସିଥିଲେ। ଦୀର୍ଘଦିନ ରହିବା ପରେ ଏକାମ୍ର ଭୁବନେଶ୍ୱର ବିଧାନସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ହେଲେ ସେହି ଆସନରୁ ୨୦୦୯ରୁ ମନ୍ତ୍ରୀ ଅଶୋକ ପଣ୍ଡା ପ୍ରତିନିଧିତ୍ୱ କରି ଆସୁଛନ୍ତି। ଅଶୋକ ଭୁବନେଶ୍ୱର ସାଙ୍ଗଠନିକ ଜିଲା କମିଟିର ସଭାପତି ଅଛନ୍ତି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ତାଙ୍କୁ ଚଳିତ ଥର ମଧ ପ୍ରାର୍ଥୀ କରାଯିବା ନେଇ ସଙ୍କେତ ଦିଆଯାଇଛି। ତେଣୁ ଟିକେଟ ସମ୍ଭାବନା ନ ଥିବାରୁ ବାବୁ ବିଜେଡି ଛାଡିଥିବା ସ୍ପଷ୍ଟ ହୋଇଛି।

ଏ ସମ୍ପର୍କରେ ବାବୁ କହିଛନ୍ତି ଯେ, ଜନତା ଦଳରୁ ବିଜେଡି। ଦୀର୍ଘ ୩୦ ବର୍ଷର ଯାତ୍ରା ଏବଂ ସାଙ୍ଗଠନିକ କାର୍ଯ୍ୟ। ଏହାପରେ ମଧ ପ୍ରାର୍ଥୀ ହେବା ପାଇଁ ଦଳ ସୁଯୋଗ ଦେଉନାହିଁ। ଜିଲା ସଭାପତି ତଥା ମନ୍ତ୍ରୀ ଅଶୋକ ପଣ୍ଡା କୌଣସି ସାଙ୍ଗଠନିକ କାର୍ଯ୍ୟରେ ତାଙ୍କୁ ସାମିଲ କଲେନାହିଁ। ନିକଟରେ ବିଜୁବାବୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ଓ ଏହା ପୂର୍ବରୁ ହୋଇଥିବା ପ୍ରସ୍ତୁତି ବୈଠକକୁ ମଧ ଡାକି ନ ଥିଲେ। ତାଙ୍କୁ ସମର୍ଥନ କରୁଥିବା ପିଲାମାନଙ୍କୁ ନାନା ଉପାୟରେ ଅଶୋକ ହଇରାଣ କରିଥିବା ବାବୁ ଅଭିଯୋଗ କରିଛନ୍ତି। ଭାଜପା ବ୍ୟତୀତ ଅନ୍ୟ କେତେକ ଛୋଟ ଦଳ ସହ ଆଲୋଚନା କରୁଥିବା ବାବୁ କହିଛନ୍ତି।



ବାବୁ ସିଂ

# କଂଗ୍ରେସକୁ ଯାଇପାରନ୍ତି ଅଶ୍ୱିନୀ ପୂଜାହାରୀ

ସମ୍ବଲପୁର,୯।୩(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମସାରର ପୂର୍ବତନ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ ସୋମବାର କଂଗ୍ରେସରେ ଯୋଗଦାନ କରିପାରନ୍ତି ବୋଲି ଏବେ ଚର୍ଚ୍ଚା ହେଉଛି। ଭୁବନେଶ୍ୱର କଂଗ୍ରେସ ଭବନରେ ପିସିସି ସଭାପତିଙ୍କ ସହ ପୂଜାହାରୀଙ୍କ ଆଲୋଚନା ହୋଇଛି। ଦଳରେ ସେ ଯୋଗଦେବା ନେଇ ପ୍ରାୟତଃ ସ୍ଥିର ହୋଇଥିବା କୁହାଯାଉଛି। ସେହିପରି ସମ୍ବଲପୁର ଗସ୍ତରେ ଆସିଥବା ସମୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପୂଜାହାରୀଙ୍କ ଘରକୁ ଯାଇ ମଧ ଆଲୋଚନା କରିଥିଲେ। ହେଲେ ପୂଜାହାରୀ ଭାଜପାରେ ଯୋଗଦେଇ ସମ୍ବଲପୁର ବିଧାନସଭା ଆସନରୁ ଟିକେଟ ପାଇଁ ଆଶାୟୀ ଥିଲେ। ଦଳ ପକ୍ଷରୁ ତାଙ୍କୁ ସ୍ୱାଗତ ମଧ କରାଯାଇଥିଲା। ହେଲେ ସମ୍ବଲପୁର ଭାଜପାର ଜଣେ ବରିଷ୍ଠ ନେତା ଓ ତାଙ୍କ ସମର୍ଥକ ଏହାକୁ ବିରୋଧ କରିଥିଲେ। ପୂଜାହାରୀ ନିକଟରେ ଦିଲ୍ଲୀ ଯାଇ କେନ୍ଦ୍ରୀୟ ନେତାଙ୍କ ସହ ମଧ ଆଲେଚନା କରିଥିଲେ। ହେଲେ ସବୁଠାରୁ ନିରାଶ ହେବା ପରେ କଂଗ୍ରେସରେ ଯୋଗଦେବା ପାଇଁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏ ସମ୍ପର୍କରେ ପୂଜାହାରୀଙ୍କୁ ପଚାରିବାରୁ କହିଛନ୍ତି, କଂଗେସରେ ଯୋଗାଦାନ କରିବା ନେଇ ଚୁଡ଼ାନ୍ତ ନିଷ୍ପତ୍ତି ହୋଇ ନାହିଁ। ସମୟ ଆସିଲେ ସବୁ ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି।



ଅଶ୍ୱିନୀ ପୂଜାହାରୀ।

ପୂର୍ବ ତଟ ରେଳପଥ
ଭଡ଼ା ସୂତ୍ରରେ ଗାଡ଼ି
ଟେଣ୍ଡର ବିଜ୍ଞପ୍ତି ସଂ. SBP-OPTG-HV-CONTROL-01, ତା: 06.03.2019
କାର୍ଯ୍ୟର ବିବରଣୀ : ମଣ୍ଡଳ ନିୟନ୍ତ୍ରଣ କାର୍ଯ୍ୟାଳୟ / ସମ୍ବଲପୁରଙ୍କ ବ୍ୟବହାର ପାଇଁ 03 (ତିନି)ବର୍ଷ ଅବଧି ନିମନ୍ତେ ଦିନରାତି (24 ଘଣ୍ଟା) ଚାଳକ ସହିତ ଗୋଟିଏ ନନ୍-ଏସି ସଡ଼କ ଗାଡ଼ି (ଟାଟା ସୁମୋ/ ବୋଲେରୋ / ଜାଇଲୋ / ସ୍କୋର୍ପିଓ କିମ୍ବା ଅନୁରୂପ) ଭଡ଼ା ସୂତ୍ରରେ ନେବା ।
ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 13,58,773/-, EMD (ଟଙ୍କାରେ) : ₹ 27,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 2,000/-, କାର୍ଯ୍ୟ ଶେଷ ହେବା ଅବଧି : 03 ବର୍ଷ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.04.2019 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ, ସମ୍ବଲପୁର
PR-532/J/18-19

ଗୁରୁତ୍ୱପୂର୍ଣ୍ଣ ସୂଚନା
ନିମ୍ନ ଅନୁଯାୟୀ ଛଅ ମାସର ଅବଧି ନିମନ୍ତେ ପରୀକ୍ଷାମୂଳକ ଭାବରେ ନିମ୍ନ ଟ୍ରେନ୍‌ଗୁଡ଼ିକୁ ବିଭିନ୍ନ ଷ୍ଟେସନ୍ ଠାରେ ରହଣି ପ୍ରଦାନ କରାଯିବ ।

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ରହଣି | ଆଗମନ | ପ୍ରସ୍ଥାନ | ତାରିଖ ଠାରୁ |
|---|---|---|---|---|---|
| 19317 | ଇନ୍ଦୋର - ପୁରୀ ହମ୍‌ସଫର ଏକ୍ସପ୍ରେସ୍ | ଗୋନ୍ଦିଆ | 0325 | 0327 | 12.03.2019 (ମଙ୍ଗଳବାର) |
| 19318 | ପୁରୀ - ଇନ୍ଦୋର ହମ୍‌ସଫର ଏକ୍ସପ୍ରେସ୍ | ଗୋନ୍ଦିଆ | 1725 | 1726 | 13.03.2019 (ବୁଧବାର) |
| 18401 | ପୁରୀ - ଓଖା ଏକ୍ସପ୍ରେସ୍ | ଦୋଣ୍ଡାଇଚା | 1922 | 1924 | 10.03.2019 (ରବିବାର) |
| 18402 | ଓଖା - ପୁରୀ ଏକ୍ସପ୍ରେସ୍ | ଦୋଣ୍ଡାଇଚା | 0202 | 0204 | 06.03.2019 (ବୁଧବାର) |
| 18405 | ପୁରୀ - ଅହମଦାବାଦ ଏକ୍ସପ୍ରେସ୍ | ଦୋଣ୍ଡାଇଚା | 2330 | 2332 | 06.03.2019 (ବୁଧବାର) |
| 18406 | ଅହମଦାବାଦ - ପୁରୀ ଏକ୍ସପ୍ରେସ୍ | ଦୋଣ୍ଡାଇଚା | 0202 | 0204 | 08.03.2019 (ଶୁକ୍ରବାର) |
| 18421 | ପୁରୀ - ଆଜମେର ଏକ୍ସପ୍ରେସ୍ | ଦୋଣ୍ଡାଇଚା | 0220 | 0222 | 07.03.2019 (ଗୁରୁବାର) |
| 18422 | ଆଜମେର - ପୁରୀ ଏକ୍ସପ୍ରେସ୍ | ଦୋଣ୍ଡାଇଚା | 1143 | 1145 | 08.03.2019 (ଶୁକ୍ରବାର) |
| 22974 | ପୁରୀ - ଗାନ୍ଧୀଧାମ ଏକ୍ସପ୍ରେସ୍ | ବୋବିଲି | 1813 | 1815 | 09.03.2019 (ଶନିବାର) |
| 22973 | ଗାନ୍ଧୀଧାମ - ପୁରୀ ଏକ୍ସପ୍ରେସ୍ | ବୋବିଲି | 1056 | 1058 | 06.03.2019 (ବୁଧବାର) |
| 22831 | ହାଓଡ଼ା - ଶ୍ରୀ ସତ୍ୟ ସାଇ ପ୍ରଶାନ୍ତି ନିଲୟମ୍ ଏକ୍ସପ୍ରେସ୍ | କାଲୁପଡ଼ାଘାଟ | 2321 | 2322 | 13.03.2019 (ବୁଧବାର) |
| 22832 | ଶ୍ରୀ ସତ୍ୟ ସାଇ ପ୍ରଶାନ୍ତି ନିଲୟମ୍ - ହାଓଡ଼ା ଏକ୍ସପ୍ରେସ୍ | କାଲୁପଡ଼ାଘାଟ | 0559 | 0600 | 15.03.2019 (ଶୁକ୍ରବାର) |
| 18645 | ହାଓଡ଼ା - ହାଇଦ୍ରାବାଦ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ | କେନ୍ଦୁଆପଦା | 1729 | 1730 | 09.03.2019 (ଶନିବାର) |
| 18646 | ହାଇଦ୍ରାବାଦ - ହାଓଡ଼ା ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ | କେନ୍ଦୁଆପଦା | 1026 | 1027 | 08.03.2019 (ଶୁକ୍ରବାର) |
| 22839 | ରାଉରକେଲା - ଭୁବନେଶ୍ୱର I/C ଏକ୍ସପ୍ରେସ୍ | ନରାଜ ମାର୍ଥାପୁର | 1151 | 1152 | 09.03.2019 (ଶନିବାର) |
| 22840 | ଭୁବନେଶ୍ୱର - ରାଉରକେଲା I/C ଏକ୍ସପ୍ରେସ୍ | ନରାଜ ମାର୍ଥାପୁର | 1436 | 1437 | 09.03.2019 (ଶନିବାର) |
| 12893 | ଭୁବନେଶ୍ୱର - ବଲାଙ୍ଗୀର I/C ଏକ୍ସପ୍ରେସ୍ | ବାମୁର | 0958 | 0959 | 09.03.2019 (ଶନିବାର) |
| 12894 | ବଲାଙ୍ଗୀର - ଭୁବନେଶ୍ୱର I/C ଏକ୍ସପ୍ରେସ୍ | ବାମୁର | 1800 | 1801 | 09.03.2019 (ଶନିବାର) |
| 12871 | ହାଓଡ଼ା - ଟିଟିଲାଗଡ଼ ଇସ୍ପାତ ଏକ୍ସପ୍ରେସ୍ | ଡୁଙ୍ଗୁରିପାଲି | 1810 | 1811 | 09.03.2019 (ଶନିବାର) |
| 12872 | ଟିଟିଲାଗଡ଼ -ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ | ଡୁଙ୍ଗୁରିପାଲି | 0654 | 0655 | 09.03.2019 (ଶନିବାର) |
| 12875 | ପୁରୀ - ଆନନ୍ଦବିହାର ନୀଳାଚଳ ଏକ୍ସପ୍ରେସ୍ | ସୋର | 1508 | 1509 | 09.03.2019 (ଶନିବାର) |
| 12876 | ଆନନ୍ଦବିହାର - ପୁରୀ ନୀଳାଚଳ ଏକ୍ସପ୍ରେସ୍ | ସୋର | 1203 | 1204 | 08.03.2019 (ଶୁକ୍ରବାର) |
| 12879 | ଲୋକମାନ୍ୟ ତିଳକ ଟର୍ମିନସ୍ - ଭୁବନେଶ୍ୱର ଏକ୍ସପ୍ରେସ୍ | ବେଲପାହାଡ଼ | 2255 | 2257 | 13.03.2019 (ବୁଧବାର) |
| 12880 | ଭୁବନେଶ୍ୱର - ଲୋକମାନ୍ୟ ତିଳକ ଟର୍ମିନସ୍ ଏକ୍ସପ୍ରେସ୍ | ବେଲପାହାଡ଼ | 1421 | 1423 | 14.03.2019 (ଗୁରୁବାର) |
| 18495 | ରାମେଶ୍ୱରମ୍ - ଭୁବନେଶ୍ୱର ଏକ୍ସପ୍ରେସ୍ | ଚିଦାମ୍ବରମ୍ | 1618 | 1620 | 10.03.2019 (ରବିବାର) |
| 18496 | ଭୁବନେଶ୍ୱର - ରାମେଶ୍ୱରମ୍ ଏକ୍ସପ୍ରେସ୍ | ଚିଦାମ୍ବରମ୍ | 1253 | 1255 | 08.03.2019 (ଶୁକ୍ରବାର) |
| 18477 | ପୁରୀ - ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ | ଜଇଥାରି | 1810 | 1812 | 08.03.2019 (ଶୁକ୍ରବାର) |
| 18478 | ହରିଦ୍ୱାର - ପୁରୀ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ | ଜଇଥାରି | 0759 | 0801 | 08.03.2019 (ଶୁକ୍ରବାର) |

ଟ୍ରେନ ଗୁଡ଼ିକର ଚଳାଚଳ ଦିବସରେ ବୃଦ୍ଧି :
- 18117/18118 ରାଉରକେଲା - ଗୁଣୁପୁର - ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ସପ୍ତାହରେ 3 ଦିନ ରୁ 6 ଦିନ ଚଳାଚଳ କରିବ । 18117 ରାଉରକେଲା-ଗୁଣୁପୁର ରାଜ୍ୟ ରାଣୀ ଏକ୍ସପ୍ରେସ୍ ରାଉରକେଲା ଠାରୁ ତା.14.03.2019ରିଖ ରୁ (ଶନିବାର ବ୍ୟତୀତ) ଏବଂ 18118 ଗୁଣୁପୁର-ରାଉରକେଲା ରାଜ୍ୟ ରାଣୀ ଏକ୍ସପ୍ରେସ୍ ଗୁଣୁପୁର ଠାରୁ ତା.13.03.2019ରିଖ ରୁ (ରବିବାର ବ୍ୟତୀତ) ।
- 22606/22605 ଭିଲ୍ଲୁପୁରମ-ପୁରୁଲିଆ-ଭିଲ୍ଲୁପୁରମ ଏକ୍ସପ୍ରେସ୍ ଭିଲ୍ଲୁପୁରମ ଠାରୁ ତା.03.07.2019 ଏବଂ ପୁରୁଲିଆ ଠାରୁ ତା.05.07.2019ରିଖ ଠାରୁ ସାପ୍ତାହିକ ରୁ ଦ୍ୱି ସାପ୍ତାହିକ ଭାବରେ ଚଳାଚଳ କରିବ । ଏହି ଟ୍ରେନ୍ ହିଜିଲି ଏବଂ ପୁରୁଲିଆ ମଧ୍ୟରେ ତା.06.03.2019ରିଖ ରୁ 26.06.2019ରିଖ ଏବଂ ପୁରୁଲିଆ ଏବଂ ହିଜିଲି ମଧ୍ୟରେ ତା.08.03.2019ରିଖ ରୁ ତା.28.06.2019ରିଖ ପର୍ଯ୍ୟନ୍ତ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ଭାବରେ ଚଳାଚଳ କରିବ ।
- ୦୨୪୧୦/୦୨୪୦୯ ରାୟଗଡ-ସମ୍ବଲପୁର-ରାୟଗଡ ସ୍ୱତନ୍ତ୍ର ଟ୍ରେନ୍ ରାୟଗଡ଼ ଠାରୁ ତା.17.03.2019ରିଖ ଠାରୁ ପ୍ରତ୍ୟେକ ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର ଏବଂ ରବିବାର ଏବଂ ସମ୍ବଲପୁର ଠାରୁ ତା.18.03.2019ରିଖ ଠାରୁ ପ୍ରତ୍ୟେକ ବୁଧବାର, ଗୁରୁବାର, ଶୁକ୍ରବାର, ଶନିବାର ଏବଂ ସୋମବାର ଦିନ ଚଳାଚଳ କରିବ ।



ପୂର୍ବ ତଟ ରେଳପଥ
PR-534/J/18-19
Follow us on : www.facebook/@EASTCOASTRailway1 I www.twitter/@eastcoastrail



“ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଃଖେ ସଞ୍ଚିତ ଯେତେ ଧନ**
**ସେ ନୁହେଁ ସୁଖେ ପ୍ରୟୋଜନ,**

ଯିଏ ଗୃହରେ ବାସ କରି କେବଳ ଫଳ ଆଶାରେ କର୍ମକରେ ସେ ଦୁଃଖ ଭୋଗ କରେ। ଧନ ଅର୍ଜନ ପାଇଁ ମନ ତା'ର ସବୁବେଳେ ବ୍ୟାକୁଳିତ ହୁଏ। ଯେତେ ସମ୍ପଦ ଅର୍ଜନ କଲେ ବି ସେଥିରୁ ସେ ଆନନ୍ଦ ରୂପକ ସୁଖ ପାଇ ପାରି ନ ଥାଏ। ଦୁଃଖ ବେଳରେ ସଞ୍ଚିତ ଧନ ସୁଖ ବେଳେ କାମରେ ଲାଗି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଖିଲେ କଥା ନ କହି**
**ନ ଦେଖିଲେ କାନ୍ଦୁଥାଇ,**
**ମୋରି ପିଣ୍ଡାରେ ବସି**
**ମୋତେ କରୁ ପରିହାସୀ।**

ଉପର ଠାଉରିଆ ଭଲ ପାଇବା। ସମ୍ପୂର୍ଣ୍ଣ ଆନ୍ତରିକତା ନ ଥାଇ ଆନ୍ତରିକତା ଅଛି ବୋଲି ପ୍ରକାଶ କରିବା। ମନରେ ଛନ୍ଦ କପଟ ରଖି ଉପରକୁ ଭଲ ବୋଲି ଦେଖେଇହେବା। ଛଳନା ଏବଂ କପଟର ଇଏ ବି ଏକ ରୂପ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ

# ‘ଚାଷୀଙ୍କ ସହ ସରକାର’

**ଫୁଲବାଣୀ ଅଫିସ/କ.ନୂଆଗାଁ, ୯।୩**

କନ୍ଧମାଳରେ ଏ ବିରାଟ ଜନ ସମାବେଶ ଦେଖି ମୁଁ ବହୁତ ଖୁସି। କାଳିଆ ଯୋଜନାରେ ବିନା ସୁଧରେ ଚାଷୀଙ୍କୁ ସହାୟତା ଦିଆଯାଉଛି। ଲକ୍ଷ ଲକ୍ଷ ଚାଷୀ ସହାୟତା ପାଇଲେଣି। ଯେଉଁ ଚାଷୀମାନେ ସହାୟତା ପାଇନାହାନ୍ତି ସେମାନଙ୍କ ତାଲିକା ପଞ୍ଚାୟତକୁ ଦିଆଯାଇଛି। ଏପ୍ରିଲ ୧ରୁ ସମସ୍ତେ ଏହି ସହାୟତା ପାଇବେ। କେହି ଯେପରି ଏଥିରୁ ବଞ୍ଚିତ ନ ହେବେ, ସେଥିପ୍ରତି ପ୍ରାଧାନ୍ୟ ଦିଆଯାଉଛି। କେତେକ ବିରୋଧୀ ଚାଷୀଙ୍କୁ ଏହି ଋଣ ପ୍ରଦାନ କରାଯାଉଥିବା କଥା କହୁଛନ୍ତି। ଏହି ଟଙ୍କା ଆପଣମାନଙ୍କର। ଏହି ଟଙ୍କାକୁ ଚାଷରେ ଲଗାନ୍ତୁ। ମୁଁ କନ୍ଧମାଳକୁ ସ୍ୱତନ୍ତ୍ର ଦୃଷ୍ଟି ଦେଉଛି। କାଳିଆ ଯୋଜନା ସାରା ଦେଶକୁ ବାଟ ଦେଖାଇଛି। ମୋ ସରକାର ଚାଷୀ ଗରିବ ଲୋକଙ୍କ ସହ ରହିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର କନ୍ଧମାଳର କ.ନୂଆଗାଁ ବ୍ଲକ ମାହାସିଙ୍ଗିରେ କାଳିଆ ଓ ମିଶନଶକ୍ତି ସମାବେଶରେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

୨୭ ଦିନ ବ୍ୟବଧାନ ପରେ ମୁଖ୍ୟମନ୍ତ୍ରୀଙ୍କର ଏହା ଥିଲା କନ୍ଧମାଳକୁ ଦ୍ୱିତୀୟ ଗସ୍ତ। ପୂର୍ବାହ୍ନ ୧୧ଟା ୪୫ରେ ମୁଖ୍ୟମନ୍ତ୍ରୀ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲେ ହେଁ ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ୪୫ ମିନିଟ୍ ବିଳମ୍ବରେ ଆସି ସଭାରେ ଯୋଗଦେଇଥିଲେ। ପାଖରେ ମୁଖ୍ୟମନ୍ତ୍ରୀଙ୍କୁ ପାଇ ଚାଷୀ ଏବଂ ମହିଳାମାନେ ବେଶ ଉତ୍ସାହିତ ହୋଇପଡିଥିଲେ। ସଭାରେ ଜି.ଉଦୟଗିରି ମିଶନ ଶକ୍ତି ସଦସ୍ୟା କୁମୁଦିନୀ ଦିଗାଲ ଓ ମାମୁନି ପ୍ରଧାନ ମହିଳା ସଶକ୍ତୀକରଣ ଉପରେ ମତ ରଖିଥିଲେ। ଦାରିଙ୍ଗବାଡିର ଚାଷୀ ସଦାନନ୍ଦ ପୂଜାରୀ ଏବଂ ପ୍ରଶାନ୍ତ ପ୍ରଧାନ କାଳିଆ ସହାୟତା ଉପରେ ନିଜର ଅନୁଭୂତି ବଖାଣିଥିଲେ। ଏହି ଅବସରରେ ମିଶନଶକ୍ତିର ୧୨ ଜଣ ମହିଳା ଏବଂ ୧୨ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ଚାଷୀ ଏହି ସମାବେଶରେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କନ୍ଧମାଳ ଗସ୍ତରେ ଆସି ଫୁଲବାଣୀ ଷ୍ଟାଡିୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିବା ସହ ବିଜୁ ଯୁବ ବାହିନୀ ଆଞ୍ଚଳିକ ସମାବେଶରେ ଉଦ୍‌ବୋଧନ ଦେଇଥିଲେ।


**ODISHA STATE BEVERAGES CORPORATION LTD.**
(A Government of Odisha Undertaking)
2nd Floor, Fortune Towers, Chandrasekharpur, Bhubaneswar - 751023 (Odisha)
CIN: U51228OR2000SGC006372
Tel.: 0674-2303972 (O), E-mail: osbcltd@gmail.com
Website: www.osbc.co.in
File No.: 2593/OSBC/893 Date: 08.03.19

**CORRIGENDUM**

No.: CAD-1574: It is for information of all concerned that the period of availability of tender notice mentioned in the advertisement on 15.02.2019 for intending godown/warehouse owners for leasing out their existing godown/warehouses situated in and around Khurda to Odisha State Beverages Corporation Ltd. for storing of India Made Foreign Liquor/Beer/Country Liquor is hereby revised and the last date and time of submission of sealed tender is **28.03.2019** at 3.00 P.M. instead of 11.03.2019. All other terms and conditions of the advertisement in website of the corporation i.e. **https://osbc.co.in** remain unchanged.

36003/11/0009/1819 Sd./- General Manager (Admn.)



**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


## ଦୁର୍ଘଟଣାରେ ଗଲା ୪ ଜୀବନ

**ଏଟାୱା, ୯।୩ (ପି.ଟି.):** ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଶନିବାର ଭୋର ସମୟରେ କାର୍-ଟ୍ରକ ଦୁର୍ଘଟଣାରେ ଗୋଟିଏ ପରିବାରର ୩ ସଦସ୍ୟଙ୍କ ସମେତ କାର୍‌ର ଡ୍ରାଇଭର ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ ଅରୁଣ ସିହ୍ନା(୫୨), ତାଙ୍କ ସ୍ତ୍ରୀ ରେଖା(୫୦), ପୁଅ ଅମିତ୍ ଏବଂ ଡ୍ରାଇଭର ରବୀନ୍ଦ୍ର ବିଶ୍ୱକର୍ମା। ଅରୁଣଙ୍କ ଝିଅ ଶ୍ୱେତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ପରିବାର ଲୋକେ ବାରାଣସୀରୁ କାର୍‌ରେ ଫେରୁଥିଲେ ବୋଲି ଏଏସ୍‌ପି ରାମନ୍ଦବଦନ ସିଂ କହିଛନ୍ତି।

# ୧,୦୦୦ କେଜି ବିସ୍ଫୋରକ ଜବତ




ଜବତ ବିସ୍ଫୋରକ ସାମଗ୍ରୀ।

**ବସ୍ତା/ରୂପ୍‌ସା, ୯।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳରୁ ଏକ ଟ୍ରକ ଯୋଗେ ଚାଲାଣ ହେଉଥିବା ପ୍ରାୟ ୧୦ କୁଇଣ୍ଟାଲ ବିସ୍ଫୋରକ ସାମଗ୍ରୀକୁ ପଶ୍ଚିମବଙ୍ଗ ପୋଲିସ ଜବତ କରିଛି। ଶୁକ୍ରବାର ରାତି ୯ଟା ବେଳେ ଓଡ଼ିଶା ସୀମାଠାରୁ ଅନତି ଦୂର ୧୬ ନମ୍ବର ଜାତୀୟ ରାଜପଥ ଜାନ୍ତୁନ ନିକଟସ୍ଥ ଅଞ୍ଚଳରେ ପୋଲିସ ଚଢାଉ କରି ବିସ୍ଫୋରକ ସାମଗ୍ରୀ ବୋଝେଇ ଟ୍ରକ ଧରିବା ସହ ଏହାର ଡ୍ରାଇଭର ଓ ଅନ୍ୟ ଜଣେ ସହଯୋଗୀଙ୍କୁ ଗିରଫ କରିଛି। ଏହି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ କେଉଁଠାରୁ କେଉଁ ସ୍ଥାନକୁ ଚାଲାଣ ହେଉଥିଲା ତାହା ସ୍ପଷ୍ଟ ହୋଇନାହିଁ।

ପୋଲିସ ସୂଚନା ଅନୁଯାୟୀ ଶୁକ୍ରବାର ଅପରାହ୍ନରେ ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ବାମଡ଼ା ଗ୍ରାମରୁ ବିସ୍ଫୋରକ ସାମଗ୍ରୀ ବୋଝେଇ ଟ୍ରକ ପଶ୍ଚିମବଙ୍ଗ ଅଭିମୁଖେ ବାହାରିଥିଲା। ଦାନ୍ତୁନଠାରୁ ୧୨ କି.ମି. ଦୂର ତୁର୍କା ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳକୁ ଏହି ସାମଗ୍ରୀ ନିଆଯାଉଥିଲା ବୋଲି ଟ୍ରକ ଚାଳକ ସୂଚନା ଦେଇଥିବା କଥା ପୋଲିସ କହିଛି। ବିସ୍ଫୋରକ ସାମଗ୍ରୀ ଚାଲାଣ ଉପରେ କଡା କଟକଣା ଥିବା ସତ୍ତ୍ୱେ ଏହା ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଚେକ୍‌ଗେଟ୍ କିପରି ପାରି ହୋଇଗଲା ତାହା ସନ୍ଦେହର କାରଣ ହୋଇଛି। ପଶ୍ଚିମବଙ୍ଗ ପୋଲିସ ଗିରଫ ଡ୍ରାଇଭର ଓ ତାଙ୍କ ସହଯୋଗୀଙ୍କୁ ପଚରାଉଚୁରା ଚଳାଇଥିଲେ ମଧ୍ୟ ସବିଶେଷ ତଥ୍ୟ ଦେଇନାହିଁ। ବାଣ ତିଆରିରେ ଲାଗୁଥିବା ବାରୁଦ ଟ୍ରକରେ ନିଆଯାଇଥିବା ଚର୍ଚ୍ଚା ହେଉଛି। ପଶ୍ଚିମବଙ୍ଗ ପୋଲିସ ସୂଚନା ଅନୁଯାୟୀ ଜବତ ବିସ୍ଫୋରକ ବୋଝେଇ ଟ୍ରକର ମାଲିକ ହେଲେ ରୂପସା ଅଞ୍ଚଳର ତପନ ମହାପାତ୍ର । ଟ୍ରକ ଚାଳକ ଇନ୍ଦ୍ରଜିତ୍‌ଙ୍କ ଘର ବସ୍ତା ଥାନା ଅଞ୍ଚଳରେ। ତାଙ୍କ ସହଯୋଗୀ ପଦ୍ମଲୋଚନଙ୍କ ଘର ମଥାନୀ ଗ୍ରାମରେ। ଘଟଣା ସମ୍ପର୍କରେ ଟ୍ରକ ମାଲିକଙ୍କ ସହ ଯୋଗାଯୋଗ କରାଯିବାରୁ ସେଥିରେ ବିସ୍ଫୋରକ ସାମଗ୍ରୀ ନୁହେଁ, ସର୍ଫ ବୋଝେଇ ହୋଇ ଯାଉଥିଲା ବୋଲି କହିଛନ୍ତି। କିନ୍ତୁ ଟ୍ରକ ଚାଳକ ବାରୁଦ ଚାଲାଣ କଥା ସ୍ୱୀକାର କରିବା ସହ ଏହାର କାଗଜପତ୍ର ରହିଥିବା ପଶ୍ଚିମବଙ୍ଗ ପୋଲିସକୁ କୁଆଡେ ସୂଚନା ଦେଇଛନ୍ତି। ଏଭଳି ପରିସ୍ଥିତିରେ ଚୋରା ବିସ୍ଫୋରକ ସାମଗ୍ରୀ ଚାଲାଣ ପଛରେ କାହାର ହାତ ଅଛି ତାହା ରହସ୍ୟ ଘେରରେ ରହିଛି। ଚାଳକଙ୍କ ସହଯୋଗୀ କୁହାଯାଉଥିବା ପଦ୍ମଲୋଚନ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାମ କରୁଥିବା ତାଙ୍କ ପରିବାରବର୍ଗ ପ୍ରକାଶ କରିଛନ୍ତି। ଟ୍ରକ ଚାଳକ ଇନ୍ଦ୍ରଜିତ ଶୁକ୍ରବାର ଟ୍ରକ ନେଇ ଯିବା ବେଳେ ତାଙ୍କୁ ସାଥୀରେ ଡାକି ନେଇଯାଇଥଲେ। ସ୍ଥାନୀୟ ବସ୍ତା ଥାନା ଆଇଆଇସି ଧନେଶ୍ୱର ସାହୁ, ରୂପ୍‌ସା ଥାନା ଓଆଇସି ସୁଚିନ୍ଦ୍ର ମହାଳିକ ଓ ଏସ୍‌ଡିପିଓ ରଣଜିତ ପୃଷ୍ଟିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେମାନେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।


**OFFICE OF THE SUPERINTENDING ENGINEER**
**BALANGIR (R&B) CIRCLE, BALANGIR**
Email : sepwdbalangir@gmail.com, Phone No. (06652) 231866

**OFFICE ORDER**
Bid Identification No. SE(R&B) BGR/18/2018-19
No. 648/Date: 07.03.2019

No.1389-B: Tender for the Work : “Improvement to Road from NH-57 (Hotel Progress Inn) to Sonepur-Sardhapali road from 0/0 KM to 0/800 KM in the District of Subarnapur for the year 2018-19” in Bid Identification No. SE(R&B) BGR/18/2018-19 is hereby cancelled on technical ground.

Sd./- Superitending Engineer, Balangir (R&B) Circle, Balangir
34131/11/0051/1819



**Government of Odisha,**
**e- Procurement Notice**
**INVITATION FOR BIDS (IFB)**
**Bid Identification No. S.E.Dkl.(R&B) 21/2018-19**
**Email Id-sedklpwd@gmail.com**

**Letter No /Dt.**

**No.1392-B:-** The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road and Building works as detailed in the table below:

| | | | |
|---|---|---|---|
| 1. | Name of the work | : | Road and Building works |
| 2. | No of works | : | 3 (Three) Nos |
| 3. | Estimated Cost | : | Rs.2,06,55,875/- to Rs. 2,72,96,405/- |
| 4. | Cost of tender paper | : | Rs 10,000.00 |
| 5. | Class of contractor | : | “B” & “A” Class |
| 6. | Period of Completion of work | : | 5 (Five) to 9 (Nine) Calendar months |
| 7. | Date and time of availability of bid Document in the website | : | From Dt.14.03.2019 to 16.00 hours of Dt.28.03.2019 |
| 8. | Date of opening of bid | : | Dt.29.03.2019 at 11.30 hours. |

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Superintending Engineer
Dhenkanal(R&B) Circle,
Dhenkanal
34132/11/0031/1819



**ODISHA STATE HOUSING BOARD**
SACHIVALAYA MARG, BHUBANESWAR-751001, Phones EPABX: (0674) 2393524, 2390141, 2391542, 2393277, Fax: (0674) 2393952, Visit us at: http://www.oshb.org

No. 205/OSHB Dated 07.03.2019

**BID IDENTIFICATION NO-12/ CE/OSHB/2018-19**
**E-procurement notice for online bidding**
Chief Engineer, OSHB invites online bids as per the following schedule

| Sl. No. | Name of the work | Value of the Work (Rs. lakh) | Concerned T.I.A | Security Amount (Rs. lakh) (Online) | Cost of Bid Docment (Rs.) (Online) | Class of Bidder | Period of completion |
|---|---|---|---|---|---|---|---|
| 1 | Supply, installation, testing and commissioning of 03 Nos. of 10 (ten) passenger lifts, 01 No. of 13 (thirteen) passenger lift and 02 Nos. of Goods lifts including supply and installation of Servo stabilizers and comprehensive annual maintenance (CMC) for two years excluding the OEM provided warranty period to the Lift for the work "Multi-Storied residential apartment at Jagamara, Bhubaneswar | 142 | Chief Engineer, OSHB | 1.42 | 10000 + GST (18%) = 11800.00 | Manufacturer | 06 (Six) Calendar months |

1. Other details.

| Procurement Officer | Bid Identification No. | Availability of Bids for online bidding | |
|---|---|---|---|
| Chief Engineer, OSHB, Bhubaneswar | 12/CE/OSHB/2018-19 | From Dt. 19.03.2019 at 1.00 PM | To Dt. 08.04.2019 upto 3.00 PM |

2. Place and date of opening of the bids- Office of the Chief Engineer, OSHB, Bhubaneswar at 12.00 noon on Dt. 10.04.2019.

Further details can be seen from the website **www.tendersodisha.gov.in.**
Any Corrigendum/ addendum shall be published in the website **www.tendersodisha.gov.in** only.

Sd./- Chief Engineer



**GOVERNMENT OF ODISHA**
**DEPARTMENT OF TOURISM** No.R

No. 3181 /TSM. Bhubaneswar, the 08.03.2019
T.Cord-II(S)-68/2019

**1. REQUEST FOR PROPOSAL (RFP) FOR SELECTION OF AGENCY FOR OPERATION & MANAGEMENT OF YATRI NIWAS AT LINGARAJ TEMPLE IN BHUBANESWAR THROUGH PUBLIC PRIVATE PARTNERSHIP**

Department of Tourism, Government of Odisha invites proposals from the intended firms for Operation & Management of Yatrinivas at Lingaraj Temple in Bhubaneswar through Public Private Partnership (PPP). The last date for receipt of application is 12.04.2019 upto 3 PM. The technical proposal shall be opened on the same date at 4 PM in the presence of the bidder's representative.

**2. REQUEST FOR PROPOSAL (RFP) FOR SELECTION OF AGENCY FOR OPERATION & MANAGEMENT OF PARKING AREA, PUBLIC TOILETS AND GOLFCARTS AT LINGARAJ TEMPLE IN BHUBANESWAR UNDER PUBLIC PRIVATE PARTNERSHIP**

Department of Tourism, Government of Odisha invites proposals from the intended firms for Operation & Management of parking area, public toilets and Golf Carts at Lingaraj Temple in Bhubaneswar under Public Private Partnership (PPP). The last date for receipt of application is 13.04.2019 upto 3 PM. The technical proposal shall be opened on the same date at 4 PM in the presence of the bidder's representative.

**3. EXPRESSION OF INTEREST (EOI) FOR EMPANELMENT OF PROFESSIONAL ARCHITECTURE FIRMS/ CONSULTING FIRMS FOR DEVELOPMENT OF TOURISM PROJECTS IN ODISHA.**

Department of Tourism, Government of Odisha invites proposals from the intended firms for Empanelment of Professional Architecture Firms/ Consulting Firms for Development of Tourism Projects in Odisha. The last date for receipt of application is 23.03.2019 upto 3 PM. The proposal shall be opened on the same date at 4 PM in the presence of the bidder's representative.

The above RFP/ EOI documents can be seen and downloaded from the Department's website https://dot.odishatourism.gov.in/?q=tender. The authority reserves the right to reject all or any of the proposals without assigning any reason whatsoever and cancel the entire bidding process.

37001/11/0103/1819 Sd./- Deputy Director, Tourism



# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 I www.goldcash.co
Visit the Nearest Gold Cash Branch in your City

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ।
୨% ସୁଧ ୫୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663


**ପାଠକଙ୍କ ପାଇଁ ସୂଚନା** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୦ ମାର୍ଚ୍ଚ, ୨୦୧୯



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଆଦିମକାଳରୁ ନାରୀ ଶକ୍ତିମୟୀ ଭାବେ ପରିଚିତା

**ହେମଗିର, ୯।୩ (ଡି.ଏନ.ଏ)**- ହେମଗିର ବ୍ଲକର ଗର୍ଜନଯୋର ପଞ୍ଚାୟତ ଅନ୍ତର୍ଗତ ନୂଆଁଡିହିଠାରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଷମା ପଟେଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସରପଞ୍ଚ ତୀର୍ଥରାଜ ବିଶ୍ୱାଳ, ନାଏବ ସରପଞ୍ଚ ବୁଦ୍ଧିମତୀ ଧୃଆ, ମହିଳା ସଂଗ୍ରାମ ସମିତିର ବ୍ଲକ ସଭାପତି ସୁକେଶୀ କୁଦେଇ, ସ୍ୱେଚ୍ଛାଗ୍ରାହୀ କବିତା ସା ପ୍ରମୁଖ ଯୋଗଦେଇଥିଲେ। ବର୍ତ୍ତମାନ ପ୍ରତ୍ୟେକ ମହିଳା ପୁରୁଷଙ୍କ ସହିତ ପାଦକୁ ପାଦ ମିଳାଇ ଚାଲୁଥିବା ବେଳେ ଆଦିମକାଳରୁ ନାରୀ ଶକ୍ତିମୟୀ ଭାବେ ପରିଚିତା। ଆଜିର ନାରୀ ଆଉ ଅବଳା, ଦୁର୍ବଳା ନ ହୋଇ ପ୍ରତ୍ୟେକ କ୍ଷେତ୍ରରେ ଛିଡା ହେବାକୁ ସକ୍ଷମ ହୋଇପାରିଛି ବୋଲି ମୁଖ୍ୟଅତିଥି ତାଙ୍କର ବକ୍ତବ୍ୟରେ କହିଥିଲେ। ଏହି ଅବସରରେ କୁନି କୁନି ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟଗୀତର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ମଧ ପ୍ରଦାନ କରାଯାଇଥିଲା । ଏଥିରେ ୱାର୍ଡ ସଭ୍ୟା ପାର୍ବତୀ ପଟେଲ, ମହିଳା ସଂଗ୍ରାମ ସମିତିର ସମ୍ପାଦିକା ଜେମାଦେଇ ପଧାନ, ବ୍ଲକ ସଂଯୋଜିକା ରୀନା ବେହେରା, ପଶ୍ଚିମ ଓଡିଶା ମହିଳା ଶ୍ରମଜିବୀ ମଞ୍ଚର ସଂଯୋଜକ ବୈକୁଣ୍ଠ ସିଂ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ପର୍ଶୁରାମ ସା ପରିଚାଳନା କରିଥିଲେ। ହେମଗିର ସଂଗ୍ରାମ ସମିତି ଆୟୋଜନ କରିଥିଲେ।

### ଜୁଆଆଡ୍ଡା ଉପରେ ଚଢ଼ାଉ: ଜଣେ ଗିରଫ, ଟଙ୍କା ତାସ ଜବତ

**ଲହୁଣୀପଡା, ୯।୩ (ଡି.ଏନ.ଏ)**- ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଟିପୁପଡା ଗ୍ରାମର ବିଲ ମଝିରେ ଚାଲିଥିବା ଜୁଆଆଡ୍ଡା ଉପରେ ଶୁକ୍ରବାର ରାତିରେ ପୋଲିସ ଅତର୍କିତ ଚଢ଼ାଉ କରି ପାଞ୍ଚଟା ବାଇକ, ନଗଦ ଟଙ୍କା ଜବତ କରିଛି। ସମ୍ପୃକ୍ତ ଏମଡି ଏସଗର (୩୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବିଲ ମଝିରେ ଜୁଆଖେଳ ଚାଲୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲାବେଳେ ୯ ବ୍ୟକ୍ତି ଦୌଡି ପଳାଇଥିଲେ। ଓଡି ୧୪ ଡି- ୮୦୬୯, ଓଡି ୧୪ କ୍ୟୁ- ୮୯୪୦. ଓଡି ୧୪ କେ- ୪୬୨୫, ଓଆର୍ ୧୪ ଏଚ- ୪୨୦୧, ଓଡି ୧୪ ବି- ୫୧୩୬ ପାଞ୍ଚୋଟି ବାଇକ ଜବତ କରିବା ସହିତ ନଗଦ ଚାରି ହଜାରରୁ ଉର୍ଦ୍ଧ୍ୱ ଟଙ୍କା, ତାସ, ପାଲ ଜବତ କରିଛି।

# ରାଜନୈତିକ ବାତାବରଣ ସରଗରମ

**ଲେଫ୍ରିପଡା,୯।୩ (ଡି.ଏନ,ଏ)**



ଲେଫ୍ରିପଡାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟମାନେ ମଞ୍ଚାସୀନ।

**ଲେଫ୍ରିପଡ଼ା**
- କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ମାରାଥନ ଗସ୍ତ
- ବୈଠକ ଗୃହ ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ କଲେ
- ବହୁ କଂଗ୍ରେସ ନେତା ଭାଜପାରେ ମିଶିଲେ
- ବ୍ଲକ୍ ଉପାଧ୍ୟକ୍ଷ ବି ଭାଜପାରେ ମିଶିଲେ

ସୁନ୍ଦରଗଡ ଜିଲା ଲେଫ୍ରିପଡା ଜୟରାମ ହାଇସ୍କୁଲ ଖେଳ ପଡିଆରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ହେଲିକେପ୍ଟର ଯୋଗେ ଆସି ସ୍ଥାନୀୟ ଜୟରାମ ହାଇସ୍କୁଲଠାରେ ବୈଠକ ଗୃହ ସକାଶେ କୋଡିଏ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରି ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଆୟୋଜିତ ସମାବେଶରେ ବର୍ତ୍ତମାନ ଦେଶର ବିକାଶ ଏବଂ ସୁରକ୍ଷା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ପୂର୍ବରୁ ବିଗତ ସରକାର ସମୟରେ ଦେଶକୁ ଶତ୍ରୁ ନାଲି ଆଖି ଦେଖାଇ ଦେଶର ଯବାନମାନଙ୍କୁ ଆକ୍ରମଣ କରି ଆସୁଥିବା ବେଳେ ଫୁଲୱାମା ଆକ୍ରମଣରେ ଶତ୍ରୁମାନେ ଦେଶର ୪୦ଜଣ ଯବାନଙ୍କୁ ଆକ୍ରମଣ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଚାଳିଶ ବଦଳରେ ଚାରିଶହ ଶତ୍ରୁଙ୍କୁ ଆକ୍ରମଣ କରି ଦେଶର ପରିଚୟ ପ୍ରଦାନ କରିଛନ୍ତି ବୋଲି କହିଥିଲେ। ଅନ୍ୟ ପକ୍ଷରେ ରାଜ୍ୟକୁ କେନ୍ଦ୍ର ସରକାର ପକ୍ଷରୁ ବହୁ ସଂଖ୍ୟାରେ ପାଣ୍ଠି ପ୍ରଦାନ କରାଯାଉଥିଲେ ମଧ୍ୟ ରାଜ୍ୟର ବିଜେଡି ସରକାର ଖର୍ଚ୍ଚ କରିପାରୁ ନାହାନ୍ତି। ରାଜ୍ୟ ସରକାରଙ୍କୁ କେତେ ଜଣ ଅଫିସର ଚଳାଇ ଆସୁଥିବାରୁ ରାଜ୍ୟରେ ଅରାଜକତା ସୃଷ୍ଟି ହୋଇଛି। ତେଣୁ ଆସନ୍ତା ନିର୍ବାଚନରେ ରାଜ୍ୟରେ ଏବଂ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ପ୍ରାର୍ଥୀମାନଙ୍କୁ ବହୁ ସଂଖ୍ୟାରେ ମତଦାନ ପ୍ରଦାନ କରି ନିର୍ବାଚିତ କରିବା ପାଇଁ ଆହ୍ୱାନ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ପକ୍ଷରୁ ପ୍ରାୟ ୨୦କୋଟିରୁ ଉର୍ଦ୍ଧ୍ୱ ଅନୁଦାନ ରାଶି ଲେଫ୍ରିପଡା ବ୍ଲକ୍‌କୁ ପ୍ରଦାନ କରାଯାଇଥିବା ଘୋଷଣା କରାଯାଇଥିଲା। କେନ୍ଦ୍ରମନ୍ତ୍ରୀଙ୍କ ଲେଫ୍ରିପଡା ବ୍ଲକ୍ ପ୍ରତିନିଧି କୌତୁକ ଚୌଧୁରୀଙ୍କ ସଭାପତିତ୍ୱରେ ସୁନ୍ଦରଗଡ ଜିଲା ବରିଷ୍ଠ ଭାଜପା ନେତା ସହଦେବ ଖାଖା,ସଦର ବ୍ଲକ୍ ସଭାପତି ଯଶୋବନ୍ତ ନାଏକ, ଜିଲା ପରିଷଦ ସଭ୍ୟା ବାସନ୍ତୀ ବାରିକ, ଧ୍ରୁବ କାଲୋ, ଭବାନୀ ଭୋଇ, ଡା. ହିମାଂଶୁ ଷଡଙ୍ଗୀ, ସୁରେନ୍ଦ୍ର ସ୍ୱର୍ଣ୍ଣକାର ପ୍ରମୁଖ ନେତୃମଣ୍ଡଳୀ ଯୋଗଦାନ କରି ମଞ୍ଚାସୀନ ରହିଥିଲେ। ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରୁ ଭାଜପାକୁ ଲେଫ୍ରିପଡା ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ, ଡୁମାବାହଲ ପୂର୍ବତନ ସମିତି ସଭ୍ୟ ଯୋଗେନ୍ଦ୍ର ସାହୁ, ସରପଗଡ ସରପଞ୍ଚ ପୂର୍ଣ୍ଣମା ଝାମ୍, ସମିତି ସଭ୍ୟ ଡିଲେଶ୍ୱର ଲାରଙ୍ଗ, ନାଏବ ସରପଞ୍ଚ ରୋମାଞ୍ଚ ପ୍ରଧାନ, ଗରିଙ୍ଗକେଲା ପଞ୍ଚାୟତର ୱାର୍ଡସଭ୍ୟ ମାଧବ କିଶାନ, ସୁଦିପ୍ତ ପଟେଲ ପ୍ରମୁଖ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲେଫ୍ରିପଡା ଭାଜପା ଯୁବ ମୋର୍ଚ୍ଚା ସଭାପତି କ୍ଷୀରୋଦ ସାହୁ, ସପ୍ନ ଦଣ୍ଡସନା, ଉଦିତ କୁମାର ନାଏକ, ସୁଦିପ ପଟେଲ, ମଣ୍ଡଳ ସଭାପତି ସୁନିଲ ପଟେଲ, ହୀରାଧର ମାଝୀ ସମେତ ବହୁ ସଂଖ୍ୟାରେ ଭାଜପା କର୍ମୀ ଏବଂ ଅଞ୍ଚଳର ଜନସାଧାରଣ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁକ୍ତେଶ୍ୱର ବୁଡା ମଞ୍ଚ ପରିଚାଳନା କରିଥିଲେ। ବ୍ଲକ୍ ଉପାଧ୍ୟକ୍ଷଙ୍କ ଦଳ ପରିବର୍ତ୍ତନ ନେଇ ବ୍ଲକ ରାଜନୀତିରେ ବର୍ତ୍ତମାନ କଂଗ୍ରେସ ମହଲରେ ସରଗରମ ହୋଇଛି।

### ଲୁଟ୍ ଉଦ୍ୟମ କରୁଥିବା ଯୁବକ ଗିରଫ

**ଲହୁଣୀପଡା, ୯।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ମଦନ ମୁଣ୍ଡା ଛକରେ ଗୁରୁବାର ରାତି ପ୍ରାୟ ୮ଟା ବେଳେ ମୋବାଇଲ ଓ ବାଇକ ଲୁଟିବା ଉଦ୍ୟମ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିବା ସହିତ ବାଇକ ଜବତ କରିଛି। ସାଲେଇପାଲି ଗ୍ରାମର ମୋତିଲାଲ ଓରାମ ନିକଟସ୍ଥ ଇଟାଭାଟିରେ କାମ କରନ୍ତି। ସେ ଗୁରୁବାର ରାତି ପ୍ରାୟ ୮ଟାବେଳେ କାମ ସାରି ନିଜ ବାଇକ ଯୋଗେ ଘରକୁ ଆସୁଥିଲେ। ମଦନ ମୁଣ୍ଡା ଛକରେ ତିନି ଜଣ ଯୁବକ ମୋତିଲାଲଙ୍କୁ ଅଟକାଇ ମାରପିଟ କରିବା ସହିତ ବାଇକ ଓ ମୋବାଇଲ ଛଡାଇ ନେବା ପାଇଁ ଉଦ୍ୟମ କରୁଥିଲେ। ମୋତିଲାଲ ଚିତ୍କାର କରିଥିଲେ। ଫଳରେ ଚିତ୍କାର ଶୁଣି କେତେଜଣ ସ୍ଥାନୀୟ ଲୋକ ପହଞ୍ଚିବା ଦେଖି ଦୁଇ ଜଣ ଦୌଡି ପଳାଇଥିଲେ। ଜଣଙ୍କୁ କାବୁ କରିଥିଲେ। ତାଙ୍କୁ ଉତ୍ତମ ମଧ୍ୟମ ଦେଇ ପୋଲିସ ଜିମା ଦେଇଥିଲେ। ପୋଲିସକୁ ଜିମା ଦେଇଥିବା ବ୍ୟକ୍ତି ହେଲେ ଚାନ୍ଦିପୋଷ ଥାନା ଚାନ୍ଦିପୋଷ ରେଳୱେ କଲୋନୀର ଅଭିଷେକ ଓରାମ (୧୯)। ସେମାନେ ଆସିଥିବା ବାଇକ ଓଆର୍ ୧୪ ଏମ– ୭୩୬୬କୁ ଜବତ କରିବା ସହିତ ଅଭିଷେକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ଝାଡ଼ଖଣ୍ଡ ପାର୍ଟି ପକ୍ଷରୁ ଜନସମ୍ପର୍କ ସଭା

**କୁଆଁରମୁଣ୍ଡା,୯।୩ (ଡି.ଏନ.ଏ.)**

ଆସନ୍ତା ସାଧାରଣ ନିର୍ବାଚନରେ ଓଡିଶାର ସୁନ୍ଦରଗଡ଼ ଜିଲାରେ ଝାଡ଼ଖଣ୍ଡ ପାର୍ଟି ଆଦିବାସୀମାନଙ୍କର ଜଳ, ଜମି, ଜଙ୍ଗଲ ଭଳି ମୌଳିକ ଅଧିକାରଗୁଡିକର ସୁରକ୍ଷାକୁ ନେଇ ନିର୍ବାଚନ ଲଢିବ ବୋଲି ଶୁକ୍ରବାର କୁଆଁରମୁଣ୍ଡା ବ୍ଲକର ସଲଙ୍ଗାବାହାଲଠାରେ ଆୟୋଜିତ ଏକ ଜନସମ୍ପର୍କ ସଭାରେ ଯୋଗଦେଇ ପାର୍ଟିର ରାଜ୍ୟ ସଭାପତି ଲକ୍ଷ୍ମୀଧର ସା କହିଛନ୍ତି। ଜଙ୍ଗଲରେ ବସବାସ କରୁଥିବା ଲୋକଙ୍କ ନ୍ୟାର୍ଯ୍ୟ ଦାବିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଝାଡ଼ଖଣ୍ଡ ପାର୍ଟି ସଦାସର୍ବଦା ଆନ୍ଦୋଳନ କରିଆସୁଛି। ଏଥିପାଇଁ ଆଗାମୀ ସାଧାରଣ ନିର୍ବାଚନରେ ସୁନ୍ଦରଗଡ଼ ଜିଲାରେ ଝାଡଖଣ୍ଡ ପାର୍ଟିର ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ରାଜ୍ୟ ସଭାପତି ସା ଉପସ୍ଥିତ କର୍ମୀ ଓ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି। ଏହି ଜନସମ୍ପର୍କ ସଭାରେ ଶରତ କୁମାର ଅମାତ, ପାତ୍ରାସ ଟେଟେ, ରାମସେବକ ସାହୁ, ମାଥିଆସ ଯୋଯୋ, ସତ୍ୟବାନ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ସଲଙ୍ଗାବାହାଲଠାରେ ଝାଡ଼ଖଣ୍ଡ ପାର୍ଟି ପକ୍ଷରୁ ଆୟୋଜିତ ଜନସମ୍ପର୍କ ସଭାରେ ଉପସ୍ଥିତ ନେତା ଓ କର୍ମୀମାନେ ।



ପ୍ରଥମ ସେମିଫାଇନାଲ ମ୍ୟାଚ୍‌ର ଦୁଇ ପ୍ରତିଦ୍ୱନ୍ଦ୍ୱୀ ବିଳାସପୁର ଓ ରାଞ୍ଚି ଦଳର ଖେଳାଳି ।

### ବେଲପାହାଡ଼ କପ୍ କ୍ରିକେଟ ଟୁର୍ନାମେଣ୍ଟ

## ବିଳାସପୁର, ଝାରସୁଗୁଡ଼ା ଫାଇନାଲକୁ ଉତ୍ତୀର୍ଣ୍ଣ

**ବେଲପାହାଡ଼,୯।୩ (ଡ଼ି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ଟିଆର୍‌ଏଲ ଷ୍ଟାଡ଼ିୟମରେ ଚାଲିଥିବା ବେଲପାହାଡ଼ କପ୍ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଛତିଶଗଡ଼ର ବିଳାସପୁର ଏବଂ ଝାରସୁଗୁଡ଼ାର ପ୍ରୋଗ୍ରେସିଭ ଦଳ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଳାସପୁର ଦଳ ରାଞ୍ଚି ଦଳକୁ ୧୩ ରନ୍‌ରେ ପରାସ୍ତ କରିଥିବା ବେଳେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ଦଳ ବେଲପାହାଡ଼ର ଲିଓ ଯୁଥ ଆସୋସିଏଶନକୁ ୭ ରନ୍‌ରେ ପରାସ୍ତ କରିଛି। ଆସନ୍ତା ରବିବାର ସକାଳେ ଦୁଇ ବିଜୟୀ ଦଳକୁ ନେଇ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଶନିବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ବିଳାସପୁର ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା ଏବଂ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୨୩ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ରାଞ୍ଚି ୧୯.୪ ଓଭରରେ ୧୦ ଉଇକେଟ ହରାଇ ମାତ୍ର ୧୦୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ରାଞ୍ଚି ଦଳର ବୋଲର୍ କୁଲଦିପ ଶର୍ମା ଓ ନବନିତ ବିଳାସପୁର ଦଳର ୨ଟି ଲେଖାଏଁ ଉଇକେଟ ଧରାଶାୟୀ କରିଥିବା ବେଳେ ବିଳାସପୁର ଦଳର ବୋଲର୍ ଅକ୍ଷୟ ରାଞ୍ଚି ଦଳର ୨ ଉଇକେଟ ଧରାଶାୟୀ କରିଥିଲେ। ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ସର୍ବାଧିକ ୪୦ ବଲ୍‌ରେ ୩୯ ରନ କରିଥିବା ବିଳାସପୁର ଦଳର ବ୍ୟାଟ୍ସମ୍ୟାନ ସନି ପାଣ୍ଡେଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା ଏବଂ ୧୫ ଓଭରରେ ୫ ଉଇକଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା । ଦ୍ୱିତୀୟ ଇନିଂସରେ ବେଲପାହାଡ଼ର ଲିଓ ଯୁଥ ଆସୋସିଏଶନ ୧୫ ଓଭରରେ ୧୦ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା । ପ୍ରୋଗ୍ରେସିଭ ଦଳର ବୋଲର୍ ଏମ.ଡ଼ି.ୟାସିନ ଖୁରେଶି ୩ ଓଭରରେ ୧୭ ରନ ଦେଇ ଲିଓ ଦଳର ୪ ଉଇକେଟ ଧରାଶାୟୀ କରିଥିଲେ ଏବଂ ଲିଓ ଦଳର ବୋଲର୍ ଏମ.ଡ଼ି.ସାହାଆଲମ ୨ ଓଭରରେ ୧୫ ରନ୍ ଦେଇ ପ୍ରୋଗ୍ରେସିଭ ଦଳର ୨ ଉଇକେଟ ଧରାଶାୟୀ କରିଥିଲେ । ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ସର୍ବାଧିକ ୪ ଉଇକେଟ ନେଇଥିବା ୟାସିନ କୁରେଶିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି।

# ଆନ୍ଦୋଳନ ନିଷ୍ପତ୍ତିରୁ ଓହରିଲା କ୍ରିୟାନୁଷ୍ଠାନ କମିଟି

**ସୁନ୍ଦରଗଡ଼, ୯।୩ (ଡି.ଏନ୍.ଏ)**





ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆବାହକ ଅଶୋକ କୁମାର ଦାଶ ସୂଚନା ଦେଉଛନ୍ତି।

**ଟ୍ରେଜେରି ଅଚଳ ପ୍ରସଙ୍ଗ**
- ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗ
- ଓଡିଶା ସରକାରଙ୍କ ଆନ୍ତଃବିଭାଗୀୟ କମିଟି ଗଠନ ବିଜ୍ଞପ୍ତି

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗରେ ପଶ୍ଚିମ ଓଡ଼ିଶା ଓକିଲସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆସନ୍ତା ୧୧ ରୁ ପଶ୍ଚିମ ଓଡିଶାର ସମସ୍ତ ଟ୍ରେଜେରୀକୁ ଅଚଳ କରିବା ନିଷ୍ପତ୍ତିକୁ ବର୍ତ୍ତମାନ ସ୍ଥଗିତ ରଖିବା ପାଇଁ ଘୋଷଣା କରିଛି। ଶନିବାର ସୁନ୍ଦରଗଡ ଜିଲା ଓକିଲସଂଘ କାର୍ଯ୍ୟାଳୟ ଠାରେ ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆବାହକ ଅଶୋକ କୁମାର ଦାଶ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଆବାହକ ଦାଶ କହିଛନ୍ତି ଯେ, ଗତ ୬ ତାରିଖରେ ସୁନ୍ଦରଗଡଠାରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର କୋର କମିଟି ବୈଠକରେ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ରାଜ୍ୟ ସରକାର ତାଙ୍କ ପୂର୍ବ ପ୍ରତିଶ୍ରୁତି ମୁତାବକ ଆନ୍ତଃ ବିଭାଗୀୟ କମିଟି ଗଠନ ସହ କମିଟିର ସଭ୍ୟଙ୍କ ନାମ ଘୋଷଣା କରିବାକୁ ଦାବି କରିଥିଲା। ନଚେତ୍ ଆସନ୍ତା ୧୧ ତାରିଖ ସୋମବାରଠାରୁ ପଶ୍ଚିମ ଓଡିଶାର ସମସ୍ତ ଟ୍ରେଜେରୀ ଅଚଳ କରିବାକୁ ସ୍ଥିର ହୋଇଥିଲା। ଓଡିଶା ସରକାର ଗତ ୮।୩।୨୦୧୯ ରେ ରାଜ୍ୟ ଗୃହ ବିଭାଗ ନୋଟିଫିକେସନ୍ ନଂ. ୧୦୭୮୩ ରେ ଏକ ବିଜ୍ଞପ୍ତି ପ୍ରକାଶ କରି ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛନ୍ତି। ଏହି କମିଟିରେ ଅର୍ଥ ବିଭାଗ, ରାଜସ୍ୱ ବିଭାଗ, ଆଇନ ବିଭାଗର ପ୍ରମୁଖ ସଚିବଙ୍କ ସହିତ ଗୃହ ବିଭାଗର ହାଇକୋର୍ଟ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ସଚିବ ଏହି କମିଟିରେ ଆବାହକ ଅଛନ୍ତି। ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାରଙ୍କ ଏହି ସକରାତ୍ମକ ପଦକ୍ଷେପକୁ କେନ୍ଦ୍ରୀୟ କମିଟି ଗ୍ରହଣ କରିଥିବା ଏବଂ ଆସନ୍ତା ୧୧ ତାରିଖଠାରୁ ହେବାକୁ ଥିବା ଟ୍ରେଜେରୀ ଅଚଳ କାର୍ଯ୍ୟକ୍ରମକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ ଆବାହକ ଦାଶ ଘୋଷଣା କରିଛନ୍ତି। ଏହି କମିଟି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପଦକ୍ଷେପକୁ ତ୍ୱରାନ୍ୱିତ କରି କେନ୍ଦ୍ର ଆଇନମନ୍ତ୍ରୀଙ୍କ ପତ୍ରରେ ଦର୍ଶାଯାଇଥିବା ସମସ୍ତ ତଥ୍ୟକୁ ପୂରଣ କରି ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଯୋଗାଯୋଗ କରି ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେବାକୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ପଶ୍ଚିମ ଓଡିଶାର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ସମସ୍ତ ରାଜନୈତିକ ଦଳ ନେତୃତ୍ୱ ସାମଜିକ କର୍ମୀମାନେ ତତ୍ପରତା ପ୍ରକାଶ ନିମନ୍ତେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ତରଫରୁ ନିବେଦନ କରାଯାଇଛି । ଏହି ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ସଦସ୍ୟ ନିମାଇଁ ଚରଣ ନାଏକ, ଜିଲା ଓକିଲ ସଂଘର ଉପସଭାପତି ସୁରେନ ନାଏକ, ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ବାଗଡିହିବାସୀଙ୍କ ଅନେକ ବର୍ଷର ଦାବି ପୂରଣ ହେଲା

## ଅଟକିଲା ସାଉଥ୍ ବିହାର ଏକ୍ସପ୍ରେସ

**କିର୍ମିରା, ୯।୩ (ଡି.ଏନ.ଏ)**

ଝାରସୁଗୁଡା ଜିଲା ବାଗଡିହି ଗ୍ରାମରେ ରାଜେନ୍ଦ୍ର ନଗର ଦୁର୍ଗ ଏବଂ ଦୁର୍ଗା ରାଜେନ୍ଦ୍ରନଗରର ସାଉଥ ବିହାର ଏକ୍ସପ୍ରେସ ରହଣି ଦାବି ଶେଷରେ ପୂର୍ଣ୍ଣ ହୋଇଛି। ଶନିବାରଠାରୁ ୬ମାସ ପାଇଁ ପରୀକ୍ଷାମୂଳକ ଭାବେ ଏହାକୁ ରହଣି କରାଯାଇଛି। ଯେଉଁଥି ପାଇଁ ଗ୍ରାମବାସୀଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି। ଦିନ ୨ଟା ୨୩ ମିନିଟରେ ଏହି ଟ୍ରେନ ପହଞ୍ଚିବା ପରେ ଗ୍ରାମବାସୀ ଏହାକୁ ସ୍ୱାଗତ କରିଥିଲେ। ଟ୍ରେନ ଚାଳକ, ସହଚାଳକ ଏବଂ ଟ୍ରେନକୁ ଫୁଲମାଲ ଦେଇ ସ୍ୱାଗତ କରିଥିବା ବେଳେ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଟ୍ରେନ ରହଣି ପାଇଁ ଶୁକ୍ରବାର ଦିଲ୍ଲୀ ଯାଇ ରେଳମନ୍ତ୍ରୀଙ୍କୁ ସହ ସାକ୍ଷାତ କରି ଟ୍ରେନ ରହଣିରେ ମୁଖ୍ୟଭୂମିକା ନିର୍ବାହ କରିଥିବା ବିଜୟ ଶର୍ମା, ନୱଲ ଅଗ୍ରୱାଲ, ନିର୍ମଳ ବାଧାନ ମଧ ଏହି ଟ୍ରେନରେ ବସି ପ୍ରଥମେ ବାଗଡିହିରେ ଓହ୍ଲାଇଥିଲେ। ତାଙ୍କୁ ଗ୍ରାମବାସୀ ଫୁଲମାଲ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଟ୍ରେନ ନଂ. ୧୩୨୮୮ ଅପ ପ୍ରତିଦିନ ରାଜେନ୍ଦ୍ର ନଗରରୁ ବାହାରି ଦିନ ୧ଟାରେ ବାଗଡିହି ଷ୍ଟେସନରେ ପହଞ୍ଚିବ ଏବଂ ଦିନ ୧–୨ ମିନିଟରେ ଦୁର୍ଗ ପଟେ ବାହାରିବ। ଅନ୍ୟ ଏକ ଟ୍ରେନ ନଂ. ୧୩୨୮୭ ଡ଼ାଉନ ଦୁର୍ଗରୁ ବାହାରି ୨.୨୨ରେ ଏଠାରେ ପହଞ୍ଚିବ ଏବଂ ୨ମିନିଟ ରହି ୨.୨୪ରେ ଏଠାରୁ ରାଜେନ୍ଦ୍ରନଗରକୁ ଯିବ। ଟ୍ରେନକୁ ସ୍ୱାଗତ ଅବସରରେ ବ୍ରଜରାଜନଗର ବିଧାୟିକା ତଥା ଜିଲା ଭାଜପା ସଭାପତି ରାଧାରାଣୀ ପଣ୍ଡା, ଭାଜପା ନେତା ସୁବାଷ ଚୌହାନ, ଦିନେଶ ଜୈନ, ନରେଶ ନାଏକ ଯୋଗଦେଇଥିଲେ । ଗ୍ରାମବାସୀ ଏହି ଟ୍ରେନ ରହଣି ପାଇଁ ରେଳମନ୍ତ୍ରୀ ପିୟୁଷ ଗୋୟଲ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ରାଧେଶ୍ୟାମ ମିଶ୍ର, ଅନୂପ ବଧାନ, ପପୁ ବଧାନ, ବରରଙ୍ଗ ରୁଙ୍ଗଟା, ବବୁଲୁ ଶର୍ମାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।





ସାଉଥ ବିହାର ଏକ୍ସପ୍ରେସ ରହଣି ଅବସରରେ ଉପସ୍ଥିତ ଜନସାଧାରଣ।



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ପୁଟିବନ୍ଧରେ ବିଜୁ ପଟ୍ଟନାୟକ ଜୟନ୍ତୀ

ସମ୍ବଲପୁର,୯।୩(ବ୍ୟୁରୋ) ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସମାରୋହ ଶୁକ୍ରବାର ରାତିରେ ପୁଟିବନ୍ଧ ନିକଟରେ ଅନୁଷ୍ଠିତ ହୋଇଛି। ସମ୍ବଲପୁର ବିଜୁ ସ୍ମୃତି କମିଟି ଆବାହକ ପ୍ରଶାନ୍ତ ଥାପାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ମଣ୍ଡପର ଉଦ୍‌ଘାଟନ କରିଥିଲେ। ବିଜେଡି ଜିଲା ମହିଳା ସଭାନେତ୍ରୀ ଲକ୍ଷ୍ମୀ ପ୍ରଧାନ, ଟାଉନ ସଭାପତି ପ୍ରଫୁଲ୍ଲ କୁମାର ଦାସ, ସାମାଜିକ କର୍ମୀ ସୌରୀନାରାୟଣ ପାଣିଗ୍ରାହୀ, ଅନୀତା ଓରାମ, ଗୁରଜିନ୍ଦର ସିଂ ଡିଙ୍ଗରା ମଞ୍ଚାସୀନ ଥିଲେ। ଉମେଶ ରଣବିଡ଼ା, କଳ୍ପନା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ମୃତି କମିଟି ସମ୍ପାଦକ ଦୁଲାଲ ଚନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ସମ୍ବଲପୁର



ଶନିବାର ସମ୍ବଲପୁର ହାୱା ମଇଦାନରେ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

ସମ୍ବଲପୁର,୯।୩(ବ୍ୟୁରୋ) ଚାରଭାଟି ନେତାଜୀ ଯୁବକ ସଂଘ ଆନୁକୂଲ୍ୟରେ ୧୭ତମ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ସମ୍ବଲପୁର ହାୱା ମଇଦାନରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ବରଗଡ଼ ଓ ସମ୍ବଲପୁର କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଖେଳାଯାଇଥିଲା। ବରଗଡ଼ ୧-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ସମ୍ବଲପୁର ୩-୦ ଗୋଲରେ ରେଙ୍ଗାଲି ଲିଙ୍କିଙ୍ଗ ଷ୍ଟାରକୁ ହରାଇଥିଲା। ପରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ବରଗଡ଼ ଓ ସମ୍ବଲପୁର ମଧ୍ୟରେ ଖେଳାଯାଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇଥିଲା। ସମ୍ବଲପୁର ଦଳ ୬-୫ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମନୋଜ ଭୋଇ, ମଥୁରା ଓରାମ, ନନ୍ଦୁ ନାୟକ, ଜଲେନ୍ଦ୍ର ଓରାମ ମ୍ୟାଚ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ଶତପଥୀ, କ୍ରୀଡ଼ା ସଂଗଠନର ସୁରେଶ ଦାସ, ଜିଲା କ୍ରୀଡ଼ା ସମ୍ପାଦକ ସୁନ୍ଦରମଣି ବାରିକ ଅତିଥି ଭାବେ ଯୋଗଦେଇଥିଲେ। ରାଜକୁମାର ମୁଣ୍ଡା, ହରିଶ ବୈକାର ଧାରା ବିବରଣୀ ପ୍ରଦାନ କରିଥିଲେ। କୁନା ଓରାମ, ବନ ଓରାମ, ବାବୁଲୁ ଓରାମ, ଚାନ୍ଦୁଲୁ ଓରାମ, ହେମନ୍ତ କୁଜୁର, ସୁଶାନ୍ତ ଓରାମ ଏବଂ ମଙ୍ଗଳା ଓରାମ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ସଂସ୍କୃତି ପୁରୁଷ ମୁରାରୀ ପ୍ରସାଦ ମିଶ୍ରଙ୍କ ଜୟନ୍ତୀ




ସମ୍ବଲପୁର କଳାପରିଷଦ ପ୍ରେକ୍ଷାଳୟରେ ଆୟୋଜିତ ମୁରାରୀ ପ୍ରସାଦ ମିଶ୍ରଙ୍କ ଜୟନ୍ତୀ ସଭାରେ ଅତିଥି ଓ କର୍ମକର୍ତ୍ତା।

ସମ୍ବଲପୁର,୯।୩(ବ୍ୟୁରୋ) ସଂସ୍କୃତି ପୁରୁଷ ମୁରାରୀ ପ୍ରସାଦ ମିଶ୍ରଙ୍କ ଜୟନ୍ତୀ ଶୁକ୍ରବାର ରାତିରେ ସମ୍ବଲପୁର କଳା ପରିଷଦ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଚଳଚ୍ଚିତ୍ର ଅଭିନେତା ଅଟଳ ବିହାରୀ ପଣ୍ଡା, ସାମାଜିକ କର୍ମୀ ଭାଗବତ ପ୍ରସାଦ ନନ୍ଦ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ମିଶ୍ର, ମନୋରଞ୍ଜନ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗିନିଜ୍ ୱାର୍ଲଡ ରେକର୍ଡସରେ ଜାପାନର ବୟସ୍କା ମହିଳା

**ଟୋକିଓ:** ବିଶ୍ୱର ସବୁଠୁ ବୟସ୍କା ଜାପାନୀ ମହିଳାଙ୍କୁ ଗିନିଜ୍ ୱାର୍ଲଡ ରେକର୍ଡସ ଦ୍ୱାରା ସମ୍ମାନିତ କରାଯାଇଛି। ସେ ବୋର୍ଡ ଗେମ୍ ଅଥେଲୋ ଖେଳିବାକୁ ବେଶ୍ ପସନ୍ଦ କରନ୍ତି। କାନେ ଟାନାକା ନାମ୍ନୀ ଏହି ବୃଦ୍ଧାଙ୍କୁ ସବୁଠୁ ବୟସ୍କା ଭାବେ ସ୍ୱୀକୃତି ଦିଆଯାଇଛି। ଜାପାନର ଦକ୍ଷିଣ-ପଶ୍ଚିମ ନଗରୀ ଫୁକୁଓକାସ୍ଥିତ ଏକ ନର୍ସିଂହୋମ୍‌ରେ ଆୟୋଜିତ ଉତ୍ସବରେ ତାଙ୍କ ପରିବାର ସଦସ୍ୟ ଏବଂ ମେୟରଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

ଟାନାକା ୧୯୦୩ ଜାନୁୟାରୀରେ ଜନ୍ମଗ୍ରହଣ କରିଥିଲେ। ୮ ଭାଇଭଉଣୀଙ୍କ ମଧ୍ୟରେ ସେ ଥିଲେ ସପ୍ତମ ସନ୍ତାନ। ୧୯୨୨ରେ ହାଇଡିଓ ଟାନାକାଙ୍କୁ ସେ ବିବାହ କରିଥିଲେ। ଉକ୍ତ ଦମ୍ପତିଙ୍କର ୪ ସନ୍ତାନ ଏବଂ ଏକ ପୋଷ୍ୟ ସନ୍ତାନ ଥିଲେ।




ଟାନାକା ପ୍ରତିଦିନ ସକାଳ ୬ଟାରୁ ଶଯ୍ୟାତ୍ୟାଗ କରି ଗଣିତ କଷିବାକୁ ଭଲ ପାଆନ୍ତି। ଏହା ପୂର୍ବରୁ ସବୁଠୁ ବୟସ୍କା ଅନ୍ୟତମ ଜାପାନୀ ମହିଳା ଥିଲେ ଚିୟୋ ମିୟାକୋ। ସେ ୨୦୧୮ ଜୁଲାଇରେ ୧୧୭ ବର୍ଷ ବୟସରେ ପରଲୋକ ଗମନ କରିଥିଲେ। ମିୟାକୋଙ୍କ ପୂର୍ବରୁ ସବୁଠୁ ବୟସ୍କ ପୁରୁଷ ମଧ୍ୟ ଜଣେ ଜାପାନୀ ଥିଲେ। ବିଶ୍ୱରେ ଜାପାନୀମାନେ ଅଧିକ ବର୍ଷ ବଞ୍ଚିବା ସହିତ ବିଶ୍ୱ ବୟସ୍କ ତାଲିକାର ସର୍ବାଗ୍ରେ ରହି ଆସିଛନ୍ତି।

## ଭାଜପାର ବିଜୟ ସଂକଳ୍ପ ଯାତ୍ରା ପାଇଁ ପ୍ରସ୍ତୁତି

ଦେବଗଡ,୯।୩(ସ୍ୱ.ପ୍ର.) ଦେବଗଡ ଜିଲା ଭାଜପା କାର୍ଯ୍ୟାଳୟଠାରେ ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ବିଜୟ ସଂକଳ୍ପ ଯାତ୍ରାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ନିତେଶ ଗଙ୍ଗଦେବ, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ବିଧାନସଭା ପ୍ରଭାରୀଙ୍କ ଉପସ୍ଥିତିରେ ସଙ୍କଳ୍ପ ଯାତ୍ରା ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟର ବିଜେଡି ସରକାରଙ୍କ ଦୁର୍ନୀତି ବିରୋଧରେ ବ୍ୟାପକ ଜନ ଆନ୍ଦୋଳନ ପାଇଁ ଆଗାମୀ ଦିନରେ ପଥପ୍ରାନ୍ତ ସଭାମାନ ଆୟୋଜନ କରାଯିବ। ଉକ୍ତଯାତ୍ରା ରବିବାରଠାରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି।

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

## କମିଟି ହାତରେ ପରବର୍ତ୍ତୀ ପଦକ୍ଷେପ

ସମ୍ବଲପୁର,୯।୩(ବ୍ୟୁରୋ) ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଓକିଲମାନଙ୍କ ଆନ୍ଦୋଳନ ଜାରି ରହିଛି। ରାଜ୍ୟ ସରକାର ଓକିଲମାନଙ୍କ ଆଉ ଗୋଟିଏ ଦାବି ପୂରଣ କରିଛନ୍ତି। ଦାବି ଅନୁସାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଉପରେ ବିଭିନ୍ନ ଦିଗରେ କାମ କରିବା ପାଇଁ କମିଟି ଗଠନ କରାଯାଇଛି। ଏହାକୁ ରାଜ୍ୟପାଳ ଗଣେଶି ଲାଲ ସ୍ୱୀକୃତି ପ୍ରଦାନ କରିଛନ୍ତି। ଓଡ଼ିଶା ଗେଜେଟ୍‌କୁ ୧୦୭୮୪/୧୯ରେ ପ୍ରକାଶିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି କମିଟିରେ ଗୃହ ବିଭାଗ ଅତିରିକ୍ତ ସଚିବ ଅଧ୍ୟକ୍ଷ ରହିବେ। ସେହିପରି ଅର୍ଥ, ଆଇନ, ଉନ୍ନୟନ, ସଚିବ ସଦସ୍ୟ ରହିଛନ୍ତି। ଏହି କମିଟି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଉପରେ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଆସନ୍ତା ୧୧ ତାରିଖଠାରୁ ଓକିଲ ସଂଘ ପକ୍ଷରୁ ପ୍ରସ୍ତାବିତ ଟ୍ରେଜେରି ଅଫିସ ବନ୍ଦ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଛି। ଏବେ କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ସହ ଆଲୋଚନା ଓ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରି ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାକୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆବାହକ ଅଶୋକ ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୫ ତାରିଖରୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବରେ ଆନ୍ଦୋଳନ ଜାରି ରହିଛି। ଶନିବାର ଆନ୍ଦୋଳନ ୧୮୬ ଦିନ ଓ ରିଲେ ଆମରଣ ଅନଶନ ୧୧୧ ଦିନରେ ପହଞ୍ଚିଛି। ପୂର୍ବରୁ ମହାବନ୍ଦ ପାଳନ, ବାଇକ ରାଲି, ବିଭିନ୍ନ ଗ୍ରାମରେ ସଭା ଭଳି ଦାବିକୁ ଜୋରଦାର କରାଯାଇଛି।

## ବିଜେଡି ଛାତ୍ର ଜନତା ଦଳ ଜୋନାଲ ସମ୍ପାଦକଙ୍କ ଇସ୍ତଫା

ବୌଦ୍ଧ, ୯।୩(ସ୍ୱ.ପ୍ର) ସାଧାରଣ ନିର୍ବାଚନକୁ ଆଉ କିଛିଦିନ ବାକି ଥିବା ବେଳେ ବୌଦ୍ଧ ଜିଲାରେ ରାଜନୀତି ଉଷ୍ମତା ବୃଦ୍ଧି ପାଇଛି। ଗୁରୁବାର ବିଜୁ ଛାତ୍ର ଜନତା ଦଳର ଜୋନାଲ ସମ୍ପାଦକ ପଙ୍କଜ ବାରିକ (ବଲାଙ୍ଗିର ଜୋନ) ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ଏହାସହ ସେ ତାଙ୍କ ଇସ୍ତଫା ପତ୍ରକୁ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଛନ୍ତି। ବାରିକଙ୍କୁ ଦଳ ଛାଡିବା ନେଇ ପଚାରିବାରୁ ଜିଲାରେ ସ୍ଥାନୀୟ ନେତୃତ୍ୱଙ୍କ ଅକ୍ଷମତା ଓ ଅପାରଗତା କାରଣରୁ ସେ ଦଳ ଛାଡିଥିବା କହିବା ସହ ଅନ୍ୟ ଦଳରେ ମିଶିବା ନେଇ ମଧ୍ୟ ସୂଚନା ଦେଇଥିଲେ। ପ୍ରକାଶଥାଉକି, ଗତ କିଛିଦିନ ତଳେ ବିଜେଡିରୁ ବରିଷ୍ଠ ନେତା ନବ କୁମାର ମିଶ୍ର ଇସ୍ତଫା ଦେଇ କଂଗ୍ରେସରେ ଯୋଗଦାନ କରିଥିବାବେଳେ ପୂର୍ବତନ ଛାତ୍ର ବିଜେଡି ସଭାପତି ଅଟଳ ପ୍ରଧାନ ଇସ୍ତଫା ଦେଇ ଭାଜପାରେ ଯୋଗ ଦେଇଛନ୍ତି।

# ଦେବଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ




ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲାଜଜ୍ ରାଜେନ୍ଦ୍ର କୁମାର ତୋଷ ମାମଲାର ଫଇସଲା କରୁଛନ୍ତି।

ଦେବଗଡ, ୯।୩(ସ୍ୱ.ପ୍ର) ଦେବଗଡ କଚେରି କୋର୍ଟ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମକଦ୍ଦମାର ଶୁଣାଣି ହେବା ସହ ସମାଧାନ କରାଯାଇଥିଲା। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲାଜଜ୍ ରାଜେନ୍ଦ୍ର କୁମାର ତୋଷଙ୍କ ତତ୍ତ୍ୱାବଧାନରେ ଦେବଗଡର ସମସ୍ତ କୋର୍ଟ ସହ ବିଭିନ୍ନ ବ୍ୟାଙ୍କର କର୍ତ୍ତୃପକ୍ଷ ଉକ୍ତ ଲୋକ ଅଦାଲତରେ ଉପସ୍ଥିତ ଥିଲେ। ଏହି ଅବସରରେ ୭ଟି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମୋଟ୍ ୪,୭୦,୦୦୦ ଟଙ୍କା ଆଦାୟ ହୋଇଥିଲା । ସେହିପରି ଅନ୍ୟାନ୍ୟ ୨୯ଟି କ୍ରିମିନାଲ କମ୍ପାଉଣ୍ଡେବଲ କେସ୍‌ରୁ ୧ଟିର ଫଇସଲା ହୋଇଥିଲା। ଏହି ଲୋକ ଅଦାଲତରେ ଜିଲାଜଜ୍‌ଙ୍କ ସହିତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଇତିଶ୍ରୀ ମାଳବିକା ଭୂୟାଁ, ସିନିୟର୍ ସିଭିଲ୍ ଜଜ୍ ଦିଲ୍ଲୀପ କୁମାର ସାହୁ, ଜିଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର, ସିନିଅର୍ ସିଭିଲ ଜଜ୍ ଦିଲୀପ କୁମାର ସାହୁ, ରେଜିଷ୍ଟ୍ରାର ରମାକାନ୍ତ ମହାନ୍ତି ଉପସ୍ଥିତ ଥିଲେ ।

# ଭାଜପାର କ୍ଷେତ୍ରୀୟ ଗଣମାଧ୍ୟମ କର୍ମଶାଳା



ଶନିବାର ସମ୍ବଲପୁର ପ୍ରେସ ଭବନଠାରେ ଆୟୋଜିତ ଭାଜପା ଗଣମାଧ୍ୟମ କ୍ଷେତ୍ରୀୟ କର୍ମଶାଳାରେ ସୁଜାତା ପାଢ଼ୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ସମ୍ବଲପୁର,୯।୩(ବ୍ୟୁରୋ) ଭାଜପା କ୍ଷେତ୍ରୀୟ ଗଣମାଧ୍ୟମ କର୍ମଶାଳା ଶନିବାର ସମ୍ବଲପୁର ଅଇଁଠାପାଲି ପ୍ରେସ୍ ଭବନରେ ଅନୁଷ୍ଠିତ ହୋଇଛି। କ୍ଷେତ୍ରୀୟ ସଂଯୋଜକ ତଥା ସମ୍ବଲପୁର ଜିଲା ଗଣମାଧ୍ୟମ ପ୍ରଭାରୀ ମାନସରଞ୍ଜନ ବକ୍ସି ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଗଣମାଧ୍ୟମ ପ୍ରକୋଷ୍ଠ ସମ୍ବଲପୁର କ୍ଷେତ୍ର ପ୍ରଭାରୀ ସୁଜାତା ପାଢ଼ୀ ଯୋଗଦେଇଥିଲେ। ଗଣମାଧ୍ୟମ କାର୍ଯ୍ୟର ସୁପରିଚାଳନା, ବିଭିନ୍ନ ଗଣମାଧ୍ୟମ ସହ ସୁସମ୍ପର୍କ, ସୋସିଆଲ ମିଡିଆ ଜରିଆରେ ପ୍ରସାରିତ ଓ ପ୍ରକାଶିତ ଖବରକୁ ନେଇ ସେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ସମ୍ବଲପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ସହପ୍ରଭାରୀ ସୁରେଶ୍ୱର ଶତପଥୀ, ରାଜ୍ୟ ସମ୍ପାଦିକା ସବିତା ନନ୍ଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅନ୍ନପୂର୍ଣ୍ଣା ବାରିକ, ଜିଲା ପ୍ରବକ୍ତା ସୂର୍ଯ୍ୟ ପାଣିଗ୍ରାହୀ ଆଲୋଚନାରେ ଭାଗ ନେଇଥିଲେ। ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ରାଜାରାମ ଷଡ଼ଙ୍ଗୀ, କିଶୋର ହୋତା, ଅର୍ଜ୍ଜୁନ ଜଗତ, ଅଭିଷେକ ପଣ୍ଡା, ବ୍ୟାସଦେବ ମିଶ୍ର, ମାନସ ସାହୁ, ନିତେଇ ବଳ, ଅରୁଣ କୁହ୍ଲିଆ, ସମୀରରଞ୍ଜନ ବାବୁ, ସୂର୍ଯ୍ୟ ପାଢ଼ୀ, ମୋହନ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, କଳାହାଣ୍ଡି, ନୂଆପଡ଼ା, ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ପ୍ରତିନିଧିମାନେ ସାମିଲ ଥିଲେ।

### ପରମାଣପୁରରେ ବିଜେଡି ବୈଠକ

# ପ୍ରାର୍ଥୀ ନୁହେଁ, ଦଳ ପାଇଁ କାମ କର

ସମ୍ବଲପୁର,୯।୩(ବ୍ୟୁରୋ) ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପରମାଣପୁର ଗ୍ରାମରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ଗୋପୀରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ପୂର୍ବତନ ଏମ୍‌ପି ରବି ପାଣି, ରେଙ୍ଗାଲି ବିଧାୟକ ରମେଶ ପଟୁଆ, ନବ କିଶୋର ଦାସ, ବ୍ଲକ ଉପାଧ୍ୟକ୍ଷ ରାହାସ ମିର୍ଦ୍ଧା ଯୋଗଦେଇଥିଲେ। ଦଳ ମୁଖିଆ ଯାହାକୁ ଟିକେଟ ପ୍ରଦାନ କରିବେ ତାଙ୍କୁ ସମର୍ଥନ କରିବା। ପ୍ରାର୍ଥୀଙ୍କୁ ନେଇ ମନାନ୍ତର ହେବା କଥା ନୁହେଁ। ସବୁ କର୍ମୀ ପ୍ରାର୍ଥୀ ପାଇଁ ନୁହେଁ, ଦଳ ପାଇଁ କାମ କରିବାକୁ ହେବ। ତାହାହେଲେ ଦଳ ବିଜୟୀ ହେବ। ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବେ। ଏହି ଦିଗରେ କର୍ମୀମାନଙ୍କୁ ନିର୍ବାଚନରେ କାମ କରିବାକୁ ପଡ଼ିବ ବୋଲି ନେତାମାନେ ଆହ୍ୱାନ ଦେଇଥିଲେ। ତବଲା, ଭିକମପୁର, ନୂଆ ତିହୁରା, ପରମାଣପୁର ପଞ୍ଚାୟତ ୩ ଶହରୁ ଅଧିକ ବ୍ୟକ୍ତି ଏହି ଅବସରରେ ଦଳରେ ଯୋଗଦାନ କରିଥିଲେ।



ବିଜେଡି କର୍ମୀ ସମ୍ମିଳନୀରେ ଦଳୀୟ ନେତା ଓ କର୍ମକର୍ତ୍ତା।

# ଭୂଷଣରେ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ସମ୍ବଲପୁର,୯।୩(ବ୍ୟୁରୋ) ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକୋଲିସ୍ଥିତ ଭୂଷଣ ପାୱାର ଆଣ୍ଡ ଷ୍ଟିଲରେ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ସହ ନିର୍ଦ୍ଦେଶକ ଏ.କେ. ନନ୍ଦ ଯୋଗଦେଇଥିଲେ। କମ୍ପାନୀ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଥିବାରୁ ଦୁର୍ଘଟଣା ହ୍ରାସ ପାଇଛି। ୨୦୧୯ ବର୍ଷକୁ ଦୁର୍ଘଟଣାମୁକ୍ତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅଗ୍ନି ନିରାପତ୍ତା ଓ ସୁରକ୍ଷା ଉପରେ ମକ୍‌ଡ୍ରିଲ କରାଯାଇଥିଲା। ଏହାସହ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ପାନୀ କର୍ମଚାରୀମାନେ ଯୋଗଦେଇଥିଲେ। ଅଧିକାରୀ ଦିନେଶ ଯାଦବ ସୁରକ୍ଷା ଦିଗ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଅଗ୍ନି ନିରାପତ୍ତା ଓ ସୁରକ୍ଷା ଜେନେରାଲ ମ୍ୟାନେଜର ଏସ୍.ପି. ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ କୁମାର ନାଏକ, ବି.ଆର୍ ପସନ୍ନ ,ବି.ବି. ମଙ୍ଗାରୀ, ନରେଶ ରାଘବ, ସରୋଜ କୁମାର ପ୍ରମୁଖ ଉପସ୍ଥିତ ଥିଲେ।




ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବରେ ଅତିଥି ତଥା କମ୍ପାନୀ ଅଧିକାରୀ।



ଅଗ୍ନି ଶୃଙ୍ଖଳା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ଆଜି କ'ଣ କେଉଁଠି

### ସମ୍ବଲପୁର

- ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବ
ସ୍ଥାନ- ହାୱା ମଇଦାନ
ସମୟ- ଅପରାହ୍ନ ୪ଟା
- ଜୁମ୍ବା ଫେଷ୍ଟ କାର୍ଯ୍ୟକ୍ରମ
ସ୍ଥାନ- ଆଦିତ୍ୟ କଲ୍ୟାଣ ମଣ୍ଡପ
ସମୟ- ସନ୍ଧ୍ୟା ୫ଟା
- ଏକ ସାମ୍ ଶହୀଦୋଁ କେ ନାମ୍ କାର୍ଯ୍ୟକ୍ରମ
ସ୍ଥାନ- ଜିଲା ସ୍କୁଲ ଛକ
ସମୟ- ସନ୍ଧ୍ୟା ୬ଟା
- ଫେନ୍ସିଂ ପ୍ରଶିକ୍ଷଣ ଶିବିର
ସ୍ଥାନ- ସେଣ୍ଟ ଯୋଶେଫ୍ କନଭେଣ୍ଟ ସ୍କୁଲ ପରିସର
ସମୟ- ପୂର୍ବାହ୍ନ ୯ଟା

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବିଜେଡିରେ ମିଶିଲେ ଜୟପାଳ, କିଶୋର

# ନୂଆ ଚେହେରାକୁ ନେଇ ଚର୍ଚ୍ଚା, ବିରୋଧ

କୁଚିଣ୍ଡା/ବାମରା,୯।୩ (ଡି.ଏନ୍.ଏ./ସ୍ୱ.ପ୍ର.)

ସମ୍ବଲପୁର ଜିଲା କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଜେଡି ଓ ଭାଜପା ପକ୍ଷରୁ ପ୍ରଚାର ଆରମ୍ଭ ହୋଇଥିବାବେଳେ କଂଗ୍ରେସ ନୀରବ ରହିଛି। ଏହି ନିର୍ବାଚନ ମଣ୍ଡଳୀରୁ ବିଧାୟକ ପଦ ପାଇଁ ବିଜେଡି ଟିକେଟ ଆଶାୟୀଙ୍କ ଲମ୍ବା ତାଲିକା ଥିବାବେଳେ ଜୟପାଲ ନାଏକ ଓ କିଶୋର ଚନ୍ଦ୍ର ନାୟକଙ୍କ ଦଳରେ ଯୋଗଦାନକୁ ନେଇ ରାଜନୀତି ସରଗରମ ହୋଇଛି। ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପୂର୍ବତନ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ତଥା ଭାଜପା ନେତା କିଶୋର ନାୟକଙ୍କୁ ଦଳ ଚୂଡ଼ାନ୍ତ କରିଥିବା ସୂଚନା ମିଳିବା ପରେ ଶନିବାର ଅନ୍ୟ ୬ ଆଶାୟୀ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଏକ ଖବରଦାତା ସମ୍ମିଳନୀରେ ଏହାକୁ ବିରୋଧ କରିଛନ୍ତି। ଦଳୀୟ ନେତୃତ୍ୱ ଏହି ନିଷ୍ପତ୍ତି ନ ବଦଳାଇଲେ ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

କିଶୋର ଶନିବାର ଭୁବନେଶ୍ୱର ନବୀନ ନିବାସଠାରେ ପୂର୍ବତନ ଝାରସୁଗୁଡ଼ା ବିଧାୟକ ନବ ଦାସଙ୍କ ନେତୃତ୍ୱରେ ବିଜେଡିରେ ଯୋଗଦେଇଥିଲେ।



ଶନିବାର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସାମିଲ ବିଜେଡି ନେତା।

କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ତାଙ୍କୁ ଦଳୀୟ ଟିକେଟ ମିଳିବାର ପ୍ରତିଶ୍ରୁତି ଦିଆଯିବା ପରେ ସେ ବିଜେଡିରେ ଯୋଗଦେଇଥିବା କୁହାଯାଉଛି। ଏହା ଜଣାପଡ଼ିବା ପରେ ବିଜେଡିର ସବୁ ମହଲରୁ ବିରୋଧ କରାଯାଇଛି। ଶନିବାର ପୂର୍ତ୍ତ ଡାକବଙ୍ଗଳାରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା ଭୁବନେଶ୍ୱର କିଷାନ, କୁଚିଣ୍ଡା ଲ୍ୟାମ୍ପ ସଭାପତି ମନୋରଞ୍ଜନ ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣାକର କିଷାନ, ପୂର୍ବତନ ନିର୍ବାଚନ ମଣ୍ଡଳୀ ସଭାପତି ମହେନ୍ଦ୍ର ବାଗ, ଦଳିତ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା ପ୍ରମୁଖ ଆଶାୟୀ ପ୍ରାର୍ଥୀ ଖବରଦାତା ସମ୍ମିଳନୀରେ ଏହାର ଖୋଲାଖୋଲି ବିରୋଧ କରିଥିଲେ। କିଶୋର ବ୍ଲକ ଅଧ୍ୟକ୍ଷ ତଥା ଉପାଧ୍ୟକ୍ଷ ଥିବାବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମହାଦୁର୍ନୀତି ହୋଇଥିଲା। ଏଥିପାଇଁ ତତ୍କାଳୀନ ବିଡିଓ, ସହକାରୀ ଯନ୍ତ୍ରୀ, ଏପିଓ, ୪ କନିଷ୍ଠ ଯନ୍ତ୍ରୀ, ମୁଖ୍ୟ କିରାଣି, କ୍ୟାଶିୟର ପ୍ରମୁଖ ୧୦ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏମାନଙ୍କଠାରୁ ପ୍ରାୟ ୭୦ ଲକ୍ଷ ଟଙ୍କା ଅସୁଲ ହୋଇଥିଲା। ଏହି ଦୁର୍ନୀତି ଏବଂ ବ୍ଲକର ଅନ୍ୟାନ୍ୟ ଦୁର୍ନୀତିରେ କିଶୋରଙ୍କ ସମ୍ପୃକ୍ତି ରହିଛି। ଏପରି ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଗଲେ ଦଳର ଭାବମୂର୍ତ୍ତିରେ ଆଞ୍ଚ ଆସିବ ବୋଲି ସେମାନେ ଅଭିଯୋଗ କରିଥିଲେ। ସେହିପରି ନିକଟରେ ଦଳରେ ସାମିଲ ହୋଇଥିବା ନବ ଦାସ ମଧ୍ୟ ସ୍ଥାନୀୟ କର୍ମୀଙ୍କୁ ଅଣଦେଖା କରି ଝାରସୁଗୁଡ଼ା ଜିଲା ବିଜେଡି କର୍ମୀଙ୍କୁ କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ପ୍ରଚାରରେ ନିୟୋଜିତ କରୁଥିବା ମଧ୍ୟ କେତେଜଣ କର୍ମୀ ଅଭିଯୋଗ କରିଥିଲେ। ଏହାବ୍ୟତୀତ ଦଳ ପାଇଁ ଲହୁଲୁହ ଏକ କରି ଅକ୍ଲାନ୍ତ ପରିଶ୍ରମ କରିଥିବା ଅନେକ ଯୋଗ୍ୟ ବ୍ୟକ୍ତି ପ୍ରାର୍ଥୀ ହେବାପାଇଁ ଦଳରେ ରହିଥିବା ବେଳେ ଅନ୍ୟ ଦଳର ବ୍ୟକ୍ତିଙ୍କୁ ଟିକେଟ ଦିଆଗଲେ ଖୋଲା ବିରୋଧ କରାଯିବ ଏବଂ ନିର୍ବାଚନରେ ସହଯୋଗ କରାଯିବ ନାହିଁ ବରଂ ଦଳ ଭିତରୁ ଯାହାକୁ ପ୍ରାର୍ଥୀ କଲେ ସମସ୍ତେ ଏକଜୁଟ ହୋଇ ନିର୍ବାଚନ ଲଢ଼ିବେ ବୋଲି କହିଥିଲେ। ଏ ନେଇ ଏକ ଅଭିଯୋଗପତ୍ର ଦଳ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା ଜଣାପଡ଼ିଛି। ତେବେ ଆରମ୍ଭରୁ ବିଜେଡିରେ କନ୍ଦଳ ଆଗାମୀ ନିର୍ବାଚନରେ ଦଳର କ୍ଷତି କରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବାମରା, କୁଚିଣ୍ଡା ଓ ଜମନକିରା ବ୍ଲକକୁ ନେଇ ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ରାଜନୈତିକ ଦୃଷ୍ଟିକୋଣରୁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି। କାରଣ ଏହି ନିର୍ବାଚନ ମଣ୍ଡଳୀରେ ଆଜିପର୍ଯ୍ୟନ୍ତ ବିଜେଡି ଖାତା ଖୋଲିପାରି ନାହିଁ। ଆସନ୍ତା ନିର୍ବାଚନରେ ଏହି ଆସନକୁ ନିଜ ଅକ୍ତିଆରକୁ ନେବା ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି ପୂର୍ବତନ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁରେ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ନାଁରେ ଦଳ ପାଇଁ ପ୍ରଚାର ଆରମ୍ଭ କରିଦେଇଛନ୍ତି। ସେହିପରି ଭାଜପା ମଧ୍ୟ କର୍ମୀଙ୍କ ସହ ପ୍ରଚାର ମଇଦାନକୁ ଓହ୍ଲାଇ ଥିବାବେଳେ ଏପର୍ଯ୍ୟନ୍ତ କଂଗ୍ରେସ ଏହି ରେସ୍‌ରେ ବ୍ୟାକ୍‌ଫୁଟ୍‌ରେ ରହିଛି।

## ଅମୃତ ବିହାରରେ ସାଇବର ସିକ୍ୟୁରିଟି କର୍ମଶାଳା

ସମ୍ବଲପୁର,୯।୩(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅମୃତ ବିହାର ପରିସରରେ ସାଇବର ସିକ୍ୟୁରିଟି କର୍ମଶାଳା ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ଅତନୁ କୁମାର ପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବେଙ୍ଗାଲୁରୁସ୍ଥିତ ସିକ୍ୟୁରିଟି ନିର୍ଦ୍ଦେଶକ କର୍ମେନ୍ଦ୍ର କହୋଲି ମୁଖ୍ୟଅତିଥି, ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଇବର ସୁକ୍ୟୁରିଟି ସମସ୍ୟା ଓ ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ। ଉପକୁଳସଚିବ ଉମାଚରଣ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଗବେଷଣା ପ୍ରୋତ୍ସାହନ ସେଲ୍ ଅଧ୍ୟକ୍ଷ ଡ. ଶ୍ୟାମାଚରଣ ଆଚାର୍ଯ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ କମ୍ପ୍ୟୁଟର ସାଇନ୍ସ ବିଭାଗର ସମୀର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପୋଲ ତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

ରେଙ୍ଗାଲି,୯।୩(ଡି.ଏନ୍.ଏ.)

ରେଙ୍ଗାଲି ବ୍ଲକ କତରବଗା ଥାନା ଜୁନାଡିହି ନିକଟ ନାଗୁରପଟା ପୋଲ ତଳୁ ଶନିବାର ପୋଲିସ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ପଞ୍ଚନାମା କରିବା ସହ ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଛି। ଶୁକ୍ରବାର ରାତିରେ ଯୁବକ ଜଣକ ପୋଲ ତଳେ ଥିବା ପାଣିରେ ପଡ଼ିଯାଇ ଉଠି ନ ପାରିବାରୁ ତାଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ ମୃତ ଯୁବକଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବା ପୋଲିସ କହିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଷଢ଼ାସିଂହାରେ ଭାଜପାର ମିଶ୍ରଣ ପର୍ବ

ରେଙ୍ଗାଲି,୯।୩(ଡି.ଏନ୍.ଏ.)

ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶାସନ ପଞ୍ଚାୟତ ଷଢ଼ାସିଂହା ଗ୍ରାମରେ ଶନିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଗ୍ରାମର ଶତାଧିକ ମହିଳା, ପୁରୁଷ ଭାଜପାରେ ଯୋଗଦେଇଥିଲେ। ମିଶ୍ରଣ ପର୍ବରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନାଉରୀ ନାଏକ, ଯୁବମୋର୍ଚ୍ଚା ଜିଲା ସଭାପତି ରିକନ ପଟ୍ଟନାୟକ, ମନୋରଞ୍ଜନ ଥପା, ଆଶିଷ ହୋତା, ବିଶ୍ୱଜିତ ବାଗ, ଶ୍ରୀଲୋଚନ କଠାର, ବିକାଶ ବାରିକ, ଅନୀଲ ସାହୁ, ସୁବ୍ରତ ଗର୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

## ରେଢ଼ାଖୋଲରେ ରାଷ୍ଟ୍ରୀୟ ଲୋକ ଅଦାଲତ

ରେଢ଼ାଖୋଲ,୯।୩(ଡି.ଏନ୍.ଏ.)

ରେଢ଼ାଖୋଲ ସିଭିଲ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ସବ୍‌ଜଜ୍ ବାସୁଦେବ ଆଚାର୍ଯ୍ୟ, ଏସ୍‌ଡିଜେଏମ୍ ଅପୂର୍ବା ଚୌଧୁରୀ ମାମଲାଗୁଡ଼ିକର ବିଚାର କରିଥିଲେ। ଏସ୍‌ଡିଜେଏମ୍‌ଙ୍କ ଅଦାଲତର ଗୋଟିଏ ଫୌଜଦାରି ଓ ଏନ୍‌ଆଇ ଆକ୍ଟର ୨ ମାମଲାର ସମାଧାନ ହୋଇଛି। ଏନ୍‌ଆଇ ଆକ୍ଟ ମାମଲାରୁ ୨ ଲକ୍ଷ ୯୧ହଜାର ୭୨୬ ଟଙ୍କା ଆଦାୟ କରାଯାଇଛି। ସେହିପରି ସିଭିଲ୍ ଜଜ୍ ତଥା ଆଡିଶନାଲ ସେସନ୍ସ ଜଜ୍‌ଙ୍କ ଅଦାଲତର ୨ ମାମଲାର ସମାଧାନ ହୋଇଛି। ଏହି ମାମଲାରେ ୧ ଲକ୍ଷ ୬୮ ହଜାର ଟଙ୍କା ଆଦାୟ କରାଯାଇଛି। ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ଜନକ କୁମାର ବାଗ, ପ୍ରେମଚାନ୍ଦ କୁଲୁ ପ୍ରମୁଖ ମାମଲା ପରିଚାଳନାରେ ସହଯୋଗ କରିଥିଲେ। ଆଇନଜୀବୀ ଗଣେଶ୍ୱର ପ୍ରଧାନ, ବିମଳ ପ୍ରଧାନ, ଜଗନ୍ନାଥ ବିଶ୍ୱାଳ, ଅଚ୍ୟୁତାନନ୍ଦ ପୁରୋହିତ, ଜନ୍ମେଜୟ ସାହୁ ନୀଳମାଧବ ମହାକୁଡ଼ ପ୍ରମୁଖ ଯୋଗଦେଇଥିଲେ।




ଲୋକ ଅଦାଲତରେ ଉପସ୍ଥିତ ବିଚାରପତି ଓ ଆଇନଜୀବୀ।

## ରାଜନୀତିକୁ ସେବା ଭାବେ ଗ୍ରହଣ କରିଥିଲେ ବନମାଳୀ

ସମ୍ବଲପୁର,୯।୩(ବ୍ୟୁରୋ)

ବିଶିଷ୍ଟ ରାଜନୀତିଜ୍ଞ ତଥା ଶିକ୍ଷା ସଂଗଠକ ବନମାଳୀ ବାବୁଙ୍କ ୧୦୧ତମ ଜୟନ୍ତୀ ଶନିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀକାନ୍ତ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ବନମାଳୀ ବାବୁ ଉଚ୍ଚଶିକ୍ଷା ଓ ଆଇନରେ ସ୍ୱର୍ଣ୍ଣ ପଦକ ହାସଲ ସତ୍ତ୍ୱେ ଜନସେବା କରିବାକୁ ରାଜନୀତିରେ ପ୍ରବେଶ କରିଥିଲେ। ବିଧାୟକ, ରାଜ୍ୟ ସଭା, ଲୋକ ସଭା ସଦସ୍ୟ, ରାଜ୍ୟର ମନ୍ତ୍ରୀ ଭାବେ ଶିକ୍ଷାର ବିକାଶ ଓ ରଜ୍ୟ ତଥା ଜାତୀୟ ରାଜନୀତିରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରସାର ଭାରତୀର ପୂର୍ବତନ ଅତିରିକ୍ତ ମହାନିର୍ଦ୍ଦେଶକ ଅଭୟ କୁମାର ପାଢ଼ୀ ଯୋଗଦେଇ କହିଥିଲେ, ଯୁବାବସ୍ଥାରୁ ବନମାଳୀ ଶିକ୍ଷାର ବିକାଶ ଲାଗି ପ୍ରୟାସ ଆରମ୍ଭ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଲଜପତରାୟ ଆଇନ କଲେଜ ପ୍ରଭୃତି ଅନେକ ଶିକ୍ଷାନୁଷ୍ଠାନ ସ୍ଥାପନରେ ତାଙ୍କର ପ୍ରମୁଖ ଭୂମିକା ରହିଛି ବୋଲି ପାଢ଼ୀ କହିଥିଲେ। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ରଘୁନାଥ ମିଶ୍ର, ଡ. ରବିନାରାୟଣ ମିଶ୍ର, ମୁକ୍ତ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଜୟନ୍ତ କରଶର୍ମା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରିୟରଞ୍ଜନ ବାବୁ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ପବ୍ଲିକ ଲାଇବ୍ରେରୀର ରାଜେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ।

## ଗାୟତ୍ରୀ ଫାର୍ମାସି କଲେଜରେ କର୍ମନିଯୁକ୍ତି ଶିବିର




ଜମାଦାରପାଲିସ୍ଥିତ ଗାୟତ୍ରୀ ଫାର୍ମାସି କଲେଜ ପରିସରରେ ଶନିବାର କର୍ମନିଯୁକ୍ତି ଶିବିର।

ସମ୍ବଲପୁର,୯।୩(ବ୍ୟୁରୋ)

ଜମାଦାରପାଲିସ୍ଥିତ ଗାୟତ୍ରୀ ଫାର୍ମାସି କଲେଜ ପରିସରରେ ଶନିବାର କର୍ମନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାତା ସମ୍ପାଦକ ଶିବ ନାରାୟଣ ଶତପଥୀ, ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥୀ, କଲେଜ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମହାପାତ୍ର, ଉନ୍ନୟନ ନିଯୁକ୍ତି ଅଧିକାରୀ ଅତିଶ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସିକିମ୍‌ସ୍ଥିତ ସନ୍ ଫାର୍ମାସ୍ୟୁଟିକାଲ ଅପରେଶନ୍ ଜେନେରାଲ ମ୍ୟାନେଜର ମାନସ କୁମାର ମହାପାତ୍ର, ମାନବ ସମ୍ବଳ ବିଭାଗ ମୁଖ୍ୟ ବିଜୟ କୁମାର ଶିବିରରେ ଯୋଗଦେଇ କଲେଜର ଡିଫାର୍ମ ଓ ବିଫାର୍ମ ଛାତ୍ରୀଛାତ୍ରଙ୍କ ଯୋଗ୍ୟତା ଚୟନ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଫାର୍ମାସି କଲେଜରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡା. ପ୍ରଶାନ୍ତ କୁମାର ବିଶ୍ୱାଳ, ସଞ୍ଜୀବ କୁମାର କର, ଶୁଭେନ୍ଦୁ ଶେଖର ମିଶ୍ର ଶିବିର ପରିଚାଳନା କରିଥିଲେ।

## ଏସ୍‌ପି ଅଫିସରେ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା



ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରାଙ୍କ ସହ କ୍ରୀଡ଼ାବିତ୍‌ମାନେ।

ସମ୍ବଲପୁର,୯।୩(ବ୍ୟୁରୋ)

ଉତ୍ତରାଖଣ୍ଡର ଡେରାଡୁନ ସହରରେ ଆୟୋଜିତ ଦ୍ୱିତୀୟ ମାଷ୍ଟର୍ସ ଗେମ୍ସରେ ପଦକ ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ସମ୍ବଲପୁର ଏସ୍‌ପି ଅଫିସରେ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବଲପୁର ପୋଲିସର କ୍ରୀଡ଼ାବିତ୍ ସୀମାଞ୍ଚଳ ସେଠୀ ୩୦ ବର୍ଷ ପୁରୁଷ ବର୍ଗ ଲମ୍ଫଡିଆଁ ଓ ଜାଭଲିନ୍ ଥ୍ରୋରେ ରୌପ୍ୟ ପଦକ ଏବଂ ନମିତା ପଟେଲ ୫୦ ମିଟର ଫ୍ରି ଷ୍ଟାଇଲ୍ ସନ୍ତରଣରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏଥିସହ ସେ ଡିସକସ୍ ଓ ଶଟପୁଟରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା ଉଭୟ କ୍ରୀଡ଼ାବିତ୍‌ଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ତର୍ଜାତୀୟ ମାଷ୍ଟର୍ସ କ୍ରୀଡ଼ାବିତ୍ ସୁନ୍ଦରମଣି ବାରିକ ଉପସ୍ଥିତ ଥିଲେ।

## ଡିଆର୍‌ଏମ୍‌ଙ୍କୁ ଦକ୍ଷତା ସମ୍ମାନ

ସମ୍ବଲପୁର,୯।୩(ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳରେ ସାମଗ୍ରିକ ବିକାଶ ଓ ସଫଳତାକୁ ଦୃଷ୍ଟିରେ ରଖି ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତାଙ୍କୁ ନେତୃତ୍ୱ ଏବଂ ଦକ୍ଷତାରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ସମୀକ୍ଷା ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ପୀୟୂଷ ଗୋୟଲ ତାଙ୍କୁ ସମ୍ମାନିତ କରିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ରେଳ ମଣ୍ଡପ ପ୍ରବନ୍ଧକ ଭାବେ ଜୟଦୀପ କାର୍ଯ୍ୟ କରି ସଫଳତା ହାସଲ କରିଛନ୍ତି।

## ଏମ୍‌ସିଏଲ୍‌ରେ ମହିଳା ଦିବସ ସମାରୋହ

ସମ୍ବଲପୁର,୯।୩(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ଜାଗୃତିବିହାରଠାରେ ମହିଳା ଦିବସ ସମାରୋହ ଅନୁଷ୍ଠିତ ହୋଇଛି। ଜାଗୃତି ମହିଳା ମଣ୍ଡଳ ସଭାନେତ୍ରୀ ଅନିତା ମିଶ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉପସଭାନେତ୍ରୀ ପରମଜିତ କୌର, ମଧୁ ମିଶ୍ରା, ଡା. ନୌସିନା ଅଫ୍ରିମ୍ ଅଲ୍ଲି, ପଦ୍ମଜା ସିଂ, ପଦ୍ମିନୀ ବାସୁଦେବନ ଯୋଗଦେଇ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ଜାଗୃତି ମହିଳା ମଣ୍ଡଳ, ମହିଳା କ୍ଲବ ସମେତ ବିଭିନ୍ନ ଅଞ୍ଚଳର ମହିଳା ସାମିଲ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ମହିଳାଙ୍କ ଆଇନ ଅଧିକାର, ଉପଭୋକ୍ତା ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା। ଶବେ ନୂର, ବବଲି ସାହୁ, ଜେମାମଣୀ ଖଡ଼ିଆ, ଜିରା ପ୍ରଧାନ, ଅନ୍ନପୂର୍ଣ୍ଣା ଠାକୁର, ନିର୍ମଳା ଶର୍ମା, ମୋନାଲିସା ସାହୁ, ସୀମାନ୍ତନୀ ମହାପାତ୍ର, ଚନ୍ଦ୍ରା ଝା, ଆଞ୍ଚଲ କୁମାବଥ୍, ଅଂଶୁ କୁମାର, ଲକ୍ଷ୍ମୀ ସାହୁ, ରଶ୍ମି ବେହୁରା, ରିତୁ ଦାସ, ଅଞ୍ଜଳି ପ୍ରଧାନ, ଐଲଂପ୍ରିୟା ଘୋଷ, ମୁନମୁନ ଅଗ୍ରୱାଲ, ଭାବନା କୁମାରଙ୍କୁ ପୁରସ୍କୃତ କରାଯାଇଥିଲା। ରାଧିକା ଦୁତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଏମ୍‌ସିଏଲ୍ ଜାଗୃତି ବିହାରରେ ଆୟୋଜିତ ମହିଳା ଦିବସରେ କର୍ମକର୍ତ୍ତା ଓ ଅତିଥି।

## ରେଢ଼ାଖୋଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଏଏଫ୍‌ସିସି ବଲାଙ୍ଗୀର ଚାମ୍ପିୟନ

ରେଢ଼ାଖୋଲ,୯।୩(ଡି.ଏନ୍.ଏ.)

ରେଢ଼ାଖୋଲ ମିନି ଷ୍ଟାଡିୟମରେ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ରେଢ଼ାଖୋଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ରେଢ଼ାଖୋଲ କ୍ରିକେଟ ଟିମ୍‌କୁ ହରାଇ ଏଏଫ୍‌ସିସି ବଲାଙ୍ଗୀର ଚାମ୍ପିୟନ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୮ ଦଳ ଅଂଶଗ୍ରହଣ କରିଥିଲେ। ରେଢ଼ାଖୋଲ ଓ ଏଏଫ୍‌ସିସି ବଲାଙ୍ଗୀର ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ରେଢ଼ାଖୋଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା। ଜବାବରେ ବଲାଙ୍ଗୀର ୧୮ ଓଭରରେ ୮ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରିନେଇଥିଲା। ଉଦ୍‌ଯାପନୀ ସମାରୋହରେ ବଂଶାଜାଲ ସେବା ସମବାୟ ସମିତି ସଭାପତି ଲକ୍ଷ୍ମଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସଞ୍ଜୟ ଗୌଡ଼ ଯୋଗଦେଇଥିଲେ। ରାଜୀବ ଲୋଚନ ଶିକା ନ୍ୟାନ ଅଫ ଦି ନ୍ୟାଚ ଓ ଜିତେଶ ବର୍ଗ ନ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅଜୟ ଲୁହା ଶ୍ରେଷ୍ଠ ବୋଲର ଓ ପ୍ରଶାନ୍ତ କୁମାର ସାମଲଙ୍କୁ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ପୁରସ୍କୃତ କରାଯାଇଥିଲା। ଟୁନା ପ୍ରଧାନ ଓ ଅବିନାଶ ଷଡ଼ଙ୍ଗୀ ନ୍ୟାଚ ପରିଚାଳନା କରିଥିଲେ। ପତିତପାବନ ସେଠୀ ସ୍କୋର ଶିଟ୍ ପରିଚାଳନା କରିଥିବାବେଳେ ବିଶ୍ୱମ୍ବର ମହାରଣା ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଦଳର ବୁବୁନ ନନ୍ଦ, ଦେବାଶିଷ ନେପାକ, ପ୍ରସନ୍ନ ମୁଣ୍ଡା, ରଶ୍ମିରଞ୍ଜନ ଭଞ୍ଜ, ବାବୁଲି ସାହୁ, ନିଶିକାନ୍ତ ଅଗ୍ରୱାଲ, ସବିର ଖାନ, ବାଦଲ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଯାପନୀ ଅବସରରେ ବିଜୟୀ ଦଳର ଖେଳାଳି।

# OFFICE OF THE COMMISSION OF INQUIRY ON UNAUTHORISED COLLECTION OF PUBLIC DEPOSITS BY HON'BLE SHRI JUSTICE M.M. DAS, AT-SPECIAL BRANCH OFFICE CAMPUS, RESERVE POLICE LINE, BUXI BAZAR, CUTTACK-753001

No. 403-D:

**FAX NO. 0671-2301344, Tel. No. 0671-2301355, e-mail Id: ciucpdommdj@gmail.com**
**Website: http://www.das-commission.org**

**Notice No. 1335, Date - 06.03.2019**
**(U/s 4 of the Commissions of Inquiry Act, 1952)**

WHEREAS the name and addresses of Managing Directors/ Directors/ Chairpersons of the following financial agencies/establishments as at Column-2 of the table below are not available with the Superintendent of Police, Economic Offences Wing, Odisha, Bhubaneswar for which it has not been possible for the Commission to send notices to them, in course of examining the affidavits filed by different investors involving investments upto and including Rs. 10,000/-, for their response in the Inquiry Cases mentioned at Column 3 and therefore, in accordance with law, publication of this notice in the newspapers has become expedient.

The Managing Directors/ Directors/ Chairpersons of the following financial agencies/ establishments as at Column-2 of the table entangled with collection of deposits from the investors are hereby summoned to appear before this Commission in person or through pleader(s) duly authorised by them in the aforementioned address on the date(s) and time mentioned at Column-5 of the table and file show cause supported with affidavits as to why the claims of the investors covered under the case as at Column-4 should not be accepted and they should not be considered by the Commission as genuine investors.

Apart from the above, taking into account the affidavits/ petitions filed before the Commission up to 31.10.2013 who have invested Rs. 10,000/- or below in the Opp. party company and claimed refund thereof, Inquiry Cases under 'F' category have been instituted (wherever indicated in Column-3 of the table). The Managing Directors/ Directors/ Chairpersons of those Opp. Party companies named at Column-2 of the table are also noticed hereby to appear before the Commission either in person or through pleaders duly authorised by them and file show cause affidavit as to why claims of the respective investors should not be accepted and they should not be identified as genuine investors.

**TABLE**

| Sl. No. | Name of financial agencies/establishments | Inquiry Case No. | No. of investors coming up in the sixth phase who have invested upto and including Rs.10,000/- | Date fixed for appearance before the Commission |
|---|---|---|---|---|
| 1 | 2 | 3 | 4 | 5 |
| 1. | A.B. Group | 704-E<br>(a)704-F | 5<br>1 | 4.6.19 at 2 PM<br>-do- |
| 2. | Advantage Finvest Corporation | 705-E | 3 | 4.6.19 at 2 PM |
| 3. | AIR Credit Cooperative | 183-E<br>(a)183-F | 48<br>1 | 4.6.19 at 2 PM<br>-do- |
| 4. | Amrutdhara Associate Pvt. Ltd. | 411-E<br>(a)411-F | 1<br>1 | 4.6.19 at 2 PM<br>-do- |
| 5. | Aneja Financial Services Ltd. | 706-E<br>(a)706-F | 1<br>2 | 4.6.19 at 2 PM<br>-do- |
| 6. | Anex Softtech Solutions Pvt. Ltd. | 707-E | 1 | 6.6.19 at 2 PM |
| 7. | Anmol Indian Parivar | 708-E | 34 | 6.6.19 at 2 PM |
| 8. | Alaska Ideal Multimarketing (P) Ltd./ Alaska India Marketing | 409-E<br>(a)409-F | 6<br>2 | 6.6.19 at 2 PM<br>-do |
| 9. | Ashahaya Shramajibi Mahila Samiti. | 709-E | 96 | 6.6.19 at 2 PM |
| 10. | Ashtele Communation | 710-E | 1 | 6.6.19 at 2 PM |
| 11. | Asoka Lifescience Ltd. | 711-E | 6 | 7.6.19 at 2 PM |
| 12. | Asra Credit Cooperative Ltd. | 712-E | 1 | 7.6.19 at 2 PM |
| 13. | Auro Shree Agro Industries Ltd. | 105-E<br>(a)105-F | 1<br>20 | 7.6.19 at 2 PM<br>-do |
| 14. | Awareness Khordha-Puri Cooperative Ltd./Awareness Nirapada Sanchaya & Sarala Runa Samabaya/ Awareness Safe Save & Simple Credit Khordha & Puri Cooperative Ltd./ Awareness Sanchaya & Runa Samabaya/ Awareness Safe Credit & Simple Credit Coperative. | 407-E<br>(a)407-F | 266<br>70 | 7.6.19 at 2 PM<br>-do |
| 15. | Baba Saheb Ambedkar Credit Cooperative Society Ltd. | 713-E | 1 | 7.6.19 at 2 PM |
| 16. | Bajaj Allianz & Estates Pvt. Ltd. | 714-E | 2 | 10.6.19 at 2 PM |
| 17. | Balaji Capital Holdings Ltd. | 715-E | 2 | 10.6.19 at 2 PM |
| 18. | Balasore Merchantile Credit Cooperative Ltd. | 414-E | 2 | 10.6.19 at 2 PM |
| 19. | Basil Express Ltd. | 716-E | 2 | 10.6.19 at 2 PM |
| 20 | Bethel Green Growth Ltd. | 717-E | 2 | 10.6.19 at 2 PM |
| 21 | Bethel Homely Savings Corporation. | 718-E | 1 | 11.6.19 at 2 PM |
| 22. | Bhagyalaxmi Construction Pvt. Ltd. | 415-E<br>(a)415-F | 9<br>3 | 11.6.19 at 2 PM -<br>do- |
| 23. | Bharti Axa Life Insurance Company Ltd. | 719-E | `1 | 11.6.19 at 2 PM |
| 24. | Billion Bazaar India Pvt. Ltd. | 720-E | 3 | 11.6.19 at 2 PM |
| 25. | Biswa Maa Bandurga SHG | 721-E | 1 | 11.6.19 at 2 PM |
| 26. | Biswakalyan Ganjam Multi- Purpose Cooperative Ltd./Biswakalyan Multipurpose Cooperative Ltd. | 416-E | 16 | 12.6.19 at 2 PM |
| 27. | BSP Infrastructure & Construction Ltd. | 417-E<br>(a)417-F | 5<br>10 | 12.6.19 at 2 PM<br>-do- |
| 28. | Bulls Bullion Trademart(P) Ltd | 722-E | 21 | 12.6.19 at 2 PM |
| 29. | Cherish Farm India Ltd. | 723-E | 2 | 12.6.19 at 2 PM |
| 30. | Casion Finance & Investment (I) Ltd. | 724-E | 35 | 12.6.19 at 2 PM |
| 31. | Citicon Engineers Orissa Pvt. Ltd. | 725-E | 1 | 13.6.19 at 2 PM |
| 32. | Criston Dior Shopee | 287-E | 5 | 13.6.19 at 2 PM |
| 33. | Crystal Biotech Industries Ltd. | 726-E | 3 | 13.6.19 at 2 PM |
| 34. | Cultural Society of India | 476-E | 29 | 13.6.19 at 2 PM |
| 35. | Chandramukhi Reality Ltd. | 573-E | 2 | 13.6.19 at 2 PM |
| 36. | Daibadeep Micro Finance | 575-E | 4 | 17.6.19 at 2 PM |
| 37. | District Womens Credit Cooperative Ltd. | 727-E | 71 | 17.6.19 at 2 PM |
| 38. | Division of New Look Multi Trade Pvt. Ltd. | 90-E | 6 | 17.6.19 at 2 PM |
| 39. | DR PBS Health & Glow Clinic Ltd. | 289-E<br>(a)289-F | 2<br>1 | 17.6.19 at 2 PM<br>-do- |
| 40. | DLF Pramerica Life Insurance Company Ltd. | 728-E<br>(a)728-F | 3<br>2 | 17.6.19 at 2 PM<br>-do- |
| 41. | E Business Enterprisers Pvt. Ltd. | 729-E | 1 | 18.6.19 at 2 PM |
| 42. | EEMKAY Webtech Pvt. Ltd. | 730-E | 1 | 18.6.19 at 2 PM |
| 43. | Exim India Oil Company Ltd. | 731-E | 1 | 18.6.19 at 2 PM |
| 44. | F.C.I. Happy Home Society | 732-E | 1 | 18.6.19 at 2 PM |
| 45. | Freedom Opportunities Ltd. | 733-E | 1 | 18.6.19 at 2 PM |
| 46. | Friend Network Pvt. Ltd. | 734-E | 1 | 19.6.19 at 2 PM |
| 47. | G.S.A. Project Ltd. | 423-E<br>(a)423-F | 1<br>7 | 19.6.19 at 2 PM<br>-do- |
| 48. | Gayatri Infra Solution (P) Ltd. | 297-E | 4 | 19.6.19 at 2 PM |
| 49. | Gobal Food Bazaar | 735-E | 31 | 19.6.19 at 2 PM |
| 50. | GLH Limited. | 736-E | 1 | 19.6.19 at 2 PM |
| 51. | Global India Investment & Financial Services. | 737-E | 1 | 20.6.19 at 2 PM |
| 52. | Gobal Joint Farming & Marketing Company | 738-E | 2 | 20.6.19 at 2 PM |
| 53 | Gold India Ltd. | 739-E | 1 | 20.6.19 at 2 PM |
| 54. | Gold Land Housing & Infrastructure Ltd. | 424-E<br>(a)424-F | 3<br>1 | 20.6.19 at 2 PM<br>-do- |
| 55 | Golden Forest (India) Ltd./ Golden Projects Ltd. | 426-E<br>(a)426-F | 53<br>14 | 20.6.19 at 2 PM<br>-do- |
| 56. | Good Luck Scheme | 740-E | 1 | 21.6.19 at 2 PM |
| 57. | GR Multipurpose Co-operative Ltd. | 741-E | 1 | 21.6.19 at 2 PM |
| 58. | Gramya Kishan Bikas Cooperative Ltd. | 427-E | 3 | 21.6.19 at 2 PM |
| 59. | Gramya Unayana Swayan Sahayak Gosthi. | 582-E<br>(a)582-F | 175<br>1 | 21.6.19 at 2 PM<br>-do- |
| 60. | Grameen Vikash Credit Cooperative Ltd. | 742-E<br>(a) 742-F | 4<br>1 | 21.6.19 at 2 PM<br>-do- |
| 61. | Gramin Unnayan Multipurpose & Savings Cooperative Ltd. | 743-E<br>(a) 743-F | 2<br>2 | 22.6.19 at 2 PM<br>-do- |
| 62. | Green India Ltd. | 293-E | 1 | 22.6.19 at 2 PM |
| 63 | Green Estates (India) Ltd. | 294-E<br>(a)294-F | 4<br>1 | 22.6.19 at 2 PM<br>-do- |
| 64. | Green Land Habitation & Infrastructure Pvt. Ltd. | 744-E<br>(a)744-F | 11<br>1 | 22.6.19 at 2 PM<br>-do- |
| 65. | Konark Concepts. | 640-D<br>(a)640-F | 46<br>2 | 22.6.19 at 2 PM<br>-do |
| 66. | Heavenly Interdenominal Mission Trust | 430-E<br>(a)430-F | 2<br>203 | 24.6.19 at 2 PM<br>-do- |
| 67. | Health Lving Pvt. Ltd. | 505-E | 946 | 24.6.19 at 2 PM |
| 68. | In-State Infrastructure Pvt. Ltd. | 586-E | 144 | 24.6.19 at 2 PM |
| 69. | Inlife Investment | 746-E | 3 | 24.6.19 at 2 PM |
| 70. | Jiban Vruksha Ltd. | 747-E | 1 | 24.6.19 at 2 PM |
| 71. | Jibandeep Housing Finance Ltd. | 748-E | 1 | 25.6.19 at 2 PM |
| 72. | JVG Industries/ JVG Investments/ JVG Securities Ltd. | 590-E | 3 | 25.6.19 at 2 PM |
| 73 | Kalinga Credit Co-operative Society Ltd. | 749-E | 2 | 25.6.19 at 2 PM |
| 74. | Kalpashree Marketing (Pvt.) Ltd. | 750-E | 1 | 25.6.19 at 2 PM |
| 75. | Kalpavriksha Marketing Pvt. Ltd. | 751-E | 1 | 25.6.19 at 2 PM |
| 76. | KMJ Land Developers India Ltd. | 752-E | 2 | 26.6.19 at 2 PM |
| 77. | Kotak Mahindra Old Mutual Life Insurane Ltd. | 753-E | 1 | 26.6.19 at 2 PM |
| 78. | Kuber Mutual Benefits Ltd./ Kuber Planters Ltd. | 187-E | 4 | 26.6.19 at 2 PM |
| 79. | Kushaleswar Mahila Multi- Purpose Cooperative Ltd. | 434-E | 1 | 26.6.19 at 2 PM |
| 80. | Lakshya India Points | 594-E | 10 | 26.6.19 at 2 PM |
| 81. | LIC Micro Finance | 302-E<br>(a)302-F | 2<br>4 | 27.6.19 at 2 PM<br>-do- |
| 82. | Life Care Contech Ltd. | 754-E | 5 | 27.6.19 at 2 PM |
| 83. | Life Care (India) Ltd. | 435-E | 31 | 27.6.19 at 2 PM |
| 84. | M-Powder Tradelink Pvt. Ltd. | 473-E<br>(a)473-F | 6<br>3 | 27.6.19 at 2 PM<br>-do- |
| 85. | M-Units Scheme Bond | 437-E | 1 | 27.6.19 at 2 PM |
| 86. | Maitrega Services Pvt. Ltd. | 755-E | 1 | 28.6.19 at 2 PM |
| 87. | Manjar Agrotech Pvt. Ltd. | 596-E | 1 | 28.6.19 at 2 PM |
| 88. | Mas Future Realcon Pvt. Ltd. | 597-E | 1 | 28.6.19 at 2 PM |
| 89. | Mayuraditya Agri-Tech & Multipurpose Coperative Ltd. | 191-E<br>(a)191-F | 3<br>72 | 28.6.19 at 2 PM<br>-do- |
| 90. | MF Gramina Unnayan Multipurpose & Saving Cooperative Ltd. | 600-E<br>(a)600-F | 28<br>1 | 28.6.19 at 2 PM |
| 91. | Money Guarantee Limited. | 442-E<br>(a)442-F | 47<br>18 | 1.7.19 at 2 PM<br>-do |
| 92. | Money Sankalp Markeing (India) Pvt. Ltd. | 756-E | 1 | 1.7.19 at 2 PM |
| 93. | Multibiz India | 757-E | 1 | 1.7.19 at 2 PM |
| 94. | Nagarjuna Finance Ltd. | 758-E | 6 | 1.7.19 at 2 PM |
| 95. | National Education & Economic Development Society (NEEDS) | 759-E | 4 | 1.7.19 at 2 PM |
| 96. | National Federation of the Blind | 445-E<br>(a)445-F | 17<br>2 | 2.7.19 at 2 PM |
| 97. | Nixcil Pharmaceutical Specialities Ltd. | 92-E<br>(a)92-F | 866<br>260 | 2.7.19 at 2 PM<br>-do- |
| 98. | Odisha Maitree Multipurpose Co-operative | 446-E<br>(a)446-F | 3<br>1 | 2.7.19 at 2 PM<br>-do- |
| 99. | Our Motto-Economic Freedom for All. | 607-E | 3 | 2.7.19 at 2 PM |
| 100 | One Multi Projects Solutions | 448-E | 3 | 2.7.19 at 2 PM |
| 101 | PMS Consultancy | 760-E | 1 | 3.7.19 at 2 PM |
| 102 | Prudential Capital Markets Ltd. | 761-E | 3 | 3.7.19 at 2 PM |
| 103 | Presto Exports Ltd. | 450-E<br>(a)450-F | 2<br>1 | 3.7.19 at 2 PM<br>-do- |
| 104 | PS Moneycraft & Fintech Ltd. | 451-E | 1 | 3.7.19 at 2 PM |
| 105 | Quantam Multipurpose Cooperative Ltd. | 310-E<br>(a)310-F | 7<br>3 | 3.7.19 at 2 PM<br>-do- |
| 106 | R.B. Retail Ltd. | 763-E | 2 | 5.7.19 at 2 PM |
| 107 | Raj Kamal Tour & Travels | 764-E | 1 | 5.7.19 at 2 PM |
| 108 | RC Group of Companies | 765-E<br>(a)765-F | 26<br>8 | 5.7.19 at 2 PM<br>-do- |
| 109 | Real Group of Company | 611-E<br>(a)611-F | 1<br>1 | 5.7.19 at 2 PM<br>-do- |
| 110 | Real Vision International Multipurpose Cooperative Ltd. | 453-E<br>(a)453-F | 20<br>17 | 5.7.19 at 2 PM<br>-do- |
| 111 | Realic Max Agro Project Pvt. Ltd. | 766-E | 15 | 6.7.19 at 2 PM |
| 112 | Resort & Tourism Services Ltd. | 315-E | 3 | 6.7.19 at 2 PM |
| 113 | Ritika Comtrade Member NSEL. | 613-E | 4 | 6.7.19 at 2 PM |
| 114 | Royal Focus Multiservices Ltd. | 615-E | 1 | 6.7.19 at 2 PM |
| 115 | Rushikulya Agro Infra Projects Ltd./ Rushikulya Agro Infrastructure Ltd. | 454-E<br>(a)454-F | 18<br>17 | 6.7.19 at 2 PM<br>-do- |
| 116 | RVC Amuthasurabhi | 455-E<br>(a)455-F | 4<br>1 | 8.7.19 at 2 PM<br>-do- |
| 117 | S.R, Green House Ltd., | 767-E<br>(a) 767-F | 82<br>20 | 8.7.19 at 2 PM<br>-do- |
| 118 | Safe Funds Management | 768-E | 1 | 8.7.19 at 2 PM |
| 119 | Sahajee Infrastructure (I) Ltd. | 769-E | 1 | 8.7.19 at 2 PM |
| 120 | Sambrudhi Multipurpose Cooperative Ltd. | 770-E | 2 | 8.7.19 at 2 PM |
| 121 | Sampark Multipurpose Cooperative Ltd. | 771-E | 9 | 9.7.19 at 2 PM |
| 122 | Samrudhi Devbuild Industries India Ltd. | 772-E | 1 | 9.7.19 at 2 PM |
| 123 | Sanchaya (I) Marketing Pvt. Ltd. | 773-E<br>(a)773-F | 1<br>4 | 9.7.19 at 2 PM<br>-do- |
| 124 | Sanskar India | 618-E<br>(a)618-F | 6<br>1 | 9.7.19 at 2 PM<br>-do- |
| 125 | Saphire Aqua Agro Tech (I) Ltd. | 774-E<br>(a)774-F | 21<br>4 | 9.7.19 at 2 PM<br>-do- |
| 126 | Secure Life Co-operative Ltd./ Secure Life Group of Companies. | 319-E<br>(a)319-F | 86<br>16 | 10.7.19 at 2 PM<br>-do- |
| 127 | Searose Multipurpose Coopertive Ltd. | 318-E<br>(a)318-F | 43<br>4 | 10.7.19 at 2 PM<br>-do- |
| 128 | Seven Miles Projects Ltd. | 775-E<br>(a)775-F | 39<br>1 | 10.7.19 at 2 PM<br>-do- |
| 129 | Shree Sarvodaya Trading & Services Pvt. Ltd. | 320-E | 9 | 10.7.19 at 2 PM |
| 130 | Shreyasree Solutions Ltd. | 622-E | 1 | 10.7.19 at 2 PM |
| 131 | Sky Lark Group of Company | 623-E | 1 | 11.7.19 at 2 PM |
| 132 | Skyline Comotrade Ltd./ Skyline Fortune International Ltd./ Skyline Gold Ltd./ Skyline Group. | 332-E<br>(a)332-F | 111<br>12 | 11.7.19 at 2 PM<br>-do- |
| 133 | Smile Makes Miles Marketing Ltd. | 624-E | 1 | 11.7.19 at 2 PM |
| 134 | Sonar Tari | 625-E | 1 | 11.7.19 at 2 PM |
| 135 | Success India Career/ Success India Marketing Pvt. Ltd. | 626-E | 3 | 11.7.19 at 2 PM |
| 136 | Sulava Bazaar | 776-E | 1 | 12.7.19 at 2 PM |
| 137 | Sun Planet Agro Finance Ltd./ Sun Plant Agro Ltd. | 323-E<br>(a)323-F | 31<br>1 | 12.7.19 at 2 PM<br>-do- |
| 138 | Sunplant Bio Energy Pvt. Ltd. / Sun Plant Forgings Ltd. | 627-E | 2 | 12.7.19 at 2 PM |
| 139 | Surbhi Agro-Tech Ltd. | 462-E | 1 | 12.7.19 at 2 PM |
| 140 | Swadeshi Jagran Manch | 777-E | 1 | 12.7.19 at 2 PM |
| 141 | Swarn Bhumi Forest (India) Ltd./ Swarn Bhumi Leasing Ltd. | 197-E<br>(a)197-F | 6<br>24 | 15.7.19 at 2 PM<br>-do- |
| 142 | Swasthik Innovative Multitrade Services. | 198-E | 1 | 15.7.19 at 2 PM |
| 143 | Systematix Consultancy Services (P) Ltd. | 464-E<br>(a)464-F | 8<br>4 | 15.7.19 at 2 PM<br>-do- |
| 144 | Tapoban Housing Finance Ltd. | 324-E<br>(a)324-F | 1<br>1 | 15.7.19 at 2 PM<br>-do- |
| 145 | The Balasore Bhadrak United Co-operative Ltd. | 778-E | 1 | 15.7.19 at 2 PM |
| 146 | The Federal Cooperative Savings Ltd. | 631-E<br>(a)631-F | 2<br>2 | 16.7.19 at 2 PM<br>-do- |
| 147 | The Idol Co-operative Ltd. | 465-E<br>(a)465-F | 2<br>1 | 16.7.19 at 2 PM<br>-do- |
| 148 | The Indians | 779-E | 1 | 16.7.19 at 2 PM |
| 149 | The Kalinga Bikash (T & P) Co-Banking, Puri | 633-E | 1 | 16.7.19 at 2 PM |
| 150 | The Mangaldeep Credit Cooperative Society Ltd. | 780-E | 1 | 16.7.19 at 2 PM |
| 151 | The Memorial Finance & Investment (I) Ltd. | 325-E<br>(a)325-F | 2<br>2 | 17.7.19 at 2 PM<br>-do- |
| 152 | The Urban Credit Co-operative Society Ltd. | 781-E<br>(a)781-F | 7<br>1 | 17.7.19 at 2 PM<br>-do- |
| 153 | Tour Package of Mangalam Tourism Pvt Ltd. | 782-E<br>(a)782-F | 1<br>1 | 17.7.19 at 2 PM<br>-do- |
| 154 | Trilok Enterprise | 783-E | 5 | 17.7.19 at 2 PM |
| 155 | Trimurti Enterpriser Pvt. Ltd. | 784-E | 1 | 17.7.19 at 2 PM |
| 156 | Unigroup of Companies in Visarev | 785-E | 1 | 18.7.19 at 2 PM |
| 157 | Unilever Venture Capital Investment Consultants Ltd. | 468-E | 1 | 18.7.19 at 2 PM |
| 158 | Union Multipurpose Cooperative Ltd. | 786-E | 2 | 18.7.19 at 2 PM |
| 159 | Unique Merchantile India Pvt. Ltd. | 328-E | 6 | 18.7.19 at 2 PM |
| 160 | United Co-operative Ltd. | 330-E | 1 | 18.7.19 at 2 PM |
| 161 | Urban Development Co-operative Ltd. | 787-E | 1 | 19.7.19 at 2 PM |
| 162 | Utkal Multistate Credit Cooperative Society Ltd./ Utkal Urban & Rural Co-operative Ltd. | 469-E<br>(a)469-F | 218<br>1 | 19.7.19 at 2 PM<br>-do- |
| 163 | Veerbhumi Plantation (India) Ltd. | 470-E<br>(a)470-F | 37<br>6 | 19.7.19 at 2 PM<br>-do- |
| 164 | Varsha Development India Pvt. Ltd. | 788-E | 1 | 19.7.19 at 2 PM |
| 165 | Vasundhara Marin Products Ltd. | 789-E | 1 | 19.7.19 at 2 PM |
| 166 | Versatile Group | 331-E | 2 | 20.7.19 at 2 PM |
| 167 | Wealth Management Ltd. | 790-E | 1 | 20.7.19 at 2 PM |
| 168 | Wi-Net Technology | 791-E | 1 | 20.7.19 at 2 PM |
| 169 | Zenith Agrotech India Ltd. | 638-E | 6 | 20.7.19 at 2 PM |
| 170 | Greentown Infraprojects Ltd. | 745-E | 2 | 20.7.19 at 2 PM |
| 171 | Surakshya Green Gold (I) Ltd. | 697-E | 1 | 22.7.19 at 2 PM |
| 172 | Aawahan Agro Industries Ltd. | 483-F | 4 | 22.7.19 at 2 PM |
| 173 | AB Real Tech Service Ltd. | 106-F | 6 | 22.7.19 at 2 PM |
| 174 | ABC India Limited | 348-F | 4 | 22.7.19 at 2 PM |
| 175 | ABCINDYA Networks Pvt. Ltd. | 641-F | 2 | 22.7.19 at 2 PM |
| 176 | ACME Tourism Development Ltd./ACME Excel Infrastructures Ltd. | 233-F | 4 | 23.7.19 at 2 PM |
| 177 | Adarsh Stallfed Farms Pvt. Ltd./ Adarsh Wealth Ventures Ltd./ Adarsh Multipurpose Puri/ Dhenkanal/ Cuttack/ Keonjhar/ Bolangir Co-opeprative Ltd. | 3-F | 813 | 23.7.19 at 2 PM |
| 178 | Agrigold Farm Estates India Pvt. Ltd. | 349-F | 4 | 23.7.19 at 2 PM |
| 179 | Akash India Multi Complex Ltd./ Akash India Active Solutions | 351-F | 1 | 23.7.19 at 2 PM |
| 180 | Alchemist Infra Realty Ltd. | 207-F | 63 | 23.7.19 at 2 PM |
| 181 | Alchemist Township India Ltd. | 352-F | 1 | 24.7.19 at 2 PM |
| 182 | Alpic Finance Ltd. | 566-F | 1 | 24.7.19 at 2 PM |
| 183 | Amass Infrastructure Industries Ltd. | 209-F | 2 | 24.7.19 at 2 PM |
| 184 | Ambitious Diversified Projects Management Ltd.,/ Oak Multistate Credit Cooperative Society Ltd./Oaklife Cooperation Ltd./ Oaklife Mayurbhanj Selfhelp Cooperation Ltd. | 110-F | 37 | 24.7.19 at 2 PM |
| 185 | Artha Tatwa Enterprises Pvt. Ltd./ AT Infra India Ltd./ AT Multipurpose Coop. Society Ltd./ AT Multi State Credit Coop. Society Ltd/ AT Group of Companies Ltd. | 2-F | 310 | 24.7.19 at 2 PM |
| 186 | Astha Goat Farming India Pvt. Ltd./ Astha International Ltd./ Aakankash Wealth & Estate Pvt. Ltd./ Blue Bird Beverages & Resort Pvt. Ltd./ Astha Group of Companies. | 9-F | 1160 | 25.7.19 at 2 PM |
| 187 | Basundhara Green Power Ltd. | 116-F | 27 | 25.7.19 at 2 PM |
| 188 | Bharat Integrated Social Welfare Agency(BISWA) | 400-F | 65 | 25.7.19 at 2 PM |
| 189 | Biswalpramoda RSR Tradelink Pvt. Ltd. | 339-F | 9 | 25.7.19 at 2 PM |
| 190 | Bluebell Infratech Ltd. | 213-F | 44 | 25.7.19 at 2 PM |
| 191 | Bricsan Homes Ltd. | 286-F | 1 | 26.7.19 at 2 PM |
| 192 | Coastal Orissa Multipurpose Cooperative Ltd. | 419-F | 2 | 26.7.19 at 2 PM |
| 193. | Cosmo Rose International Ltd./ Cosmo Real Estate (P) Ltd. | 118-F | 15 | 26.7.19 at 2 PM |
| 194 | Credible Microfinance Pvt. Ltd. | 357-F | 8 | 26.7.19 at 2 PM |
| 195 | Dream Achiever/ Dreams Achiever Pvt. Ltd. | 235-F | 1 | 26.7.19 at 2 PM |
| 196 | Dream View Vally Infra Tech India Ltd. | 216-F | 13 | 27.7.19 at 2 PM |
| 197 | East-Coast Mutual Trust for Trade & Commerce. | 58-F | 18 | 27.7.19 at 2 PM |
| 198 | Elora International Ltd. | 359-F | 19 | 27.7.19 at 2 PM |
| 199 | ESBI Industries Ltd. | 238-F | 1 | 27.7.19 at 2 PM |
| 200 | Flourish Development India Pvt. Ltd. | 16-F | 2272 | 27.7.19 at 2 PM |
| 201 | Future Farming Realcon Ltd./ Future Farming Ltd. | 268-F | 1 | 29.7.19 at 2 PM |
| 202 | Future General India Life Insurance Company Ltd./ Future Generali India. | 292-F | 3 | 29.7.19 at 2 PM |
| 203 | Future India Industries & Instructure Ltd./ Future Life Udyog Pvt. Ltd. | 17-F | 169 | 29.7.19 at 2 PM |
| 204 | Future Life Developers (P) Ltd./ Future Life Micro Finance/ Future Life Capital Services Ltd. | 18-F | 36 | 29.7.19 at 2 PM |
| 205 | Future Savings & Investment (Orissa) Ltd. | 580-F | 3 | 29.7.19 at 2 PM |
| 206 | Future Secure Agro Ltd./ Future Secure Cooperative Ltd./ Future Secure Group | 127-F | 84 | 30.7.19 at 2 PM |
| 207 | G-Link Revenue E-Com Pvt.Ltd. | 656-F | 3 | 30.7.19 at 2 PM |
| 208 | Global Infra Energy Ltd. | 502-F | 6 | 30.7.19 at 2 PM |
| 209 | GLP Developers Ltd./ Goldenland Developers Ltd. | 19-F | 86 | 30.7.19 at 2 PM |
| 210 | Goldmine Animal Husbandry Pvt. Ltd./ Goldmine Group of Companies. | 366-F | 2 | 30.7.19 at 2 PM |
| 211 | Happylife Realty (India) Ltd. | 60-F | 47 | 31.7.19 at 2 PM |
| 212 | Hare Krishna Kunj Ashram | 584-F | 1 | 31.7.19 at 2 PM |
| 213 | Homeland Interdenominational Miracle, Miission Movement (HIMM) Project | 809-F | 3 | 31.7.19 at 2 PM |
| 214 | I Core E-Services Ltd./ I Core Jewellery & Gems Pvt. Ltd. | 24-F | 431 | 31.7.19 at 2 PM |
| 215 | Immobile Vison & Services Ltd. | 810-F | 1 | 31.7.19 at 2 PM |
| 216 | Inbuilt Merchant Pvt. Ltd. | 368-F | 1 | 1.8.19 at 2 PM |
| 217 | Infinity Realcon Ltd. | 131-F | 213 | 1.8.19 at 2 PM |
| 218 | Investors Protection & Welfare Association | `811-F | 1 | 1.8.19 at 2 PM |
| 219 | Jeevan Jyoti Agro Development Ltd./ Jeevan Jyoti International Ltd./ Jeevan Jyoti Group of Companies. | 133-F | 129 | 1.8.19 at 2 PM |
| 220 | Jibanbikash General Finance & Investment (I) Ltd. | 589-F | 1 | 1.8.19 at 2 PM |
| 221 | Joy Mangalam Devcon Industries Ltd. | 132-F | 2 | 2.8.19 at 2 PM |
| 222 | JSR Real Developers Ltd. | 812-F | 1 | 2.8.19 at 2 PM |
| 223. | Jugantar Gold & Jewellery Ltd./ Jugantor Reality Ltd./ Jugantor Shopping Mall | 300-F | 14 | 2.8.19 at 2 PM |
| 224 | Just Reliable Projects India Ltd. | 813-F | 10 | 2.8.19 at 2 PM |
| 225 | Jyotee Vision International Ltd. | 241-F | 12 | 2.8.19 at 2 PM |
| 226 | Kalinga Krushak Cooperative Ltd. | 814-F | 2 | 5.8.19 at 2 PM |
| 227. | Kohinoor Finance | 815-F | 1 | 5.8.19 at 2 PM |
| 228 | Land India Assets Ltd./ Land India Real Estate Pvt. Ltd. | 340-F | 1 | 5.8.19 at 2 PM |
| 229 | Liberty Innovative Infra-Projects Ltd. | 669-F | 1 | 5.8.19 at 2 PM |

SEE NEXT

## BERHAMPUR MUNICIPAL CORPORATION

No.: 3474/C.4-V-1/19 Date: 07.03.19

### TENDER CALL NOTICE

No. 545-C: Sealed tenders are invited to reach by Speed Post/Registered Post from individuals for **"Allotment of Stall at Khodasingi Main Road"**. The detailed terms & conditions are available at our office website **www.berhampur.gov.in**. The last date of receipt of tenders in this office by 28.03.2019 by 5.00 P.M. and will be opened on 29.03.2019 at 11.00 A.M. in the office of undersigned.

The authoriy reserves the right to accept or reject any tender without assigning any reason thereof.

**Sd./- Commissioner**

13035/11/0243/1819 **Berhampur Municipal Corporation**

## BERHAMPUR MUNICIPAL CORPORATION

No. 4416 Date: 08.03.19

### QUOTATION CALL NOTICE

No. 547-C: Sealed quotations are invited to be reached by Speed Post/Registered Post only from reputed agencies/firms for **"Annual Maintenance of Vehicle Tracking System"**. The detailed terms & conditions are available at our office website **www.berhampur.gov.in**. The last date of receipt of tenders in this office by 26.03.19, 5.00 P.M. and will be opened on 27.03.19 at 11.00 A.M. in the office of undersigned.

The authoriy reserves the right to accept or reject any quotation without assigning any reason thereof.

**Sd./- Commissioner**

13035/11/0245/1819 **Berhampur Municipal Corporation**

## TENDER CALL NOTICE

### (ଡି.ପି.ଏମ୍.ୟୁ. ପାଇଁ ଦିନିକିଆ ଭଡ଼ା ଭିତ୍ତିରେ ଗାଡ଼ି ଲଗାଇବା ପାଇଁ ଟେଣ୍ଡର ବିଜ୍ଞାପନ)

Advt. No.: 1020/NHM-18-19 Date: 08.03.2019

No. 968-E: Sealed request for proposal are invited from interested Travel Agencies/Tour Operators or Individuals for providing of diesel driven vehicles **for hiring of vehicles for DPMU on daily basis**. Details regarding eligibility criteria, terms & conditions and the formats of submission of tender are mentioned in the tender document which may be downloaded from the website: **www.sundergarh.nic.in**. Interested Agencies/ Tour Operators or Individuals may submit their tenders in a sealed envelope with superscribing on the top of the sealed envelope as **"Hiring of Vehicles on daily under DPMU, O/o. CDM & PHO, Sundargarh" in reference to Advertisement No. Dtd.** . The tenders should reach the office of the undersigned by Registered/Speed Post/Courier on or before **25.03.2019 (till 04 P.M.)**. The tenders will be opened at **11.30 A.M. on 26.03.2019**. The undersigned reserves the right to reject any or all the tenders without assigning any reason thereof.

**Sd./- Chief District Medical & Public Health Officer, Sundargarh**

10100/11/0087/1819

## MARKFED - ODISHA

**Old Station Road, Bhubaneswar - 751006**

**Ref. No.: 1057 Date: 7.3.19**

**F/Misc./185/2013-14 (Part)**

### TENDER CALL NOTICE

No. CAD-1565: MARKFED invites sealed tenders under two bid system from Insurance Companies registered with IRDA having valid certificate for insurance coverage of Rs.50.00 (fifty) crore (Rs.40.00 crore own stock & Rs.10.00 crore warehouse stock) Fertilizers stock stored at different godowns of MARKFED located through-out the State against the risk of Fire & allied perils, Earthquake, STFI, Terrorism cover (RSMTD). Burglary, House braking & theft. The bidders are required to submit the premium rates separately for each item as per terms and conditions of Floater Declaration Policy. The duly filled in bid documents should be sent through Speed Post/Registered Post only to reach this office by 2.00 P.M. on 23.03.2019. The Technical Bid will be opened on 23.03.2019 at 4.00 P.M. & Financial Bid of eligible technical bidder will be opened on 25.03.2019 at 3.00 P.M.

For details, please visit **Government of Odisha Tender website (www.odisha.gov.in)** or MARKFED website **(www.markfedodisha.nic.in)**.

39017/11/0027/1819 **Sd./- Secretary**

## DIRECTORATE OF ANIMAL HUSBANDRY AND VETERINARY SERVICES, ODISHA

**MANGALABAG, CUTTACK - 753001**

### TENDER NOTICE

ସ୍ଥାନୀୟ ସେଣ୍ଟ ଜାଭିୟର କେସିଏ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଏ' ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୪୦.୩ ଓଭରରେ ୧୨୯ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଓପନର ଯଶସ୍ୱୀ ଜୟସୁଆଲ ୩୦, ଉଇକେଟ କିପର ବ୍ୟାଟ୍ସମ୍ୟାନ ଧ୍ରୁବ ଜୁରେଲ ୪୦ ଓ ହର୍ଷ ଦୁବେ ୨୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ବି' ତରଫରୁ ଶିବମ ଶର୍ମା ୩, ପୂର୍ଣ୍ଣକ ତ୍ୟାଗୀ, ପ୍ରଭାତ ମୌର୍ଯ୍ୟ ଓ କରନ ଲାଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ବି ୪୧.୪ ଓଭରରେ ୭ ଉଇକେଟ ହରାଇ ୧୩୦ ରନ କରି ବିଜୟୀ ହୋଇଥିଲା। ଦଳ ତରଫରୁ ଅର୍ଯ୍ୟା ସେଠୀ ୫୧, ଅଥର୍ଭ ଅଙ୍କୋଲେକର ଅପରାଜିତ ୨୯, ତ୍ୟାଗୀ ଅପରାଜିତ ୧୪ ରନ ସଂଗ୍ରହ କରିଥିଲେ। ଭାରତ ଏ ତରଫରୁ ବୋଲିଂରେ ଶୁଭାଙ୍ଗ ହେଗଡେ, ଦୁବେ ଓ ଯୁବରାଜ ଚୌଧାରୀ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୪୯.୫ ଓଭରରେ ୨୦୦ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଲୁକ୍ ବିୟୁଫୋର୍ଟ ୪୦, ବ୍ରାଏସ ପାର୍ସନ ୪୦ ଓ ଆଣ୍ଡିଲ ମୋଗାକେନ ୩୮ ରନ ସଂଗ୍ରହ କରିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ରିୟାଜ ହୁସେନ ୩, ଆରିଫ ଖାଁ, ଅବିଦ ମହମ୍ମଦି ଓ ଶାଫିକୁଲ୍ଲ ଘଫାରି ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଆଫଗାନିସ୍ତାନ ୪୮.୩ ଓଭରରେ ୧୯୧ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଅଧିନାୟକ ଫରହାନ ଜାଖିଲ ୬୩, ରିୟାଜ ହୁସେନ ୩୫, ଇସ୍‌ଲାମ ଜଜାଇ ୨୧, ଆରିଫ ଖାଁ ୧୮, ଇସାକ ଜଜାଇ ୨୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ୪, ବ୍ରାଏସ ପାର୍ସନ ୨ଟି ଉଇକେଟ ନେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ମାର୍ଚ୍ଚ ୧୦/୨୦୧୯ Sambalpur, Sunday, March 10 / 2019

## ସଂକ୍ଷେପରେ

### ଗଛରେ ପିଟିଲା ବାଇକ୍, ଯୁବକ ମୃତ

**ଜହ୍ନାପଙ୍କ, ୯।୩ (ଡି.ଏନ୍.ଏ)** ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥ ନଂ-୫୭ର ବୁରକଟା ଛକ ନିକଟରେ ଶନିବାର ମଧ୍ୟାହ୍ନ ୧୨ଟା ସମୟରେ ଏକ ବାଇକ ରାସ୍ତା କଡ ଗଛରେ ପିଟି ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ମଦନ ବେହେରା (୨୫)। ଏହି ଦୁର୍ଘଟଣାରେ ବାଇକ୍ ପଛରେ ବସିଥିବା ଚେରୁ ନାଗ(୨୨) ଗୁରୁତର ଆହତ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି । ସୂଚନା ଅନୁସାରେ, ମଦନ ଓ ଚେରୁ ମଦନ ଓ ଚେରୁ ଏକ ବାଇକ୍ (ନଂ.ଓଆର୍୧୫କେ/୮୩୨୨) ଯୋଗେ କୌଣସି କାମରେ ବୌଦ୍ଧ ବ୍ଲକ ପିଙ୍ଗଲାବେଡା ଯାଇ ଫେରୁଥିଲେ। ଏହି ସମୟରେ ବୁରକଟା ଛକ ନିକଟରେ ରାସ୍ତାର ବାମ କଡରେ ଥିବା ଏକ ଗଛରେ ବାଇକ୍ ପିଟି ହୋଇଯାଇଥିଲା। ଫଳରେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମଦନଙ୍କୁ ମୃତ ଘୋଷଣା କରିଥିଲେ।

**ଡିଜିପିଙ୍କ ଅଫିସ୍ ସମ୍ମୁଖରେ ଉଲଗ୍ନ ପ୍ରତିବାଦ ଘଟଣା**

### ଏନ୍ଏଚ୍ଆର୍ସିଙ୍କ ନିକଟରେ ଅଭିଯୋଗ

**କଟକ ଅଫିସ,୯।୩:** ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗରେ ଗୁରୁବାର କନ୍ଧମାଳ ଜିଲାର ସୁଶୀଲ ହାଂସଦା ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସ ସମ୍ମୁଖରେ ଉଲଗ୍ନ ହୋଇ ପ୍ରତିବାଦ କରିଥିଲେ। ଏହି ଘଟଣାକୁ ନେଇ ଅନଲାଇନ୍‌ରେ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍ସି)ଙ୍କ ନିକଟରେ ଶନିବାର ଅଭିଯୋଗ କରିଛନ୍ତି ମାନବାଧିକାର କର୍ମୀ ସୁଜିତ୍ ସାହୁ। ପୋଲିସର ଏଭଳି କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ସୁଶୀଲଙ୍କ ଭାଇ ଓଡ଼ିଶା ପୋଲିସର ଏସ୍ଆଇ ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କ ମା' ଫୁଲବାଣୀ ପୋଲିସ କଲୋନୀରେ ରହୁଛନ୍ତି। ସେଠାରେ କେତେଜଣ ପୋଲିସ କର୍ମଚାରୀ ତାଙ୍କ ମା'ଙ୍କୁ ନିର୍ଯାତନା ଦେଉଛନ୍ତି। ଏନେଇ ତାଙ୍କ ମା' ନିକଟସ୍ଥ ଥାନା ଏବଂ ଫୁଲବାଣୀ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସୁଶୀଲ ଅଭିଯୋଗ କରିଥିଲେ। ତେଣୁ ସେ ଉଲଗ୍ନ ହୋଇ ପ୍ରତିବାଦ କରିଥିଲେ।

■ ଦୁଇ ବାଇକ୍ ମୁହାମୁହିଁ ଧକ୍କା

# ଚାଳକ ମୃତ, ଅନ୍ୟ ଜଣେ ଗୁରୁତର

**ବୀରମହାରାଜପୁର, ୯।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର-ରେଢାଖୋଲ ରାସ୍ତାର ଷଣ୍ଢା ଗ୍ରାମ ନିକଟରେ ଘଟିଥିବା ଏକ ରାସ୍ତା ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ପାଣ୍ଡରିପଡା ଗ୍ରାମର ସୁଦାମ ସେଠୀ (୩୫)। ଏଥିରେ ଗୁରୁତର ଆହତ ହୋଇଥିବା ଯୁବକ ଈଶ୍ୱର ମହାକୁର(୨୩)ଙ୍କ ଘର ନିକଟବର୍ତ୍ତୀ ବାଗବର ଗ୍ରାମରେ। ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥ ଗୁରୁତର ହେବାରୁ ରାତିରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସୁଦାମ ସେଠୀ ଏକ ବିବାହ ଉତ୍ସବରେ ଯୋଗ ଦେବାପାଇଁ ବାଗବର ଗ୍ରାମକୁ ଆସିଥିଲେ। ଅପରାହ୍ନ ପ୍ରାୟ ସାଢେ ୩ଟାରେ ସେ ବାଇକ( ଓଆର୍-୨୭-୧୩୯୭) ଯୋଗେ ନିଜ ଗାଁ ଅଭିମୁଖେ ଫେରୁଥିବା ବେଳେ ଷଣ୍ଢା ଗାଁ ପାଖ ରାସ୍ତା ଉପରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ (ଓଡି-୩୧ଏ-୦୬୯୯) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉକ୍ତ ଗାଡିର ଚାଳକ ଥିଲେ ବାଗବର ଗ୍ରାମର ଈଶ୍ୱର ମହାକୁର। ସ୍ଥାନୀୟ ଲୋକଙ୍କ ସହାୟତାରେ ବୀରମହାରାଜପୁର ଅଗ୍ନିଶମ ବାହିନୀ ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଡାକ୍ତରଖାନା ନେଇଥିଲେ। ତେବେ ସେଠାରେ ସୁଦାମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସନ୍ଧ୍ୟାରେ ବୀରମହାରାଜପୁର ମୁଖ୍ୟଛକରେ ମୃତଦେହକୁ ରଖି କ୍ଷତିପୂରଣ ଦାବିରେ ପରିବାର ସହ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ ପୋଲିସ ସହ ସ୍ଥାନୀୟ ଉପଜିଲାପାଳ ସୁବ୍ରତ କୁମାର ବେହେରା ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ସରକାରୀ ବିଧି ବ୍ୟବସ୍ଥା ଅନୁଯାଇ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାତି ପ୍ରାୟ ୮ଟା ବେଳେ ରାସ୍ତା ଅବରୋଧ ହଟିଥିଲା। ଦୁର୍ଘାଟଣା ସଂକ୍ରାନ୍ତରେ ବୀରମହାରାଜପୁର ପୋଲିସ ଏକ ମାମଲା (ନଂ- ୫୯/୧୯) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଦୁର୍ଘଟଣାଗ୍ରସ୍ତ ଦୁଇଟି ଯାକ ବାଇକକୁ ପୋଲିସ ଜବତ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଦଦନ୍ତକାରୀ ଅଫିସର ସୁରୁ ବିଶ୍ୱାଳଙ୍କଠାରୁ ପ୍ରକାଶ।


ବୀରମହାରାଜପୁର ମୁଖ୍ୟ ଛକରେ ମୃତଦେହ ରଖି ଲୋକେ ରାସ୍ତାରୋକୋ କରିଛନ୍ତି।

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

# ପରହର ଅଇଁଠାରେ ରଞ୍ଜିତାର ପେଟ ପୂରୁଛେ

**ରାଉରକେଲା ଅଫିସ, ୯।୩**

ଜନମ୍ ହେଲା ଦିନୁ ମରବାର ତକ୍ ସରକାର ଲୁକ୍‌କର ଲାଗି ଅନେକ ଯୋଜ୍‌ନା କାମ୍‌କାରୀ କରୁଛନ୍। ସରକାର ଛାତି ଫୁଲେଇ କହୁଛନ୍ ଯେ ଆମର ରାଏଜେ କେହି ଭୁଖେ ନାଇଁ ଶୁଅନ୍। ହେଲେ ବି ଗରିବ୍ ଦୁଖିକର ଦୁଖ୍ ନାଇଁଯିବାର। ଆଜି ବି ଷ୍ଟିଲ ସିଟି ରାଉରକେଲାରେ ଏନ୍‌ତା ଅଭାବି ଲୁକ୍‌କୁ ଦେଖିବାକେ ମିଳୁଛେ, ଯେ ବଁଚ୍‌ବାର ଲାଗି ଉପେ ଶୁଇନ୍ ହେଇ ଫିକଲା ପକାଲା ଖଲିଦନା ଅଁଡ଼ାଲି ହେଉଛନ୍। ଏନ୍‌ତା ବେଘର, ବେସାହାରା ଲୁକ୍‌କର ଖବର ରଖବାକେ କାହାରି ପାଖେ ସମିଆ ନାଇଁ। ଏନ୍‌ତାକି ଇ ନିସାହା, ଅସାହା ଲୋକ୍‌ମାନେ ସରକାରକଁର ୫ ଟଁକିଆ ଭାତ ଡାଲମା ଖାଏବାକେ ବି ସକ୍ଷମ ନୁହଁନ୍। ଏନ୍‌ତା ପରିସ୍ଥିତିରେ ଇମାନକର ଆଶ୍ରେଥଲ ପାଲଟୁଛେ ରେଲଷ୍ଟେଶନ, ବସଷ୍ଟାଣ୍ଡ। ସଖାଲ ପାଏଲେ ଧୂରଧୂର ମାରମାର, କେଜାନେ କେଭେ ବଦିଲ୍‌ବା ଇମାନକର ଭାଏଗ୍, ଇତାର ଉତର ବି କାହାରି ପାସେ ନାଁଇଁନ। ଏନ୍‌ତା ଝନେ ଦୁଖିନୀକେ ଦେଖିବାକେ ମିଳିଛେ ରାଉରକେଲା ଷ୍ଟିଲ ସିଟିରେ। ସେ ହେଉଛନ୍ ରଞ୍ଜିତା(୩୮)। ପିଁଧନ୍ ଉଡ଼ନ୍‌ରୁ ଝନେ ପାଗଲି ଲେଖେଁ ଦିଶୁଛନ୍, ସଂଗେ ନିଜର ଛୋଟ ଛୋଟ ଦୁଇ ଝି' ପୁଓ। ଫିଦିନ୍ ସେ ମୁଠେ ଖାଏବାର ଲାଗି ସହରର ଗଲିକଁଦିରେ କିଁଦ୍‌ରୁଛନ୍। କେହେନ୍‌ସି ଭୁଜିଭାତ ଦେଖିଲେ ତାର ପାସେ ଘଁଟା ଘଁଟା ଧରି ଦୁଇ ଛୁଆକୁ ଧରି ବସି ରହୁଛନ୍, ଭାଏଲ ମୁଠେ ଖାଏବାକେ କିଏ କହେବା କାଏଁ, ଦେବା କାଏଁ। ତାହାକୁ ପଚାରଲେ କହୁଛନ୍ ମୋର ପେଟର ଚିନ୍‌ତା ନାଇଁ, ଅତିକମ୍‌ରେ ମୋର ଦୁଇ ଛୁଆକୁ ମୁଠେ ମିଳିଗଲେ ହେଲା। ଦୁଇ ଛୁଆକୁ ନିଜର ସଂଗେ ଧରି ବୁଲୁଥିବାର ଇ ମହିଲା ଝନକ ନିଜର ବାବ୍‌ଦେ କିଛି ବି କହିବାକେ ନାରାଜ। କେନ୍ ଗାଁରୁ କାହିଁର ଲାଗି ଆର କେଭେ ଆସିଥିଲେ ପଚରାଲେ ତାକର ଆଁଖିଥୁ ଥପ୍ ଥପ୍ ଲହ ଝରିପଡୁଛେ। ଭକାଛାଡ଼ନୁ ମା'ର ଇ କରୁନ ଦୁରୁଶ୍ ଦେଖୁଛନ୍ ଦୁଇ ଅବୋଧ ଛୁଆ। କିଏ କାଇଁଥିର ଲାଗି କାଣା କହୁଛେ, ମା' କାଇଁଥିର ଲାଗି କାଁଦୁଛେ ସେମାନେ କିଛି ନାଇଁ ବୁଝବାର। କେହେନ୍‌ସି ଭୁଜିଭାତ ହେଉ କି କିଏ ଫିକଲା ପକାଲା ଅଏଁଠାକେ ସାଉଁଟି ରଞ୍ଜିତା ନିଜର ପିଲାକର ଲାଗି ରଖୁଛନ୍। ରଞ୍ଜିତାର ଜୀବନ ଯୁଧିରେ ପେସି ହେଉଛନ୍ ଦୁଇ ବୋଧ ଛୁଆ। ନାଇଁ ଅଛେ ଇମାନକର ଭାଏଗ୍, ଭବିଷତ କି ସାମାଜିକ ସୁରକ୍ଷା। ଇ ବାବ୍‌ଦେ ରଞ୍ଜିତାକୁଁ ପଚରାଲେ କହୁଛନ୍, ଆଘର ମୋର ଛୁଆ ଦୁଇଟା ବଁଚିଯାଉନ୍ ପଛେ ବାକି ଚିନ୍‌ତା। ସତେ ଯେନ୍‌ତା ସରକାରକଁର ସବୁ ଯୋଜନା ସମାଜର ଇ ଦୁଖି ଗରିବ୍‌କର ଲାଗି ପର୍‌ହସନ ପାଲଟିଛେ। ସମାଜରେ ଏନ୍‌ତା ଅଲୋଡା ମୁନୁଷ୍‌କର ଭାଏଗ୍ କେଭେ ଫିଟ୍‌ବା ସେଟା ଆଜି ବି ପ୍ରଶ୍ନବାଚୀ ହେଇ ରହିଛେ।


ନିଜର ଦୁଇ ଅବୋଧ ଝି'ପୁଓର ସଂଗେ ରଞ୍ଜିତା।


କେରଳର ଦମ୍ପତିଙ୍କ କୋଳରେ ଶିଶୁପୁତ୍ର ।

# ଚୈତନ୍ୟଙ୍କୁ କୋଳେଇ ନେଲେ କେରଳ ଦମ୍ପତି

**ସୋନପୁର,୯।୩(ନି.ପ୍ର.)**

ଶିଶୁପୁତ୍ର ଚୈତନ୍ୟଙ୍କୁ ଶନିବାର ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି କେରଳର ଏକ ଦମ୍ପତି। ସନ୍ତାନ ସନ୍ତତି ନଥିବା ଏହି ଦମ୍ପତି ପୌଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ ଭାରତ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅନ୍ତର୍ଗତ ନୂଆଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ଆଡପ୍‌ସନ ରିସର୍ଚ୍ଚ ଏଜେନ୍ସି(କାରା)ରେ ୨୦୧୭ ମସିହାରେ ଆବେଦନ କରିଥିଲେ। ଅନୁମତି ମିଳିବା ପରେ ସମସ୍ତ ଆବଶ୍ୟକ କାଗଜାତ ପ୍ରସ୍ତୁତ ହୋଇଥିଲା। କେରଳର ଥିରୁବନନ୍ତପୁର ଜିଲା ଆର ଏଲ ନିବାସ, ମୁଣ୍ଡୁଭିଲା ଅଞ୍ଚଳର ବିଜିଥା(୩୮) ଓ ସ୍ୱାମୀ ବିପିନ ରାଜ(୪୫)ଙ୍କୁ ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର ଚୈତନ୍ୟଙ୍କୁ ଶନିବାର ହସ୍ତାନ୍ତର କରିଛନ୍ତି। ବିଜିଥା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଷ୍ଟେନୋଗ୍ରାଫର ଭାବେ ସରକାରୀ ଚାକିରି କରୁଥବା ବେଳେ ସ୍ୱାମୀ ବିପିନ କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ କରନ୍ତି। ଚୈତନ୍ୟଙ୍କୁ ପାଇବା ପରେ ଦମ୍ପତି ଖୁସି ବ୍ୟକ୍ତ କରିଛନ୍ତି। ତାର ନାମ ଅଭିଷେକ ରଖିଛନ୍ତି। ଏହି ସମୟରେ ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ହିମାଂଶୁ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଯୁବ ଜ୍ୟୋତି ଯୁବକ ସଂଘର ପରିଚାଳକ ମୃତ୍ୟୁଞ୍ଜୟ ଭୁଜବଳ, ସଂଯୋଜକ ତ୍ରିନାଥ ସାହୁ, ଆଇନଜୀବୀ ହେମନ୍ତ ସା ଓ ଶିଶୁ ସୁରକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ବୌଦ୍ଧ ଜିଲା ମନମୁଣ୍ଡା ଥାନା ମହୁଲବାହାଲି ଗାଁର ରାସ୍ତାପାର୍ଶ୍ୱ ପରିତ୍ୟକ୍ତ ସ୍ଥାନରୁ ଗତ ନଭେମ୍ବର ୨୭ତାରିଖରେ ଏହି ସଦ୍ୟଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିଲା। ଶିଶୁଟି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଏସଏନସିୟୁରେ ରହିଥିଲା। ସୁସ୍ଥ ହେଲା ପରେ ଶିଶୁ ମଙ୍ଗଳ ସମିତିର ନିଷ୍ପତ୍ତିକ୍ରମେ ଚୈତନ୍ୟ ଡିସେମ୍ବର ୧୧ ତାରିଖରୁ ସୁବର୍ଣ୍ଣପୁର ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର(ସା)ରେ ଥିଲେ ।

■ପ୍ରଦୂଷଣ ଆଇନ ଅବମାନନା

# ରାଇସ ମିଲ୍‌କୁ ବନ୍ଦ ନୋଟିସ

**ବରଗଡ଼ ଅଫିସ୍,୯।୩**

ବରଗଡ଼ ଜିଲାରେ ଛତୁ ଫୁଟିଲା ଭଳି ରାଇସ ମିଲ, ଇଟାଭାଟି ଆଦି ଗଢ଼ି ଉଠିଛି। ସମ୍ପୃକ୍ତ ସଂସ୍ଥା ମଧ୍ୟରୁ କେତେକାଂଶରେ ପ୍ରଦୂଷଣ ପ୍ରତିକାର ପାଇଁ ପଦକ୍ଷେପ ନିଆଯାଇନାହିଁ । ଏପରିକି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ନିର୍ଦ୍ଦେଶକୁ ମଧ୍ୟ ବିଭିନ୍ନ ଶିଳ୍ପାନୁଷ୍ଠାନ ବେଖାତିର କରୁଛନ୍ତି । ଜିଲାର ଅତାବିରା ବ୍ଲକ କତାବଗାସ୍ଥିତ ଭଗବତୀ ରାଇସ ମିଲ୍ ଏଭଳି ପ୍ରଦୂଷଣ ଆଇନ ଅବମାନନା କରିଥିବା ଜଣାପଡ଼ିଛି। ଏହା ଜଣାପଡ଼ିବା ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅଧୀନ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ରାଇସ୍ ମିଲ ମାଲିକ ମୁକେଶ କୁମାର ମାନେକଙ୍କୁ ଶୁକ୍ରବାର ବନ୍ଦ ନୋଟିସ ଜାରି କରାଯାଇଛି । ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ପତ୍ରସଂଖ୍ୟା:-୭୬୦ ତା:-୮/୩/୨୦୧୯ କ୍ରମେ ଏଭଳି ବନ୍ଦ ନୋଟିସ ଜାରି କରାଯାଇଛି। ନୋଟିସର ନକଲ ବରଗଡ଼ ଏସ୍‌ପି, ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ୱେସ୍କୋର ସିଇଓଙ୍କ ନିକଟକୁ ପଠାଯାଇଛି ।

ଉକ୍ତ ରାଇସ ମିଲ ଚଳାଇବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ଦିଆଯାଇଥିବା ଅନୁମତିର ଅବଧି ୨୦୨୦ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ରହିଛି। ଅନୁମତି ପ୍ରଦାନ କରିଥିଲେ ମଧ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ (ଇଟିପି)କୁ ସବୁବେଳେ କାର୍ଯ୍ୟକ୍ଷମ ରଖିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଯେଉଁ ନିର୍ଦ୍ଦେଶ ଦେଇଥିଲା, ସେହି ନିର୍ଦ୍ଦେଶକୁ ଏଠାରେ ବେଖାତିର କରାଯାଇଥିବା ଜଣାପଡ଼ିଥିଲା। ଗତ ଜାନୁୟାରୀ ୧୧ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଏକ ଟିମ୍ ମିଲ୍‌କୁ ପରିଦର୍ଶନରେ ଯାଇଥିଲେ । ସେତେବେଳେ ଇଟିପି କାର୍ଯ୍ୟକ୍ଷମ ନ ଥିବା ଏବଂ ମିଲ୍‌ରୁ ନିର୍ଗତ ବର୍ଜ୍ୟବସ୍ତୁ ନିକଟସ୍ଥ ଜମିକୁ ଯାଉଥିବା ଦେଖିବାକୁ ମିଳିଥିଲା ।

ଏହାପରେ ସମ୍ପୃକ୍ତ ମିଲ୍ ମାଲିକଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପତ୍ରସଂଖ୍ୟା-୩୦୭ ତା:-୫/୨/୨୦୧୯ରେ କାରଣ ଦର୍ଶାଅ ନୋଟିସ ଜାରି କରି ୧୫ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମିଲ୍ ମାଲିକ କୌଣସି ସ୍ପଷ୍ଟୀକରଣ ଦେଇ ନ ଥିବାରୁ ଗତ ୧ତାରିଖରେ ପୁଣି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଏକ ଟିମ୍ ଉକ୍ତ ମିଲ ପରିଦର୍ଶନ କରିବାକୁ ଆସିଥିଲେ । କିନ୍ତୁ ସେତେବେଳ ପର୍ଯ୍ୟନ୍ତ ମଧ୍ୟ ବର୍ଜବସ୍ତୁ ପରିଚାଳନା ବ୍ୟବସ୍ଥାରେ କିଛି ସୁଧାର ଆସି ନ ଥିଲା । ପୂର୍ବଭଳି ତାହା ଅକାମୀ ରହିଥିବାରୁ ବର୍ଜ୍ୟବସ୍ତୁ ପାଖ ଜମିକୁ ଯାଉଥିବା ଦେଖିବାକୁ ମିଳିଥିଲା ବୋଲି ଉକ୍ତ ଟିମ୍ ରିପୋର୍ଟ ପ୍ରଦାନ କରିଥିଲେ। ସେହି ରିପୋର୍ଟକୁ ଭିତ୍ତି କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବନ୍ଦ ନୋଟିସ୍ ଜାରି କରାଯାଇଛି ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ



### ବୌଦ୍ଧରେ ଭାଜପାର ମିଶ୍ରଣ ପର୍ବ

**ବୌଦ୍ଧ, ୯।୩(ସ୍ୱ.ପ୍ର):** ସାଧାରଣ ନିର୍ବାଚନ ଆଉ କିଛି ଦିନ ବାକି ଥିବାବେଳେ ଏବେ ସବୁ ରାଜନୈତିକ ଦଳରେ କର୍ମୀ ଓ ନେତାଙ୍କ ଦଳ ବଦଳ ଲାଗିରହିଛି । ବୌଦ୍ଧରେ ମଧ୍ୟ ରାଜନୀତି ସରଗରମ ହୋଇଛି । ଏହି କ୍ରମରେ ଶନିବାର ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ ଓ କନ୍ଧମାଳ ଲୋକସଭା ପ୍ରଭାରୀ ଅଶୋକ ମିଶ୍ରଙ୍କ ଉପସ୍ଥିତିରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବୌଦ୍ଧ ଜିଲାର ୧୦୦ରୁ ଅଧିକ ଯୁବ ଓ ଛାତ୍ର ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ । ମିଶ୍ରଣ ପର୍ବରେ ଜିଲା ସଭାପତି ସୌମିତ୍ରୀ କୁମାର ନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ନବାଗତଙ୍କୁ ଭାଜପା ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ବୌଦ୍ଧ ଜିଲା ପୂର୍ବତନ ଛାତ୍ର ବିଜେଡି ସଭାପତି ଅଟଳ ପ୍ରଧାନ, ଜୋନାଲ ବିଜୁ ଛାତ୍ର ଜନତାଦଳ ସମ୍ପାଦକ ପଙ୍କଜ ବାରିକଙ୍କ ସମେତ ଶହେରୁ ଅଧିକ ଛାତ୍ର ସାମିଲ ହୋଇଥିଲେ । ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସୁଶାନ୍ତ ବାଘ, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ଓମ୍ ପ୍ରକାଶ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ସାମିଲ ହୋଇଥିବା ପ୍ରକାଶ କରିଥିଲେ । ନିର୍ବାଚନ ପୂର୍ବରୁ ଏହା ଜିଲାସ୍ତରରେ ଭାଜପାର ଶକ୍ତି ବୃଦ୍ଧି କରିବା ସହିତ ଶାସକ ଦଳର ଚିନ୍ତା ବଢାଇବ ବୋଲି ଜିଲା ସଭାପତି ନାଏକ ସୂଚନା ଦେଇଥିଲେ। ମିଶ୍ରଣ ପର୍ବ ଅବସରରେ ଜିଲା ସାଧାରଣ ସମ୍ପାଦକ ବିପ୍ର ଚରଣ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୁଗଳ କିଶୋର ସାହୁ, ସୁଶାନ୍ତ କୁମାର ପ୍ରଧାନ, ସରୋଜ କୁମାର ପ୍ରଧାନ, ଇଂ. ରାକେଶ କୁମାର ତିପାଠୀ, ସୂର୍ଯ୍ୟନାରାୟଣ ମହାପାତ୍ର, ମନୋରଞ୍ଜନ ଦାଶ, ଧନେଶ୍ୱର ଅମାତ, ନାରାୟଣ କର୍ମୀ ଓ ସୁଧାଂଶୁ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲାସ୍ତରୀୟ ଯୁବ ସମ୍ମିଳନୀ

# ରାଷ୍ଟ୍ର ନିର୍ମାଣରେ ଯୁବ ଗୋଷ୍ଠୀର ପ୍ରମୁଖ ଭୂମିକା ରହିଛି

**ସୋନପୁର,୯।୩(ନି.ପ୍ର)**




ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ ସାଧନକର୍ମୀ ବୃନ୍ଦ ।

ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସୁବର୍ଣ୍ଣପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ଯୁବ ସଂଯୋଜକ ପ୍ରବୀର ପ୍ରଧାନ ସଭାରେ ଅଧ୍ୟକ୍ଷତା କରିଥିଲେ। ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଯୁବ ଗୋଷ୍ଠୀର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଯୁବ ଗୋଷ୍ଠୀ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ରାଷ୍ଟ୍ର ନିର୍ମାଣ ଦିଗରେ ସକାରାତ୍ମକ ଚିନ୍ତାଧାରାକୁ ନେଇ ନିଜକୁ ତଥା ଅନ୍ୟମାନଙ୍କୁ ସାମିଲ କରିବା ଉଚିତ। ଗ୍ରାମାଞ୍ଚଳର ସମସ୍ୟାକୁ ସ୍ଥାନୀୟ ସ୍ତରରେ ସମାଧାନ ପାଇଁ ଯୁବଗୋଷ୍ଠୀ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ ବଲାଙ୍ଗୀରର ତାଲିମଦାତା ଅଶୋକ କୁମାର ମେହେର ଯୋଗଦାନ କରି ଯୁବକମାନେ ସରକାରୀ ଯୋଜନା ବିଷୟରେ ଅବଗତ ହେବା ସହ ଯୋଗ୍ୟ ଲୋକଙ୍କ ନିକଟରେ ତାହା ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସାଧନ କର୍ମୀ ମୀନକେତନ ମହାକୁର ଶିଶୁ ସୁରକ୍ଷା, ଭ୍ରୁଣହତ୍ୟା ଓ ମହିଳା ସଶକ୍ତିକରଣ ବିଷୟରେ ଆଲୋଚନା କରିଥିଲେ। ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମର ସଂଯୋଜକ ଟିକେଲାଲ ସେଠ୍ ଉପସ୍ଥିତ ଯୁବ ଗୋଷ୍ଠୀଙ୍କୁ ଆର୍ଥିକ ସାକ୍ଷରତା ତଥା ଅନ୍ତର୍ଭୁକ୍ତି କାର୍ଯ୍ୟକ୍ରମ ଜନଧନ ଯୋଜନା, ବିଭିନ୍ନ ବୀମା ଓ ଅନ୍ୟ ଯୋଜନା ବିଷୟରେ ବୁଝାଇଥିଲେ। ନେହେରୁ ଯୁବ କେନ୍ଦ୍ରର ଲେଖାପାଳ ବିପିନ ବିହାରୀ ଜେନା, କାଯରଂକ୍ରମ ଅଧିକାରୀ ରାଜପାଲ ସିଂ ଉପସ୍ଥିତ ଥିଲେ। କୃପାସିନ୍ଧୁ ସା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସମ୍ମିଳନୀରେ ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶତାଧିକ ଯୁବକ ଅଂଶଗ୍ରହଣ କରିଥିଲେ ।

### ବିଜେଡି ଛାତ୍ର ଜନତା ଦଳ ଜୋନାଲ ସମ୍ପାଦକଙ୍କ ଇସ୍ତଫା

**ବୌଦ୍ଧ, ୯।୩(ସ୍ୱ.ପ୍ର)**

ସାଧାରଣ ନିବାଚନକୁ ଆଉ କିଛିଦିନ ବାକି ଥିବା ବେଳେ ବୌଦ୍ଧ ଜିଲାରେ ରାଜନୀତି ଉଷ୍ମତା ବୃଦ୍ଧି ପାଇଛି । ଗୁରୁବାର ବିଜୁ ଛାତ୍ର ଜନତା ଦଳର ଜୋନାଲ ସମ୍ପାଦକ ପଙ୍କଜ ବାରିକ (ବଲାଙ୍ଗିର ଜୋନ) ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ଏହାସହ ସେ ତାଙ୍କ ଇସ୍ତଫା ପତ୍ରକୁ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଛନ୍ତି । ବାରିକଙ୍କୁ ଦଳ ଛାଡିବା ନେଇ ପଚାରିବାରୁ ଜିଲାରେ ସ୍ଥାନୀୟ ନେତୃତ୍ୱଙ୍କ ଅକ୍ଷମତା ଓ ଅପାରଗତା କାରଣରୁ ସେ ଦଳ ଛାଡିଥିବା କହିବା ସହ ଅନ୍ୟ ଦଳରେ ମିଶିବା ନେଇ ମଧ୍ୟ ସୂଚନା ଦେଇଥିଲେ। ପ୍ରକାଶଥାଉକି, ଗତ କିଛିଦିନ ତଳେ ବିଜେଡିରୁ ବରିଷ୍ଠ ନେତା ନବ କୁମାର ମିଶ୍ର ଇସ୍ତଫା ଦେଇ କଂଗ୍ରେସରେ ଯୋଗଦାନ କରିଥିବାବେଳେ ପୂର୍ବତନ ଛାତ୍ର ବିଜେଡି ସଭାପତି ଅଟଳ ପ୍ରଧାନ ଇସ୍ତଫା ଦେଇ ଭାଜପାରେ ଯୋଗ ଦେଇଛନ୍ତି ।

## ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ସୋନପୁର,୯।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ଷଷ୍ଠ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍, ଜଳଯୋଗାଣ, ଶ୍ରମ ବିବାଦ ଓ ଚେକ୍ ବାଉନ୍ସ ଇତ୍ୟାଦି ମକଦ୍ଦମାର ଆପୋଷ ସହମତିରେ ସମାଧାନ ହୋଇଥିଲା। ମୋଟ ୧୮ଟି ମାମଲାର ଫଇସଲା ହୋଇ ସର୍ବମୋଟ ୪ଲକ୍ଷ ୪୮ହଜାର ୪୦୦ଟଙ୍କା ଆଦାୟ କରାଯାଇଛି। ୯ଟି ପ୍ରି-ଲିଟିଗେସନ ମାମଲା ଓ ବିଭିନ୍ନ ଅଦାଲତରେ ବିଚାରଧୀନ ଥିବା ୯ଟି ମାମଲାର ବିଚାର ହୋଇଥିଲା। ବ୍ୟାଙ୍କ ଋଣ ଆଦାୟ ବାବଦକୁ ୩ଲକ୍ଷ ୫୩ହଜାର ୫୩୪ଟଙ୍କା, ୭ଟି ଜଳଯୋଗାଣ ମାମଲାର ବାଚାର କରି ୨୩ହଜାର ୮୬୬ ଟଙ୍କା ଆଦାୟ ହୋଇଛି । ଜିଲା ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ରାଜ କୁମାର ସାହୁ, ଅତିରିକ୍ତ ଜିଲା ଦୌରାଜଜ୍ ଶ୍ୱେତା ମିଶ୍ର, ସିଜେଏମ ମାନସ ରଞ୍ଜନ ରଥ, ସବ୍‌ଜଜ୍ ସନ୍ଦୀପ କୁମାର ପଟ୍ଟନାୟକ, ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ସୀମା ତ୍ରିପାଠୀ, ଜେଏମଏଫସି ଅଙ୍କିତା ଶର୍ମା, କୋର୍ଟ ମ୍ୟାନେଜର ଅଚ୍ୟୁତ ସାମନ୍ତରା, ସରକାରୀ ଓକିଲ ବ୍ୟୋମକେଶ ଦାଶ, ପ୍ରଦୀପ କୁମାର ହୋତା, ପ୍ରକାଶ କୁମାର ରଥ, ଶରତ ଚନ୍ଦ୍ର ଭୋଇ, ଅଟଳ ବିହାରୀ ମହାପାତ୍ର, ସତ୍ୟ ନାରାୟଣ ମିଶ୍ର, ଅଦ୍ୱୈତ କୁମାର ପଣ୍ଡା ଓ ପ୍ରଦୀପ କୁମାର ମିଶ୍ର, ଆଇନଜୀବୀ ଇନ୍ଦ୍ରମଣି ଦାଶ, ଅଜିତ କୁମାର ବାରିକ, ଲକ୍ଷ୍ମିନାରାୟଣ ମିଶ୍ର ଓ ନିମାଇଁ ଚରଣ ପାଣିଗ୍ରାହୀ ପ୍ରମୁଖଙ୍କ ସହ ବିଭିନ୍ନ ମାମଲାର ସମାଧାନ ପାଇଁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନିଯୁକ୍ତ ଆଇନଜୀବୀମାନେ ଲୋକ ଅଦାଲତରେ ଯୋଗ ଦେଇଥିଲେ। ଏଥିରେ ଜିଲା ଆଇନସେବା ପ୍ରାଧିକରଣର ରଘୁନାଥ ସାହୁ, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଅର୍ଜ୍ଜୁନ ବେହେରା, ଜୟପ୍ରକାଶ ମିଶ୍ର, ବିବେକାନନ୍ଦ ପଣ୍ଡା, ସିଦ୍ଧାନ୍ତ କୁମାର ବାଗ, କମଳ ଲୋଚନ ବେହେରା, ସୁନିଲ କୁମାର ପ୍ରେମ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## ନ୍ୟାୟ ପାଇଁ ଧାରଣାରେ ଗରିବ ପରିବାର

**ବୀରମହାରାଜପୁର, ୯।୩(ଡି.ଏନ୍.ଏ.)**

ଷଷ୍ଠଦିନ ପରେ ବି ନୀରବ ପ୍ରଶାସନ



ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ସୁରେନ୍ଦ୍ର ଥାଟୀ, ତାଙ୍କ ସ୍ତ୍ରୀ ଓ ଶିଶୁକନ୍ୟା।

ପୋଲିସ ପ୍ରଶାସନଠାରୁ ଆସ୍ଥା ହରାଇ ଏକ ଗରିବ ପରିବାର ଶେଷରେ ଧାରଣା ଧର୍ମଘଟର ଆଶ୍ରୟ ନେଇଛନ୍ତି। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମାଟୁପାଲି ଗ୍ରାମର ସୁରେନ୍ଦ୍ର ଥାଟୀ(୪୨) ସ୍ତ୍ରୀ ଓ କନ୍ୟାସନ୍ତାନ ସହ ପାଞ୍ଚଦିନ ହେଲା ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ତାଙ୍କ ଅଭିଯୋଗ ଅନୁଯାଇ ସେ ଦୀର୍ଘ ଦଶବର୍ଷ ଧରି ଉଲୁଣ୍ଡା ନିକଟବର୍ତ୍ତୀ ମା' ମେଟାକାନୀଙ୍କ ବିଜେସ୍ଥଳୀ ନିକଟରେ ଏକ ନଡିଆ ଭୋଗ ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ସୁରେନ୍ଦ୍ରଙ୍କ ପରିବାର କହିଲେ ସ୍ତ୍ରୀ ଓ ତିନି ଝିଅଙ୍କ ସହିତ ବୁଢୀ ମା'। ତେବେ ଘଟଣାକ୍ରମରେ ଦୋକାନ ରହିଥିବା ସ୍ଥାନଟି ବିବାଦୀୟ ହେବା ଯୋଗୁଁ ସେ ସ୍ଥାନୀୟ ତହସିଲଦାରଙ୍କୁ ଥଇଥାନ ନିମନ୍ତେ ଆବେଦନ କରିଥିଲେ। ହେଲେ ଏହାରି ଭିତରେ ଗତ ତା୨୧।୮।୨୦୧୮ରିଖରେ ଉକ୍ତ ଦୋକାନରୁ ଚୋରି ହୋଇଥିଲା। ଏ ନେଇ ସୁରେନ୍ଦ୍ର ଉଲୁଣ୍ଡା ଥାନାରେ ଏତଲା ଦାଏର କରିବା ପରେ ଏକ ମାମଲା(ନଂ.୭୧/୧୮) ରୁଜୁ କରି ପୋଲିସ ନୀରବ ରହିଯାଇଥିଲା। ତାସତ୍ତ୍ୱେ ସୁରେନ୍ଦ୍ର ଥାଟୀଙ୍କ ପରିବାର ପକ୍ଷେ ଏହି କ୍ଷୁଦ୍ର ବ୍ୟବସାୟ ଚଳିବାର ରାହା ପାଲଟି ଯାଇ ସାରିଥିବାରୁ ପୁନର୍ବାର ଦୋକାନକୁ ପୁନର୍ଜିବିତ କରିଥିଲେ। ଏହାପରେ ସବୁ ଠିକ୍‌ଠାକ୍ ଥିଲେ ସୁଦ୍ଧା ଗତମାସ ୧୯ ତାରିଖରେ ଉକ୍ତ ଦୋକାନର ସାମଗ୍ରୀ ପୁଣି ଲୁଟ୍ ହେବା ସହ ଦୋକାନ ଘରକୁ ଦୁର୍ବୃତ୍ତ ଭାଙ୍ଗି ଦେଇଥିଲେ। ଏହାଦ୍ୱାରା ସର୍ବସ୍ୱାନ୍ତ ହୋଇ ପଡିଥିବା ସୁରେନ୍ଦ୍ର ଥାନାକୁ ଯାଇ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା ( ନଂ. ୧୭/୧୯) ରୁଜୁ କରିଛି। ତେବେ ଏହାର ତଦନ୍ତ ପ୍ରକ୍ରିୟାରେ ଅସନ୍ତୋସ ବ୍ୟକ୍ତ କରି ସମ୍ପୃକ୍ତ ପରିବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ମଧ ଗୁହାରି କରିଥିଲେ। ଏହା ଉପରେ ଆଶୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଜନଶୁଣାଣି ଶିବିରରେ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା କେଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସୁରେନ୍ଦ୍ର ଥାଟୀ ଓ ତାଙ୍କ ସ୍ତ୍ରୀ ଛୋଟ ଶିଶୁକୁ ଧରି ଗତ ସୋମବାରଠାରୁ ନିୟମିତ ଧାରଣାରେ ବସି ରହିଛନ୍ତି। ନ୍ୟାୟପାଇଁ ଦୀର୍ଘ ଛଅଦିନ ଧରି ଉପଖଣ୍ଡ ମୁଖ୍ୟାଳୟ ସାମ୍ନାରେ ବସି ରହିଥିଲେ ସୁଦ୍ଧା ଏଯାବତ କାହାରି ଦୃଷ୍ଟି ପଡିନାହିଁ ବୋଲି ଅତି ଦୁଃଖ ଓ କ୍ଷୋଭ ସହ ପ୍ରକାଶ କରିଛନ୍ତି ଏହି ଗରିବ ଦମ୍ପତି।

କୃଷକ ବିକାଶ ପରିଷଦର ଚାରି ଦଫା ଦାବି

## ୧୧ରେ ବୀରମହାରାଜପୁର ବନ୍ଦ ଡାକରା

**ବୀରମହାରାଜପୁର, ୯।୩(ଡି.ଏନ୍.ଏ.)**

କୃଷି ଓ କୃଷକଙ୍କ ସମସ୍ୟା ନେଇ ଆସନ୍ତା ୧୧ରାରିଖ ସୋମବାର ବୀରମହାରାଜପୁର ବନ୍ଦ ପାଳନ କରିବାକୁ ସ୍ଥାନୀୟ କୃଷକ ବିକାଶ ପରିଷଦ ଡାକରା ଦେଇଛି। ପରିଷଦ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ଇସ୍ତାହାର ଅନୁଯାଇ ଦୀର୍ଘ ଦିନର ଅଭିଯୋଗ ସତ୍ତ୍ୱେ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଚାଷୀଙ୍କୁ ଆର୍ଥିକ ଓ ମାନସିକ ନିର୍ଯାତନା ଦିଆଯାଉଥିବାରୁ ତା'ର ପ୍ରତିବାଦରେ ଚାରିଦଫା ଦାବି ନେଇ ଉକ୍ତ ବନ୍ଦ ଡାକରା ଦିଆଯାଇଛି। ଦାବିଗୁଡିକ ମଧ୍ୟରେ ହରିହର ଯୋର ସେଚ ପ୍ରକଳ୍ପ ମୁଖ୍ୟ କେନାଲ ପୁନରୁଦ୍ଧାର କାର୍ଯ୍ୟ ନିମ୍ନ ମାନର ହୋଇଥିବାରୁ ଏହାର ବିଚାର ବିଭାଗୀୟ/ଭିଜିଲାନ୍ସ ତଦନ୍ତ, ୨୦୦୪ ମସିହାରୁ ବିନା ଜଳସେଚନରେ ଜଳକର ଆଦାୟ ବନ୍ଦ ରଖାଯିବା ସହ ସମ୍ପୃକ୍ତ ଜମି ଉପରୁ ଜଳକର ଛାଡ ଏବଂ ଚାଷୀଙ୍କ ବିରୋଧରେ ରଜୁ ହୋଇଥିବା ସାର୍ଟିଫିକେଟ କେସ୍ ଗୁଡିକ ପ୍ରତ୍ୟାହାର, ହରିହର ଜୋର ସେଚପ୍ରକଳ୍ପ ବାମପାର୍ଶ୍ୱ କେନାଲ ନିର୍ମାଣ ସହିତ ଚାଷ ଜମିକୁ ଜଳ ସେଚନ ନିଶ୍ଚିତ କରିବା ଏବଂ ମରୁଡି ତଥା ଚକଡାର କ୍ଷତି ପୂରଣ ପ୍ରଦାନ ପ୍ରମୁଖ ଦାବି ଅନ୍ତର୍ଭୁକ୍ତ। ଏନେଇ ପରିଷଦ ପକ୍ଷରୁ ବନ୍ଦ ପାଳନରେ ସହଯୋଗ କରିବା ପାଇଁ ବିଭିନ୍ନ ସଂଗଠନକୁ ନିବେଦନ କରାଯାଇଥିବା ନେଇ କୃଷକ ବିକାଶ ପରିଷଦର ସଭାପତି ପ୍ରଦୀପ କୁମାର ସ୍ୱାଇଁ ସୂଚୀତ କରିଛନ୍ତି।

## ଭାଜପା ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଗଣ୍ଡଗୋଳ

**ବୌଦ୍ଧ, ୯।୩(ସ୍ୱ.ପ୍ର)**

ସାରା ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ସବୁ ଦଳରେ ଆଶାୟୀ ପ୍ରାର୍ଥୀଙ୍କୁ ନେଇ ଦଳ ଭିତରେ ଚିନ୍ତା ବଢିଛି । ଏହି କ୍ରମରେ ବୌଦ୍ଧରେ ଶନିବାର ଭାଜପା ପ୍ରାର୍ଥୀ ଚୟନ ବେଳେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁ ଚୟନ ପ୍ରକ୍ରିୟା ବାତିଲ ହୋଇଯାଇଛି ।

ସୂଚନା ଅନୁସାରେ, ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଧାୟକ ପ୍ରାର୍ଥୀ ମନୋନୟନ ସକାଶେ ଦଳୀୟ ନେତା ଓ କର୍ମୀମାନଙ୍କୁ ନିଜ ନିର୍ବାଚନ ମଣ୍ଡଳୀର ତିନି ଜଣ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ମନୋନୀତ କରିବାକୁ କୁହାଯାଇଥିଲା । ପ୍ରାର୍ଥୀ ଚୟନ ପ୍ରକ୍ରିୟା ପାଇଁ ଦଳର ନେତା ଓ କର୍ମୀମାନଙ୍କ ଭୋଟର ତାଲିକା ପ୍ରକାଶ କରାଯାଇ ନିଜ ପସନ୍ଦର ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବାକୁ କୁହାଯାଇଥିଲା । ଏ ନେଇ ବୌଦ୍ଧ ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ବୌଦ୍ଧ ସହରର ଟାଉନହଲ ଠାରେ ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା କାର୍ଯ୍ୟ ସୁରୁଖୁରୁରେ ସମାପନ ହେବା ପରେ ବୌଦ୍ଧ ପାଇଁ ମତଦାନ ଆରମ୍ଭ ହୋଇଥିଲା । କିନ୍ତୁ ବୌଦ୍ଧ ବିଧାୟକ ପଦବୀ ପାଇଁ ଦଳରେ ଅନେକ ଆଶାୟୀ ଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା । ମତଦାନ ଚାଲିଥିବା ବେଳେ ନିଜ ସପକ୍ଷରେ ମତ କରିବା ସୃଷ୍ଟି ପାଇଁ ମତଦାତା ତାଲିକାରେ ନାମ ନ ଥିବା ବ୍ୟକ୍ତିବିଶେଷଙ୍କୁ ମତଦାନ ସୁଯୋଗ ଦିଆଯାଉଥିବା ନେଇ ଆଶାୟୀଙ୍କ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ପାଟିତୁଣ୍ଡ ଜୋରରେ ହେବା ସହ ଭାଜପା ଜିଲା ସଭାପତି ଏପରି ତାଲିକା କରିଥିବା କିଛି ଆଶାୟୀ ପ୍ରାର୍ଥୀ ଅଭିଯୋଗ କରିଥିଲେ। ଏପରି ଅବସ୍ଥା ଦେଖି ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିବା କନ୍ଧମାଳ ଲୋକସଭା ପ୍ରଭାରୀ ଅଶୋକ ମିଶ୍ରଙ୍କ ବୁଝାଶୁଝା ପରେ ମଧ୍ୟ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା । ଶେଷରେ ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ଏହି ଚୟନ ପ୍ରକ୍ରିୟାକୁ ବାତିଲ କରିଦିଆଯାଇଥିବା ଜଣାଯାଇଛି । ତେବେ ନିର୍ବାଚନ ପୂର୍ବରୁ ଏହା ଦଳର ନେତାଙ୍କ ମଧ୍ୟରେ ଫାଟ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ଭାଜପାର ଜିଲା ସଭାପତି ସୌମିତ୍ରୀ କୁମାର ନାୟକ, ସୁଶାନ୍ତ କୁମାର ପ୍ରଧାନ, ସୂର୍ଯ୍ୟ ନାରାୟଣ ମହାପାତ୍ର, ବିପ୍ରଚରଣ ମହାନ୍ତି, ସରୋଜ କୁମାର ପ୍ରଧାନ, ମନୋରଞ୍ଜନ ଦାଶ, ନମିତାରାଣୀ ଦାଶ, ସୁଧାଂଶୁ ଡାଙ୍ଗ, ଧନେଶ୍ୱର ଅମାତ ପ୍ରମୁଖ ଟିକେଟ ଆଶାୟୀ ତାଲିକାରେ ରହିଛନ୍ତି । ଜିଲାରେ ଭାଜପା ସର୍ବସମ୍ମତ ପ୍ରାର୍ଥୀ ନ ହେଲେ ଦଳ ଭିତରେ ବିରୋଧ ହେବା ସହିତ ଆଗାମୀ ନିର୍ବାଚନରେ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବ ବୋଲି କର୍ମୀ ମହଲରେ ମତପ୍ରକାଶ ପାଇଛି ।

ବୀରମହାରାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୩,୫୩, ୫୩୪ ଟଙ୍କା ଖିଲାପି ବ୍ୟାଙ୍କ ଋଣ ଅସୁଲି

**ବୀରମହାରାଜପୁର, ୯।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବରିଷ୍ଠ ଦେୱାନୀ ଅଦାଲତ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଦେୱାନୀ ଜଜ୍ ଅବକାଶ ଚୌଧୁରୀଙ୍କ ଦ୍ୱାରା ପରିଚାଳିତ ଉକ୍ତ ଅଦାଲତରେ ସ୍ଥାନୀୟ ଏସଡିଜେଏମ ବବିତା ଦାଶ ସହଯୋଗ କରିଥିଲେ। ଏଥିରେ ୨୦୧୬ ମସିହାଠାରୁ ରାଧାପୁର ଗ୍ରାମର ବାଗ୍‌ଦେବୀ ମିଶନ ଶକ୍ତି ବିରୋଧରେ ବିଚାରଧିନ ଥିବା ଏକ ଦେୱାନୀ ମକଦ୍ଦମାର ଆପୋଷ ସମାଧାନ କରାଯିବା ସହ ୩ ଲକ୍ଷ ୫୩ ହଜାର ୫୩୪ ଟଙ୍କା ଋଣ ଆଦାୟ କରାଯାଇଥିବା ଜଣା ପଡିଛି। ସୂଚନା ମତେ, ଉକ୍ତ ମିଶନ ଶକ୍ତି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବୀରମହାରାଜପୁର ଶାଖାରୁ ଋଣନେଇ ଠିକଣା ସମୟରେ ପରିଶୋଧ କରି ନ ଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଶନିବାର ତାଲୁକ ଆଇନସେବା ସମିତି ପକ୍ଷରୁ ଆୟୋଜିତ ଉକ୍ତ ଲୋକ ଅଦାଲତରେ ବ୍ୟାଙ୍କ ଓକିଲ ବିଷ୍ଣୁ ଚରଣ ପଣ୍ଡା ଏବଂ ଓକିଲ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ସମ୍ପାଦକ ସୁରେଶ ପ୍ରସାଦ ପଣ୍ଡା, ସହ ସମ୍ପାଦକ ସନ୍ତୋଷ କୁମାର ଚାନ୍ଦ, ଆଡ୍‌ଭୋକେଟ ଶ୍ରୀଧର ଦାଶ, ପ୍ରଦୀପ କୁମାର ମିଶ୍ର ଓ କୁନ୍ଦନ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

କାଳିଆ ଯୋଜନା ଫେଲ୍

## ବ୍ୟାଙ୍କରୁ ଖାଲି ହାତରେ ଫେରୁଛନ୍ତି ଚାଷୀ

**କନ୍ଧମାଳ, ୯।୩ (ଡି.ଏନ.ଏ.)**



ଚାଷୀମାନେ ପଲଶାଗୋରା ଷ୍ଟେଟ ବ୍ୟାଙ୍କରେ ଭିଡ ଜମାଇଛନ୍ତି ।

ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ କାଳିଆ ଯୋଜନା ଫେଲ୍ ମାରିଛି । ଏହି ଯୋଜନାରୁ ଅର୍ଥ ମିଳିବା ନେଇ ବ୍ୟାଙ୍କକୁ ଯାଇ ଶହ ଶହ ଚାଷୀ ଖାଲି ହାତରେ ଫେରୁଥିବା ଦେଖିବାକୁ ମିଳିଛି। ଏହି ଯୋଜନାରେ ୫ ଏକର ପରିମିତ ଜମି ଥିବା ଚାଷୀଙ୍କୁ ଦୁଇଟି କିସ୍ତିରେ ଦଶ ହଜାର ଟଙ୍କା ପ୍ରଦାନ ପାଇଁ ନିୟମ ରହିଛି। ତେବେ ଅଞ୍ଚଳର ୫ ଏକର ଚାଷ ଜମି ଥିବା ଚାଷ ଏହି ଯୋଜନାରୁ ଲାଭବାନ ହୋଇଛନ୍ତି। ଏପରିକି ପରିବାରରେ ଅବିବାହିତ ପୁଅକୁ ମଧ କାଳିଆରେ ନାଁ ସାମିଲ କରାଯାଇଛି। ସ୍ୱାମୀଙ୍କ ନାମରେ ଚାଷଜମି ଥିବା ବେଳେ ସ୍ୱାମୀ ପ୍ରଥମ ତାଲିକାରେ ଯୋଜନାର ଲାଭ ଉଠାଇଥିବାବେଳେ ଭୂମିହୀନ ଭାବେ ସ୍ତ୍ରୀ ଦ୍ୱିତୀୟ ତାଲିକାରେ ଯୋଜନାର ଲାଭ ଉଠାଉଛନ୍ତି । ତାଲିକାର ୧୧ ହଜାର ୭୬୨ ନମ୍ବରରେ ଥିବା ଚାଷୀ କାଳିଆ ଯୋଜନାର ଅର୍ଥ ପାଇଥିବା ବେଳେ ୧୦ ହଜାର ୫୨୦ ନମ୍ବର ଚାଷୀ ଏଥିରୁ ବଞ୍ଚିତ ହୋଇଛନ୍ତି । ଭୂମିହୀନ ହୋଇଥିଲେ ମଧ ଚାଷୀ କାର୍ତ୍ତିକ ମହାଲିଙ୍ଗ, କୋଶଳେଶ୍ୱର ମଲ୍ଲିକ, ସୂର୍ଯ୍ୟ ମହାଲିଙ୍ଗ, ପଙ୍କଜ ତରିଆଙ୍କ ପରି ଶହ ଶହ ଚାଷୀ ଏହି ଯୋଜନାର ଲାଭ ନେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ମାତ୍ର ୭୮ ଡେସିମିଲ ଜମି ଥିବା କୈଳାସ ରଣା ଓ ୧୦ ଡେସିମିଲ ଜମି ଥିବା ଆନନ୍ଦ ଶୁଲ ଏହି ଯୋଜନାରେ ଫର୍ମ ଦାଖଲ କରିଥିଲେ ମଧ୍ୟ ସେମାନଙ୍କ ନାଁ ସାମିଲ କରାଯାଇନାହିଁ। କାଳିଆ ଯୋଜନାର ଏହି ବିସଙ୍ଗତି ପଲଶାଗୋରା, ଖଟଖଟିଆ ଓ ସିମିଳିପଦର ଆଦି ପଞ୍ଚାୟତରେ ଦେଖା ଦେଇଛି । ପଲଶାଗୋରା ଷ୍ଟେଟ ବ୍ୟାଙ୍କ ଶାଖାକୁ ପ୍ରତ୍ୟହ ଶହ ଶହ ଚାଷୀ ଆସି ଖାଲି ହାତରେ ଫେରୁଛନ୍ତି । ୨ଏକର ୨୨ ଡେସିମିଲ ଚାଷ ଜମି ଥିବା ନରେନ୍ଦ୍ର ପ୍ରଧାନ ଓ ୩ ଏକର ଚାଷ ଜମି ଥିବା ଲିଙ୍ଗରାଜ କର୍ମୀଙ୍କ ପରି ଶହ ଶହ ଚାଷୀ କାଳିଆ ଯୋଜନାର ଫର୍ମ ଦାଖଲ କରି ହତାଶ ହୋଇଛନ୍ତି । ଏ ନେଇ କାଳିଆ ଯୋଜନାର ବ୍ଲକ ନୋଡାଲ ଅଫିସର ଜଗବନ୍ଧୁ ପଟେଲଙ୍କୁ ପଚାରିବାରୁ ସେ କହିଲେ, ବ୍ୟାଙ୍କ ଆକାଉଣ୍ଟ ଓ ଆଧାର କାର୍ଡରେ ତ୍ରୁଟି ତଥା ବିଭିନ୍ନ ବର୍ଗର ଚାଷୀଙ୍କ ପାଇଁ ଫେଜ ୱାଇଜ ଅର୍ଥ ଛଡା ଯାଉଥିବାରୁ କେତେକ ଜାଗାରେ ଅସୁବିଧା ହୋଇଛି। ଆମକୁ ଆବଶ୍ୟକ ତଥ୍ୟ ଓ ପ୍ରମାଣ ଯୋଗାଇ ଦେଲେ ତାର ସମାଧାନ କରିବୁ ବୋଲି ସେ କହିଥିଲେ ।

### ଏମାନେ ଯାହା କୁହନ୍ତି...



ସରକାରଙ୍କ ଇ ଯୋଜନା ପ୍ରାୟ୍ ଜାଗାରେ ଫେଲ ମାରବା । ଯେନମାନେ ଧାନ ବେପାରରେ ସଂପୃକ୍ତ ଅଛନ ସେଇ ଅଧିକାରୀମାନେ ଇ ଯୋଜନାର ଲିଷ୍ଟ ତିଆରୁଛନ । ତଲର ଚାଷୀ ପାଇଗଲାନ, ଲିଷ୍ଟର ଉପରେ ଥିଲା ଚାଷୀ ଚାହିଁ ବସିଛେ ।

**-ମୁକୁନ୍ଦ ରଣା, ଚାଷୀ**



୧୫ ଏକର ଜମିବାଲା ପାଉଛେ । ଆର ଯାର ଯୋଗ୍ୟତା ଅଛେ ସେ ଚାଷୀ ଧରାକରା ନାଇଁ କରି ପାରବାର ବଲି ବେଙ୍କକେ ନରଦୁଛେ । ଆମର ଗାଁର ୮/୧୦ ଜନ ଭୂମିହୀନ ଇ କାଳିଆ ଯୋଜନାର ଟଂକା ନାଇଁ ପାଇପାରି । ହେଲେ ଗୁଟେ ଗୁଟେ ଘରର ୫ ଜନର ନାଁରେ ପାଇସା ଆଇଛେ ।**-ରୂପଲାଲ ରଣା, ଚାଷୀ**



ଆମର ବାପେ ପୁଏ ଜମିଭୂମି ନାଇଁ । ହେ ଚାଷକାମ ଆର କୁଲି ମଜରୀରେ ଚଳୁଛୁ। ହେଲେ ଅଲଗ ରହି କରି ବି ଆମର ବାପ ପୋ କାର ନାଁରେ ଇ କାଳିଆର ଟଁକା ଦେଖା ନାଇଁ ।

**-ଦୁତୀଆ ତରିଆ, ଚାଷୀ**



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବା।
- ଭଲ୍‌ଟାୟାର

## ସଂକ୍ଷେପରେ

### ବ୍ଲକସ୍ତରୀୟ ରେଡକ୍ରସ୍ ପ୍ରତିଯୋଗିତା

ବିଜେପୁର, ୯।୩ (ଡି.ଏନ.ଏ)- ବିଜେପୁର ବ୍ଲକ ପଡା ହାଇସ୍କୁଲରେ ବ୍ଲକସ୍ତରୀୟ ଜୁନିୟର ରେଡକ୍ରସ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ସରୋଜ ପୁରୋହିତଙ୍କ ସଂଯୋଜନାରେ ଉଦଘାଟନୀ ସମାରୋହ ହୋଇଥିଲା। ଅନ୍ୟମାନଙ୍କ ମଧରେ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ଡିଲେଶ୍ୱର ସାହୁ, ମହେନ୍ଦ୍ର ଆଚାର୍ଯ୍ୟ, ସୁରେନ୍ଦ୍ର ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ବିଶିକେଶନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ସଙ୍ଗୀତ, କୁଇଜ, ଡ୍ରାମା, ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା । ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଥିବା ବ୍ଲକ ଶିକ୍ଷା ବିଭାଗ ସୂତ୍ରରୁ ଜଣାପଡିଛି ।







ବିକାଶରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସର ଅତିଥିବୃନ୍ଦ (ବାମ) । ବରଗଡ଼ ମହିଳା ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ (ବାମ) । ରେମଣ୍ଡାରେ ଅନୁଷ୍ଠିତ ମହିଳା ଦିବସ କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ଉନ୍ନତି ପଥରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବରଗଡ଼ ଅଫିସ୍,୯।୩

ବରଗଡ଼ ସହର ଉପକଣ୍ଠ ବିକାଶ ଟେକ୍ନିକାଲ କ୍ୟାମ୍ପସରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ଏହି ଅବସରରେ ଛାତ୍ରୀମାନେ ବିକାଶ କ୍ୟାମ୍ପସରେ ୧୫୦୦ ମହିଳାଙ୍କୁ ବଟର୍ ଫ୍ଲାଏ ବ୍ୟାଚ୍ ମାଧ୍ୟମରେ ସଚେତନ କରିଥିଲେ । ଛାତ୍ରୀମାନଙ୍କ ପାଇଁ ମାଇଁ ଆଇକନିକ୍ ଇଣ୍ଡିଆନ ୱିମେନ ଏଚିଭର ନାମରେ ଏକ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ବିକାଶ ଡିଗ୍ରୀ କଲେଜ, ବିକାଶ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ବିକାଶ ପଲିଟେକ୍ନିକ୍ ହଷ୍ଟେଲର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ଅଭିପ୍ସା ପଟ୍ଟନାୟକ ପ୍ରଥମ, ସାଗରିକା ଶତପଥୀ ଦ୍ୱିତୀୟ ଏବଂ ଇଲା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଡା. ସୁସ୍ମିତା ଦାଶ, କଣ୍ଠଶିଳ୍ପୀ ରୀନା ଦାଶ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ଦେଶର ଉନ୍ନତିରେ ନାରୀର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ସମାଜରେ ନାରୀର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରି ପ୍ରସାଦ ସାହୁ, ବିକାଶ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଆଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ଡିଗ୍ରୀ କଲେଜ ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସମସ୍ତ ଅଧ୍ୟାପିକା ସହଯୋଗ କରିଥିଲେ ।

ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଭବନରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ କବୟିତ୍ରୀ ତଥା ସିନେ ତାରକା ଭାସ୍ୱତୀ ବସୁ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଓଡ଼ିଶାର ପ୍ରତିଷ୍ଠିତ ନାରୀ କବିମାନଙ୍କର କବିତା ସମ୍ବଳିତ ପ୍ରାଚୀର ପତ୍ରିକା ଅକ୍ଟୋପାସ୍‌ର ଶୁଭ ଉନ୍ମୋଚନ କରାଯାଇଥିଲା । ନାରୀ ସଞ୍ଚାର କଳାକାର ଜୟନ୍ତୀ ଦୀପ ଓ ସାଥୀ ସଞ୍ଚାର ପରିବେଷଣ କରିଥିଲେ । ଅତାବିରା ବ୍ଲକ କୁମେଲସିଂହା ଜନ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ରେମଣ୍ଡା କ୍ଷୀରେଶ୍ୱର ମେହେର ବାଳିକା ହାଇସ୍କୁଲରେ ମହିଳା ଦିବସ ପାଳନ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରତିପାଦନ କରିଥିବା ୧୦ଜଣ ମହିଳାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଡଃ ତପସ୍ୱିନୀ ଗୁରୁ, ପ୍ରମୋଦ କୁମାର ପଟ୍ଟନାୟକ, ସତ୍ୟକେତନ ମହାନ୍ତି, ସଂଯୁକ୍ତା ମହାନ୍ତି, ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ଡଃ ଅଜିତ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ । ବରଗଡ଼ ମହିଳା ସମିତି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଅଧ୍ୟାପିକା ସେବାଶ୍ରୀ ପାତ୍ର ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମିତି ସଭାପତି ପ୍ରୀତି ଗୁରୁ, ଉପସଭାପତି ରାଣୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମିତିର ସମସ୍ତ ସଭ୍ୟା ଉପସ୍ଥିତ ଥିଲେ ।

## ନିଲିବନ୍ଧର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଭୂମିପୂଜନ

ବରଗଡ଼ ଅଫିସ୍,୯।୩

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ପୁରାତନ ନିଲିବନ୍ଧର ପୁନରୁଦ୍ଧାର କାର୍ଯ୍ୟର ଭୂମିପୂଜନ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ଭୂମିପୂଜନ କରିଥିଲେ। ୧କୋଟି ୪୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହାର ପୁନରୁଦ୍ଧାର ହେବ ବୋଲି ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ସୁଦେଶ ମଙ୍ଗୁଆଳ, ପୂର୍ବତନ କାଉନସିଲର ବେଦମତୀ ସେଠ, ରୋହିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ନିଲିବନ୍ଧପଡ଼ାରେ ନବନିର୍ମିତ ହନୁମାନ ମନ୍ଦିରର ଭୋଗଘର, ଗୋଷ୍ଠୀ ସାଧନ କେନ୍ଦ୍ରକୁ ମଧ୍ୟ ବିଧାୟକ ଆଚାର୍ଯ୍ୟ ଲୋକାର୍ପଣ କରିଥିଲେ ।



କ୍ରିଷ୍ଣା ଅଟୋମୋଟିଭ୍‌ର ମେଗା ସର୍ଭିସ କ୍ୟାମ୍ପକୁ ଉଦ୍‌ଘାଟନ କରାଯାଉଛି ।

## ମେଗା ସର୍ଭିସ୍ କ୍ୟାମ୍ପ ଉଦ୍‌ଘାଟିତ

ବରଗଡ଼ ଅଫିସ୍,୯।୩

ବରଗଡ଼ ସହରରେ ରହିଥିବା କ୍ରିଷ୍ଣା ଅଟୋମୋଟିଭ୍ (ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା) ପକ୍ଷରୁ ମେଗା ସର୍ଭିସ୍ କ୍ୟାମ୍ପ ଅନୁଷ୍ଠିତ ହୋଇଛି । ପୂର୍ବତନ କାଉନସିଲର ସୁଜିତ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଏହି କ୍ୟାମ୍ପ ଚାଲିବ । ଏହି ସର୍ଭିସ୍ କ୍ୟାମ୍ପରେ ବିଶେଷ ରିହାତି ବ୍ୟବସ୍ଥା ରହିଛି । ଉଦଘାଟନୀ କାର୍ଯ୍ୟକ୍ରମରେ କ୍ରିଷ୍ଣା ଅଟୋମୋଟିଭ୍‌ର ସର୍ଭିସ ମ୍ୟାନେଜର ହେମନ୍ତ ମୁଦୁଲି ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

### ନିଶାମୁକ୍ତ ଗାଁ ପାଇଁ ମହିଳାଙ୍କ ସଂକଳ୍ପ

## ମଦଭାଟି ବନ୍ଦ ନ ହେଲେ ଆନ୍ଦୋଳନ

ବିଜେପୁର, ୯।୩ (ଡି.ଏନ.ଏ)

ବିଜେପୁର ସାନବାଉଁଶେନ ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ମହିଳାମାନେ ସଂକଳ୍ପ ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏକ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ବୃନ୍ଦାବତୀ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ସରପଞ୍ଚ ଗୀତା ବରିହା, ସମିତି ସଭ୍ୟା ବିଳାସିନୀ ବରିହା, ଯଶୋବନ୍ତୀ ତ୍ରିପାଠୀ, ଲକ୍ଷ୍ମୀ ଭୋଇ, ଗୀତାଞ୍ଜଳି ପଧାନ, ମନକାନ୍ତି ସେଠ, ଅସର୍ପି ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଗ୍ରାମକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ସହ ଗ୍ରାମର ଅନତି ଦୂରରେ ଥିବା ପେଟୁପାଲି ମଦଭାଟି ଉଚ୍ଛେଦ କରିବାକୁ ମହିଳାମାନେ ସଂକଳ୍ପ କରିଥିଲେ । ସୂଚନାଯୋଗ୍ୟ, ପେଟୁପାଲିରେ ଦୁଇ ବର୍ଷ ତଳେ ମଦଭାଟି କାର୍ଯ୍ୟକ୍ଷମ ହୋଇଛି । ଏହା ଦ୍ୱାରା ଗ୍ରାମରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ପାରିବାରିକ କଳହ ସୃଷ୍ଟି ହେଉଛି । ତେଣୁ ଏହାର ଉଚ୍ଛେଦ ପାଇଁ ଗ୍ରାମର ମହିଳାମାନେ ଜିଲା ପ୍ରଶାସନ ନିକଟରେ ଗୁହାରି କଲେ ମଧ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷେ ଏହି ମଦଭାଟିକୁ ଭାଟେନଡୁଙ୍ଗୁରୀ-ପୁଞ୍ଜିପଥର ସ୍ଥିତ ମୁଖ୍ୟରାସ୍ତା ପାର୍ଶ୍ୱରେ ଆରମ୍ଭ କରିବାକୁ ମସୁଧା ଚାଲିଛି । ଉକ୍ତ ସ୍ଥାନରେ ଏକ ଭାଗବତ ମନ୍ଦିର ରହିଥିବା ବେଳେ ମାସର ବିଭିନ୍ନ ଦିବସରେ ଧାର୍ମିକ ପ୍ରବଚନ, ଭଗବତ ସମାବେଶ ଆୟୋଜିତ ହେଉଛି । ପୁଣି ଏହି ବାଟଦେଇ ଛାତ୍ରୀଛାତ୍ର ସ୍କୁଲ କଲେଜକୁ ପାଠ ପଢ଼ିବାକୁ ଯାଉଛନ୍ତି । ଫଳରେ ଆଗାମୀ ଦିନରେ ମଦଭାଟିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରା ନ ଗଲେ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବୃଦ୍ଧି ସହ ବିଶୃଙ୍ଖଳିତ ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି । ତେଣୁ ଉଭୟ ସ୍ଥାନରେ ମଦଭାଟିକୁ ସମ୍ପୂର୍ଣ୍ଣ ବନ୍ଦ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଶେଷରେ ବୃନ୍ଦାବତୀ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ ।




ଶନିବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ।

## କେବଳ ଶିଳାନ୍ୟାସରେ ମାତିଛି ବିଜେଡି

ସରଣ୍ଡା,୯।୩ (ଡ଼ି.ଏନ.ଏ.)

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀର ସାମୂହିକ ବିକାଶ ନ କରି କେବଳ ଶିଳାନ୍ୟାସରେ ସୀମିତ ରହିଛି ବିଜୁ ଜନତା ଦଳ । ସେହିପରି ଏହି ଦଳ ଦୁର୍ନୀତିର ଚରମ ସୀମାରେ ପହଞ୍ଚିଥିବା ଭାଜପା ପକ୍ଷରୁ ଶନିବାର ଅତାବିରା ଉଗ୍ରସେନ ଭବନଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏହି ସମ୍ମିଳନୀରେ ଭାଜପା ନେତା କୁଶ କୁମ୍ଭାର ଆହୁରି ଅଭିଯୋଗ କରିଛନ୍ତି ଯେ, ବିଜେଡିର ନେତାମାନେ କେବଳ ଶିଳାନ୍ୟାସ କରିଚାଲିଛନ୍ତି । ମାତ୍ର ତାହା କାର୍ଯ୍ୟକ୍ଷମ ନ ହୋଇ ଶିଳାନ୍ୟାସରେ ରହିଯାଉଛି । ପତ୍ରାପାଲି ଓ କାଠଡେରାଠାରେ ମହିଳା କଲେଜ ପାଇଁ ଶିଳାନ୍ୟାସ ହୋଇଥିଲେ ମାତ୍ର ଅଦ୍ୟାବଧି ତାହାର କାର୍ଯ୍ୟ ଆରମ୍ଭ ହୋଇନାହିଁ । ପତ୍ରାପାଲିଠାରେ ଅନ୍ନପୂର୍ଣ୍ଣା କଲ୍ୟାଣ ମଣ୍ଡପ ଅଧାପନ୍ତରିଆ ହୋଇ ପଡିରହିଛି । ଏଠାରେ ଛତୁଆ ଦୁର୍ନୀତି ହୋଇଛି । ଏହି ବିଧାନସଭା କ୍ଷେତ୍ରରେ ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାକାର ଚାଷୀ ଅବହେଳିତ ଓ ନିଷ୍ପେଷିତ। ପ୍ରତି ପଞ୍ଚାୟତରେ ଶୀତଳଭଣ୍ଡାର ଦିବା ସ୍ୱପ୍ନ ହୋଇପଡ଼ିଛି ବୋଲି କୁମ୍ଭାର ଅଭିଯୋଗ କରିଛନ୍ତି । ଏ ନେଇ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ତାଙ୍କ ମୋବାଇଲ ନଂ. ୯୯୩୭୫୨୩୯୪୮ରେ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲା । ମାତ୍ର ସେ ରିସିଭ୍ ନ କରିବାରୁ ମତାମତ ନିଆଯାଇପାରିନାହିଁ ।

## ଚୋରି ଗାଡ଼ି ଉଦ୍ଧାର

ବରଗଡ଼ ଅଫିସ୍,୯।୩

ବରଗଡ଼ ସହରର ୱାର୍ଡ଼ ନଂ- ୧୦ର ଏକ କଦଳୀ ଗୋଦାମ ସମ୍ମୁଖରୁ ଗତ ୬ତାରିଖ ବିଳମ୍ବିତ ରାତ୍ରିରେ ଚୋରି ହୋଇଥିବା ଏକ ଟାଟା ଏସି ଗାଡ଼ି (ନଂ.ଓଆର୧୭ଏଫ/୯୦୦୩)କୁ ବରଗଡ଼ ଟାଉନ ଥାନା ପୋଲିସ ଉଦ୍ଧାର କରିଛି । ସମ୍ବଲପୁର ଜିଲା କ୍ଷେତରାଜପୁର ମୁଙ୍ଗାପଡ଼ାରୁ ସେହି ଗାଡ଼ିକୁ ଉଦ୍ଧାର କରାଯାଇଛି । ଏହି ଚୋରି ଘଟଣାରେ ଜଣେ ନାବାଳକଙ୍କ ସମେତ ୨ଜଣ ସମ୍ପୃକ୍ତ ଅଛନ୍ତି ଏବଂ ସେମାନଙ୍କୁ ଧରିବା ପାଇଁ ତନାଘନା ଚାଲିଛି ବୋଲି ବରଗଡ଼ ଏସଡ଼ିପିଓ କ୍ଷୀରସାଗର ନାଏକ ସୂଚନା ଦେଇଛନ୍ତି । ପ୍ରକାଶଥାଉକି, ବରଗଡ଼ ୱାର୍ଡ଼ ନଂ-୧୮ ନିବାସୀ ଶରତ ମୁଦୁଲି ୱାର୍ଡ଼ ନଂ-୧୦ସ୍ଥିତ ତାଙ୍କ କଦଳୀ ଗୋଦାମ ସମ୍ମୁଖରେ ଉକ୍ତ ଗାଡ଼ିକୁ ରଖିଥିବାବେଳେ ତାହା ଚୋରି ହୋଇଥିଲା । ସେ ଏ ନେଇ ସ୍ଥାନୀୟ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୧୫/୧୯) ରୁଜୁ କରି ତଦନ୍ତ ଚଳାଇଥିଲା ।



ମୁକ୍ତ ପ୍ରେକ୍ଷାଳୟକୁ ଅତିଥିମାନେ ଉଦଘାଟନ କରୁଛନ୍ତି ।

## ଶିକ୍ଷାମନ୍ତ୍ରୀଙ୍କୁ ଭେଟିବ ସଂସ୍କୃତ ଶିକ୍ଷକ ସଂଘ

ବରଗଡ଼ ଅଫିସ୍,୯।୩

ହାଇସ୍କୁଲସ୍ତରରେ ଏହି ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମାତ୍ର ୨୦୧୯-୨୦ ଶିକ୍ଷାବର୍ଷରୁ ରାଜ୍ୟ ସରକାର ହାଇସ୍କୁଲ ପାଠ୍ୟକ୍ରମରେ ତୃତୀୟ ଭାଷା ସଂସ୍କୃତର ବିକଳ୍ପ ଭାବେ ଧନ୍ଦାମୂଳକ ପାଠ୍ୟକ୍ରମ ପ୍ରଚଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ବରଗଡ଼ ଜିଲା ସଂସ୍କୃତ ଶିକ୍ଷକ ସଂଘ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରିଛି । ସଂସ୍କୃତ ଭାଷା କୋଟି କୋଟି ଭାରତୀୟଙ୍କ ହୃଦୟର ଭାଷା । ଜୀବନଙ୍କୁ ଶୃଙ୍ଖଳିତ ଓ ସଠିକ୍ ମାର୍ଗରେ ପରିଚାଳିତ ହେବା ପାଇଁ ଏହି ଭାଷାରୁ ହିଁ ଶିକ୍ଷା ମିଳିଥାଏ। ଫଳରେ ଏହି ଭାଷାକୁ ହାଇସ୍କୁଲ ପାଠ୍ୟକ୍ରମରେ ବାଧ୍ୟତାମୂଳକ ବିଷୟ ଭାବେ ପ୍ରଚଳନ କରି ସରକାର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଦାବି କରାଯାଇଛି । ଏହି ଦାବି ନେଇ ସଂଘ ପକ୍ଷରୁ ଶିକ୍ଷାମନ୍ତ୍ରୀଙ୍କ ଏକ ସ୍ମାରକପତ୍ର ପ୍ରଦାନ ପାଇଁ ସଂଘ ସଭାପତି ଧିରେନ୍ଦ୍ର କୁମାର ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପଦ୍ମପୁରରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଉକ୍ତ ବୈଠକରେ ସଂଘର ପଣ୍ଡିତ ଦୟାସାଗର ସାହୁ, ବେଦପ୍ରକାଶ ଶାସ୍ତ୍ରୀ, ଆଚାର୍ଯ୍ୟ ବୃହସ୍ପତି ପଣ୍ଡିତ ମୁରଲୀଧର କର ଶର୍ମା, ଜିଲା ସମ୍ପାଦକ ଗୋପବନ୍ଧୁ ପୁରୋହିତ ପ୍ରମୁଖଙ୍କୁ ଆବଶ୍ୟକ ପଦକ୍ଷେପ ନିର୍ବାହ ପାଇଁ ଦାୟିତ୍ୱ ଅର୍ପଣ କରାଯାଇଛି ।

## ଗୋବିନ୍ଦପୁର ପାଠାଗାର ଲୋକାର୍ପିତ

ବରଗଡ଼ ଅଫିସ୍,୯।୩

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରଠାରେ ସ୍ଥାନୀୟ ପାଠାଗାରର ନବନିର୍ମିତ ଗୃହ ଉଦ୍‌ଘାଟିତ ହୋଇଛି । ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପାଠାଗାରର ବରିଷ୍ଠ ସଭ୍ୟ ରଙ୍କମଣି ନାଏକ, ନିରଞ୍ଜନ ପ୍ରଧାନ, କିଶୋର ନାଏକ, ନିର୍ମଳ ନାଏକ, ଲକ୍ଷ୍ମଣ ପ୍ରଧାନ, ବିଶ୍ୱନାଥ ଦାସ, ଅଶୋକ ସାହୁ, ଆନନ୍ଦ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଶତାଧିକ ପାଠିକା, ପାଠକ ଉପସ୍ଥିତ ଥିଲେ ।

## ମୁକ୍ତ ପ୍ରେକ୍ଷାଳୟ ଉଦ୍‌ଘାଟିତ

ବରଗଡ଼ ଅଫିସ୍,୯।୩

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଅଗ୍ରଗାମୀ ଯୁବକ ସଂଘ ପରିସରରେ ନବନିର୍ମିତ ମୁକ୍ତ ପ୍ରେକ୍ଷାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ସଂଘର ସଭାପତି ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସ୍ଥାନୀୟ ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ । ସଂଘ ଉପସଭାପତି କୃଷ୍ଣଚନ୍ଦ୍ର ଭୋଇ, ସମ୍ପାଦକ ବିଶ୍ୱଜିତ ମିଶ୍ର, ପ୍ରାନ୍ତୀୟ ମାରୱାଡ଼ି ସମାଜର ଶ୍ୟାମଲାଲ ଅଗ୍ରୱାଲ, ସରକାରୀ ଓକିଲ ଦେବଦତ୍ତ ମିଶ୍ର, ଶିକ୍ଷକ ନେତା ଅଗ୍ନି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା ବାଟବଣା

## ଡିବିରି ଉଜିଆରେ ବିତୁଛେ ଜୀବନ୍

ଜାମଟିକ୍ରା, ୯।୩ (ଡି.ଏନ.ଏ)

**ଅତାବିରା ବ୍ଲକ**
- ୧୦ ବଛର ହେଲା ଖୁଁଟା ଟୁପା ହେଇଛେ
- ଘରମାନକୁ ମିଟର, ସୁଇବୋର୍ଡ ଲାଗିଛେ
- ବିଭାଗୀୟ ଅଧିକାରୀ, ଠିକାଦାରର ଦେଖା ନାଇଁ

ରାଜୀବ ଗାନ୍ଧୀ ଗ୍ରାମିଣ ବିଦ୍ୟୁତକରଣ ଯୋଜନାରେ ଦରିଦ୍ରିଆ ସୀମାରେଖା ତଲେ ଥିବାର ପରିବାରମାନକୁ ବିଦ୍ୟୁତ ସେବା ଯୁଗେଇ ଦିଆଯାଉଛେ । ହେଲେ ଇ ଯୋଜନା ବରଗଡ଼ ଜିଲା ଅତାବିରା ବ୍ଲକରେ ଅପହଁଚ୍ ହେଇ ରହିଥିବାର ଅଭିଯୋଗ ହେଉଛେ। ବ୍ଲକର ବୁଗବୁଗା ପଁଚେତର କର୍ମାଟିକ୍ରା ଗାଁରେ ୩୦ଟା ଗରିବ ପରିବାର ବାସ କରୁଛନ୍। ଗାଁରେ ବିଦ୍ୟୁତ ଖୁଁଟା ଟୁପା ହେଇଛେ, ବିପିଏଲ ପରିବାରମାନକୁ ଚିନ୍‌ହଁଟ କରାଯାଇ ଘରେ ଘରେ ମିଟର ଆର ସୁଇଚବୋର୍ଡ ଲଗାଯାଇଛେ । ହେଲେ ଆଏଜକେ ୧୦ ବଛର ବିତିଯାଇଥିଲେ ବି ବିଦ୍ୟୁତ୍ ସଂଯୋଗରୁ ପରିବାରମାନେ ବଁଚିତ ହେଇ ରହିଛନ୍। ଯେନ୍‌ଥିରଲାଗି ଗାଁବାସୀ ଡିବିରି, ଲାଲ୍‌ଟିନ୍‌ରେ ରାତି ବିତଉଛନ୍। ବେଲବୁଡ଼ଲେ ଲୋକ୍ ସାଁପ୍ କଁଟିଆ ଡର୍‌ହେ ଘରର କବାଟ କିଲି ଦେଉଛନ୍। ଇ ଗରିବ ପରିବାରମାନେ ଝାଟିମାଟି ଘରେ ବଡ଼ାଦୁଖେ ରାଏତ୍ ଘଡ଼ିକ କଟଉଛନ୍। ବଛର ବଛର ବିତିଯାଇଥିଲେ ବି ବିଭାଗୀୟ ଅଧିକାରୀ କି ଠିକାଦରକଁର ଦେଖା ଦରଶନ ନାଇଁ ମିଲବାର। ଇଥିରଲାଗି ଗାଁବାସୀ ଅନେକ ଥର ୱେସ୍କୋ ଅଫିସକେ ଯାଇ ନିରାଶ ହେଇଛନ୍। ଇ ଦିଗେ ଜିଲା ପରଶାସନ ଦୃଷ୍ଟି ଦେବାକେ ଗଁବାସୀ ଗଣମାଧ୍ୟମ ଜରିଆରେ ଗୁହାରି କରିଛନ୍। ଇ ବାବ୍‌ଦେ ଅତାବିରା ବିଡ଼ିଓ ପ୍ରଣବ କୁମାର ଚାନ୍ଦକୁଁ ପଚରାଲାରୁ ୱେସ୍କୋର ଅଧିକାରୀମାନକର ସଂଗେ କଥା ହେଇ ସମସିଆର ସମାଧାନ କରାଯିବା ବଲି ସେ କହିଥିଲେ।

## ରେଡ଼କ୍ରସ ଶିବିରରେ ୨୪ ସ୍କୁଲର ଛାତ୍ରୀଛାତ୍ର

ବରଗଡ଼ ଅଫିସ୍,୯।୩



ଜୁନିୟର ରେଡ଼କ୍ରସ ତାଲିମ ଶିବିରର ଅତିଥିବୃନ୍ଦ ।

ବରଗଡ଼ ଜର୍ଜ ହାଇସ୍କୁଲ ସଭା ପ୍ରକୋଷ୍ଠରେ ବ୍ଲକସ୍ତରୀୟ ଜୁନିୟର ରେଡ଼କ୍ରସ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅମୃତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଜୁନିୟର ରେଡ଼କ୍ରସ୍‌ର ସହ ସମ୍ପାଦକ ପ୍ରଶାନ୍ତ କୁମାର ଭୋଇ, ବ୍ଲକ କ୍ରୀଡ଼ା ସମ୍ପାଦକ ଆଦିକନ୍ଦ ସ୍ୱାଇଁ, ସାଧନ କର୍ମୀ ଡଃ ଡୋଲାମଣି ଶତପଥି ପ୍ରମୁଖ ମଞ୍ଚାସୀନ ଥିଲେ । ଶିବିରରେ ବରଗଡ଼ ବ୍ଲକର ୨୪ଟି ହାଇସ୍କୁଲର ଜୁନିୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ଦଳଗତ ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ଆସନ୍ତା ୧୮ତାରିଖରେ ଚକରକେନ୍ଦ ନବଜ୍ୟୋତି ହାଇସ୍କୁଲରେ ଅନୁଷ୍ଠିତ ଜିଲାସ୍ତରୀୟ ରେଡ଼କ୍ରସ ତାଲିମ ଶିବିରରେ ଯୋଗ ଦେବେ । ଉକ୍ତ କାର୍ଯ୍ୟକ୍ରମକୁ ସଦାନନ୍ଦ ଜାଲ, ବାସନ୍ତୀ ପ୍ରଧାନ, ପ୍ରକାଶ ଭୋଇ, ଶୁଭଶ୍ରୀ ଭୋଇ, ଗଣେଶ ବାରିକ, ରଶ୍ମିରେଖା ଦାଶ ପ୍ରମୁଖ ପରିଚାଳନା କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୦ ମାର୍ଚ୍ଚ, ୨୦୧୯



ଯଦି ବହୁକାଳ ଧରି କିଛି କାମରେ ନ ଲାଗିଲା,
ତେବେ ବୁଦ୍ଧିରେ ମଧ କଳଙ୍କି ଲାଗିଯିବ।
- -ହର୍‌ବର୍ଟ ସାଇମନ୍‌ସ



## ସଂକ୍ଷେପରେ

### ପ୍ରେମରେ ବାଧା: ଥାନାରେ ଅଭିଯୋଗ କଲେ ଯୁବତୀ

**ଲୋଇସିଂହା,୯।୩(ଡି.ଏନ.ଏ):** ଲୋଇସିଂହା ଥାନା ଆଗଲପୁର ବ୍ଲକ ଅଧୀନ ଏକ ଗ୍ରାମର ପ୍ରାପ୍ତ ବୟସ୍କ ଏକ ପ୍ରେମୀ ଯୁଗଳ ଘରୁ ଲୁଚି ବାହାର ରାଜ୍ୟକୁ ପଳାଉ ଥିଲେ। ଯୁବକଙ୍କ କେତେକ ସମ୍ପର୍କୀୟ ଏହା ଜାଣିଲା ପରେ ଯୁବକଙ୍କୁ ଅଧା ବାଟରୁ ଫେରାଇ ଆଣିଥିଲେ। ହେଲେ ପ୍ରେମରେ ବାଧା ଦେବା ଅଭିଯୋଗରେ ଯୁବତୀ ଜଣକ ଲୋଇସିଂହା ଥାନାରେ ସଂପୃକ୍ତ ଯୁବକମାନଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଯୁବତୀଙ୍କ ଅଭିଯୋଗକୁ ନେଇ ଥାନାରେ ପୋଲିସ ଏକ ମାମଲା (ନଂ.୪୫/୧୯) ରୁଜୁ କରିଛି। ଅପରପକ୍ଷେ ଏହି ଘଟଣା ପରେ ଯୁବତୀଙ୍କ ପରିବାର ଲୋକେ ପୁଅ ପରିବାରକୁ ଗାଳିଗୁଲଜ କରୁଥିବା ଅଭିଯୋଗରେ ଅନ୍ୟ ଏକ ମାମଲା (ନଂ.୪୬/୧୯) ରୁଜୁ ହୋଇଛି।

### ମାରୱାଡି ଯୁବାମଞ୍ଚର ନୂତନ କର୍ମକର୍ତ୍ତା

**ଗୁଡ଼ଭେଲା, ୯।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଅଗ୍ରସେନ ଭବନ ଠାରେ ମାରୱାଡି ଯୁବା ମଞ୍ଚର ଏକ ସାଧାରଣ ସଭା ସଂଘ ସଭାପତି ସୁନୀଲ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ରୋହିତ ଅଗ୍ରୱାଲ ବାର୍ଷିକ ବିବରଣୀ ପାଠନ କରିଥିବା ବେଳେ କୋଷାଧ୍ୟକ୍ଷ ଅରବିନ୍ଦ କେଡିଆ ଆୟ ବ୍ୟୟର ହିସାବ ଦେଇଥିଲେ। ଏହାପରେ ପୂର୍ବତନ କମିଟିକୁ ଭାଙ୍ଗ କରାଯାଇଥିଲା। ବାଣିଜ୍ୟ ସଂଘ ସଭାପତି ଦୀନଦୟାଲ କେଡିଆ ନିର୍ବାଚନ ଅଧିକାରୀଭାବେ ଉପସ୍ଥିତ ରହି ନୂତନ କମିଟି ଗଠନ ପାଇଁ ଆହ୍ୱାନ କରିଥିଲେ। ମନୋଜ ଜୈନଙ୍କୁ ସର୍ବସମ୍ମତି କ୍ରମେ ସଭାପତି ମନୋନୟନ କରାଯାଇଥିଲା। ଏହାପରେ ନୂତନ ସଭାପତିଙ୍କୁ ପୂର୍ବତନ ସଭାପତି ନିଜ ଦାୟିତ୍ୱ ଅର୍ପଣ କରିଥିଲେ। ମାରୱାଡି ଯୁବାମଞ୍ଚ ସବୁ ସମୟରେ ଗରିବ ଓ ଅସହାୟ ଲୋକଙ୍କୁ ସାହାଯ୍ୟର ହାତ ବଢାଇବା ସହ ସଂଗଠନକୁ ମଜବୁତ କରିବ ବୋଲି ନୂତନ ସଭାପତି ପ୍ରକାଶ କରିଥିଲେ। ଏହାପରେ ଉପସଭାପତି ଗଣେଶ ଅଗ୍ରୱାଲ, ସମ୍ପାଦକ ଆଶିଷ ଜୈନ ମନୋନୀତ ହୋଇଥିଲେ। ଅଜିତ ଜୈନ, ବୀରେନ୍ଦ୍ର ଜୈନ, ପିଙ୍କୁ ଅଗ୍ରୱାଲ, ତୁଷାର ଜୈନ, ଆନନ୍ଦ ଜୈନ, ଅରୁଣ ଶର୍ମା, ନିରଞ୍ଜନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗୀତ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ। ମହିଳା ମଣ୍ଡଳ ସଭାନେତ୍ରୀ ନିର୍ମଳା ଅଗ୍ରୱାଲ, ଜାଗୃତି ଶାଖାର ସଭାନେତ୍ରୀ ମଞ୍ଜୁ ଶର୍ମା, ବଲାଙ୍ଗୀର ଯୁବାମଞ୍ଚ ସଭାପତି ବୀରେନ୍ଦ୍ର ଅଗ୍ରୱାଲ, ମଣ୍ଡଳ ଉପସଭାପତି ଆଶିଷ ଚୌଧୁରୀ ଓ ସାମାଜିକ କର୍ମୀ ପବନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ଲୋକ ଅଦାଲତ

**କଣ୍ଟାବାଞ୍ଜି,୯।୩(ଡି.ଏନ.ଏ.):** ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଅଞ୍ଚଳର ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କର ୩୨୯ଟି ଋଣ ବାବଦର ଟଙ୍କା ଅସୁଲି ସହ କେସ୍‌ର ଓଟିଏସରୁ ୬ଟି ଫୈସଲାରୁ ମୋଟ ୧ ଲକ୍ଷ ୭୭ ହଜାର ଟଙ୍କା ଆଦାୟ କରାଯାଇଛି। ବକେୟା ୧୩୬ଟି କେସ୍‌ରୁ ୮ଟି କେସ୍‌ର ସମାଧାନ କରାଯାଇଛି। ଏହି ଲୋକ ଅଦାଲତକୁ ସ୍ଥାନୀୟ ତାଲୁକ ଆଇନ କମିଟିର ଚ୍ୟାରମ୍ୟାନ ତଥା ଏଡିଜେ ଦାମୋଦର ରଥ, ସବଜଜ୍ ପ୍ରଦୀପ କୁମାର ବେହେରା, ଜେଏମଏଫସି ସୁମନ ଜେନା ପରିଚାଳନା କରିଛନ୍ତି।

# ବଖ୍‌ରେ ଘରେ ଚାଲିଛେ ମାହାରପାଲି ସ୍କୁଲ

**ଲୋଇସିଂହା,୯।୩(ଡି.ଏନ.ଏ)**



**ଲୋଇସିଂହା ବ୍ଲକ**

- ସ୍କୁଲରେ ରଁଧାଘର ନାଁଇଁନ
- ଶୌଚାଳୟ କାମେ ନାଁଇଁ ଲାଗ୍‌ବାର
- ଗୁଟେ ଘରେ ଚାଲିଛେ ଅଫିସ, ପାଠ୍‌ପଢ଼ା, ଏମ୍‌ଡିଏମ୍ ସାମାନ ରଖାସଁଗା

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାହାରପାଲି(କ) ସରକାରୀ ପ୍ରାଥମିକ ବିଦ୍ୟାଳୟ ନାନା ସମସିଆ ଘେରରେ ରହିଛେ। ସ୍କୁଲରେ ନୂତନ ପଠାକୁଠି ତିଆରି ଚାଲିଛେ, ହେଲେ ଛାତ ନାଇଁପଡ଼ି କରି ଦରଖଁଡ଼ିଆ ଅବସ୍‌ତାରେ ରହିଛେ। ଅନୁଦାନ ଅଭାବୁ ୩ ବଛର ହେଲା ଏନ୍‌ତା ଅବସ୍‌ତାରେ ପଡ଼ିଥିବାର ଜନାଯାଇଛେ। ଇତାର ଆଗରୁ ହେଇଥିବାର ଉନିଆ ଗୁଟେ ପଢ଼ାକୁଠିର କାମ୍‌ବି ଅଧାବାଟେ ଅଟକି ରହିଛେ। ଇଟା କେନ୍ ସମିଆର କାମ୍ ସେଟା ଏହେଦେର ଶିକ୍ଷକକୁଁ ବି ଜନା ନାଇଁ। ଯେନ୍‌ଥିରଲାଗି ଗୁଟେ କୁଠିଥି ଅଫିସ ଆର ୧ମରୁ ୫ମ ଶ୍ରେଣୀର ପିଲା ବସି ପାଠ୍‌ପଢୁଛନ୍। ଯେନ୍‌ଥିରଲାଗି ପାଠ୍‌ପଢ଼ାରେ ଖେଲଢ଼େପ ହେଉଥିବାର ଅଭିଭାବକମାନେ ଅଭିଯୋଗ କରିଛନ୍। ଖବର ନେବାରେ ଜନାଯାଇଛେ ଯେ, ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା ପଁଚେତ୍ ଅଧୀନ ମାହାରପାଲି ଗାଁ। ଗାଁରେ ୧୯୯୬ ସାଲୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛେ। ଇ ସ୍କୁଲରେ ଏହେଦେ ୧ମରୁ ୫ମ ଶ୍ରେଣୀ ତକ୍ ମୋଟ ୩୦ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ପାଠ୍‌ପଢ଼ାବାର ଲାଗି ପ୍ରଦାନଶିକ୍ଷକ ସମେତ ଦୁଇଝନ୍ ଶିକ୍ଷକ ରହିଛନ୍। ସ୍କୁଲର ମୂଳ କୁଠି ଭଂଗା ଦଦ୍‌ରା ଅବସ୍‌ତାରେ ପଡ଼ିରହିଛେ। ଯେନ୍‌ଥିରଲାଗି ଉନିଆ ଗୁଟେ କୁଠିଥି ଅଫିସ, ଏମ୍‌ଡିଏମ୍ ସାମାନ ସଂଗେ ଛୁଆମାନେ ବସି ପାଠ୍ ପଢୁଛନ୍। ସ୍କୁଲର ପୂରବର ପ୍ରଧାନଶିକ୍ଷକକଁର ସମିଆରେ ଗୁଟେ ପଢ଼ାକୁଠି ତିଆର ଲାଗି ଅନୁଦାନ ଦିଆଯାଇଥିଲା। ସେ ଅନୁଦାନରେ କୁଠିର ଛାତ ଲେବୁଲ ତକ୍ କାମ ସରିଛେ। ମୋଟ ଅନୁଦାନରୁ ୯୦ ହଜାର ଟଁକା ବଲ୍‌କିଛେ। ହେଲେ ଫ୍ଲୋରିଂ, ପ୍ଲାଷ୍ଟର, କବାଟ, ଝରକା ଲାଗବାର କାମ୍ ବାକି ଅଛେ। ଇଆଡ଼େ କୁଠି ତିଆରି ଦାଇତିଅରେ ଥିବାର ଶିକ୍ଷକକଁର ୨ ବଛର ତଲେ ଉନିଆ ଜାଗାକେ ବଦଲି ହେଇଯାଇଛେ। ସେଥିରଲାଗି ସେ ଶିକ୍ଷକ କାମ୍ ସାରବାର ଲାଗି କେହେନ୍‌ସି ପରକାର ଆଁତରିକତା ନାଇଁ ଦେଖଉଥିବାର ସ୍କୁଲ ପରିଚାଲନା କମିଟି ଆର ଅଭିଭାବକମାନେ ଅଭିଯୋଗ କରିଛନ୍। ଇତାର ବାହାରେ ସ୍କୁଲରେ ରଁଧାଘର ନାଁଇଁନ। ଶୌଚାଳୟ ଥିଲେ ବି ହଲ୍‌କା କାମ୍ ଲାଗି ବେଭାର କରି ନାଇଁହେବାର। ରିଭାଇଜ କରି ଅନୁଦାନ ଦିଆଗଲେ କାମ୍ କାମ୍‌ତା ହେଇପାରତା। ଛାତ୍ରୀଛାତ୍ରକଁର ଲାଭ ହେତା, ପାଠପଢ଼ା ବି ଠିକ୍‌ରେ ହେଇପାରତା ବଲି ପ୍ରଧାନଶିକ୍ଷକ ସରୋଜ ହନୁମାନ କହିଛନ୍।



କଣ୍ଟାବାଞ୍ଜିରେ ବିଜେଡିରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ।

# ବିଜେଡିର ମିଶ୍ରଣ ପର୍ବ

**କଣ୍ଟାବାଞ୍ଜି,୯।୩(ଡି.ଏନ.ଏ.)**

ବିଜୁ ଜନତା ଦଳ କୃଷକ ମୋର୍ଚ୍ଚା ଜିଲା ସଭାପତି ଅଜୟ ଦାସଙ୍କ ନେତୃତ୍ୱରେ ଦିନକୁ ଦିନ ସମର୍ଥକମାନଙ୍କ ବିଜୁ ଜନତା ଦଳରେ ସାମିଲ ହେଉଛନ୍ତି। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଜିଲା କୃଷକ ମୋର୍ଚ୍ଚା କାର୍ଯ୍ୟାଳୟରେ ମୁରିବାହାଲ, ବଙ୍ଗୋମୁଣ୍ଡା ଓ ତୁରେକେଲା ବ୍ଲକର ସମର୍ଥକମାନେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ପଦମନ ବର୍ଗତି, ଦୁଶାମଣି ପ୍ରଧାନୀ, ଅଭିରାମ ମାଝି, ଦୁଲାରାମ ନୀନା, ଦାମୋଦର ବଏ, ଶଶାଙ୍କ ବାଦି, ବେଣୁଧର ଦୀପ, ପାତୁ ଖୁରା, ଜ୍ୟୋତିରାମ ସୁନା, ପିତମନ ରାଉତଙ୍କ ସମେତ ୫୦ରୁ ଅଧିକ ବ୍ୟକ୍ତି ସାମିଲ ହୋଇଛନ୍ତି। କୃଷକ ମୋର୍ଚ୍ଚା ବ୍ଲକ ସଭାପତି ତପି ହେର୍ଣ୍ଡା, ଦିଲୀପ ଭୋଇ, ଭୁବନାନନ୍ଦ ମହାନ୍ତି, ଅରୁଣ ଆର୍ଯ୍ୟା, ଆନନ୍ଦ ଅଗ୍ରୱାଲ, ବିଜୟ ଘୁମରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଯମୁନା ଜୋର ଉପରେ ବିଜୁ ସେତୁ ପାଇଁ ଶିଳାନ୍ୟାସ

**ଟିଟିଲାଗଡ଼, ୯।୩ (ଡି.ଏନ.ଏ)**

ଟିଟିଲାଗଡ ବ୍ଲକ ଉଦେପୁର କତରକେଲା ରାସ୍ତା ଯମୁନା ଜୋର ଉପରେ ୫.୩୯ କୋଟି ଟଙ୍କା ବ୍ୟବରେ ନିର୍ମିତ ହେବାକୁ ଥିବା ବିଜୁ ସେତୁ ପାଇଁ ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସୁମନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ପୂର୍ବ ଅଧ୍ୟକ୍ଷା ଗୀତା ବିଶି, ସରପଞ୍ଚ ସଂଘ ବ୍ଲକ ସଭାପତି ବୀରବର ସାହୁ, ସମ୍ପାଦକ ହରିନାରାୟଣ ମିଶ୍ର, ଜିଲା ପରିଷଦ ସଦସ୍ୟ ଶଙ୍କର ଛୁରା, ମନିଗାଁ ସରପଞ୍ଚ ମୁନିରାମ ଖର୍ସେଲ, ବ୍ଲକ ସଭାନେତ୍ରୀ ମୈତ୍ରୀ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଟିଟିଲାଗଡ ସହରରେ ପାନୀୟ ଜଳ ସମସ୍ୟା ନିରାକରଣ ନେଇ ରାଜ୍ୟ ସରକାର ତଥା ପୌର ପରିଷଦ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି। ଶନିବାର ଦେବନ୍ଧ ନିକଟରେ ୫ ଲକ୍ଷ ଲିଟର ବିଶିଷ୍ଟ ଭୂତଳ ଜଳ ଭଣ୍ଡାର ଏବଂ ୨୦.୫୯ କିଲୋମିଟର ନୂତନ ପାଇପ ବିଛାଇବା କାର୍ଯ୍ୟକୁ ଟିଟିଲାଗଡ ବିଧାୟିକା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ନେଇ ଦେଓବନ୍ଧ ପଡା, ବ୍ଲକ ପଡା ତଥା ପଦ୍ମନାଭପୁର ଅଞ୍ଚଳବାସୀଙ୍କ ପାନୀୟ ଜଳ ସମସ୍ୟା ନିରାକରଣରେ ସହାୟକ ହେବ ବୋଲି ବିଧାୟିକା କହିଛନ୍ତି। ସହରବାସୀଙ୍କୁ ଜଳ ଯୋଗାଣ ସୁବ୍ୟବସ୍ଥିତ କରିବା କରିବା ପାଇଁ ପ୍ରାୟ ୩ କୋଟି ଟଙ୍କାରେ ଡିଏଭି କଲେଜ, ନୀଳଚକ୍ର ନଗର ଏବଂ ସର୍ଗିଗୁଡା ପଡାଠାରେ ନିର୍ମାଣ ଚାଲିଥିବା ଏଭଳି ଆହୁରି ୩ଟି ଭୂତଳ ଜଳଭଣ୍ଡାର ପ୍ରକଳ୍ପ ଖୁବ ଶୀଘ୍ର କାର୍ଯ୍ୟକ୍ଷମ ହେବ। ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ଉପାଧ୍ୟକ୍ଷା ଅଞ୍ଜନା ବର୍ମା, କାଉନସିଲର ସରିତା ବେହେରା, ସନ୍ତୋଷିନୀ ସୁନାନୀ, ରଶ୍ମିତା ପ୍ରଧାନ, ଅନିତା ଚନ୍ଦନ, ସୁମିତ୍ରା ସେଠ, ସୁନିଲ ସାହୁ, ବଳଦେବ ଜାଳ ଉପସ୍ଥିତ ଥିଲେ। ସେହିପରି ପୌର ପରିଷଦ ଅନ୍ତର୍ଗତ ମୁନାବନ୍ଧର ଉନ୍ନତିକରଣ କାର୍ଯ୍ୟ ମଧ ଶୁଭ ଦିଆଯାଇଛି।



ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟିକା ଓ ଅନ୍ୟମାନେ।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ସଇଁତଲା, ୯।୩(ଡି.ଏନ.ଏ.)**

ସଇଁତଲା ବ୍ଲକ ବେଲଗାଁ ବିଜୟାନନ୍ଦ ସରକାରୀ ମଡେଲ ହାଇସ୍କୁଲ ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠା ସମୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଦ୍ୟାଳୟ ପରିଚାଳନା କମିଟିର ପ୍ରଥମ ସମ୍ପାଦକ ତଥା ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା ମୁଖ୍ୟଅତିଥି, ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ୭ଫୁଟ ଉଚ୍ଚ ତଥା ଦୁଇ ଟନ ଓଜନ ବିଶିଷ୍ଟ ବିଜୁ ବାବୁଙ୍କ ଏହି ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ପ୍ରତିମୂର୍ତ୍ତି ଉନ୍ମୋଚନ ସଭାରେ ଉଦ୍‌ବୋଧନ ଦେଇ ବିଧାୟକ ବେହେରା କହିଥିଲେ ଯେ, ବିଜୁ ବାବୁଙ୍କ ସହାୟତାରୁ ତା୬।୯।୧୯୮୧ରିଖରେ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା। ବିଦ୍ୟାଳୟର ସ୍ୱୀକୃତି ପାଇଁ ଶିକ୍ଷା ବିଭାଗରେ ଜମା କରିବାକୁ ୧୦ ହଜାର ଟଙ୍କାର ଚେକ ସେ ସମୟରେ ବିଜୁ ପଟ୍ଟନାୟକ ହିଁ ପ୍ରଦାନ କରିଥିଲେ। ଓଡିଶାର ଅନ୍ୟତମ ମନିଷୀ ଡ. ରାଧାନାଥ ରଥ ସେ ବିଦ୍ୟାଳୟରେ ବେଞ୍ଚ ଟେବୁଲ ପାଇଁ ୧୫ହଜାର ଟଙ୍କା ଏବଂ ଶିକ୍ଷକଙ୍କ ବେତନ ପାଇଁ ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମାସିକ ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିବା ବେହେରା କହିଥିଲେ। ସେହି ସମୟରେ ବିଦ୍ୟାଳୟର ପରିଚାଳନାରେ ପ୍ରଥମ ସଭାପତି ସ୍ୱର୍ଗତ ନେମିଚାନ୍ଦ ଜୈନ, ଶିଶକେଲାର ଗୌନ୍ତିଆ ସ୍ୱର୍ଗତ ଗଜିନ୍ଦ୍ର ମାଝୀ, ସ୍ୱର୍ଗତ ନିରେଖ ସାହୁ, ଯୁବରାଜ ମାଝୀ, ପ୍ରକାଶ ଚନ୍ଦ୍ର ନାୟକ, ମାଗୁଣି ବେହେରା, ପ୍ରଥମ ପ୍ରଧାନ ଶିକ୍ଷକ ସୁଶାନ୍ତ ଦୀପ ପ୍ରମୁଖ ସହାୟତା କରିଥିବାରୁ ବିଧାୟକ ବେହେରା ସେମାନଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ବିଧାୟିକା ସାହୁ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ବିଜୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ମିଶ୍ର ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଦିଲୀପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟିକାଙ୍କ ସଇଁତଲା ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ବେଲଗାଁ ସରପଞ୍ଚ ଶିର ରଣା, ବରିଷ୍ଠ ବିଜେଡି ନେତା ଅଖିଳେଶ୍ୱର ରଣା, ପରମାନନ୍ଦ ଭୋଇ, ଭଦ୍ରଶ୍ୟାମ ଭୋଇ, ପୂର୍ବତନ ସରପଞ୍ଚ ଡୋଳାମଣୀ ଥପା, ଅଶୋକ ରଣା, ବୈଷ୍ଣବ ଭୋଇ, ସୁନିଲ ଜୈନ, ହେମକାନ୍ତ ଜାନୀ, କାହ୍ନୁ ମାଝୀ, ରନ ରଣା, ମୁନୁ ମହମ୍ମଦ, ଶିକ୍ଷାବିତ ସୁଶୀଲ ତ୍ରିପାଠୀ, ଅଭିମନ୍ୟୁ ସାହୁ, ରବିନ୍ଦ୍ର ତ୍ରିପାଠୀ, ଶେଷଦେବ ବାରିକଙ୍କ ସହ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଜନସାଧାରଣ ଉପସ୍ଥିତ ଥିଲେ।



ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଅତିଥିଗଣ।

### ଆଦିବାସୀ କଲ୍ୟାଣ ସଂଘଗୃହ ଉଦ୍‌ଘାଟିତ

**ଲୋଇସିଂହା,୯।୩(ଡି.ଏନ.ଏ.)**

ଲୋଇସିଂହା କଲେଜଛକଠାରେ ବ୍ଲକ ଆଦିବସୀ କଲ୍ୟାଣ ସଂଘର ନବ ନିର୍ମିତ ଗୃହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ଲକ ସଭାପତି କାହ୍ନୁଚରଣ ପଧାନଙ୍କ ସଭାପତିତ୍ୱ ଓ ବନବିହାରୀ ମଲ୍ଲିକଙ୍କ ସଂଯୋଜାନରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଜେଡି ରାଜ୍ୟ ଯୁବ ସଂପାଦକ ନିହାରଜଂନ ବେହେରା, ଜିଲା ଆଦିବାସୀ ସଂଘ ସଭାପତି ଶ୍ୟାମସୁନ୍ଦର ଭୋଇ, ଆଗଲପୁର ବ୍ଲକ ସଭାପତି ବଳଦେବ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବେହେରା ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରି ରାଜ୍ୟ ସରକାର ଆଦିବାସୀଙ୍କ ସବୁ ପ୍ରକାର ଉନ୍ନତି ପାଇଁ ଚେଷ୍ଟିତ ଓ ବଦ୍ଧପରିକର ବୋଲି କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଜତିନ୍ଦ୍ର କୁମାର ପଟେଲ, ଆଇନଜୀବୀ ରାମଚନ୍ଦ୍ର ବେହେରା, ପ୍ରଦୀପ କୁମାର ସାହୁ, ପୂର୍ବତନ ସରପଞ୍ଚ ବୀରବଳ ଧରୁଆ, ଦଶରଥ ଛତ୍ରିଆ, ମୋହନ ପୁଟା ଓ ଅନ୍ୟମାନେ ଉପସ୍ଥି ଥିଲେ।

### ଚାକିରି ଦେବା ନାଁରେ ଠକେଇ
# ଗ୍ରୀନ୍ ଇଣ୍ଡିଆ କମ୍ପାନୀର ଜଣେ ଗିରଫ

**ପାଟଣାଗଡ, ୯।୩ (ଡି.ଏନ.ଏ.)**

ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ବଲାଙ୍ଗୀର ଜିଲା ପାଟଣାଗଡ ଥାନା ପୋଲିସ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ଏ ନେଇ ପାଟଣାଗଡ ଥାନାରେ ଦଫା ୪୨୦ରେ ଏକ ମାମଲା (ନଂ.୫୯/୧୯) ରୁଜୁ କରି ପୋଲିସ ଅଭିଯୁକ୍ତ ବିପିନ ବିହାରୀ ଭୁଏଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ପାଟଣାଗଡ ବେହେରାବନ୍ଧ ନିକଟରେ ଗ୍ରୀନ ଇଣ୍ଡିଆ ନାମକ ଏକ ସଂସ୍ଥା ଗତ ମେ ୨୦୧୮ ରେ ଏକ କାର୍ଯ୍ୟାଳୟ ଖୋଲିଥିଲା। ଏଠାରେ ଅଞ୍ଚଳର ବେକାର ଯୁବକ ଯୁବତୀମାନଙ୍କୁ ଚାକିରି ଓ ଋଣ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ଚାକିରି ଆଶାରେ ବହୁ ଯୁବତୀଯୁବକଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଅଗ୍ରୀମ ଆକରରେ ନିଆଯାଇଥିଲା। ହେଲେ ଆଜକୁ ପ୍ରାୟ ବର୍ଷେ ହୋଇଯାଇଥିଲେ ହେଁ କାହାକୁ କୌଣସି ପ୍ରକାର ନିଯୁକ୍ତି ଦିଆଯାଇ ନ ଥିଲା। ଏ ନେଇ ଶୁକ୍ରବାର ପାଟଣାଗଡର କିଛି ଯୁବତୀଯୁବକ ଏହି ଗ୍ରୀନ ଇଣ୍ଡିଆ ସଂସ୍ଥାର କାର୍ଯ୍ୟାଳୟରେ ଏକତ୍ରିତ ହୋଇ ସଂସ୍ଥାର ଜଣେ କର୍ମଚାରୀ ବିପିନ ବିହାରୀ ଭୁଏଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ପରେ କୌଣସି ସମାଧାନ ନହେବାରୁ ପ୍ରଦୀପ କୁମାର ପଟେଲ, ସଂଘମିତ୍ରା ମହାରଣା ଏବଂ ଧବଳେଶ୍ୱରୀ ସାହୁ ତାଙ୍କଠାରୁ ୨ ଲକ୍ଷ ୪୦ ହଜାର ଟଙ୍କା ବିପିନ ଠକେଇ କରିଥିବା ପାଟଣାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ନିର୍ମାଣ ଶ୍ରମିକଙ୍କୁ ଉପକରଣ ବଣ୍ଟନ

**ଲୋଇସିଂହା,୯।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରରେ ଜିଲା ପ୍ରଶାସନ ଓ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ନିର୍ମାଣ ଶ୍ରମିକମାନଙ୍କୁ ଉପକରଣ, ସାଇକେଲ ଓ ବିବାହ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଯୋଗେନ୍ଦ୍ର ବେହେରା ମୁଖ୍ୟ ଅତିଥି, ଜିଲା ଶ୍ରମ ଅଧିକାରୀ ସୁରେଶ ବେହେରା, ବିଡିଓ ରାମଚନ୍ଦ୍ର ଖାଡିଆ, ଡିଭିଜନ ଶ୍ରମ କମିଶନର ସରୋଜ ରଣଜିତ, ଯୁବନେତା ନିହାର ରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରର ମୁଖ୍ୟ ଅତିଥି ଓ ଅଧିକାରୀମାନେ ନିର୍ମାଣ ଶ୍ରମିକଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ସରକାରଙ୍କ ଯାଜନା ଉପରେ ଅବଗତ କରିଥିଲେ। ଜଣଙ୍କୁ ବିବାହ ବାବଦକୁ ୨୫ ହଜାର ସହାୟତା, ୧୨୦ଟି ସାଇକେଲ ଓ ୨୪୦ ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ଶତାଧିକ ନିର୍ମାଣ ଶ୍ରମିକ ଯୋଗ ଦଇଥିଲେ।



ବିଧାୟକ ଯୋଗେନ୍ଦ୍ର ବେହେରା ଜଣେ ହିତାଧିକାରୀଙ୍କୁ ସହାୟତା ଦେଉଛନ୍ତି।

# ବଲାଙ୍ଗୀରରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ବଲାଙ୍ଗୀର ଅଫିସ,୯।୩**

ସିଭିଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ ଚିତ୍ତରଂଜନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସ୍ଥାୟୀ ଲୋକ ଅଦାଲତ ଜଜ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ପରିବାର କୋର୍ଟ ଜଜ ଲଲାଟେନ୍ଦୁ ଜେନା, ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଶ୍ୟାମ ସୁନ୍ଦର ଦାଶ, ଅତିରିକ୍ତ ଜିଲା ଜଜ (ପ୍ରଥମ) ଅନିତା ସାହୁ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତା ଜେନା, ସିଭିଲ କୋର୍ଟ ରେଜିଷ୍ଟ୍ରାର ସନ୍ତୋଷ କୁମାର ଦାସ ରାୟ, ସିଭିଲ ଜଜ (ବରିଷ୍ଠ) ପ୍ରଭାକର ଖାଡିଆ, ଅତିରିକ୍ତ ସିଭିଲ ଜଜ (ବରିଷ୍ଠ) ଶ୍ରୀମୟୀ ଆଚାର୍ଯ୍ୟ, ଏସ୍‌ଡିଜେଏମ ସୁଧୀର କୁମାର ମିଶ୍ର, ସିଭିଲ ଜଜ ସସ୍ମିତା ନାୟକ, ସ୍ୱତନ୍ତ୍ର ଜୁଡିସିଆଲ ମାଜିଷ୍ଟ୍ରେଟ ରମେଶ ଚନ୍ଦ୍ର ରାୟଗୁରୁ, ଜେଏମଏଫସି ସୌରଭ ପୁରୋହିତ, ଦିଲୀପ କୁମାର ବାରିକ ନିଜ ନିଜ କୋର୍ଟରେ ମାମଲାକୁ ଶୁଣିଥିଲେ। ଜିଲା ଜଜଙ୍କ କୋର୍ଟର ପ୍ରବ୍ଲିକ ପ୍ରସିକ୍ୟୁଟର ଅଶୋକ କୁମାର ମହାନ୍ତି ଓ ଓକିଲମାନେ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଆଶାପୂର୍ଣ୍ଣା ମହାପାତ୍ର ଓ କୋର୍ଟ ମ୍ୟାନେଜର ପ୍ରୀତିରାଣୀ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୯ଟି ଦେୱାନୀ ମୋକଦ୍ଦମା ଫଇସଲା ହୋଇଥିବା ବେଳେ ୫୩ଟି ଫୌଜଦାରୀ ମୋକଦ୍ଦମା ଫଇସଲା ହୋଇଥିଲା। ୩ଟି ବ୍ୟାଙ୍କ ମୋକଦ୍ଦମାର ଫଇସଲା କରାଯାଇ ୧୧ ଲକ୍ଷ ୪ ହଜାର ୯ ଶହ ଟଙ୍କା ଆଦାୟ କରାଯାଇଥିଲା। ୧୯ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ୧ କୋଟି ୨୬ ଲକ୍ଷ ୬୦ ହଜାର ଟଙ୍କା କ୍ଷତିପୂରଣ ଦେବା ପାଇଁ ଆଦେଶ କରାଯାଇଛି। ଶହେଟି ପ୍ରାକ ମୋକଦ୍ଦମା ଫଇସଲା କରାଯାଇ ୨,୨୯,୧୦୮୭ ଟଙ୍କା ଆଦାୟ କରାଯାଇଥିଲା। ଏହା ଶହ ପାରିବାରିକ ମିଳାମିଶାରେ ଗୋଟିଏ ମାମଲା ଫଇସଲା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆଇନ ସେବା ପ୍ରାଧିକରଣର ପ୍ରବୀଣ କୁମାର ଶତପଥୀ, ରଜନୀକାନ୍ତ ରଥ, ଅନିତା ପ୍ରଧାନ, ସୀମର ରଂଜନ ପ୍ରଧାନ, ସନାତନ ଜେନା, ମନୋଜ ପଣ୍ଡା, ଅଜୟ ପ୍ରଧାନ, ପରମେଶ୍ୱର ପଣ୍ଡା, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ବଲାଙ୍ଗୀର ସିଭିଲ କୋର୍ଟ ପରିସରରେ ଜିଲ୍ଲା ଦୌରା ଜଜ୍ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତର ଶୁଣାଣି କରାଯାଉଛି।

### ଆଇନଜୀବୀ ଭକ୍ତବନ୍ଧୁ ସ୍ୱାଇଁଙ୍କ ପରଲୋକ

**ଟିଟିଲାଗଡ଼,୯।୩(ଡି.ଏନ.ଏ.)**

ଆଇନଜୀବୀ ତଥା ଡାକ୍ତର ଭକ୍ତବନ୍ଧୁ ସ୍ୱାଇଁଙ୍କ ଶୁକ୍ରବାର ରାତିରେ ତାଙ୍କ ଟିଟିଲାଗଡସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମରଶରୀରକୁ ଟିଟିଲାଗଡ କୋର୍ଟ ପରିସରରକୁ ନିଆ ଯାଇଥିଲା। ସେଠାରେ ବାର ଆସୋସିଏସନ ସଭାପତି କୃଷ୍ଣଚନ୍ଦ୍ର ସାହୁ ପୁଷ୍ପମାଲ୍ୟ ତଥା ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ହାଟପଦାସ୍ଥିତ ମୁକ୍ତିଧାମରେ ଆର୍ଯ୍ୟ ସମାଜର ଆନନ୍ଦ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ବୈଦିକ ରୀତିରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟୋଷ୍ଠ ପୁତ୍ର ଆଇନଜୀବୀ ରବିକିରଣ ମୁଖାଗ୍ନି ଦେଇଥିଲେ। ଭାଇ ବରିଷ୍ଠ ଆଇଜୀବୀ ହରିବନ୍ଧୁ ସ୍ୱାଇଁ, ପୁତ୍ର ଭୁବନାନନ୍ଦଙ୍କ ସମେତ ଜ୍ଞାତିକୁଟୁମ୍ବ ଶେଷ କୃତ୍ୟ ସମୟରେ ଉପସ୍ଥିତ ଥିଲେ। ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସରକାରୀ ଅଧିବକ୍ତା ରାଧାକାନ୍ତ ପାଢୀ, ଡା. ଘନଶ୍ୟାମ ଜୈନ, ଡା. ଶରତ ଦାସ, କିଶୋର ଚନ୍ଦ୍ର ପଣ୍ଡା, ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ତାଙ୍କ ଶବାଧାରରେ ପୁଷ୍ପଗୁଚ୍ଛ ପ୍ରଦାନ ସହ ଶେଷ ଦର୍ଶନ କରିଥିଲେ।



ଯାହା ଭୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ। - ଫ୍ରାଙ୍କଲିନ



## ସଂକ୍ଷେପରେ



### ରାସ୍ତାକଡକୁ ଓଲଟି ପଡିଲା ଚିପ୍ସ ବୋଝେଇ ଟ୍ରକ୍

**ଜୁନାଗଡ,୯।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଳଦିଆମାଲ ନେହେରୁପଡା ୨୬ ନଂ. ଜାତୀୟ ରାଜପଥରେ ଶନିବାର ଭୋରରେ ଏକ ଚିପ୍ସ ବୋଝେଇ ଟ୍ରକ ଭାରସମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଫଳରେ ରାସ୍ତାରେ ଚିପ୍ସ ଏପଟସେପଟ ହୋଇ ପଡ଼ିଯାଇଥିଲା। ଏହି ଟ୍ରକ (ନଂ. ଓଡି୦୮ଜେ-୦୬୧୨) ଜୟପାଟଣାରୁ ସିନାପାଲିକୁ ଯାଉଥିଲା ବୋଲି ଜଣାପଡିଛି। ଏଥିରେ ଚାଳକ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି।

### କୋକସରା ବ୍ଲକ୍ ସିଟିଜେନ୍ ଫୋରମର ବୈଠକ

**କୋକସରା,୯।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା କୋକସରା ବ୍ଲକ୍ ସିଟିଜେନ୍ ଫୋରମର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଫୋରମର ସଭାପତି ବ୍ୟାମକେଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନମାନଙ୍କ ସ୍ମୃତିରେ ନିରବ ପ୍ରାର୍ଥନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । କଳାହାଣ୍ଡି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନିକଟରେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇଥିବାରୁ ସିଟିଜନ ଫୋରମ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ । ଆସନ୍ତା ଜୁଲାଇରେ କୋକସରା ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ୧୦ ହଜାର ବୃକ୍ଷ ରୋପଣ କରିବା ଓ ଲୋକଙ୍କ ମନରେ ସଚେତନ ସୃଷ୍ଟି କରିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ବୈଠକରେ ଘାସିରାମ ପଟ୍ଟଯୋଷୀ, ମିନିକେତନ ପ୍ରଧାନୀ, ରମେଶ ପ୍ରଧାନୀ, ନବିନ ଶବର, ଜଗବନ୍ଧୁ ମାଝି, ଜୟଲାଲ ନାଏକ, ସହଦେବ ପଟ୍ଟନାୟକ, ନାରାୟଣ ପଟ୍ଟନାୟକ, ନବ କିଶୋର ଦାସ, ଗୁଣନିଧି ବାଗ, ଭାବଗ୍ରାହୀ ପ୍ରଧାନୀ, ମନିଜର ପୋଡ଼ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ।

### ଡିଆର୍‌ଏମ୍‌ଙ୍କୁ ଦକ୍ଷତା ସମ୍ମାନ

**ସମ୍ବଲପୁର,୯।୩(ବ୍ୟୁରୋ)**
ସମ୍ବଲପୁର ରେଳ ମଣ୍ଡଳରେ ସାମଗ୍ରିକ ବିକାଶ ଓ ସଫଳତାକୁ ଦୃଷ୍ଟିରେ ରଖି ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତାଙ୍କୁ ନେତୃତ୍ୱ ଏବଂ ଦକ୍ଷତାରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ସମୀକ୍ଷା ସଂଗୋଷ୍ଠୀ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ପୀୟୁଷ ଗୋୟଲ ତାଙ୍କୁ ସମ୍ମାନିତ କରିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ରେଳ ମଣ୍ଡପ ପ୍ରବନ୍ଧକ ଭାବେ ଜୟଦୀପ କାର୍ଯ୍ୟ କରି ସଫଳତା ହାସଲ କରିଛନ୍ତି।

## ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବୀମା ଟଙ୍କା ବକେୟା

# ଭୋଟ ବର୍ଜନ କରିବା ଚେତାବନୀ

■ ଚାଷୀମାନେ ବାର ଦୁଆର
■ ବୁଦ୍ଧିକୋମନା ଯୁଜିବି ଭରସା

**ନୂଆପଡା ଅଫିସ,୯।୩**
ନୂଆପଡା ଏକ ମରୁଡି ପ୍ରପୀଡିତ ଜିଲା । ଏଠିକାର ବୁଦ୍ଧିକୋମନା ଗ୍ରାମପଞ୍ଚାୟତ ଅଞ୍ଚଳ ସବୁବେଳେ ମରୁଡିର କରାଳ ଛାୟାରେ ରହିଆସୁଛି । ଏଠିକାର ଲୋକମାନେ ଏହାର ବିକଳ୍ପ ଚିନ୍ତା କରି ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି । ସରକାର କୃଷି ବୀମା ଘୋଷଣା ପରେ ଚାଷୀମାନେ କିଛିଟା ସାନ୍ତନା ପାଇଥିଲେ। ହେଲେ ବୀମା କମ୍ପାନୀର ଅବହେଳା ଯୋଗୁ ଚାଷୀମାନେ ଏଥିରୁ ସୁଫଳ ପାଉ ନ ଥିବା ଅଭିଯୋଗ ହେଉଛି । ଗତ ୨୦୧୬-୧୭ କୃଷି ବର୍ଷର ବୀମା ଟଙ୍କା ଆଜିଯାଏଁ ଚାଷୀଙ୍କୁ ମିଳି ନ ଥିବା ଅଭିଯୋଗ ହେଉଛି । ଏହି ବାବଦକୁ ୧୫୬ଜଣ ଚାଷୀଙ୍କ ଅନ୍ୟୁନ ୫୦ଲକ୍ଷ ଊର୍ଦ୍ଧ୍ୱ ଟଙ୍କା ବକେୟା ରହିଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

ବ୍ୟାଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବୁଦ୍ଧିକୋମନା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ୧୩୫ଜଣ ଅଣଋଣୀ ଚାଷୀ ଏବଂ ୧୬୨ଜଣ ଋଣୀ ଚାଷୀ ପ୍ରିମିୟମ ରାଶି ଜମା କରିଥିଲେ। ଏଠାରେ ଫ୍ୟୁଚର ଜେନେରାଲି ଇନସ୍ୟୁରାନ୍ସ ନାମକ କମ୍ପାନୀ ପ୍ରିମିୟମ ସଂଗ୍ରହ କରିଥିଲା। ଦୀର୍ଘ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଚାଷୀଙ୍କ ଚିନ୍ତା କରି ନ ଥିବା ଚିନ୍ତାର ବିଷୟ। ସୂଚନାଯୋଗ୍ୟ ଯେ, ଆଜକୁ ବର୍ଷେ ହେବ ୧୧୯ଜଣ ଅଣଋଣୀ ଚାଷୀଙ୍କ ବୀମା ଟଙ୍କା ବ୍ୟାଙ୍କକୁ ପଠାଇଥିବାବେଳେ ଠିକ ସମୟରେ ଚାଷୀଙ୍କ ନାମ ପଠାଇ ନ ଥିଲେ । ତେଣୁ ଚାଷୀମାନେ ଜଗି ରହିଥିଲେ । ଶେଷରେ ଦୁଇ ତିନିଥର ଉତ୍ତ୍ୟକ୍ତ ଚାଷୀମାନେ ଆସି ବ୍ୟାଙ୍କ ଘେରାଉ କରିଥିଲେ । ପରେ କମ୍ପାନୀ ୧୧୯ଜଣ ଚାଷୀଙ୍କ ନାମ ତାଲିକା ପଠାଇଥିଲା । ହେଲେ ବାକି ୧୬ଜଣଙ୍କୁ ଏବେବି ମିଳିପାରିନାହିଁ । ଅନ୍ୟପକ୍ଷେ ୧୬୨ଜଣ ଋଣୀ ଚାଷୀଙ୍କ ମଧ୍ୟରୁ ମାତ୍ର ୨୨ଜଣ ଚାଷୀଙ୍କ ୪ ଲକ୍ଷ ୨୯ ହଜାର ୮୪୯ ଟଙ୍କା ପ୍ରଦାନ କରିଥିବାବେଳେ ବାକି ୧୪୦ଜଣଙ୍କ ଟଙ୍କା କି ଚାଷୀଙ୍କ ତାଲିକା ଆସିନାହିଁ । ଏହି ବାବଦକୁ ଚାଷୀମାନେ ବାରମ୍ବାର ବୁଦ୍ଧିକୋମନା ବ୍ୟାଙ୍କରୁ ଆରମ୍ଭ କରି ଜିଲା କୃଷି କାର୍ଯ୍ୟାଳୟକୁ ଦୌଡୁଛନ୍ତି । ହେଲେ କୌଣସି ସୁଫଳ ପାଇପାରୁନାହାନ୍ତି । ଏହାକୁ ନେଇ ଦୁଇ ତିନି ଥର ବ୍ୟାଙ୍କ ମଧ୍ୟ ଘେରାଉ କରିସାରିଛନ୍ତି । ଏହା ଉପରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଏହାକୁ ନେଇ ବିଭିନ୍ନ ସମୟରେ ଅର୍ଥାତ ପତ୍ରାଙ୍କ ସଂଖ୍ୟା ୟୁଜିବି ୧୩୫/୧୮।୮।୧୭, ପତ୍ରାଙ୍କ ସଂଖ୍ୟା ୟୁଜିବି ୧୮୮/ ୮।୧୨।୧୭, ୟୁଜିବି ୨୦୯/ ୯।୧।୧୮ରେ ଭୁବନେଶ୍ୱରସ୍ଥିତ ବୀମା କମ୍ପାନୀ କାର୍ଯ୍ୟାଳୟକୁ ଜଣାଇଆସିଛୁ । ଅନ୍ୟୁନ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବାକି ରହିଥିବା କହିଛନ୍ତି । ହେଲେ ଏହା ଉପରେ ବୀମା କମ୍ପାନୀ କୌଣସି ରିପୋର୍ଟ ପ୍ରଦାନ କରୁ ନ ଥିବା ବ୍ୟାଙ୍କ ଶାଖା ପରିଚାଳକ ଆନନ୍ଦ ମେହେର ପ୍ରକାଶ କରିଛନ୍ତି । ହେଲେ ଅନ୍ୟାନ୍ୟ ବ୍ୟାଙ୍କଗୁଡିକର ବୀମା ଟଙ୍କା ଚାଷୀମାନେ ପାଇସାରିଥିବାବେଳେ ଏଠିକାର ଚାଷୀଙ୍କ ପ୍ରତି କାହିଁକି ଅବହେଳା କରାଯାଇଛି, ତାରି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଚାଷୀମାନେ ଦାବି କରିଛନ୍ତି । କାଳେ ଟଙ୍କା ମିଳିଯିବ ବୋଲି ଆଶା ରଖି ପ୍ରତିଦିନ ବ୍ୟାଙ୍କକୁ ଚାଷୀମାନେ ଦୌଡୁଛନ୍ତି । ଆଗକୁ ନିର୍ବାଚନ ପାଖେଇ ଆସୁଛି। ହେଲେ ଏଥିପ୍ରତି କୌଣସି ଅଧିକାରୀ କି ନେତା ଦୃଷ୍ଟି ଦେଉ ନ ଥିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏହା ନ ମିଳିଲେ ପ୍ରଶାସନ ଉପରୁ ଭରସା ତୁଟିଯିବ। ନିର୍ବାଚନକୁ ବର୍ଜନ କରିବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି । ଆଗକୁ ପ୍ରଶାସନ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।

## ବିବାହ ଉତ୍ସବକୁ ଯାଉଥିବା ବେଳେ ଅଘଟଣ

# ବାଇକ୍‌ରୁ ପଡ଼ି ମହିଳାଙ୍କ ମୃତ୍ୟୁ

**ଜୁନାଗଡ,୯।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ବୋରଗୁଡାଠାରେ ଶନିବାର ପୂର୍ବାହ୍ନ ୧୧ଟାରେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଉଥିବା ବେଳେ ବାଇକ୍‌ରୁ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଗାୟତ୍ରୀ ହସଂ (୪୦) ଓ ସେ ଧର୍ମଗଡ ବ୍ଲକ ଖନାତରା ଗ୍ରାମର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଶନିବାର ଗାୟତ୍ରୀ ନିଜ ପୁତୁରାଙ୍କ ସହ ବାଇକ୍‌ରେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ନିଜ ଗାଁରୁ ଜୁନାଗଡ ବ୍ଲକ ଦେଦର ଗ୍ରାମକୁ ଯାଉଥିଲେ। ଏହି ସମୟରେ ବୋରଗୁଡା ନିକଟରେ ହଠାତ୍ ଗାୟତ୍ରୀ ବାଇକ୍‌ରୁ ଖସି ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଗାୟତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ନାତିର ଠେଙ୍ଗାମାଡ଼ରେ ଅଜାଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

**କୋକସରା,୯।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚାରବାହାଲ ପଞ୍ଚାୟତ ଘୁମେରଗୁଡ଼ାରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ନାତିଙ୍କ ଠେଙ୍ଗାମାଡରେ ଅଜାଙ୍କ ଚିକିତ୍ସାଧୀନ ଅବସ୍ଥାରେ କୋକସରା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବୀର ଲହଜଲ (୭୦)। ସୂଚନା ଅନୁସାରେ ଶନିବାର ଘୁମେରଗୁଡ଼ା ଗ୍ରାମରେ ଏକ ବିବାହ ଭୋଜି ଚାଲିଥିଲା । ଅନନ୍ତ ଲହଜଲ (୨୫) ଏବଂ ତାଙ୍କ ଅଜା ବୀର ସେଠାକୁ ଯାଇଥିଲେ। କୌଣସି କଥାକୁ ନେଇ ଅଜା-ନାତିଙ୍କ ମଧ୍ୟରେ ବଚସା ହୋଇଥିଲା । ସେଠାରେ ଉପସ୍ଥିତ ଲୋକେ ଅନନ୍ତଙ୍କୁ ବୃଦ୍ଧଙ୍କ ସହ ପାଟିତୁଣ୍ଡ ନ କରିବାକୁ ବାରଣ କରିଥିଲେ । ଏଥିରେ ଅନନ୍ତ ରାଗିଯାଇ ଘରକୁ ଆସି ପୁଣିଥରେ ଅଜାଙ୍କ ସହ ବଚସା କରିବା ସହ ଧସ୍ତାଧସ୍ତି ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡରେ ଶକ୍ତ ପ୍ରହାର କରିବା ଫଳରେ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ବୀରଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧ ବୀରଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ନାତି ଅନନ୍ତ ଧସ୍ତାଧସ୍ତିରେ ଆହତ ହୋଇ କୋକସରା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣା ସମ୍ପର୍କରେ କୋକସରା ପୋଲିସ ଖବର ପାଇ ଡାକ୍ତରଖାନା ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ଘଟଣାର ପ୍ରକୃତ କାରଣ ଜଣାପଡ଼ି ନାହିଁ ।

## କାଳିଆ ଯୋଜନାରେ ଚାଷୀ ହନ୍ତସନ୍ତ

# ମେସେଜ ଆସୁଛି, ବ୍ୟାଙ୍କ ଖାତାରେ ଟଙ୍କା ଜମା ହେଉନି

**କେସିଙ୍ଗା,୯।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ୨୬ଟି ଗ୍ରାମପଞ୍ଚାୟତ ପ୍ରତ୍ୟେକ ଗ୍ରାମର କ୍ଷୁଦ୍ରତମ, ନାମମାତ୍ର ଚାଷୀ ଓ ଭୂମିହୀନମାନଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇଛି। କେସିଙ୍ଗା କୃଷି ବିଭାଗ ପକ୍ଷରୁ ୨୬ଟି ଗ୍ରାମପଞ୍ଚାୟତ ଚାଷୀ ଓ ଭୂମିହୀନମାନଙ୍କ ଫର୍ମ ପୂରଣ କରାଯାଇଛି । ଶତକଡା ୨୦ ଭାଗ ଚାଷୀଙ୍କୁ ୫ହଜାର ଟଙ୍କା ମିଳିଛି । ବାକି ଚାଷୀ ଓ ଭୂମିହୀନମାନଙ୍କ ନାମରେ କୃଷି କାର୍ଯ୍ୟାଳୟକୁ ମେସେଜ ଆସୁଛି, ଅଥଚ ଟଙ୍କା ବ୍ୟାଙ୍କ ଖାତାରେ ଜମାହେଉ ନାହିଁ। ଚାଷୀ ଓ ଭୂମିହୀନମାନେ ଦୂରଦୂରାନ୍ତ ଅଞ୍ଚଳରୁ ଶହ ଶହ ସଂଖ୍ୟାରେ କେସିଙ୍ଗାସ୍ଥିତ ଭାରତ୍ରୀୟ ଷ୍ଟେଟ ବ୍ୟାଙ୍କରେ ଜମା ଖାତା ଚେକ୍ କରିବାକୁ ଆସି ନିରାଶରେ ଘରକୁ ଫେରିଯାଉଛି। କେସିଙ୍ଗା ବ୍ଲକ କନ୍ଦେଶିର ଗ୍ରାମପଞ୍ଚାୟତ ତହିଁଶିର ଗ୍ରାମର କବିତା ବାଗ, ରଞ୍ଜିତ ନାଏକ, ଜନ୍ମ ନାଏକ, ସରିତାଲତା ନାଏକ, ଜସମିନ୍‌ରେଖା ଭୋଇ, ଯୁପ୍ରେମ ନାଏକ, ରଞ୍ଜୁଲା ନାଏକ ଏହିପରି ଶହ ଶହ ଭୂମିହୀନ ଚାଷୀମାନେ ବହୁବାର ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ, କୃଷି କାର୍ଯ୍ୟାଳୟକୁ ଦୌଡି ନିରାଶରେ ଘରକୁ ଫେରି ଯାଉଛନ୍ତି । ଉକ୍ତ ହିତାଧିକାରୀଙ୍କ ନାମରେ ଟଙ୍କା ପଡିଛି ବୋଲି କୃଷି କାର୍ଯ୍ୟାଳୟକୁ ଚିଠି ମଧ୍ୟ ଆସିଛି । କିନ୍ତୁ ବ୍ୟାଙ୍କ ଖାତାରେ ଟଙ୍କା ପଡି ନ ଥିବାରୁ ଭୂମିହୀନ ଚାଷୀମାନେ ନିରାଶରେ ହନ୍ତସନ୍ତ ହୋଇ ଘରକୁ ଫେରିଛନ୍ତି। ବହୁ ଚାଷୀ ଓ ଭୂମିହୀନମାନେ କାଳିଆ ଯୋଜନାରେ ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି । ସେହିପରି ବାଲସି, ପରଲସିଙ୍ଗା, କାଣ୍ଡେଲ, ସିରୋଲ, ଦୁର୍ଲାଖମନ, କନ୍ଦେଶିର, ତୁଣ୍ଡଲା, ହାତୀଖୋଜ, ବେଲଖଣ୍ଡି, ପାଷ୍ଟିକୁଡି, ନାଶିଗାଁ, ଦେଓଗାଁ, ଅଧମୁଣ୍ଡା, ଫଟକାମାଲ, ଉତକେଲା, ଲଇତରା, ଜୋଲକୋ, ବୋରିଆ, କୁଣ୍ଡାବନ୍ଧ, କିକିଆ ପ୍ରଭୃତି ଗ୍ରାମର ଶତାଧିକ ଚାଷୀ ଓ ଭୂମିହୀନମାନେ ଆଜିଯାଏ କାଳିଆ ଯୋଜନାର ୫ ହଜାର ଟଙ୍କା ପାଇନାହାନ୍ତି। ଏ ନେଇ କେସିଙ୍ଗା ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ର ଓ କୃଷି ଓଭରସିୟ ତନୁଚରଣ ନାଏକଙ୍କୁ ପଚାରିଲେ ମୋତେ ଜଣା ନାହିଁ । ତାହା ଭୁବନେଶ୍ୱରରେ ଥିବା କାଳିଆ ଯୋଜନାକୁ ଫୋନ କରନ୍ତୁ ବୋଲି କୃଷି ବିଭାଗ କର୍ମଚାରୀମାନଙ୍କଠାରୁ ଶୁଣିବାକୁ ମିଳୁଛି ।

## କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପାଇଁ ବିଜ୍ଞପ୍ତି ପରେ ଜିଲାରେ ଖୁସିର ଲହରି

**ଭବାନୀପାଟଣା,୯।୩(ଡି.ଏନ.ଏ.)**
ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ କଳାହାଣ୍ଡି ଓ ନୂଆପଡା ଜିଲାର ଯୁକ୍ତ ୩ ମହାବିଦ୍ୟାଳୟକୁ ନେଇ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । କଳାହାଣ୍ଡି ଜିଲାର ଦୀର୍ଘ ଦିନର ଦାବି ଫଳବତି ହୋଇଥିବାରୁ ଜିଲାର ବିଭିନ୍ନ ମହଲରେ ଖୁସିର ଲହରି ଦେଖାଦେଇଛି । କଳାହାଣ୍ଡି ଜିଲାରେ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଭବାନୀପାଟଣା ଓ ସରକାରୀ ମହିଳା ମହାବିଦ୍ୟାଳୟର ଭବାନୀପାଟଣା ଦୁଇ ଗୋଟି ସରକାରୀ ଯୁକ୍ତ ୩ ମହାବିଦ୍ୟାଳୟ ଥିବା ବେଳେ ଜିଲାରେ ୩୦ଟି ଅନୁଦାନ ପ୍ରାପ୍ତ ଓ ଘରୋଇ ଯୁକ୍ତ ୩ ମହାବିଦ୍ୟାଳୟ ରହିଛି । ସେହିପରି ନୂଆପଡା ଜିଲାରେ ଦୁଇଟି ସରକାରୀ ଯୁକ୍ତ ୩ ମହାବିଦ୍ୟାଳୟ ଓ ୩ ଗୋଟି ଅନୁଦାନପ୍ରାପ୍ତ ଯୁକ୍ତ ୩ ମହାବିଦ୍ୟାଳୟ ରହିଛି । ଏହା ବ୍ୟତୀତ ଜିଲାରେ ୬୨ ଗୋଟି ଯୁକ୍ତ ୨ ମହାବିଦ୍ୟାଳୟ ରହିଛି । ରାଜ୍ୟ ସରକାର ଘୋଷଣା କରିଥିବା କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ ନୂଆପଡା ଜିଲାର କିଛି ଭାଗ ଓ ଟିଟିଲାଗଡ ଅଞ୍ଚଳର କିଛି ଯୁକ୍ତ ୩ ମହାବିଦ୍ୟାଳୟକୁ ସାମିଲ କରାଯିବା ନେଇ ଆଲୋଚନା ହେଉଛି । ତେବେ ରାଜ୍ୟ ସରକାର କଳାହାଣ୍ଡି ଜନସାଧାରଣଙ୍କ ଦୀର୍ଘ ଦିନର ଦାବିକୁ ଗ୍ରହଣ କରି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଘୋଷଣା ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ କରିଥିବାରୁ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ, କଳାହାଣ୍ଡି ସିଟିଜେନ୍ ଫୋରମ ସମେତ ବହୁ ବୁଦ୍ଧିଜୀବୀ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବିଭୂତିପଡା ଶ୍ମଶାନଘାଟ ଉନ୍ନତୀକରଣ ପାଇଁ ଶିଳାନ୍ୟାସ



ବିଧାୟକ ନରସିଂହ ମିଶ୍ର ଶିଳାନ୍ୟାସ କରୁଛନ୍ତି ।

**ବଲାଙ୍ଗୀର,୯।୩**
ବିଭୁତିପଡା ଶ୍ମଶାନଘାଟର ଉନ୍ନତୀକରଣ ତଥା ଆଧୁନିକୀକରଣ ପାଇଁ ବିଧାୟକ ନରସିଂହ ମିଶ୍ର ଶିଳାନ୍ୟାସ କରିଛନ୍ତି। ଏହି ଭିତ୍ତି ପ୍ରସ୍ତର ସଭାରେ ଟୁନା ମିଶ୍ର ସଭାପତିତ୍ୱ କରିଥିଲେ। ସଭାରେ ଗୁଣନିଧି ବେହେରା କଂଗ୍ରେସ ଦଳରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅସୀମ ପଟ୍ଟନାୟକ, ସୁଦାମ ସାହୁ, ମନିଷ ମିଶ୍ର, ସନ୍ତକ ବହିଦାର, ମାନସ ମହାନ୍ତି, ସଞ୍ଜୟ ମିଶ୍ର, ଅଜୟ ବାଲି, ହିମାଂଶୁ ନାୟକ, କୈଳାସ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ବ୍ରଜ କିଶୋର ସେଠୀ, ସଞ୍ଜୀବ ଗୁରୁ, କାଉନସିଲର ସୌମ୍ୟଦିପ ସରାଫ, ଅଖଣ୍ଡ ସେଠ, ରବି ସ୍ୱାଇଁ, ପ୍ରେମ ପ୍ରକାଶ ମିଶ୍ର, ଅଙ୍କିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# କଳାହାଣ୍ଡି ନିର୍ମାଣ ମଜଦୁର ସଂଘର ଗଣ ବିକ୍ଷୋଭ

**ଭବାନୀପାଟଣା,୯।୩(ଡି.ଏନ.ଏ.)**
୧୦ ଦଫା ଦାବି ନେଇ କଳାହାଣ୍ଡି ନିର୍ମାଣ ମଜଦୁର ସଂଘ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଳାହାଣ୍ଡି ନିର୍ମାଣ ମଜଦୁର ସଂଘ ସଭାପତି ରଜନୀକାନ୍ତ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶତାଧିକ ନିର୍ମାଣ ଶ୍ରମିକ ପୁରୁଷ ଓ ମହିଳା ଏହି ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ। ନିର୍ମାଣ ଶ୍ରମିକ ମାନଙ୍କୁ ଘୋଷିତ ହୋଇଥିବା ମୃତ୍ୟୁକାଳିନ ସହାୟତା ଜିଲାରେ ୧୧୭ ଜଣଙ୍କ ମଧ୍ୟରୁ ମାତ୍ର ୧୯ ଜଣଙ୍କ ସ୍ୱିକୃତି ମିଳିଛି । ଅବଶିଷ୍ଟ ୯୮ ଜଣଙ୍କ ମୃତ୍ୟୁକାଳିନ ସହାୟତା ପ୍ରଦାନ, ପୂର୍ବରୁ ଆବେଦନ କରିଥିବା ସାଇକେଲ ଓ ଯନ୍ତ୍ରପାତି ନିରାପତ୍ତା ଉପକରଣ ସହାୟତା ପ୍ରଦାନ, କଲ୍ୟାଣ ସଂଯୋଜକ ଅନିତା ନାଗ ଓ ଡାଟା ଏଣ୍ଟ୍ରି ଅପରେଟର ଅର୍ଜୁନ ଦୁର୍ଗାଙ୍କ ମନମୁଖୀ କାର୍ଯ୍ୟାକଳାପ ବିରୋଧରେ ତୁରନ୍ତ

**୧୦ ଦଫା ଦାବି**

କାର୍ଯ୍ୟାନୁଷ୍ଠାନ ସହ ଏହି ଦୁଇଜଣଙ୍କୁ ବଦଳି, ନିର୍ମାଣ ଶ୍ରମିକମାନଙ୍କ ନବିକରଣ ଓ ପଞ୍ଜୀକରଣ ନିମନ୍ତେ ଲାଞ୍ଚ ଆଦାୟ ବନ୍ଦ କରାଯିବା, ଗ୍ରାମ୍ୟ ଶ୍ରମ ନୀରିକ୍ଷକଙ୍କୁ ଆଇଡି ପ୍ରଦାନ ଆଦି ୧୦ ଦଫା ଦାବି କରି ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ କଳାହାଣ୍ଡି ନିର୍ମାଣ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ କଳାହାଣ୍ଡି ନିର୍ମାଣ ମଜଦୁର ସଂଘ ସଭାପତି ରଜନୀକାନ୍ତ ଆଚାର୍ଯ୍ୟ, ସଂଘର ଆଇନ ପରାମର୍ଶଦାତା ଶିଶିର ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ସାଙ୍କ ସମେତ ଶ୍ରମିକ ନେତା ଚିନ୍ମୟ ବେହେରା ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା। କଲ୍ୟାଣ ସଂଯୋଜକ ଅନିତା ନାଗ ଓ ଡିଇଓ ଅର୍ଜୁନ ଦୁର୍ଗାଙ୍କୁ ତୁରନ୍ତ ବଦଳି କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି କଳାହାଣ୍ଡି ନିର୍ମାଣ ମଜଦୁର ସଂଘ ସଭାପତି ରଜନୀକାନ୍ତ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

**ଜୁନାଗଡ,୯।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ସହର କଲ୍ୟାଣ ମଣ୍ଡପଠାରେ ଶନିବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତର ବିଜୁ ମହିଳା ଜନତା ଦଳର ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ। ଜୁନାଗଡ ବ୍ଲକ ସଭାନେତ୍ରୀ ମନିଷା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ବ୍ଲକ ସାଧାରଣ ସମ୍ପାଦିକା ରୀନା ପାଢି, ସମ୍ପାଦକ ସୁଜତା ଶବର ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ତଥା ପ୍ରତ୍ୟେକଙ୍କ ଘରେ ଶଙ୍ଖ କିପରି ବିକାଶର ବାର୍ତ୍ତା ନେଇଁ ପହଞ୍ଚିବ ସେ ନେଇ ଆଲୋଚନା କରାଯାଇଥିଲା। ସେହିପରି ବୈଠକରେ ନୂତନ ଭାବେ ୪ଜଣ ମହିଳା ବିଜୁ ମହିଳା ଜନତା ଦଳରେ ଯୋଗଦେଇଛନ୍ତି। ସେମାନେ ହେଲେ ରଞ୍ଜିତା ସରାଫ, ଜୟନ୍ତୀ ସା, ଶଶି ନାଏକ, ଅମ୍ବିକା ବାଗ। ସମସ୍ତଙ୍କୁ ବିଜୁ ମହିଳା ଜନତା ଦଳ ପକ୍ଷରୁ ସମ୍ବର୍ଦ୍ଧନା ଜଣାଯାଇଥିଲା।



ଜୁନାଗଡ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମୀବୃନ୍ଦ ।

## ଗାୟତ୍ରୀ ଫାର୍ମାସି କଲେଜରେ କର୍ମନିଯୁକ୍ତି ଶିବିର

**ସମ୍ବଲପୁର,୯।୩(ବ୍ୟୁରୋ)**
ଜମାଦାରପାଲିସ୍ଥିତ ଗାୟତ୍ରୀ ଫାର୍ମାସି କଲେଜ ପରିସରରେ ଶନିବାର କର୍ମନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାତା ସମ୍ପାଦକ ଶିବ ନାରାୟଣ ଶତପଥୀ, ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥୀ, କଲେଜ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମହାପାତ୍ର, ଉନ୍ନୟନ ନିଯୁକ୍ତି ଅଧିକାରୀ ଅତିଶ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସିକିମ୍‌ସ୍ଥିତ ସନ୍ ଫାର୍ମାସ୍ୟୁଟିକାଲ ଅପରେଶନ୍ ଜେନେରାଲ ମ୍ୟାନେଜର ମାନସ କୁମାର ମହାପାତ୍ର, ମାନବ ସମ୍ବଳ ବିଭାଗ ମୁଖ୍ୟ ବିଜୟ କୁମାର ଶିବିରରେ ଯୋଗଦେଇ କଲେଜର ଡିଫାର୍ମ ଓ ବିଫାର୍ମ ଛାତ୍ରୀଛାତ୍ରଙ୍କ ଯୋଗ୍ୟତା ଚୟନ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଫାର୍ମାସି କଲେଜରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡା. ପ୍ରଶାନ୍ତ କୁମାର ବିଶ୍ୱାଳ, ସଞ୍ଜୀବ କୁମାର କର, ଶୁଭେନ୍ଦୁ ଶେଖର ମିଶ୍ର ଶିବିର ପରିଚାଳନା କରିଥିଲେ।

# ପିଇଲା ପାଏନ୍ ଲାଗି ଡହକ୍‌ବିକଲ ଚାଟିକନାବାସୀ

**ଭବାନୀପାଟଣା, ୯।୩ (ଡି.ଏନ୍.ଏ):**
ଖରାଦିନ୍ ଆଗ୍‌ରୁ କଳାହାଣ୍ଡି ଜିଲାର ଥୁଆମୂଳରାମପୁର ବ୍ଲକର ଭିନେ ଭିନେ ଗାଁରେ ପିଇଲା ପାଏନ୍‌ର ବଡ଼ଭାରି ସମସିଆ ଦେଖାଦେଇଛେ। ଇଆଡ଼େ ସରକାର ଲୁକ୍‌କୁ ନିରମଲ ପିଇଲା ପାଏନ୍ ଯୁଗେଇ ଦେବାର ଲାଗି ଗାଁଗଁଲିରୁ ସହର ତକ୍ ସବୁନେ କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ବହୁତ୍ ଜାଗାରେ ଇ ଯୋଜ୍‌ନାମାନ ଠିକ୍ ହିସାବେ କାୟ୍‌କାରି ନାଇଁ ହେଇପାରବାର। ଯେନ୍‌ଥିରଲାଗି ଲୋକ୍ ନିରମଲ ପିଇଲା ପାଏନ୍ ଟିକେର ଲାଗି ଡହକ୍‌ବିକଲ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ଥୁ.ରାମପୁର ବ୍ଲକର କାଣିଗୁମା ପଁଚେତ୍‌ର ଚାଟିକନା ଗାଁରେ। ଚାଟିକନା ଗାଁରେ ଏହେଦେ ବଡ଼ଭାରି ହିସାବେ ପିଇଲା ପାଏନ୍‌ର ସମସିଆ ଦେଖାଦେଇଛେ। ପିଇଲା ପାଏନ୍ ସଂଗେ ବେଭାର କଲାଲେଖେଁ ପାଏନ୍‌ର ଅଭାବ ଲୁକ୍‌କର ଅସବିଧାଟାକେ ଦୁଇଗୁନ କରିଦେଉଛେ। ଗାଁର ମାଏକିନାମାନେ ପିଇଲା ପାଏନ୍ ଲାଗି ଚାଲିଚାଲି ଅନେକ ଦୂର ଯାଉଛନ୍। ଗାଁବାସୀ ଇ ଅସବିଧାକେ ଦୂରକରବାକେ ଯାଇ ଗାଁର ଗୁଟେ ଜାଗାରେ ଗାତକୁଡ଼ି ସେଠାନୁପାଏନ୍‌ନେଉଛନ୍। ଜାଗାଟା ଗୁଟେ ଅସକୁରା ପରିବେଶରେ ଥିଲାବେଲେ ସେଠାନୁ ପାଏନ୍ ନେଇ ଗାଁବାସୀ ଖାଏବା ପିଇବାରେ ବେଭାର କରୁଛନ୍। ଇ ପାଏନ୍ ବି ବେଭାର କଲାଲେଖେଁ ନୁହେସେ, ହେଲେ ଗାଁବାସୀ ଉପେ ଶୁଇନ୍ ହେଇ ଇ ପାଏନ୍ ବେଭାର କରବାର ସଂଗେ ଭିନେ ଭିନେ ସମିଆରେ ଝାଡ଼ାବାଁତିରେ ପଡୁଥିବାର କହିଛନ୍। ଥାନୀୟ ପରଶାସନ ଇ ଦିଗେ ଦୁରୁଷ୍‌ଟି ଦେଇ ନିରମଲ ପିଇଲା ପାଏନ୍‌ର ବେବସ୍‌ତା କରବାକେ ଚାଟିକନା ଗାଁବାସୀ ଦାବି କରିଛନ୍।



ଢୁଢ଼ାରୁ ପାଏନ୍ ନେଉଛନ୍ ଚାଟିକନାର ମହିଳାମାନେ।



ତୁମେ ଯଦି ଅନ୍ୟର ସଦ୍‌ଗୁଣ ଚିହ୍ନିପାରି ନାହଁ, ତେବେ ତୁମ ସଦ୍‌ଗୁଣର କିଛି ମୂଲ୍ୟ ନାହିଁ
- ସେନେକା



## ସଂକ୍ଷେପରେ

### ଆଇନା ବହି ବାଣ୍ଟିବା ବିବାଦ ତୁଟିଲା

**ଲାଞ୍ଜିଗଡ଼,୯।୩(ଡି.ଏନ.ଏ.)** ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ଥିବା ଆଇନା ବହିକୁ ସମସ୍ତ ହିତାଧିକାରୀ ପାଖଙ୍କୁ ପହଞ୍ଚାଇବା ପାଇଁ ଅଙ୍ଗନୱାଡି କର୍ମୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା । ତେବେ ଗତ ୨୦୧୫-୧୬ରେ ରାଶନ୍ କାର୍ଡ ସର୍ଭେର ପାରିଶ୍ରମିକ ଏଯାଏଁ ମିଳି ନ ଥିବାରୁ ସେମାନେ ଏଥିରେ ଅସହଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ। ଅଙ୍ଗନୱାଡି କର୍ମୀମାନଙ୍କ ସାମୁହିକ ନିଷ୍ପତ୍ତି ଜିଲା ତଥା ବ୍ଲକ ପ୍ରଶାସନର ମୁଣ୍ଡବ୍ୟଥା ବଢାଇ ଦେଇଥିବାବେଳେ ଅନେକ ବିଚାର ବିମର୍ଶ ପରେ ଶୁକ୍ରବାର ଅଙ୍ଗନୱାଡି କର୍ମୀମାନେ ସହଯୋଗ କରିବାକୁ ସମ୍ମତି ଦେବା ପରେ ବିବାଦ ତୁଟିଥିବା ଜଣାପଡିଛି । ଏହାକୁ ନେଇ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ମଧ ଅବ୍ୟବସ୍ଥା ଦେଖା ଦେଇଥିବାବେଳେ ଶୁକ୍ରବାର ଏତେ ସଂଖ୍ୟକ ପୁସ୍ତକ ବଣ୍ଟନ ପାଇଁ ପରିବହନ ଓ ଅନ୍ୟାନ୍ୟ ସହାୟତା ବ୍ଲକ ପ୍ରଶାସନ ଯୋଗାଇ ଦେବାକୁ ରାଜି ହେବା ପରେ ଆଇନା ବଣ୍ଟନକୁ ନେଇ ଦେଖାଦେଇଥିବା ଅଚଳାବସ୍ଥା ଦୂର ହୋଇଛି।



### ବିଜୁ ମହିଳା ଜନତା ଦଳର ଜିଲା କାର୍ଯ୍ୟକାରୀ ସଭାପତି ତିଲୋତ୍ତମା ନାଏକ ଦଳ ଛାଡ଼ିଲେ

**ଭବାନୀପାଟଣା,୯।୩(ଡି.ଏନ.ଏ.)** କଳାହାଣ୍ଡି ଜିଲା ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାନେତ୍ରୀ ତଥା ଓଡିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା, ବରିଷ୍ଠ ବିଜେଡି ନେତ୍ରୀ ତିଲୋତ୍ତମା ନାଏକ ଦଳ ଛାଡ଼ିଥିବା ନେଇ ସ୍ପଷ୍ଟ କରିଛନ୍ତି । ତିଲୋତ୍ତମା ବିଜେଡିରୁ ଇସ୍ତଫା ଦେବା ଘଟଣା ଓଡିଶା ଏବଂ କଳାହାଣ୍ଡି ବିଜେଡି ରାଜନୀତିରେ ଆଲୋଡନ ସୃଷ୍ଟି କରିଛି। ତିଲୋତ୍ତମା ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଗତ ୭ ତାରିଖରେ ଦେଇଥିବା ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି ଯେ, ଗତ ଫେବୃୟାରୀ ୨୫ ତାରିଖରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଆଶଳିନ ମନ୍ତବ୍ୟ ଦେଇ ଦୁର୍ବ୍ୟବହାର କରିବା ସମ୍ପର୍କରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ। କିନ୍ତୁ ଦାସଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ କରା ନ ଯିବା ଓ ତାଙ୍କୁ ନ୍ୟାୟ ମିଳି ନ ଥିଲା। ପୁନର୍ବାର ସେ ୪।୩।୨୦୧୯ ତାରିଖରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ତାଙ୍କୁ ନ୍ୟାୟ ପ୍ରଦାନ କରିବା ସହିତ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। କିନ୍ତୁ ଗତ ୭ ତାରିଖ ପର୍ଯ୍ୟନ୍ତ ନ୍ୟାୟ ନ ମିଳିବା ଯୋଗୁ ବାଧ୍ୟ ହୋଇ ଗତ ୭ ତାରିଖରେ ରାଜ୍ୟ ମହିଳା ଆୟୋଗ ସଦସ୍ୟା ପଦ ଓ ବିଜେଡିର ସମସ୍ତ ପଦପଦବି ସହିତ ପ୍ରାଥମିକ ସଦସ୍ୟ ପଦବିରୁ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେଡି ସଭାପତିଙ୍କୁ ପଠାଇ ଦଳ ଛାଡ଼ିଥିବା ସେ କହିଛନ୍ତି।

### ସରକାରଙ୍କ ମାଗଣାରେ ପୋଷାକ ଦେବା ବ୍ୟବସ୍ଥା

# ଶିକ୍ଷା ବର୍ଷ ଶେଷରେ ମିଳୁଛି ପୋଷାକ

**ଜୁନାଗଡ଼ ବ୍ଲକ**
- ବିପିଏଲ ଛାତ୍ରଙ୍କୁ ଅଣଦେଖା
- ୬୪୯୯ ବଦଳରେ ୯୬ ଛାତ୍ରଙ୍କ ପାଇଁ ଆସିଛି
- ଅଭିଭାବକ ମଧ୍ୟରେ ଅସନ୍ତୋଷ
- ଦୋଷ କାହାର, ସରକାର, ଶିକ୍ଷା ବିଭାଗ ନା ପ୍ରଧାନ ଶିକ୍ଷକ

**ଜୁନାଗଡ,୯।୩(ଡି.ଏନ.ଏ.)** ରାଜ୍ୟ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଛାତ୍ରୀଛାତ୍ରଙ୍କୁ ପାଠପଢାରେ ଉତ୍ସାହିତ କରିବା ପାଇଁ ପ୍ରତିବର୍ଷ ମାଗଣାରେ ୨ହଳ ଲେଖାଏଁ ପୋଷାକ ଦେବା ବ୍ୟବସ୍ଥା କରିଛନ୍ତି। ଏପରିକି ଚଳିତବର୍ଷଠାରୁ ପୋଷାକ ସହ ହଳେ ଜୋତା ଦେବା ପାଇଁ ମଧ ବ୍ୟବସ୍ଥା କରାଯାଇଛି। ଶିକ୍ଷା ବର୍ଷ ଆରମ୍ଭରେ ଜୁଲାଇରେ ଛାତ୍ରୀଛାତ୍ରଙ୍କୁ ପୋଷାକ ଦେବାର ନିୟମ ରହିଥିବାବେଳେ ବର୍ତ୍ତମାନ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଶିକ୍ଷା ବର୍ଷ ଶେଷରେ ପୋଷାକ ବଣ୍ଟନ କରାଯାଉଥିବାରୁ ଛାତ୍ରୀଛାତ୍ର, ଅଭିଭାବକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜୁନାଗଡ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟରୁ ଉପରିସ୍ଥ କାର୍ଯ୍ୟାଳୟକୁ ସମୁଦାୟ ୨୨ ହଜାର ୨୮୮ ଛାତ୍ରୀଛାତ୍ରଙ୍କ ପାଇଁ ପୋଷାକ ଆବଶ୍ୟକ ବୋଲି ରିପୋର୍ଟ ଯାଇଥିଲା। ସେହି ଅନୁସାରେ ପୋଷାକ ଟଙ୍କା ଆସି ନ ଥିବା ଜଣାପଡିଛି। ସେହିପରି ବିପିଏଲବର୍ଗର ୨୩୪ ବିଦ୍ୟାଳୟରେ ୬୪୯୯ ଛାତ୍ର ରହିଥିବାବେଳେ ସେଥିମଧ୍ୟରୁ ମାତ୍ର ୩ଟି ବିଦ୍ୟାଳୟର ୯୬ଜଣ ଛାତ୍ରଙ୍କ ପାଇଁ ପୋଷାକ ଆସିଥିବା ଜଣାପଡିଛି। ଫଳରେ ବିଦ୍ୟାଳୟରେ ଅସନ୍ତୋଷ ଦେଖାଯିବ ବୋଲି ପୋଷାକ ବଣ୍ଟନ କରାଯାଉ ନ ଥିଲା। ମାର୍ଚ୍ଚ ୩୧ ସୁଦ୍ଧା ପୋଷାକ ବଣ୍ଟନ କରା ନ ଗଲେ ଟଙ୍କା ଫେରିଯିବା ନେଇ ଜଣାପଡିବା ପରେ ଭୟରେ ତରବରିଆ ଭାବେ ଗତ କିଛି ଦିନ ହେଲା ବିଦ୍ୟାଳୟରେ ପୋଷାକ ବଣ୍ଟନ ଚାଲିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ରାଜ୍ୟ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ସମସ୍ତ ଛାତ୍ରୀ, ଅନୁସୂଚିତ ଜାତି, ଜନଜାତି ଓ ବିପିଏଲ ବର୍ଗର ଛାତ୍ରଙ୍କୁ ମାଗଣାରେ ୨ ହଳ ପୋଷାକ ପାଇଁ ୪ ଶହ ଟଙ୍କା ଓ ଗୋଟିଏ ଜୋତା ପାଇଁ ୨ ଶହ ଟଙ୍କା ସମୁଦାୟ ୬ଟଙ୍କାର ପୋଷାକ ଓ ଜୋତା ଦେବାର ବ୍ୟବସ୍ଥା କରିଛନ୍ତି। ୨୦୧୭ ସେପ୍ଟେମ୍ବର ପୂର୍ବରୁ ଜୁନାଗଡ ବ୍ଲକ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ପ୍ରଥରୁ ଅଷ୍ଟମ ଶ୍ରେଣୀ ପଢୁଥିବା ସମସ୍ତ ଛାତ୍ରୀ, ଅନୁସୂଚିତ ଜାତି, ଜନଜାତି ଓ ବିପିଏଲବର୍ଗର ଛାତ୍ରଙ୍କ ପ୍ରମାଣପତ୍ର ଦାଖଲ କରିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କିଛି ଶିକ୍ଷକ ସମସ୍ତ ପ୍ରମାଣପତ୍ର ଦାଖଲ କରିଥିବା ବେଳେ ଅନେକ ଶିକ୍ଷକ ସ୍କୁଲରେ କେତେଜଣ ବିପିଏଲ ଛାତ୍ର ଅଛନ୍ତି ତାହା ଉଲ୍ଲେଖ କରି ନ ଥିଲେ। ସେହିପରି ଜୁନାଗଡ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୨୩୪ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୨ ହଜାର ୨୮୮ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ଦେବା ପାଇଁ ଉପରିସ୍ଥ କାର୍ଯ୍ୟାଳୟକୁ ଜଣାଇଥିଲେ। ସେହି ଅନୁସାରେ ନ ଦିଆଯାଇ ୧୬ ହଜାର ୭୮୯ ଛାତ୍ରୀଛାତ୍ରଙ୍କ ପାଇଁ ୧ କୋଟି ୭୯ ହଜାର ୨ ଶହ ଟଙ୍କା ଦିଆଯାଇଛି। ଅନ୍ୟପକ୍ଷରେ ୬୪୯୯ ବିପିଏଲ ଛାତ୍ରଙ୍କ ପାଇଁ ପୋଷାକ ଆବଶ୍ୟକ ବୋଲି ରିପୋର୍ଟ ଦିଆଯାଇଥିବା ବେଳେ କେବଳ ୩ଟି ସ୍କୁଲର ୯୬ଜଣ ବିପିଏଲ ଛାତ୍ରଙ୍କ ପାଇଁ ଆସିଥିବା ଜଣାପଡିଛି। ଫଳରେ ୬୪୦୩ ଜଣ ବିପିଏଲ ଛାତ୍ର ଏବେ ପୋଷାକ, ଜୋତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନେକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ତୁଳନାରେ କମ୍ ଟଙ୍କା ପଡିଥିବାବେଳେ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟରେ ଅଧିକ ଟଙ୍କା ସ୍କୁଲ ଆକାଉଣ୍ଟରେ ଜମା ହୋଇଥିବା ଜଣାପଡିଛି। ଏଥିପାଇଁ ସରକାର, ଶିକ୍ଷା ବିଭାଗ ନା ପ୍ରଧାନଶିକ୍ଷକ କାହାର ଦୋଷ ଯୋଗୁ ଗରିବ ବିପିଏଲ ଛାତ୍ର ପୋଷାକ ଓ ଜୋତା ପାଇବାରୁ ବଞ୍ଚିତ ହେଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି। ଏ ନେଇ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କ ପାଇଁ ଯେତିକି ପୋଷାକ ଆବଶ୍ୟକତା ବୋଲି ଉପରିସ୍ଥ କାର୍ଯ୍ୟାଳୟକୁ ପଠାଇଥିଲୁ ସେହି ତୁଳନାରେ ପୋଷାକ ଆସିନାହିଁ। ଫଳରେ ଏହି ଅସୁବିଧା ଦେଖାଦେଇଛି ବୋଲି କହିଥିଲେ। ବାଦ୍ ପଡିଥିବା ଛାତ୍ରଙ୍କ ପାଇଁ ପୋଷାକ ଯୋଗାଇଦେବା ପାଇଁ ଉପରିସ୍ଥ କାର୍ଯ୍ୟାଳୟ ଜଣାଇଛୁ ବୋଲି କହିଥିଲେ।

### ଇନଟେକ୍ ୱେଲ ପାଇଁ ଭୂମି ପୂଜନ

## ଦୂରହେବ ଚିଚୈଗୁଡ଼ା ପଞ୍ଚାୟତର ଜଳ ସମସ୍ୟା

**ହାତୀନଦୀରୁ ପାଇପ୍ ମାଧ୍ୟମରେ ହେବ ଜଳ ଯୋଗାଣ**

**ଜୁନାଗଡ,୯।୩(ଡି.ଏନ.ଏ.)** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତକୁ ଇନଟେକ୍ ୱେଲ (ଜଳଉତ୍ସ) ମାଧ୍ୟମରେ ହାତୀନଦୀରୁ ପାଇପ ଯୋଗେ ଜଳ ଯୋଗାଣ କରାଯିବ। ଏଥିପାଇଁ ଶନିବାର ହାତୀନଦୀ ନିକଟରେ ଇନଟେକ୍ ୱେଲ ପ୍ରକଳ୍ପର ଭୂମି ପୂଜନ ହୋଇଯାଇଛି। ଏହି ସମୟରେ ଚିଚୈଗୁଡା ସରପଞ୍ଚ ସୁଧିରା ମେହେର, ନାଏବ ସରପଞ୍ଚ ନବୀନ ମେହେର, ଶିବ ମେହେର, କାମଦେବ ନାଏକ, ଛନ୍ଦାଚରଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ଦ୍ୱାରା ଚିଚୈଗୁଡା ପଞ୍ଚାୟତର ଜଳ ସମସ୍ୟା ଦୂର ହେବ ବୋଲି ଜଣାପଡିଛି। ଯାହାକୁ ନେଇ ଚିଚୈଗୁଡା ପଞ୍ଚାୟତବାସୀଙ୍କ ମଧ୍ୟରେ ଏବେ ଖୁସିର ଲହରି ଖେଳି ଯାଇଛି। ଚିଚୈଗୁଡା ପଞ୍ଚାୟତରେ ଜଳ ସମସ୍ୟା ରହିଥିବାରୁ ଗତବର୍ଷ ଚିଚୈଗୁଡା ସରପଞ୍ଚ ସୁଧିରା ମେହେରଙ୍କ ନେତୃତ୍ୱରେ ପଞ୍ଚାୟତ କର୍ତ୍ତୃପକ୍ଷ ଆରଡବ୍ଲ୍ୟୁଏସଏସ୍ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇ ଲୋକଙ୍କ ସୁବିଧା ପାଇଁ ନିକଟସ୍ଥ ହାତୀନଦୀରୁ ଇନଟେକ୍ ୱେଲ ମାଧ୍ୟମରେ ହାତୀନଦୀରୁ ପାଇପ ଯୋଗେ ଜଳ ଯୋଗାଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।



ଇନଟେକ୍ ୱେଲ ଭୂମି ପୂଜାରେ ଯୋଗଦେଇଥିବା ଚିଚୈଗୁଡା ସରପଞ୍ଚ ଏବଂ ଅନ୍ୟମାନେ।

### ବ୍ଲକସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

## ଉତ୍ତମ କାର୍ଯ୍ୟ ସମ୍ପାଦନ ପାଇଁ ୩ ଆଶା କର୍ମୀ ପୁରସ୍କୃତ

**ଜୁନାଗଡ,୯।୩(ଡି.ଏନ.ଏ.)** କଳାହାଣ୍ଡି ଜିଲା ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଶନିବାର ବ୍ଲକସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ ବ୍ଲକର ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ। ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି,ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ ସୁମେଶ୍ୱର ନାଏକ, ଆୟୁଷ ଡାକ୍ତର ବିନୋଦିନୀ ନାଏକ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ତମ କାର୍ଯ୍ୟ ସମ୍ପାଦନା ପାଇଁ ୩ଜଣ ଆଶା କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନେ ହେଲେ ଦାସିଗାଁର ହାରାବତୀ ବାଗ ପ୍ରଥମ, ମାଣିକାପଦରର ପୁଷ୍ପଲତା ପୂଝାରୀ ଦ୍ୱିତୀୟ ଓ ଚିଚୈଗୁଡାର ଦ୍ରୋପଦୀ ସୁନା ତୃତୀୟ ସ୍ଥାନ ଭାବେ ମନୋନୀତ ହୋଇଥିଲେ। ସେହିପରି ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ଭାବେ ଚିଚୈଗୁଡାକୁ ପୁରସ୍କୃତ କରାଯାଇଥିଲା। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା 'ବିଶ୍ୱାସ' ଅଭିଯାନର ଉଦ୍‌ଘାଟନ ହୋଇଥିଲା। ପରିଷ୍କାର ଓ ପରିଚ୍ଛନ୍ନତା ନିମନ୍ତେ ଗାଁ କଲ୍ୟାଣ ସମିତି ଜରିଆରେ ଏହି ଅଭିଯାନ ୧୧ ମାସ ଧରି ଚାଲିବ।




ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସଟ୍ ସର୍କିଟରୁ ନିଆଁ ଲାଗି ଘର ପୋଡ଼ିଲା

**ମଦନପୁର,୯।୩(ଡି.ଏନ.ଏ.)** କଳାହଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ଗୋଛାଡେଙ୍ଗେନ ଗ୍ରାମପଞ୍ଚାୟତ ମେଟାଗୁଡା ଗ୍ରାମର ଈଶ୍ୱର ବେହେରାଙ୍କ ଘରେ ଶୁକ୍ରବାର ନିଆଁ ଲାଗି ଏକ ବଖରା ଘର ସମ୍ପୂର୍ଣ୍ଣ ପୋଡିଯାଇଛି । ଈଶ୍ୱର ଓ ତାଙ୍କ ସ୍ତ୍ରୀ ନିଶାମଣି ଘରେ ନ ଥିବା ସମୟରେ ହଠାତ୍ ଘରେ ନିଆଁ ଲାଗି ଯାଇଥିବା ଦେଖି ପୋଡୋଶୀମାନେ ଲିଭାଇଥିଲେ। ଈଶ୍ୱରଙ୍କ ପୁଅ ରନ୍‌ଜନ୍ ମାଟ୍ରିକ ସାର୍ଟିଫିକେଟ, ପାସ୍ ବୁକ୍ ଓ ଆଧାର କାର୍ଡ, ଆଟେଚି, ପ୍ୟାଣ୍ଟ ସାର୍ଟ, ଧାନ ଚାଉଳ ଓ ପାଞ୍ଚ ହଜାର ଟଙ୍କା ପୋଡି ଯାଇଥିବା ନିଶାମଣି କହିଛନ୍ତି । ଈଶ୍ୱର ଜଣେ ଦିନ ମଜୁରିଆ ହୋଇଥିବାରୁ ବର୍ଷକ ପାଇଁ ସଞ୍ଚିତ ଖାଦ୍ୟ ନଷ୍ଟ ହେବା ଫଳରେ ପରିବାରବର୍ଗ ଚିନ୍ତାରେ ପଡିଛନ୍ତି। ଘରେ ଲାଗିଥିବା ବିପିଏଲ୍ ବିଦ୍ୟୁତ୍ ସଟ୍ ସର୍କିଟ୍‌ରୁ ଘର ପୋଡିଥିବା ଗ୍ରାମବାସୀ ପ୍ରକାଶ କରନ୍ତି ।

## ଡୁଡୁକାଠେଙ୍ଗାଠାରେ ବାଲିଯାତ୍ରା ଉଦ୍‌ଯାପିତ

**କୋକସରା,୯।୩(ଡି.ଏନ.ଏ.)** କଳାହାଣ୍ଡି ଜିଲା କୋକସରା ବ୍ଲକ ଆଦିବାସୀ ବହୁଳ ଡୁଡୁକାଠେଙ୍ଗା ପଞ୍ଚାୟତରେ ଚାଲିଥିବା ବାଲିଯାତ୍ରା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଆଦିବାସୀଙ୍କ ପରମ୍ପରା ସଂସ୍କୃତି ଓ ଚଳଣିରେ ଆଜି ମଧ୍ୟ ଧରଣୀ ପେନୁ ବା ମାଟି ଦେବତାଙ୍କୁ ସନ୍ତୁଷ୍ଟ କରିବା ସହ ଗ୍ରାମରେ ସୁଖ ସମୃଦ୍ଧି ଓ ଚାଷରେ ମାଟି ଦେବତାଙ୍କ କୃପା ରହିବା ପାଇଁ ଦୀର୍ଘ ୩୦ ବର୍ଷ ପରେ ପାଚ୍ଚ ବାଲିଯାତ୍ରା ଡୁଡୁକାଠେଙ୍ଗା ପଞ୍ଚାୟତର ମୁନୁଗାପଦର, ବନ୍ଧପଡ଼ା, ଦର୍ଲିପଡ଼ା, କର୍ଲାପଡ଼ା ଗ୍ରାମକୁ ନେଇ ଆରମ୍ଭ ହୋଇ ଶୁକ୍ରବାର ଭୀମା ଦେବତାଙ୍କ ଖମ୍ବ ସ୍ଥାପନ ସହ ସମାପନ ହୋଇଛି । ବାଲିଯାତ୍ରା ଆରମ୍ଭ କରିବା ପୂର୍ବରୁ ଗ୍ରାମର ଗଣ୍ଡା, ପୂଝାରୀ, ଗୋନ୍ତିଆ ସହ ଆଖପାଖ ଗାଁର ଚାଷୀମାନେ ଏକତ୍ରିତ ହୋଇ ବାଲିଯାତ୍ରା ପର୍ବ ପାଇଁ ବୈଠକ ଆୟୋଜନ କରି ଗ୍ରାମ ପୂଝାରୀଙ୍କ ନିର୍ଦ୍ଦେଶନୁସାରେ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରନ୍ତି । ବାଲିଯାତ୍ରାର ମୁଖ୍ୟ ପୁରୋଧା ଏକ ହିଡ଼ା ଗୁରୁମେଙ୍କୁ ପ୍ରଥମେ ଗାଁକୁ ଅଣାଯାଇ ଗ୍ରାମର ଶେଷ ମୁଣ୍ଡରେ ଏକ ମାଟି କୁଡ଼ିଆ ଘର କରି ଗୁରୁମେଙ୍କୁ ରଖି ପୂର୍ବରୁ ଗାଁ ପୂଝାରୀ ୭ ଜଣ କୁଆଁରୀ ଝିଅଙ୍କୁ ଦେବାଦେବି ମାନଙ୍କ ପ୍ରତିମା ରୂପରେ ଆଣି ଗୁରୁମେଙ୍କ ପାଖରେ ସମର୍ପଣ ପରେ ଗୁରୁମେ ପ୍ରତିଦିନ ସନ୍ଧ୍ୟାରେ କୁଆଁରି ଝିଅମାନଙ୍କୁ କାଳିସି ଲାଗିକରେଇ ପୂଜାପାଠ କରିବା ସହ ଭୀମା ଦେବତାଙ୍କୁ ସନ୍ତୁଷ୍ଟ କରିଥାନ୍ତି। ଡୁଡୁକାଠେଙ୍ଗାଠାରେ ଦୀର୍ଘ ଏକ ମାସ ଧରି ବାଲିଯାତ୍ରା ପାଳନ ହୋଇଥିବା ବେଳେ ଏହି ସମୟରେ ଗ୍ରାମରେ ବିବାହ, ବ୍ରତ କିମ୍ବା କୌଣସି ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ନିଷେଧ ରହିଥାଏ ।



## ୨ ସ୍ଥାନରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭବାନୀପାଟଣା/ଧର୍ମଗଡ଼, ୯।୩(ଡି.ଏନ.ଏ.)** କଳାହାଣ୍ଡି ଜିଲାର ବିଚାର ବିଭାଗୀୟ ଅଦାଲତ ଗୁଡିକରେ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଓ ଦୋରା ଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶିଶିର କୁମାର ରଥଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଛି। ଏଥିରେ ମୋଟ ୮୭ଟି ବିଭିନ୍ନ ମକଦ୍ଦମା ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୧୪ଟି ପ୍ରାକ୍ ମକଦ୍ଦମା ସମ୍ବନ୍ଧିୟ ମାମଲାର ଫଇସଲା କରାଯାଇ ୧୭, ୫୬,୦୦୦ ଟଙ୍କା ଆଦାୟ କରାଯାଇଥିଲା। ସେହିଭଳି ୪ଟି ଦଫା ଯୋଗ୍ୟ ଫୌଜଦାରୀ ମକଦ୍ଦମା ଫଇସଲା କରାଯାଇଥିଲା। ୮ଟି ଏନ୍‌ଆଇ ଆକ୍ଟ ଫଇସଲା କରାଯାଇଥିଲା। ୧୭ଟି ମଟର ଦୁର୍ଘଟଣା ଜନିତ ମକଦ୍ଦମା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୬୧୧୦୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ୧୫ଟି ମେଟ୍ରିମୋନିଆଲ୍ ଡିସପୁଟ ଫଇସଲା କରାଯାଇ ୫୩୦୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨ଟି ଆରବିଟ୍ରେସନ୍ ମକଦ୍ଦମା ଏବଂ ୧୨ଟି ଏସିକ୍ୟୁସନ୍ ମକଦ୍ଦମା ଫଇସଲା କରାଯାଇଥିଲା। ୨୧ଟି ଦେୱାନି ମକଦ୍ଦମା ମଧ ଫଇସଲା କରାଯାଇଥିଲା। ଗୋଟିଏ ବ୍ୟାଙ୍କିଙ୍ଗ ସୁଟ୍‌ର ଫଇସଲା କରାଯାଇଥିଲା। ଅନ୍ୟାନ୍ୟ ଫୌଜଦାରି ମକଦ୍ଦମା ୭ଟି ଫଇସଲା କରାଯାଇଥିଲା। ଏଥିରେ ଜିଲା ଦୌରା ଜଜ୍ ତଥା ଅଧକ୍ଷ ଜିଲା ଆଇନ ସେବା ପ୍ରାଧିକରଣ ଶିଶିର କୁମାର ରଥ, ଅତିରିକ୍ତ ଜିଲା ଜଜ୍ ରଶ୍ମିତା ଦଳାଇ, ଫେମିଲି କୋର୍ଟ ଜଜ୍ ସୁଶାନ୍ତ ପଟେଲ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରଞ୍ଜନ କୁମାର ସୁତାର, ବରିଷ୍ଠ ଦେୱାନି ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସଙ୍ଗୀତା ମଲ୍ଲିକ, ଅଧକ୍ଷ ସ୍ଥାୟୀ ଲୋକ ଅଦାଲତ ସୁଶିଲ କୁମାର ରାଏ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ହୃଷିକେଶ ଖେମୁଣ୍ଡି, ମୋନାଲିସା ଦାସ, ଦିପକ କୁମାର ସାଠୁଆ ପ୍ରମୁଖ ଉପସ୍ଥିତ ରହି ନିଜ କୋର୍ଟ ପରିଚାଳନା କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ଇନ୍ଦିରା ପ୍ରିୟଦର୍ଶିନୀ, କୋର୍ଟ ମେନେଜର ଦେବାନନ୍ଦ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।
ସେହିପରି ଧର୍ମଗଡ ତାଲୁକ ଆଇନ ସେବା ସମିତି ଆନୁକୁଲ୍ୟରେ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲା ଦୌରା ଜଜ୍ ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ରାମକୃଷ୍ଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏହି ଅଦାଲତରେ ୭ଟି ମଟର ଦୁର୍ଘଟଣା ଜନିତ, ୧ ଅନୁସୂଚିତ ଜାତି ଓ ଜନଜାତି ସମ୍ବନ୍ଧିୟ ମକଦ୍ଦମା, ୧୯ଟି ଦେୱାନୀ, ୧ ବୈବାହିକ ବିବାଦ, ୧ଟି ବ୍ୟାଙ୍କ ଋଣ ଖିଲାପି ମକଦ୍ଦମା ଓ ୨ଟି ଫୈସଲା ଯୋଗ୍ୟ ଫୌଜଦାରୀ ମକଦ୍ଦମାର ଫୈସଲା ହୋଇ ସମୁଦାୟ ୨୯ ଲକ୍ଷ ୧୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ବିଭିନ୍ନ ରାଷ୍ଟ୍ରୀୟ ବ୍ୟାଙ୍କ ଯୋଗଦେଇଥିଲେ। ଗୋଟିଏ ବ୍ୟାଙ୍କ ଋଣ ଖିଲାପିଙ୍କ ସମାଧାନ କରାଯାଇ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଏହି ରଷ୍ଟ୍ରୀୟ ଲୋକ ଅଦାଲତରେ ଅତିରୀକ୍ତ ଜିଲା ଦୌରା ଜଜ୍ ତଥା ଅଧ୍ୟକ୍ଷ ତାଲୁକ ଆଇନ ସେବା ସମିତି ଚୌଧୁରୀଙ୍କ ବରିଷ୍ଠ ଦେଓାନୀ ଜଜ୍ ଅରବିନ୍ଦ ରଥ, ଏସଡିଜେଏମ, ଚରଣଜିତ ଓରାମ ପ୍ରମୁଖ ଉପସ୍ଥିତ ରହି ମାମଲାଗୁଡିକର ବିଚାର କରିଥିଲେ। ରଷ୍ଟ୍ରୀୟ ଲୋକ ଅଦାଲତରେ ସରକାରୀ ଆଇନଜୀବୀମାନେ ସହଯୋଗ କରିଥିଲେ।




ଭବାନୀପାଟଣାରେ ଆୟୋଜିତ ଲୋକ ଅଦାଲତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

## ସମାଜ ଲାଗି ଉଦାହରନ୍ ସୁରୁଷ୍ଟି କଲେ ହରିନାରାୟଣ

**ଭବାନୀପାଟଣା, ୯।୩ (ଡି.ଏନ୍.ଏ):** ପେମ କରି ପ୍ରତାରଣାର ଶିକାର ହେଇଥିବାର ଯୁବତୀ ସାଗରିକା ଭବାନୀପାଟଣାର ଗଙ୍ଗାଧର ଯୁବକ ସଂଘ ଦୁଆରା ପରିଚାଲିତ ସ୍ୱଧାର ଘରେ ଗଲା ୨୦୦୯ ସାଲୁ ଅନ୍ତେବାସୀ ହିସାବେ ରହିଆସୁଥିଲେ। ଆଜି ସେ କନିଆଁ ଟୁକେଲ ବେଶରେ ସଜେଇ ହେଇ ନୂଆଁ ଜୀବନ ଆରମ୍ କରବାକେ ଜୀବନସାଥିର ହାତ୍ ଧରିଛନ୍। ସୋନପୁର ଜିଲା ଖଦାଲପଡ଼ାର ହରିନାରାୟଣ ବେହେରା ସାଗରିକାକେ ନିଜର ଜୀବନସାଥି ହିସାବେ ପାରମ୍ପରିକ ରୀତିରେ ବିହା ହେଇଛନ୍। ଦିନେ ସାଗରିକା ପେମ କରି ପରତାରିତ ହେବାର ସଂଗେ ସମାଜରୁ ପରିବାର ସମେତ ବାସଁଦ୍ ହେଇଥିଲେ। ସେଦିନଠାନୁ ସାଗରିକା ଗଲା ୧୦ ବଛର ହେଲା ସ୍ୱଧାର ଘରେ ରହିଆସୁଥିଲେ। ହେଲେ ହରିନାରାୟଣ ଲେଖେଁ ଝନେ ସହୃଦୁଦ୍ ଯୁବକ ସାଗରିକାର ହାତ୍‌ଧରି ନିଜର ଜୀବନ୍‌ସାଥି କଲାରୁ ସ୍ୱଧାର ଘରର ଅନ୍ତେବାସୀ ଖୁସିରେ ଭୋଲ ହେଇଯାଇଥିଲେ। ସ୍ୱଧାର ଘରର ଦୁର୍ଗା ଶଙ୍କର ମହାପାତ୍ର, ଜୟଶ୍ରୀ ମହାପାତ୍ର ସମେତ ୫୦ରୁ ଅଧିକା ଅନ୍ତେବାସୀ ଇ ବିହାଘରକେ ଧୁମ୍‌ଧାମ୍‌ରେ କରିଥିଲେ। ଇ ବିହାଘରେ ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦିକା ଇନ୍ଦିରା ପ୍ରିୟ ଦର୍ଶନୀ, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ରାଜେଶ କୁମାର ନାୟକ, ବିକାଶ କଲେଜର ପରିଚାଲନା ନିରଦେଶକ, ଆଂଚଲିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଢି ସମେତ ସହରର ବହୁତ୍ ମାଏନ୍ତା ଲୋକମାନେ ଯୋଗଦେଇ ବରକନିଆଁକେ ଆଶିରବାଦ୍ ଦେଇଥିଲେ।



ବିହା ବେଦିରେ ସାଗରିକା ଆର ହରିନାରାୟଣ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ଆଦିମକାଳରୁ ନାରୀ ଶକ୍ତିମୟୀ ଭାବେ ପରିଚିତା

**ହେମଗିର, ୯।୩ (ଡି.ଏନ.ଏ)-** ହେମଗିର ବ୍ଲକର ଗର୍ଜନଯୋର ପଞ୍ଚାୟତ ଅନ୍ତର୍ଗତ ନୂଆଁଡିହିଠାରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଷମା ପଟେଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସରପଞ୍ଚ ତୀର୍ଥରାଜ ବିଶ୍ୱାଳ, ନାଏବ ସରପଞ୍ଚ ବୁଦ୍ଧିମତୀ ଧୂଆ, ମହିଳା ସଂଗ୍ରାମ ସମିତିର ବ୍ଲକ ସଭାପତି ସୁକେଶୀ କୁଦେଇ, ସ୍ୱେଚ୍ଛାଗ୍ରାହୀ କବିତା ସା ପ୍ରମୁଖ ଯୋଗଦେଇଥିଲେ। ବର୍ତ୍ତମାନ ପ୍ରତ୍ୟେକ ମହିଳା ପୁରୁଷଙ୍କ ସହିତ ପାଦକୁ ପାଦ ମିଳାଇ ଚାଲୁଥିବା ବେଳେ ଆଦିମକାଳରୁ ନାରୀ ଶକ୍ତିମୟୀ ଭାବେ ପରିଚିତା। ଆଜିର ନାରୀ ଆଉ ଅବଳା, ଦୁର୍ବଳା ନ ହୋଇ ପ୍ରତ୍ୟେକ କ୍ଷେତ୍ରରେ ଛିଡା ହେବାକୁ ସକ୍ଷମ ହୋଇପାରିଛି ବୋଲି ମୁଖ୍ୟଅତିଥି ତାଙ୍କର ବକ୍ତବ୍ୟରେ କହିଥିଲେ। ଏହି ଅବସରରେ କୁନି କୁନି ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟଗୀତର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ମଧ ପ୍ରଦାନ କରାଯାଇଥିଲା । ଏଥିରେ ୱାର୍ଡ ସଭ୍ୟା ପାର୍ବତୀ ପଟେଲ, ମହିଳା ସଂଗ୍ରାମ ସମିତିର ସମ୍ପାଦିକା ଜେମାଦେଇ ପଧାନ, ବ୍ଲକ ସଂଯୋଜିକା ରୀନା ବେହେରା, ପଶ୍ଚିମ ଓଡିଶା ମହିଳା ଶ୍ରମଜିବୀ ମଞ୍ଚର ସଂଯୋଜକ ବୈକୁଣ୍ଠ ସିଂ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ପର୍ଶୁରାମ ସା ପରିଚାଳନା କରିଥିଲେ। ହେମଗିର ସଂଗ୍ରାମ ସମିତି ଆୟୋଜନ କରିଥିଲେ।

### ଜୁଆଆଡ୍ଡା ଉପରେ ଚଢ଼ାଉ: ଜଣେ ଗିରଫ, ଟଙ୍କା ତାସ ଜବତ

**ଲହୁଣୀପଡା, ୯।୩ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଟିପୁପଡା ଗ୍ରାମର ବିଲ ମଝିରେ ଚାଲିଥିବା ଜୁଆଆଡ୍ଡା ଉପରେ ଶୁକ୍ରବାର ରାତିରେ ପୋଲିସ ଅତର୍କିତ ଚଢ଼ାଉ କରି ପାଞ୍ଚଟା ବାଇକ, ନଗଦ ଟଙ୍କା ଜବତ କରିଛି। ସମ୍ପୃକ୍ତ ଏମଡି ଏସଗର (୩୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବିଲ ମଝିରେ ଜୁଆଖେଳ ଚାଲୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲାବେଳେ ୯ ବ୍ୟକ୍ତି ଦୌଡି ପଳାଇଥିଲେ। ଓଡି ୧୪ ଡି- ୮୦୬୯, ଓଡି ୧୪ କ୍ୟୁ- ୮୯୪୦. ଓଡି ୧୪ କେ- ୪୬୨୫, ଓଆର୍ ୧୪ ଏଚ- ୪୨୦୧, ଓଡି ୧୪ ବି- ୫୧୩୬ ପାଞ୍ଚୋଟି ବାଇକ ଜବତ କରିବା ସହିତ ନଗଦ ଚାରି ହଜାରରୁ ଉର୍ଦ୍ଧ୍ୱ ଟଙ୍କା, ତାସ, ପାଲ ଜବତ କରିଛି।

# ରାଜନୈତିକ ବାତାବରଣ ସରଗରମ

**ଲେଫ୍ରିପଡା,୯।୩ (ଡି.ଏନ,ଏ)**



ଲେଫ୍ରିପଡାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟମାନେ ମଞ୍ଚାସୀନ।

**ଲେଫ୍ରିପଡ଼ା**
- କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ମାରାଥନ ଗସ୍ତ
- ବୈଠକ ଗୃହ ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ କଲେ
- ବହୁ କଂଗ୍ରେସ ନେତା ଭାଜପାରେ ମିଶିଲେ
- ବ୍ଲକ୍ ଉପାଧ୍ୟକ୍ଷ ବି ଭାଜପାରେ ମିଶିଲେ

ସୁନ୍ଦରଗଡ ଜିଲା ଲେଫ୍ରିପଡା ଜୟରାମ ହାଇସ୍କୁଲ ଖେଳ ପଡିଆରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ହେଲିକେପ୍ଟର ଯୋଗେ ଆସି ସ୍ଥାନୀୟ ଜୟରାମ ହାଇସ୍କୁଲଠାରେ ବୈଠକ ଗୃହ ସକାଶେ କୋଡିଏ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରି ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଆୟୋଜିତ ସମାବେଶରେ ବର୍ତ୍ତମାନ ଦେଶର ବିକାଶ ଏବଂ ସୁରକ୍ଷା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ପୂର୍ବରୁ ବିଗତ ସରକାର ସମୟରେ ଦେଶକୁ ଶତ୍ରୁ ନାଲି ଆଖି ଦେଖାଇ ଦେଶର ଯବାନମାନଙ୍କୁ ଆକ୍ରମଣ କରି ଆସୁଥିବା ବେଳେ ପୁଲୱାମା ଆକ୍ରମଣରେ ଶତ୍ରୁମାନେ ଦେଶର ୪୦ଜଣ ଯବାନଙ୍କୁ ଆକ୍ରମଣ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଚାଳିଶ ବଦଳରେ ଚାରିଶହ ଶତ୍ରୁଙ୍କୁ ଆକ୍ରମଣ କରି ଦେଶର ପରିଚୟ ପ୍ରଦାନ କରିଛନ୍ତି ବୋଲି କହିଥିଲେ। ଅନ୍ୟ ପକ୍ଷରେ ରାଜ୍ୟକୁ କେନ୍ଦ୍ର ସରକାର ପକ୍ଷରୁ ବହୁ ସଂଖ୍ୟାରେ ପାଣ୍ଠି ପ୍ରଦାନ କରାଯାଉଥିଲେ ମଧ୍ୟ ରାଜ୍ୟର ବିଜେଡି ସରକାର ଖର୍ଚ୍ଚ କରିପାରୁ ନାହାନ୍ତି। ରାଜ୍ୟ ସରକାରଙ୍କୁ କେତେ ଜଣ ଅଫିସର ଚଳାଇ ଆସୁଥିବାରୁ ରାଜ୍ୟରେ ଅରାଜକତା ସୃଷ୍ଟି ହୋଇଛି। ତେଣୁ ଆସନ୍ତା ନିର୍ବାଚନରେ ରାଜ୍ୟରେ ଏବଂ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ପ୍ରାର୍ଥୀମାନଙ୍କୁ ବହୁ ସଂଖ୍ୟାରେ ମତଦାନ ପ୍ରଦାନ କରି ନିର୍ବାଚିତ କରିବା ପାଇଁ ଆହ୍ୱାନ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ପକ୍ଷରୁ ପ୍ରାୟ ୨୦କୋଟିରୁ ଉର୍ଦ୍ଧ୍ୱ ଅନୁଦାନ ରାଶି ଲେଫ୍ରିପଡା ବ୍ଲକ୍‌କୁ ପ୍ରଦାନ କରାଯାଇଥିବା ଘୋଷଣା କରାଯାଇଥିଲା। କେନ୍ଦ୍ରମନ୍ତ୍ରୀଙ୍କ ଲେଫ୍ରିପଡା ବ୍ଲକ୍ ପ୍ରତିନିଧି କୌତୁକ ଚୌଧୁରୀଙ୍କ ସଭାପତିତ୍ୱରେ ସୁନ୍ଦରଗଡ ଜିଲା ବରିଷ୍ଠ ଭାଜପା ନେତା ସହଦେବ ଖାଖା,ସଦର ବ୍ଲକ୍ ସଭାପତି ଯଶୋବନ୍ତ ନାଏକ, ଜିଲା ପରିଷଦ ସଭ୍ୟା ବାସନ୍ତୀ ବାରିକ, ଧ୍ରୁବ କାଲୋ, ଭବାନୀ ଭୋଇ, ଡା. ହିମାଂଶୁ ଷଡଙ୍ଗୀ, ସୁରେନ୍ଦ୍ର ସ୍ୱର୍ଣ୍ଣକାର ପ୍ରମୁଖ ନେତୃମଣ୍ଡଳୀ ଯୋଗଦାନ କରି ମଞ୍ଚାସୀନ ରହିଥିଲେ। ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରୁ ଭାଜପାକୁ ଲେଫ୍ରିପଡା ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ, ଡୁମାବାହଲ ପୂର୍ବତନ ସମିତି ସଭ୍ୟ ଯୋଗେନ୍ଦ୍ର ସାହୁ, ସରପଗଡ ସରପଞ୍ଚ ପୂର୍ଣ୍ଣିମା ଝାମ୍ପ, ସମିତି ସଭ୍ୟ ଡିଲେଶ୍ୱର ଲାରଙ୍ଗ, ନାଏବ ସରପଞ୍ଚ ରୋମାଞ୍ଚ ପ୍ରଧାନ, ଗରିଙ୍ଗକେଲା ପଞ୍ଚାୟତର ୱାର୍ଡସଭ୍ୟ ମାଧବ କିଶାନ, ସୁଦିପ୍ତ ପଟେଲ ପ୍ରମୁଖ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲେଫ୍ରିପଡା ଭାଜପା ଯୁବ ମୋର୍ଚ୍ଚା ସଭାପତି କ୍ଷୀରୋଦ ସାହୁ, ସପ୍ନ ଦଣ୍ଡସନା, ଉଦିତ କୁମାର ନାଏକ, ସୁଦିପ ପଟେଲ, ମଣ୍ଡଳ ସଭାପତି ସୁନିଲ ପଟେଲ, ହୀରାଧର ମାଝୀ ସମେତ ବହୁ ସଂଖ୍ୟାରେ ଭାଜପା କର୍ମୀ ଏବଂ ଅଞ୍ଚଳର ଜନସାଧାରଣ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁକ୍ତେଶ୍ୱର ବୁଡା ମଞ୍ଚ ପରିଚାଳନା କରିଥିଲେ। ବ୍ଲକ୍ ଉପାଧ୍ୟକ୍ଷଙ୍କ ଦଳ ପରିବର୍ତ୍ତନ ନେଇ ବ୍ଲକ ରାଜନୀତିରେ ବର୍ତ୍ତମାନ କଂଗ୍ରେସ ମହଲରେ ସରଗରମ ହୋଇଛି।

### ଲୁଟ୍ ଉଦ୍ୟମ କରୁଥିବା ଯୁବକ ଗିରଫ

**ଲହୁଣୀପଡା, ୯।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ମଦନ ମୁଣ୍ଡା ଛକରେ ଗୁରୁବାର ରାତି ପ୍ରାୟ ୮ଟା ବେଳେ ମୋବାଇଲ ଓ ବାଇକ ଲୁଟିବା ଉଦ୍ୟମ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିବା ସହିତ ବାଇକ ଜବତ କରିଛି। ସାଲେଇପାଲି ଗ୍ରାମର ମୋତିଲାଲ ଓରାମ ନିକଟସ୍ଥ ଇଟାଭାଟିରେ କାମ କରନ୍ତି। ସେ ଗୁରୁବାର ରାତି ପ୍ରାୟ ୮ଟାବେଳେ କାମ ସାରି ନିଜ ବାଇକ ଯୋଗେ ଘରକୁ ଆସୁଥିଲେ। ମଦନ ମୁଣ୍ଡା ଛକରେ ତିନି ଜଣ ଯୁବକ ମୋତିଲାଲଙ୍କୁ ଅଟକାଇ ମାରପିଟ କରିବା ସହିତ ବାଇକ ଓ ମୋବାଇଲ ଛଡାଇ ନେବା ପାଇଁ ଉଦ୍ୟମ କରୁଥିଲେ। ମୋତିଲାଲ ଚିତ୍କାର କରିଥିଲେ। ଫଳରେ ଚିତ୍କାର ଶୁଣି କେତେଜଣ ସ୍ଥାନୀୟ ଲୋକ ପହଞ୍ଚିବା ଦେଖି ଦୁଇ ଜଣ ଦୌଡି ପଳାଇଥିଲେ। ଜଣଙ୍କୁ କାବୁ କରିଥିଲେ। ତାଙ୍କୁ ଉତ୍ତମ ମଧ୍ୟମ ଦେଇ ପୋଲିସ ଜିମା ଦେଇଥିଲେ। ପୋଲିସକୁ ଜିମା ଦେଇଥିବା ବ୍ୟକ୍ତି ହେଲେ ଚାନ୍ଦିପୋଷ ଥାନା ଚାନ୍ଦିପୋଷ ରେଲୱେ କଲୋନୀର ଅଭିଷେକ ଓରାମ (୧୯)। ସେମାନେ ଆସିଥିବା ବାଇକ ଓଆର୍ ୧୪ ଏମ- ୭୩୬୬କୁ ଜବତ କରିବା ସହିତ ଅଭିଷେକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ଝାଡ଼ଖଣ୍ଡ ପାର୍ଟି ପକ୍ଷରୁ ଜନସମ୍ପର୍କ ସଭା

**କୁଆଁରମୁଣ୍ଡା,୯।୩ (ଡି.ଏନ.ଏ.)**

ଆସନ୍ତା ସାଧାରଣ ନିର୍ବାଚନରେ ଓଡିଶାର ସୁନ୍ଦରଗଡ଼ ଜିଲାରେ ଝାଡ଼ଖଣ୍ଡ ପାର୍ଟି ଆଦିବାସୀମାନଙ୍କର ଜଳ, ଜମି, ଜଙ୍ଗଲ ଭଳି ମୌଳିକ ଅଧିକାରଗୁଡିକର ସୁରକ୍ଷାକୁ ନେଇ ନିର୍ବାଚନ ଲଢିବ ବୋଲି ଶୁକ୍ରବାର କୁଆଁରମୁଣ୍ଡା ବ୍ଲକର ସଲଙ୍ଗାବାହାଲଠାରେ ଆୟୋଜିତ ଏକ ଜନସମ୍ପର୍କ ସଭାରେ ଯୋଗଦେଇ ପାର୍ଟିର ରାଜ୍ୟ ସଭାପତି ଲକ୍ଷ୍ମୀଧର ସା କହିଛନ୍ତି। ଜଙ୍ଗଲରେ ବସବାସ କରୁଥିବା ଲୋକଙ୍କ ନ୍ୟାର୍ଯ୍ୟ ଦାବିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଝାଡ଼ଖଣ୍ଡ ପାର୍ଟି ସଦାସର୍ବଦା ଆନ୍ଦୋଳନ କରିଆସୁଛି। ଏଥିପାଇଁ ଆଗାମୀ ସାଧାରଣ ନିର୍ବାଚନରେ ସୁନ୍ଦରଗଡ଼ ଜିଲାରେ ଝାଡଖଣ୍ଡ ପାର୍ଟିର ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ରାଜ୍ୟ ସଭାପତି ସା ଉପସ୍ଥିତ କର୍ମୀ ଓ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି। ଏହି ଜନସମ୍ପର୍କ ସଭାରେ ଶରତ କୁମାର ଅମାତ, ପାତ୍ରାସ ଟେଟେ, ରାମସେବକ ସାହୁ, ମାଥିଆସ ଯୋଯୋ, ସତ୍ୟବାନ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ସଲଙ୍ଗାବାହାଲଠାରେ ଝାଡ଼ଖଣ୍ଡ ପାର୍ଟି ପକ୍ଷରୁ ଆୟୋଜିତ ଜନସମ୍ପର୍କ ସଭାରେ ଉପସ୍ଥିତ ନେତା ଓ କର୍ମୀମାନେ।



ପ୍ରଥମ ସେମିଫାଇନାଲ ମ୍ୟାଚ୍‌ର ଦୁଇ ପ୍ରତିଦ୍ୱନ୍ଦ୍ୱୀ ବିଳାସପୁର ଓ ରାଞ୍ଚି ଦଳର ଖେଳାଳି ।

### ବେଲପାହାଡ଼ କପ୍ କ୍ରିକେଟ ଟୁର୍ନାମେଣ୍ଟ
## ବିଳାସପୁର, ଝାରସୁଗୁଡ଼ା ଫାଇନାଲକୁ ଉତ୍ତୀର୍ଣ୍ଣ

**ବେଲପାହାଡ଼,୯।୩ (ଡ଼ି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ଟିଆର୍‌ଏଲ ଷ୍ଟାଡ଼ିୟମରେ ଚାଲିଥିବା ବେଲପାହାଡ଼ କପ୍ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଛତିଶଗଡ଼ର ବିଳାସପୁର ଏବଂ ଝାରସୁଗୁଡ଼ାର ପ୍ରୋଗ୍ରେସିଭ ଦଳ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଳାସପୁର ଦଳ ରାଞ୍ଚି ଦଳକୁ ୧୩ ରନ୍‌ରେ ପରାସ୍ତ କରିଥିବା ବେଳେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ଦଳ ବେଲପାହାଡ଼ର ଲିଓ ଯୁଥ ଆସୋସିଏଶନକୁ ୭ ରନ୍‌ରେ ପରାସ୍ତ କରିଛି। ଆସନ୍ତା ରବିବାର ସକାଳେ ଦୁଇ ବିଜୟୀ ଦଳକୁ ନେଇ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଶନିବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ବିଳାସପୁର ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା ଏବଂ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୨୩ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ରାଞ୍ଚି ୧୯.୪ ଓଭରରେ ୧୦ ଉଇକେଟ ହରାଇ ମାତ୍ର ୧୦୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ରାଞ୍ଚି ଦଳର ବୋଲର୍ କୁଲଦିପ ଶର୍ମା ଓ ନବନିତ ବିଳାସପୁର ଦଳର ୨ଟି ଲେଖାଏଁ ଉଇକେଟ ଧରାଶାୟୀ କରିଥିବା ବେଳେ ବିଳାସପୁର ଦଳର ବୋଲର୍ ଅକ୍ଷୟ ରାଞ୍ଚି ଦଳର ୨ ଉଇକେଟ ଧରାଶାୟୀ କରିଥିଲେ। ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ସର୍ବାଧିକ ୪୦ ବଲ୍‌ରେ ୩୯ ରନ କରିଥିବା ବିଳାସପୁର ଦଳର ବ୍ୟାଟ୍ସମ୍ୟାନ ସନି ପାଣ୍ଡେଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା ଏବଂ ୧୫ ଓଭରରେ ୫ ଉଇକଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା । ଦ୍ୱିତୀୟ ଇନିଙ୍ଗସରେ ବେଲପାହାଡ଼ର ଲିଓ ଯୁଥ ଆସୋସିଏଶନ ୧୫ ଓଭରରେ ୧୦ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା । ପ୍ରୋଗ୍ରେସିଭ ଦଳର ବୋଲର୍ ଏମ.ଡ଼ି.ୟାସିନ ଖୁରେଶି ୩ ଓଭରରେ ୧୭ ରନ ଦେଇ ଲିଓ ଦଳର ୪ ଉଇକେଟ ଧରାଶାୟୀ କରିଥିଲେ ଏବଂ ଲିଓ ଦଳର ବୋଲର୍ ଏମ.ଡ଼ି.ସାହାଆଲମ ୨ ଓଭରରେ ୧୫ ରନ୍ ଦେଇ ପ୍ରୋଗ୍ରେସିଭ ଦଳର ୨ ଉଇକେଟ ଧରାଶାୟୀ କରିଥିଲେ । ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ସର୍ବାଧିକ ୪ ଉଇକେଟ ନେଇଥିବା ୟାସିନ କୁରେଶିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି।

## ଆନ୍ଦୋଳନ ନିଷ୍ପତ୍ତିରୁ ଓହରିଲା କ୍ରିୟାନୁଷ୍ଠାନ କମିଟି

**ସୁନ୍ଦରଗଡ଼, ୯।୩ (ଡି.ଏନ୍.ଏ)**





ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆବାହକ ଅଶୋକ କୁମାର ଦାଶ ସୂଚନା ଦେଉଛନ୍ତି।

**ଟ୍ରେଜେରି ଅଚଳ ପ୍ରସଙ୍ଗ**
- ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗ
- ଓଡିଶା ସରକାରଙ୍କ ଆନ୍ତଃବିଭାଗୀୟ କମିଟି ଗଠନ ବିଜ୍ଞପ୍ତି

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗରେ ପଶ୍ଚିମ ଓଡ଼ିଶା ଓକିଲସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆସନ୍ତା ୧୧ ରୁ ପଶ୍ଚିମ ଓଡିଶାର ସମସ୍ତ ଟ୍ରେଜେରୀକୁ ଅଚଳ କରିବା ନିଷ୍ପତ୍ତିକୁ ବର୍ତ୍ତମାନ ସ୍ଥଗିତ ରଖିବା ପାଇଁ ଘୋଷଣା କରିଛି। ଶନିବାର ସୁନ୍ଦରଗଡ ଜିଲା ଓକିଲସଂଘ କାର୍ଯ୍ୟାଳୟ ଠାରେ ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆବାହକ ଅଶୋକ କୁମାର ଦାଶ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଆବାହକ ଦାଶ କହିଛନ୍ତି ଯେ, ଗତ ୬ ତାରିଖରେ ସୁନ୍ଦରଗଡଠାରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର କୋର କମିଟି ବୈଠକରେ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ରାଜ୍ୟ ସରକାର ତାଙ୍କ ପୂର୍ବ ପ୍ରତିଶ୍ରୁତି ମୁତାବକ ଆନ୍ତଃ ବିଭାଗୀୟ କମିଟି ଗଠନ ସହ କମିଟିର ସଭ୍ୟଙ୍କ ନାମ ଘୋଷଣା କରିବାକୁ ଦାବି କରିଥିଲା। ନଚେତ୍ ଆସନ୍ତା ୧୧ ତାରିଖ ସୋମବାରଠାରୁ ପଶ୍ଚିମ ଓଡିଶାର ସମସ୍ତ ଟ୍ରେଜେରୀ ଅଚଳ କରିବାକୁ ସ୍ଥିର ହୋଇଥିଲା। ଓଡିଶା ସରକାର ଗତ ୮।୩।୨୦୧୯ ରେ ରାଜ୍ୟ ଗୃହ ବିଭାଗ ନୋଟିଫିକେସନ୍ ନଂ. ୧୦୭୮୩ ରେ ଏକ ବିଜ୍ଞପ୍ତି ପ୍ରକାଶ କରି ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛନ୍ତି। ଏହି କମିଟିରେ ଅର୍ଥ ବିଭାଗ, ରାଜସ୍ୱ ବିଭାଗ, ଆଇନ ବିଭାଗର ପ୍ରମୁଖ ସଚିବଙ୍କ ସହିତ ଗୃହ ବିଭାଗର ହାଇକୋର୍ଟ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ସଚିବ ଏହି କମିଟିରେ ଆବାହକ ଅଛନ୍ତି। ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାରଙ୍କ ଏହି ସକରାତ୍ମକ ପଦକ୍ଷେପକୁ କେନ୍ଦ୍ରୀୟ କମିଟି ଗ୍ରହଣ କରିଥିବା ଏବଂ ଆସନ୍ତା ୧୧ ତାରିଖଠାରୁ ହେବାକୁ ଥିବା ଟ୍ରେଜେରୀ ଅଚଳ କାର୍ଯ୍ୟକ୍ରମକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ ଆବାହକ ଦାଶ ଘୋଷଣା କରିଛନ୍ତି। ଏହି କମିଟି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପଦକ୍ଷେପକୁ ତ୍ୱରାନ୍ୱିତ କରି କେନ୍ଦ୍ର ଆଇନମନ୍ତ୍ରୀଙ୍କ ପତ୍ରରେ ଦର୍ଶାଯାଇଥିବା ସମସ୍ତ ତଥ୍ୟକୁ ପୂରଣ କରି ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଯୋଗାଯୋଗ କରି ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେବାକୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ପଶ୍ଚିମ ଓଡିଶାର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ସମସ୍ତ ରାଜନୈତିକ ଦଳ ନେତୃତ୍ୱ ସାମଜିକ କର୍ମୀମାନେ ତତ୍ପରତା ପ୍ରକାଶ ନିମନ୍ତେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ତରଫରୁ ନିବେଦନ କରାଯାଇଛି । ଏହି ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ସଦସ୍ୟ ନିମାଇଁ ଚରଣ ନାଏକ, ଜିଲା ଓକିଲ ସଂଘର ଉପସଭାପତି ସୁରେନ ନାଏକ, ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ବାଗଡିହିବାସୀଙ୍କ ଅନେକ ବର୍ଷର ଦାବି ପୂରଣ ହେଲା
## ଅଟକିଲା ସାଉଥ୍ ବିହାର ଏକ୍ସପ୍ରେସ

**କିର୍ମିରା, ୯।୩ (ଡି.ଏନ.ଏ)**

ଝାରସୁଗୁଡା ଜିଲା ବାଗଡିହି ଗ୍ରାମରେ ରାଜେନ୍ଦ୍ର ନଗର ଦୁର୍ଗ ଏବଂ ଦୁର୍ଗା ରାଜେନ୍ଦ୍ରନଗର ସାଉଥ ବିହାର ଏକ୍ସପ୍ରେସ ରହଣି ଦାବି ଶେଷରେ ପୂର୍ଣ୍ଣ ହୋଇଛି। ଶନିବାରଠାରୁ ୬ମାସ ପାଇଁ ପରୀକ୍ଷାମୂଳକ ଭାବେ ଏହାକୁ ରହଣି କରାଯାଇଛି। ଯେଉଁଥି ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଦିନ ୨ଟା ୨୩ ମିନିଟରେ ଏହି ଟ୍ରେନ ପହଞ୍ଚିବା ପରେ ଗ୍ରାମବାସୀ ଏହାକୁ ସ୍ୱାଗତ କରିଥିଲେ। ଟ୍ରେନ ଚାଳକ, ସହଚାଳକ ଏବଂ ଟ୍ରେନକୁ ଫୁଲମାଳ ଦେଇ ସ୍ୱାଗତ କରିଥିବା ବେଳେ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଟ୍ରେନ ରହଣି ପାଇଁ ଶୁକ୍ରବାର ଦିଲ୍ଲୀ ଯାଇ ରେଳମନ୍ତ୍ରୀଙ୍କୁ ସହ ସାକ୍ଷାତ କରି ଟ୍ରେନ ରହଣିରେ ମୁଖ୍ୟଭୂମିକା ନିର୍ବାହ କରିଥିବା ବିଜୟ ଶର୍ମା, ନୱଲ ଅଗ୍ରୱାଲ, ନିର୍ମଳ ବାଧାନ ମଧ୍ୟ ଏହି ଟ୍ରେନରେ ବସି ପ୍ରଥମେ ବାଗଡିହିରେ ଓହ୍ଲାଇଥିଲେ। ତାଙ୍କୁ ଗ୍ରାମବାସୀ ଫୁଲମାଳ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଟ୍ରେନ ନଂ. ୧୩୨୮୮ ଅପ ପ୍ରତିଦିନ ରାଜେନ୍ଦ୍ର ନଗରରୁ ବାହାରି ଦିନ ୧ଟାରେ ବାଗଡିହି ଷ୍ଟେସନରେ ପହଞ୍ଚିବ ଏବଂ ଦିନ ୧-୨ ମିନିଟରେ ଦୁର୍ଗ ପଟେ ବାହାରିବ। ଅନ୍ୟ ଏକ ଟ୍ରେନ ନଂ. ୧୩୨୮୭ ଡ଼ାଉନ ଦୁର୍ଗରୁ ବାହାରି ୨.୨୨ରେ ଏଠାରେ ପହଞ୍ଚିବ ଏବଂ ୨ମିନିଟ ରହି ୨.୨୪ରେ ଏଠାରୁ ରାଜେନ୍ଦ୍ରନଗରକୁ ଯିବ। ଟ୍ରେନକୁ ସ୍ୱାଗତ ଅବସରରେ ବ୍ରଜରାଜନଗର ବିଧାୟିକା ତଥା ଜିଲା ଭାଜପା ସଭାପତି ରାଧାରାଣୀ ପଣ୍ଡା, ଭାଜପା ନେତା ସୁବାଷ ଚୌହାନ, ଦିନେଶ ଜୈନ, ନରେଶ ନାଏକ ଯୋଗଦେଇଥିଲେ । ଗ୍ରାମବାସୀ ଏହି ଟ୍ରେନ ରହଣି ପାଇଁ ରେଳମନ୍ତ୍ରୀ ପିୟୁଷ ଗୋୟଲ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ରାଧେଶ୍ୟାମ ମିଶ୍ର, ଅନୂପ ବଧାନ, ପପୁ ବଧାନ, ବରରଙ୍ଗ ରୁଙ୍ଗଟା, ବବୁଲୁ ଶର୍ମାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।





ସାଉଥ ବିହାର ଏକ୍ସପ୍ରେସ ରହଣି ଅବସରରେ ଉପସ୍ଥିତ ଜନସାଧାରଣ।

# ପ୍ରତିଶ୍ରୁତି ପାଳନରେ ବିଜେଡି ବିଫଳ

**ରାଉରକେଲା ଅଫିସ,୯। ୩**

୨୦୦୦ ମସିହାରୁ ରାଜ୍ୟରେ ଶାସନ କ୍ଷମତାରେ ରହିଲାଣି ବିଜେଡି। ତଥାପି ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ସବୁ କ୍ଷେତ୍ରରେ ବିଫଳ ବୋଲି ଶନିବାର ଭାଜପା ଅଭିଯୋଗ କରିଛି। ଏ ନେଇ ସେକ୍ଟର- ୩ ଦଳୀୟ କାର୍ଯ୍ୟାଳୟ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସଂପାଦକ ଧୀରେନ ସେନାପତି, ପ୍ରମିଳା ଦାସ ଓ ଗଙ୍ଗାଧର ଦାସ ପ୍ରମୁଖ ଅଭିଯୋଗ କରିଥିଲେ। ଏମାନେ କହିଥିଲେ ଯେ, ରାଜ୍ୟବାସୀଙ୍କୁ ପକ୍କାଘର, ବେକାରଙ୍କୁ ନିଯୁକ୍ତି, ସାମାଜିକ ସୁରକ୍ଷା, ଜଳ ସେଚନ, କୃଷି କଲ୍ୟାଣ ଓ ପାନୀୟ ଜଳ ଯୋଗାଣ ଆଦି ସରକାରଙ୍କ ପ୍ରତିଶ୍ରୁତି ଆଜି ବି ସ୍ୱପ୍ନ ହୋଇ ରହିଛି। ଶୀତଳ ଭଣ୍ଡାର ଅଭାବରୁ ଆଜି ଚାଷୀ ତାର ଉତ୍ପାଦିତ ଦ୍ରବ୍ୟ ବିକ୍ରି କରି ନ ପାରି ଅଭାବି ବିକ୍ରିର ଶିକାର ହୋଇଛି। ଜଳ ସେଚନ ଅଭାବରୁ ଚାଷ ଜମି ପଡିଆ ପଡୁଛି। ସରକାର ଏ ନେଇ ରାଜ୍ୟବାସୀଙ୍କୁ ମିଛ ଚିତ୍ର ପ୍ରଦାନ କରି ବାହାବା ନେବାକୁ ଚେଷ୍ଟା କରୁଛନ୍ତି । ଗତ ୫ ତାରିଖରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ରାଜ୍ୟବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି କୁହାଯିବା ହାସ୍ୟାସ୍ପଦ। ଏଥିରେ କାଣିଚାର ସତ ନାହିଁ। କେବଳ ଏତିକି ନୁହେଁ ମୁଖ୍ୟମନ୍ତ୍ରୀଙ୍କ ଥ୍ରିଟି ଯଥା ଟ୍ରାନ୍ସପରେନ୍ସି , ଟେକନୋଲୋଜି ଓ ଟିମ୍ ୱାର୍କ ପ୍ରହସନ ପାଲଟିଛି। ଯଦି ଏଥିରେ ନବୀନ ବାବୁ ବିଶ୍ୱାସ କରୁଥାନ୍ତେ ତେବେ କାଳିଆ ଯୋଜନା ହିତାଧିକାରୀଙ୍କ ତାଲିକା ୱେବସାଇଟରୁ ଗାଏବ କରି ନ ଥାନ୍ତେ। ଗତ ୫ବର୍ଷରେ ୨୦ଲକ୍ଷ ପକ୍କା ଘର ପ୍ରତିଶ୍ରୁତି ଦେଇଥିବା ସରକାର ଏଥିରେ କେତେ ସଫଳ ହୋଇଛନ୍ତି ରାଜ୍ୟବାସୀଙ୍କ ଆଗରେ ଜବାବ ରଖନ୍ତୁ । ଜାଗା, ଜମି ନ ଥିବା ଲୋକଙ୍କୁ ସରକାର ଯେଉଁ ସ୍ୱପ୍ନ ଦେଖାଇଥିଲେ ତାହା ମଧ୍ୟ ଫସର ଫାଟିଛି। ଅପରପକ୍ଷେ କେନ୍ଦ୍ର ସରକାରଙ୍କ ସହଯୋଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦ୍ୱାରା ରାଜ୍ୟରେ ୧୭ଲକ୍ଷ ଘର ନିର୍ମାଣ ହୋଇ ପାରିଛି । ବ୍ୟାପକ ଶିଳ୍ପାୟନ ପ୍ରତିଶ୍ରୁତି ବିଜେଡି ସରକାରର ଫମ୍ପା ଆୱାଜ ପାଲଟିଛି । ମେକ ଇନ ଓଡିଶା ଧୂଆଁବାଣ ସଦୃଶ ହୋଇଛି। ଆଜି ରାଜ୍ୟର ଏକ ତୃତୀୟାଂଶ ଯୁବ ପିଢି କାମଧନ୍ଦା ଅନ୍ୱେଷଣରେ ରାଜ୍ୟ ବାହାରକୁ ଦାଦନ ଖଟି ଯାଉଛନ୍ତି। କୃଷକ ତାର ଉତ୍ପାଦିତ ଦ୍ରବ୍ୟର ମୂଲ ପାଉନି। ମହିଳାଙ୍କ ସୁରକ୍ଷା ଦୂରେ ଥାଉ ସେମାନଙ୍କ ନାଯ୍ୟ ଅଧିକାର ଦେବାରେ ସରକାର ବିଫଳ ହୋଇଛନ୍ତି। ଲୋକଙ୍କୁ ଭୂଆଁ ବୁଲାଇବାକୁ କାଳିଆ ଯୋଜନା ଭଳି ପଦକ୍ଷେପ କର୍ମୀ ତୁଷ୍ଟିକରଣରେ ସୀମିତ ରହିଛି। ଓଡିଶାର ଋଣ ଭାର ଲକ୍ଷେ କୋଟିରେ ପହଞ୍ଚିଲାଣି। ତଥାପି ସରକାର ଚେତୁ ନାହାଁନ୍ତି । ନିର୍ବାଚନ ବୈତରଣୀ ପାରି ହେବାକୁ ବିଜ୍ଞାପନ ସାହାରା ନେଇଛି ବିଜେଡି। ଏବେ ଏ ନେଇ ପାଣି ପରି ଅର୍ଥ ବ୍ୟୟ ଚାଲିଛି। ଲୋକେ ସବୁ ଦେଖୁଛନ୍ତି। ଉଚିତ ସମୟରେ ଜବାବ ଦେବେ । ସରକାରଙ୍କ ବିଫଳତା ବିରୋଧରେ ଲୋକେ ସଂଗଠିତ ହୋଇ ପରିବର୍ତନ ସ୍ୱରକୁ ଶାଣିତ କରିବାକୁ ଆହ୍ୱାନ ଦିଆଯାଇଛି। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ସହ ରାଜ୍ୟ ଶାସନ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି କୁହାଯାଇ ଥିଲା। ଏଥିରେ ଉପସ୍ଥିତ ଭାଜପା ନେତା କେନ୍ଦ୍ର ସରାରଙ୍କ ସଫଳତାର ଲମ୍ବା ତାଲିକା ଉପସ୍ଥାପନ କରିଥିଲେ।



ସେକ୍ଟର- ୩ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତା ରାଜ୍ୟ ସରକାରଙ୍କ ବିରୋଧରେ ଖଦରଦାତାମାନଙ୍କୁ ବିଭିନ୍ନ ଅଭିଯୋଗ କରୁଛନ୍ତି।

- **ୱେବ ସାଇଟରୁ କାଳିଆ ହିତାଧିକାରୀଙ୍କ ତାଲିକା ଗାଏବ**
- **ଅପାରଗ, ସ୍ଥାଣୁ ସରକାରକୁ କ୍ଷମତାଚ୍ୟୁତ କରିବାକୁ ଭାଜପାର ସଂକଳ୍ପ**



**ରା**ଜ୍ୟ ସରକାର ସବୁବେଳେ ପ୍ରତିଶ୍ରୁତି ପାଳନ କରି ଆସୁଛନ୍ତି। ଆମ ଦଳ ସରକାରର ସବୁ ଯୋଜନା ପ୍ରତି ଉଭୟ କଂଗ୍ରେସ ଓ ଭାଜପା ଏବେ ଆକର୍ଷିତ ଯେ, ଲୁଚି ଛପି ଫାଇଦା ନେଉଛନ୍ତି। କେବଳ ଲୋକ ଦେଖାଣିଆ ବିରୋଧ ଓ ସାମାଲୋଚନା କରୁଛନ୍ତି। ନ ହେଲେ ନିଜର ସ୍ଥିତି ରହିବନି। ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ହିତରେ କରୁଥିବା ସବୁ ଯୋଜନା ପ୍ରତି ଭାଜପାର ସର୍ବୋଚ୍ଚ ନେତା ବି ଆକର୍ଷିତ। ତଳସ୍ତରରେ କିଏ କେତେ ସମାଲୋଚନା କଲା ତାହା କିଛି ଫରକ ପଡିବନି। ରାଜ୍ୟ ସରକାରଙ୍କ ସବୁ ଯୋଜନାରେ ଏ ରାଜ୍ୟର ଯୋଗ୍ୟ ହିତାଧିକାରୀ ସୁଫଳ ପାଉଛନ୍ତି। ସେମାନେ କେବେ ବି ବିରୋଧୀଙ୍କ ସମାଲୋଚନାକୁ ଖାତିର କରିବେନି।

ଶାରଦା ନାୟକ (ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି)

## ସଂକ୍ଷେପରେ



### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ କୋର୍ଟ ଚାଲାଣ

ରାଉରକେଲା ଅଫିସ,୯।୩

ଶୁକ୍ରବାର ଜଣେ ୧୧ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଏ ନେଇ ଅଜୟ ରାଓ(୨୨) ନାମକ ଜଣେ ଅଭିଯୁକ୍ତଙ୍କୁ ପ୍ଲାଣ୍ଟ ସାଇଟ୍ ପୋଲିସ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରିଛି। ସେ ରେଲୱେ କଲୋନୀ ଅଞ୍ଚଳ ବାସିନ୍ଦା। ଶନିବାର ଉଭୟଙ୍କ ଡାକ୍ତରୀ ମାଇନା ପରେ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି। ନାବାଳିକା ଜଣଙ୍କ ଶୁକ୍ରବାର ଅପରାହ୍ନ ସାଢେ ୩ଟା ବେଳେ ଘର ବାହାରେ ଖେଳୁଥିବା ବେଳେ ଅଜୟ ତାଙ୍କୁ ପାଖକୁ ଡାକିଥିଲା। ନାବାଳିକା ଜଣଙ୍କ ଅରାଜି ହେବାରୁ ସେ ତାଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କରିଥିଲା। ଏଥିରେ ସଫଳ ନ ହେବାରୁ ତାଙ୍କ ମୁହଁ ଚିପି ପାଖରେ ଥିବା ଏକ ପରିତ୍ୟକ୍ତ କ୍ୱାର୍ଟର୍ସ ଭିତରକୁ ନେଇ ଜୋର ଜବରଦସ୍ତ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ସନ୍ଧ୍ୟାରେ ନାବାଳିକାଙ୍କଠାରୁ ପରିବାର ଲୋକେ ସୂଚନା ପାଇବା ପରେ ବସ୍ତିରେ ଉତ୍ତେଜନା ପ୍ରକାଶ ପାଇଥିଲା। ଯୁବକଙ୍କୁ ବସ୍ତି ବାସିନ୍ଦା ଧରି ନିସ୍ତୁକ ପିଟିବା ପରେ ପୋଲିସ ଜିମା ଦେଇଥିଲେ। ଦୋଷିଙ୍କୁ ଉପଯୁକ୍ତ ଦଣ୍ଡ ଦେବାକୁ ନାବାଳିକାଙ୍କ ମା' ଦାବି କରିଛନ୍ତି।

### ଚାକିରି ଦେବା ନାଁରେ ଠକେଇ ଗ୍ରୀନ ଇଣ୍ଡିଆ କମ୍ପାନୀର ଜଣେ ଗିରଫ

**ପାଟଣାଗଡ, ୯।୩ (ଡି.ଏନ.ଏ.)**

ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ବଲାଙ୍ଗୀର ଜିଲା ପାଟଣାଗଡ ଥାନା ପୋଲିସ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ଏ ନେଇ ପାଟଣାଗଡ ଥାନାରେ ଦଫା ୪୨୦ରେ ଏକ ମାମଲା (ନଂ.୫୯/୧୯) ରୁଜୁ କରି ପୋଲିସ ଅଭିଯୁକ୍ତ ବିପିନ ବିହାରୀ ଭୁଏଁଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାା ଯେ, ପାଟଣାଗଡ ବେହେରାବନ୍ଧ ନିକଟରେ ଗ୍ରୀନ ଇଣ୍ଡିଆ ନାମକ ଏକ ସଂସ୍ଥା ଗତ ମେ ୨୦୧୮ ରେ ଏକ କାର୍ଯ୍ୟାଳୟ ଖୋଲିଥିଲା। ଏଠାରେ ଅଞ୍ଚଳର ବେକାର ଯୁବକ ଯୁବତୀମାନଙ୍କୁ ଚାକିରି ଓ ଋଣ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ଚାକିରି ଆଶାରେ ବହୁ ଯୁବତୀଯୁବକଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଅଗ୍ରୀମ ଆକରରେ ନିଆଯାଇଥିଲା। ହେଲେ ଆଜକୁ ପ୍ରାୟ ବର୍ଷେ ହୋଇଯାଇଥିଲେ ହେଁ କାହାକୁ କୌଣସି ପ୍ରକାର ନିଯୁକ୍ତି ଦିଆଯାଇ ନ ଥିଲା। ଏ ନେଇ ଶୁକ୍ରବାର ପାଟଣାଗଡର କିଛି ଯୁବତୀଯୁବକ ଏହି ଗ୍ରୀନ ଇଣ୍ଡିଆ ସଂସ୍ଥାର କାର୍ଯ୍ୟାଳୟରେ ଏକତ୍ରିତ ହୋଇ ସଂସ୍ଥାର ଜଣେ କର୍ମଚାରୀ ବିପିନ ବିହାରୀ ଭୁଏଁଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ପରେ କୌଣସି ସମାଧାନ ନହେବାରୁ ପ୍ରଦୀପ କୁମାର ପଟେଲ, ସଂଘମିତ୍ରା ମହାରଣା ଏବଂ ଧବଳେଶ୍ୱରୀ ସାହୁ ତାଙ୍କଠାରୁ ୨ ଲକ୍ଷ ୪୦ ହଜାର ଟଙ୍କା ବିପିନ ଠକେଇ କରିଥିବା ପାଟଣାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ରାସ୍ତା ନିର୍ମାଣ ପାଇଁ ଶୁଭଦାନ



ଲାଠିକଟା ବ୍ଲକ ଟାଇଁସର ପଞ୍ଚାୟତର ଏମଡିଆର-୨୬ରୁ ଟାଇଁସର ପର୍ଯ୍ୟନ୍ତ ୨.୮କିମି ଦୂର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଶୁଭ ଦିଆଯାଉଛି।

**ରାଉରକେଲା ଅଫିସ, ୯।୩**

ଲାଠିକଟା ବ୍ଲକ ଅନ୍ତର୍ଗତ ଟାଇଁସର ଗ୍ରାମ ପଞ୍ଚାୟତର ଏମଡିଆର-୨୬ ଠାରୁ ଟାଇଁସର ପର୍ଯ୍ୟନ୍ତ ୨.୮କିମି ଦୂର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ୧୧୨. ୫୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ପାଇଁ ଶୁଭଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜିଲା ପରିଷଦ ସଭ୍ୟ ମହେଶ ନାଗ ଏହାର ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ସଭ୍ୟ ନାଗ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟ ସରକାର ଆଦିବାସୀ ଅଞ୍ଚଳର ବିକାଶ ପାଇଁ ବହୁବିଧ ଯୋଜନା କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ନେଇ ସରକାର ପ୍ରାଥମିକତା ଦେଉଛନ୍ତି। ନବୀନ ବାବୁଙ୍କ ଅମଳରେ ସବୁ ଗାଁକୁ ପକ୍କା ରାସ୍ତା ତିଆରି କରାଯାଇଛି। ସହଯୋଗ ରହିଲେ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ସମ୍ଭବ ହେବ ବୋଲି ନାଗ ପ୍ରକାଶ କରିଥିଲେ। ଏଥିରେ ସରପଞ୍ଚ ପ୍ରହ୍ଲାଦ ଓରାମ, ପୂର୍ବତନ ସମିତି ସଭ୍ୟ ଦିଲ୍ଲୀପ ଖେସ, ପ୍ରମୋଦ କୁଜୁର, ସୁରଦାନ ଖାଲକୋ, ବୀରେନ୍ଦ୍ର ଓରାମ ଓ ରାଜକୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଗିନିଜ୍ ୱାର୍ଲଡ ରେକର୍ଡସରେ ଜାପାନର ବୟସ୍କା ମହିଳା

**ଟୋକିଓ:** ବିଶ୍ୱର ସବୁଠୁ ବୟସ୍କା ଜାପାନୀ ମହିଳାଙ୍କୁ ଗିନିଜ୍ ୱାର୍ଲଡ ରେକର୍ଡସ ଦ୍ୱାରା ସମ୍ମାନିତ କରାଯାଇଛି। ସେ ବୋର୍ଡ ଗେମ୍ ଅଥେଲୋ ଖେଳିବାକୁ ବେଶ୍ ପସନ୍ଦ କରନ୍ତି। କାନେ ଟାନାକା ନାମ୍ନୀ ଏହି ବୃଦ୍ଧାଙ୍କୁ ସବୁଠୁ ବୟସ୍କା ଭାବେ ସ୍ୱୀକୃତି ଦିଆଯାଇଛି। ଜାପାନର ଦକ୍ଷିଣ-ପଶ୍ଚିମ ନଗରୀ ଫୁକୁଓକାସ୍ଥିତ ଏକ ନର୍ସିଂହୋମ୍‌ରେ ଆୟୋଜିତ ଉତ୍ସବରେ ତାଙ୍କ ପରିବାର ସଦସ୍ୟ ଏବଂ ମେୟରଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

ଟାନାକା ୧୯୦୩ ଜାନୁୟାରୀରେ ଜନ୍ମଗ୍ରହଣ କରିଥିଲେ। ୮ ଭାଇଭଉଣୀଙ୍କ ମଧ୍ୟରେ ସେ ଥିଲେ ସପ୍ତମ ସନ୍ତାନ। ୧୯୨୨ରେ ହାଇଡିଓ ଟାନାକାଙ୍କୁ ସେ ବିବାହ କରିଥିଲେ। ଉକ୍ତ ଦମ୍ପତିଙ୍କର ୪ ସନ୍ତାନ ଏବଂ ଏକ ପୋଷ୍ୟ ସନ୍ତାନ ଥିଲେ।

ଟାନାକା ପ୍ରତିଦିନ ସକାଳ ୬ଟାରୁ ଶଯ୍ୟାତ୍ୟାଗ କରି ଗଣିତ କଷିବାକୁ ଭଲ ପାଆନ୍ତି। ଏହା ପୂର୍ବରୁ ସବୁଠୁ ବୟସ୍କା ଅନ୍ୟତମ ଜାପାନୀ ମହିଳା ଥିଲେ ଚିୟୋ ମିୟାକୋ। ସେ ୨୦୧୮ ଜୁଲାଇରେ ୧୧୭ ବର୍ଷ ବୟସରେ ପରଲୋକ ଗମନ କରିଥିଲେ। ମିୟାକୋଙ୍କ ପୂର୍ବରୁ ସବୁଠୁ ବୟସ୍କ ପୁରୁଷ ମଧ୍ୟ ଜଣେ ଜାପାନୀ ଥିଲେ। ବିଶ୍ୱରେ ଜାପାନୀମାନେ ଅଧିକ ବର୍ଷ ବଞ୍ଚିବା ସହିତ ବିଶ୍ୱ ବୟସ୍କ ତାଲିକାର ସର୍ବାଗ୍ରେ ରହି ଆସିଛନ୍ତି।




# ପୃଥକ୍ ଦୁର୍ଘଟଣା: ୫ ଗୁରୁତର

**ଲହୁଣୀପଡା, ୯।୩ (ଡି.ଏନ.ଏ)**

ପୃଥକ ପୃଥକ ଦୁର୍ଘଟଣା ଘଟି ପାଞ୍ଚ ଜଣ ଗୁରୁତର ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣା ଘଟି ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ସୂଚନା ଅନୁସାରେ, ଚାନ୍ଦିପୋଷ ଥାନା ଅନ୍ତର୍ଗତ ଜମାରଡିହି ଗ୍ରାମର ମୁନା ତିର୍କୀ (୨୮) ବାଇକ ଓଆର୍ ୧୪ଏସ- ୦୮୪୪ ଯୋଗେ ଉଲସ୍ତରେଇରୁ ଲହୁଣୀପଡା ପଟେ ଆସୁଥିଲେ। କଲେଇପୋଷ ଛକରେ ଭାରସାମ୍ୟ ହରାଇଥିଲେ। ଫଳରେ ରାସ୍ତା କଡରେ ଛିଡା ହୋଇଥିବା ଗଣିଘଷା ଗ୍ରାମର ଜିତେନ୍ଦ୍ର ମୁଣ୍ଡା (୨୫)ଙ୍କୁ ଧକ୍କା ଦେଇଥିଲା। ଉଭୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଦୁଇ ଜଣଙ୍କୁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ପରିସ୍ଥିତି ଗୁରୁତର ହେବାରୁ ଡାକ୍ତର ସେମାନଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରିଥିବା ଜଣାଯାଇଛି। ସେହିଭଳି ଶୁକ୍ରବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଦୁଇ ଜଣ ଶିକ୍ଷକ ସମେତ ତିନିଜଣ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଶିକ୍ଷକ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ଜୁନିଆନି ଗ୍ରାମର ଘାସିଆ ନାଏକ (୪୦) ସେ କୋଇଡା ବ୍ଲକର ଗୋପନା କ୍ଲଷ୍ଟରର ସିଆରସିସି ଭାବେ କାର୍ଯ୍ୟ କରନ୍ତି। ଘନଶ୍ୟାମ ମୁଣ୍ଡା (୩୫) ସେହି ଅଞ୍ଚଳରେ ମଧ୍ୟ ସିଆରସିସି ଭାବେ କାର୍ଯ୍ୟ କରନ୍ତି। ଘନଶ୍ୟାମ ମୁଣ୍ଡାଙ୍କ ଘର ବଣେଇ ବ୍ଲକ ସିଆଳିକୁଦର ଗ୍ରାମରେ ବୋଲି ଜଣାପଡିଛି। ନିଜ ଘରକୁ ଆସିବା ପାଇଁ କୌଣସି ଗାଡି ନ ମିଳିବାରୁ ଘନଶ୍ୟାମ ଘାସିଆ ନାଏକଙ୍କୁ ଫୋନ କରିଥିଲେ। ଫଳରେ ଘାସିଆ ନାଏକ ନିଜ ଗ୍ରାମର ରତ୍ନାକର ନାଏକ (୩୦)ଙ୍କୁ ନେଇ କେ.ବଲାଙ୍ଗ ଯାଇଥିଲେ। ଘନଶ୍ୟାମ ମୁଣ୍ଡା ସମେତ ତିନି ଜଣ ଯାକ ବାଇକରେ ରାତିରେ ଫେରୁଥିବା ବେଳେ ୨୧୫ ନମ୍ବର ଜାତୀୟ ରାଜପଥର ବାନ୍ଦୁପଡା ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ବାଇକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ତିନି ଜଣ ଯାକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଲହୁଣୀପଡା ଡାକ୍ତରଖାନାକୁ ପଠାଇଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

# ଭାଜପା ଟିକେଟ ଆଶାୟୀ ସମର୍ଥକଙ୍କ ମଧ୍ୟରେ ପାଟିତୁଣ୍ଡ

**ରାଉରକେଲା ଅଫିସ,୯।୩**



ଭାଜପା କାର୍ଯ୍ୟାଳୟରେ ଟିକଟ ଆଶାୟୀ ସମର୍ଥକଙ୍କଠାରୁ ମତାମତ ଗ୍ରହଣ କରାଯାଉଛି।

ସେକ୍ଟର-୩ ଭାଜପା କାର୍ଯ୍ୟାଳୟରେ ଶନିବାର ଅପରାହ୍ନରେ ଟିକଟ ଆଶାୟୀ ସମର୍ଥକଙ୍କ ମଧ୍ୟରେ ପାଟିତୁଣ୍ଡ ଶୁଣା ଯାଇଥିଲା। ଦୀର୍ଘ ସମୟ ଧରି ହଟଗୋଳ ପରିସ୍ଥିତିକୁ ସରଗରମ କରିଥିଲା। ବାରମ୍ବାର ବରିଷ୍ଠ ନେତାଙ୍କ ହସ୍ତକ୍ଷେପ ସତ୍ୱେ କିଛି ଅସନ୍ତୁଷ୍ଟ ମୁହଁ ବନ୍ଦ କରି ନ ଥିଲେ। ଆଉ କେତକ କାର୍ଯ୍ୟକ୍ରମକୁ ବିରୋଧ କରି କାର୍ଯ୍ୟାଳୟରୁ ଫେରି ଯାଇଥିଲେ। ସୂଚନାନୁସାରେ ରାଜ୍ୟ ପରିଷଦ ନିର୍ଦ୍ଦେଶକ୍ରମେ ଶନିବାର ଏଠାରେ ବୀରମିତ୍ରପୁର, ରଘୁନାଥପାଲ୍ଲୀ ଓ ରାଉରକେଲା ବିଧାନସଭା କ୍ଷେତ୍ର ପାଇଁ ଆଶାୟୀ ପ୍ରାର୍ଥୀଙ୍କ ନିମନ୍ତେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯାଉଥିଲା। ମୁଦ ହୋଇଥିବା ଭୋଟ ଦାନ ପାତ୍ରରେ କାର୍ଯ୍ୟକର୍ତ୍ତା ନିଜ ପସନ୍ଦ ପ୍ରାର୍ଥୀଙ୍କ ନାମ ଲେଖି ଏଥିରେ ପକାଉଥିଲେ। ମୋଟ ୩ ଜଣଙ୍କ ନାଁ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦିଆଯାଇ ଥିଲା। ଏଥିରେ ମଣ୍ଡଳ ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚା ସଭାପତି ଓ ସଂପାଦକ, ଜିଲ୍ଲା ପଦାଧିକାରୀ, ରାଜ୍ୟ ପଦାଧିକାରୀ ଭାଗ ନେଇଥିଲେ। ଖବର ମିଳିଛି ଯେ ବୀରମିତ୍ରପୁର ନିମନ୍ତେ ପୂର୍ବତନ ବିଧାୟକ ଶଙ୍କର ଓରାମ ପ୍ରଥମ ଦାବିଦାର ରହିଛନ୍ତି। ତାଙ୍କ ବ୍ୟତୀତ ପୂର୍ଣ୍ଣିମା କେର୍କେଟା ଓ ଅନ୍ୟ ଦୁଇ ଆଶାୟୀ ଧାଡିରେ ରହିଛନ୍ତି। ରାଉରକେଲା ଆସନ ପାଇଁ ନିହାର ରାୟ, ଧୀରେନ ସେନାପତି ଓ ରଘୁ ବଳଙ୍କ ନାଁ ଚର୍ଚ୍ଚାରେ ରହିଛି। ସେହିଭଳି ରଘୁନାଥପାଲ୍ଲୀ ସଂରକ୍ଷିତ ଆସନ ପାଇଁ ଜଗବନ୍ଧୁ ବେହେରା, ଦୁର୍ଗା ତନ୍ତିଙ୍କ ସମେତ ଅନ୍ୟ ଦୁଇ ଆଶାୟୀ ଟିକଟ ଲବିରେ ରହିଛନ୍ତି। ଏ ନେଇ ମତ ଗ୍ରହଣ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଏହି ଜଉମୁଦ ପାତ୍ର ରାଜ୍ୟ କାର୍ଯ୍ୟାଳୟରେ ଦାଖଲ କରାଯିବ। ଯାହାକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଦଳର ତୃଣମୂଳ କର୍ମୀ ଜଣଙ୍କୁ ଚାହୁଁଥିବା ବେଳେ ନୂଆ ବୋଲି ଯାହାକୁ କୁହାଯାଉଛି ସେମାନେ ଭିନ୍ନ ଦିଗରେ ଗତି କରୁଛନ୍ତି। ଏପରି ଅବସ୍ଥାରେ ଦଳ ଭିତରେ ଗତ କିଛି ଦିନ ହେବ ଶୀତଳ ଯୁଦ୍ଧ ଲାଗି ରହିଛି। ଟିକଟ ବଣ୍ଟନ ବେଳେ ରାଜ୍ୟ ପଦାଧିକାରୀ ଠିକ ନିର୍ଣ୍ଣୟ ନେବେ ବୋଲି ଦୁଇ ଗୋଷ୍ଠୀ ଦାବି କରୁଛନ୍ତି। ତେବେ ଦଳରେ କିଛି ଫାଟ ନାହିଁ କି ନୂଆ ପରୁଣାକୁ ନେଇ କିଛି ବିବାଦ ନାହିଁ ବୋଲି କହିଛନ୍ତି ପାନପୋଷ ସାଂଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରା।

# ତିରୋଧାନ ଦିବସରେ କର୍ମବୀର ଗୌରୀଶଙ୍କରଙ୍କ ସ୍ମୃତିଚାରଣ

**ରାଉରକେଲା ଅଫିସ,୯। ୩**

ଓଡିଆ ଭାଷା ବିକାଶ ମଞ୍ଚ ଓ ତୁମକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ କର୍ମବୀର ଗୌରୀଶଙ୍କର ରାୟଙ୍କ ତିରୋଧନା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ପାଳିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରବୀର ଦୁବେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ କବି କୁଞ୍ଜବିହାରୀ ରାଉତ ଯୋଗ ଦେଇଥିବା ବେଳେ ଆର୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା, ବରିଷ୍ଠ ଶିକ୍ଷୟିତ୍ରୀ ସୀମାଶ୍ରୀ ମିଶ୍ର ସମ୍ମାନୀତ ବକ୍ତା ରୂପେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ରାଉତ ନିଜ ବକ୍ତବ୍ୟରେ ଗୌରୀଶଙ୍କରଙ୍କୁ ଆଧୁନିକ ଓଡିଶାର ଅନ୍ୟତମ କର୍ଣ୍ଣଧାର ଭାବେ ଅଭିହିତ କରିଥିଲ। ଜୀବନବ୍ୟାପି ଗୌରୀଶଙ୍କର ଏ ମାଟିର ଉତ୍‌ଥାନ ପାଇଁ ସଂଗ୍ରାମ କରିଥିଲେ। ତାଙ୍କ ଦ୍ୱାରା ଗଠନ କରାଯାଇଥିବା ଉତ୍କଳ ସଭା ଦ୍ୱାରା ଅନୁପ୍ରାଣିତ ହୋଇ ଏକଦା ମଧୁସୂଦନ ଦାସ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ। ସେ ଏକା ଧାରାରେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସମାଜ ସଂସ୍କାର ସହ କଳା, ସଂଗୀତ, ସାହିତ୍ୟ ଓ ନାଟକ ଆଦିକୁ ସେ ଖୁବ୍ ଭଲ ପାଉଥିଲେ। ତାଙ୍କ ଦ୍ୱାରା ସଂପାଦିତ 'ଉତ୍କଳ ଦୀପିକା' ଓଡିଶାକୁ ଜାତୀୟ ସ୍ତରରେ ଉପସ୍ଥାପନ କରିବାକୁ ସକ୍ଷମ ହୋଇଥିଲା। ତାଙ୍କ ଉଦ୍ୟମରେ ବହୁ ଅନୁଷ୍ଠାନ ଗଢି ଉଠିଥିବା ବେଳେ ଏସବୁ ରାଜ୍ୟ ସ୍ୱାର୍ଥ ରକ୍ଷା ନେଇ ସଂଗ୍ରାମରେ ସାମିଲ ହୋଇଥିଲେ ବୋଲି ରାଉତ ଏଥିରେ ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ମହାପାତ୍ର କହିଥିଲେ ଯେ, ଓଡିଆ ଭାଷା ସାହିତ୍ୟର ପ୍ରକୃତ ରକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଗୌରୀଶଙ୍କର। ଓଡିଆ ଭାଷାରେ ପାଠ୍ୟ ପୁସ୍ତକ ରଚନା ଓ ପ୍ରକାଶନ କ୍ଷେତ୍ରରେ ସେ ଜଣେ କିମ୍ବଦନ୍ତୀ ପୁରୁଷ ଥିଲେ ବୋଲି ମହାପାତ୍ର କହିଥିଲେ। ସମ୍ମାନୀତ ବକ୍ତା ମିଶ୍ର କହିଥିଲେ ଯେ, ଭାଷା ସାହିତ୍ୟ ସଂକଟ ସମୟରେ ଗୌରୀଶଙ୍କରଙ୍କ ଦାମ୍ଭିକତା ପ୍ରକାଶ ପାଇଥିଲା। ନିଜର ସଂଘର୍ଷମୟ ଜୀବନ ଭିତରେ ସେ ଅନବଦ୍ୟ ସାହିତ୍ୟ ସୃଷ୍ଟି କରି କାଳଜୟୀ ହୋଇ ପାରିଛନ୍ତି ବୋଲି ମିଶ୍ର ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ର କର୍ମବୀରଙ୍କ ଜୀବନୀ ଉପରେ କବିତା ପାଠ କରିଥିଲେ। ଶେଷରେ ରଶ୍ମିତା ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ମମତାମୟୀ ପଟେଲ ଓ ସୁସ୍ମିତା ସାହୁ ସହଯୋଗ କରିଥିଲେ।



କର୍ମବୀର ଗୌରୀଶଙ୍କର ରାୟଙ୍କ ତିରୋଧାନ ଦିବସ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ମଞ୍ଚାସୀନ ଅତିଥି।